# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ରବିବାର, ଜାନୁଆରୀ ୧୪/୨୦୨୪ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, January 14/2024 | Page 16 | ₹ 7.00 | SAMBALPUR

୫୦ଶ ଭାଗ ୫୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 52 | ମୂଲ୍ୟ ₹୭/-



DADLS-78



# ଜୟ ଜଗନ୍ନାଥ




ପ୍ରତିଟି ଓଡ଼ିଆଙ୍କ ମଉଡ଼ମଣି ଶ୍ରୀଜଗନ୍ନାଥଙ୍କ ମହିମାରୁ ଆରମ୍ଭ ହୋଇଛି

**'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ'**

ବିଶ୍ୱଐତିହ୍ୟ ସହରରେ ରୂପାନ୍ତରିତ ହେଉଛି ଶ୍ରୀକ୍ଷେତ୍ର
ଶାନ୍ତିପୂର୍ଣ୍ଣ ପରିକ୍ରମା କରିପାରିବେ ଶ୍ରଦ୍ଧାଳୁ

ଆଉକିଛି ଦିନର ଅପେକ୍ଷା
ଐତିହାସିକ **ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ**ର
ହେବ ଲୋକାର୍ପଣ
**୧୭ ଜାନୁଆରୀ ୨୦୨୪**

OIPR-15001/13/0252/2324

## ସଂକ୍ଷେପରେ

### କେଜ୍‌ରିୱାଲଙ୍କୁ ଚତୁର୍ଥ ସମନ

**ନୂଆଦିଲ୍ଲୀ,୧୩।୧:** ଦିଲ୍ଲୀ ଅବକାରୀ ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶନିବାର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଚତୁର୍ଥ ଥର ପାଇଁ ସମନ ଜାରି କରିଛି। ଆମ୍ ଆଦ୍‌ମୀ ପାର୍ଟିର ଆବାହକ ଥିବା କେଜ୍‌ରିୱାଲଙ୍କୁ ଆସନ୍ତା ୧୮ ତାରିଖରେ ଇଡି ମୁଖ୍ୟାଳୟରେ ହାଜର ହେବା ଲାଗି କୁହାଯାଇଛି। ଆଗାମୀ ଲୋକ ସଭା ନିର୍ବାଚନ ପାଇଁ ଦଳର ପ୍ରସ୍ତୁତି ସମୀକ୍ଷା କରିବା ନିମନ୍ତେ କେଜ୍‌ରିୱାଲ ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ଗୋଆ ଗସ୍ତରେ ରହିବେ ବୋଲି ଦଳୀୟ ସୂତ୍ରରୁ କୁହାଯାଇଛି। ଜାନୁୟାରୀ ୩ରେ ହାଜର ହେବା ଲାଗି ଇଡିର ତୃତୀୟ ସମନକୁ ଏଏପି ନେତା ଏଡ଼ାଇ ଯାଇଥିଲେ। ଏହା ପୂର୍ବରୁ ତାଙ୍କୁ ନଭେମ୍ବର ୨ ଏବଂ ଡିସେମ୍ବର ୨୧ରେ ହାଜର ହେବା ଲାଗି ସମନ ହୋଇଥିଲା। କେଜ୍‌ରିୱାଲଙ୍କୁ ନିର୍ବାଚନ ପ୍ରଚାରରୁ ଦୂରେଇ ରଖିବା ପାଇଁ ଭାଜପା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଦୁରୁପଯୋଗ କରୁଥିବା ଦିଲ୍ଲୀ ପରିବେଶ ମନ୍ତ୍ରୀ ଗୋପାଳ ରାୟ ଅଭିଯୋଗ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଗୋଆ ଗସ୍ତ ବେଳେ ଇଡି ସମନ କରିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଭାଜପାର ରାଜନୈତିକ ଅସ୍ତ୍ର ନ ହେଉ ବୋଲି ରାୟ କହିଛନ୍ତି।

### ନେପାଳରେ ଦୁର୍ଘଟଣା: ୨ ଭାରତୀୟଙ୍କ ସମେତ ୧୨ ମୃତ

**କାଠମାଣ୍ଡୁ,୧୩।୧(ପି.ଟି.):** ନେପାଳର ଲୁମ୍ବିନୀ ପ୍ରଦେଶ ଅନ୍ତର୍ଗତ ରାପ୍ତି ନଦୀ ମଧ୍ୟକୁ ଏକ ଯାତ୍ରୀବାହୀ ବସ୍ ଖସିପଡ଼ିବାରୁ ୧୨ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୨୩ ଯାତ୍ରୀ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୨ଜଣ ଭାରତୀୟ ରହିଛନ୍ତି। ବସ୍‌ଟି ଶୁକ୍ରବାର ରାତିରେ କାଠମାଣ୍ଡୁରୁ ନେପାଳଗଞ୍ଜ ଯାଉଥିବାବେଳେ ଭଗଲୁବାଙ୍ଗଠାରେ ରାପ୍ତି ବ୍ରିଜ୍‌କୁ ଧକ୍କାଦେଇ ନଦୀକୁ ଖସିପଡ଼ିଥିଲା। ଆହତମାନଙ୍କୁ ନେପାଳଗଞ୍ଜ ମେଡିକାଲ ଟିଚିଂ ହସ୍ପିଟାଲରେ ଭର୍ତ୍ତିକରାଯାଇଛି। ଦୁର୍ଘଟଣାର କାରଣ ଜଣାପଡ଼ିନାହିଁ। ବସ୍ ଡ୍ରାଇଭରଙ୍କୁ ଗିରଫ କରି ପୋଲିସ ତଦନ୍ତ ଚଳାଇଛି।

# ‘୧୦ ବର୍ଷର ଅନ୍ୟାୟ ବିରୋଧରେ ଅଭିଯାନ’

## ଆଜିଠାରୁ କଂଗ୍ରେସର ନ୍ୟାୟ ଯାତ୍ରା




ନୂଆଦିଲ୍ଲୀ/ଇମ୍ଫାଲ,୧୩।୧

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ‘ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା’ ରବିବାର ମଣିପୁରରୁ ଆରମ୍ଭ ହେବାକୁ ଯାଉଛି। ଏହି ଯାତ୍ରା ମଣିପୁରରୁ ମୁମ୍ବାଇ ୬,୭୧୩ କିଲୋମିଟର ଅତିକ୍ରମ କରିବ। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମଣିପୁରର ଥୌବାଲରୁ ଯାତ୍ରାର ଶୁଭାରମ୍ଭ କରିବେ। ଗତବର୍ଷ ରାହୁଲଙ୍କ ନେତୃତ୍ୱରେ ଭାରତ ଯୋଡ଼ୋ ଯାତ୍ରା କନ୍ୟାକୁମାରୀରୁ କଶ୍ମୀର ୪,୦୦୦ କିଲୋମିଟର ଅତିକ୍ରମ କରି ବେଶ୍ ସଫଳତା ହାସଲ କରିଥିଲା। ଦକ୍ଷିଣରୁ ଉତ୍ତର ଏହି ଯାତ୍ରା ପରେ ଏବେ ଲୋକ ସଭା ନିର୍ବାଚନର କିଛି ସପ୍ତାହ ପୂର୍ବରୁ ପଶ୍ଚିମ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ଆରମ୍ଭ ହେବାକୁ ଯାଉଛି। ଏହା ରାହୁଲଙ୍କ ପୂର୍ବ ନିର୍ବାଚନମଣ୍ଡଳୀ ଆମେଠି, ସୋନିଆ ଗାନ୍ଧୀଙ୍କ ନିର୍ବାଚନମଣ୍ଡଳୀ ରାଏବରେଲୀ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ବାଚନ କ୍ଷେତ୍ର ବାରାଣସୀ ଆଦି ଅତିକ୍ରମ କରି ମାର୍ଚ୍ଚ ୨୦ରେ ମୁମ୍ବାଇରେ ଶେଷ ହେବ। ୬୬ ଦିନର ଏହି ଯାତ୍ରାର ଅଧିକାଂଶ ଭାଗ ବସ୍‌ରେ ଅତିକ୍ରମ କରିବାକୁ ଥିବାବେଳେ କେତେକ ଅଞ୍ଚଳକୁ ଦଳୀୟ ନେତା ଓ ସମର୍ଥକମାନେ ପାଦରେ ଅତିକ୍ରମ କରିବେ।

ଜାତିଆଣ ହିଂସା ପ୍ରଭାବିତ ମଣିପୁର ନ୍ୟାୟ ଯାତ୍ରା ଆରମ୍ଭ ପାଇଁ ନିଷ୍ପତ୍ତି ନେଇ କଂଗ୍ରେସ ଅର୍ଥନୀତି ପ୍ରସଙ୍ଗ ସମେତ ସାମାଜିକ ଓ ରାଜନୈତିକ ନ୍ୟାୟ ପ୍ରସଙ୍ଗ ଉଠାଇବାକୁ ଯାଉଛି। ଯାତ୍ରା ୧୫ ରାଜ୍ୟର ୧୧୦ ଜିଲା ସମେତ ୧୦୧ ଲୋକ ସଭା କ୍ଷେତ୍ର ଏବଂ ୩୩୭ ବିଧାନସଭା ନିର୍ବାଚନ ମଣ୍ଡଳୀ ଅତିକ୍ରମ କରିବା କାର୍ଯ୍ୟକ୍ରମ ରହିଛି। ଏହି ଯାତ୍ରା ନିର୍ବାଚନୀ ନୁହେଁ ରାଜନୈତିକ ବୋଲି କଂଗ୍ରେସ କହୁଥିବାବେଳେ ଲୋକ ସଭା ନିର୍ବାଚନରେ ଏହା ଦଳୀୟ ପ୍ରାର୍ଥୀଙ୍କ ପାଇଁ ସହାୟକ ହେବ ବୋଲି ନେତାମାନେ ଆଶାବାଦୀ ଅଛନ୍ତି। କଂଗ୍ରେସର ନିର୍ବାଚନୀ ପ୍ରତିଶ୍ରୁତି ଏବଂ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ ଉପରେ ଦଳର ଗ୍ୟାରେଣ୍ଟି ସମ୍ପର୍କରେ ରାହୁଲ ଭୋଟରମାନଙ୍କୁ ଅବଗତ କରାଇବେ। ନରେନ୍ଦ୍ର ମୋଦି ସରକାରଙ୍କ ୧୦ ବର୍ଷର ‘ଅନ୍ୟାୟ କାଳ’ ବିରୋଧରେ ଏହି ଯାତ୍ରା ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ଏବେ ଦେଶ ଆଗରେ ସବୁଠୁ ବଡ଼ ଚ୍ୟାଲେଞ୍ଜ ହେଲା, ଏହା ଧ୍ରୁବୀକରଣରେ ବିଶ୍ୱାସ କରୁଥିବା ନୀତି, ଆର୍ଥିକ ଅସମାନତା ଏବଂ ରାଜନୈତିକ କର୍ତ୍ତୃତ୍ୱବାଦ ଉପରେ ବିଶ୍ୱାସ କରୁଛି। ପ୍ରଧାନମନ୍ତ୍ରୀ ଅମୃତ କାଳର ସୁନେଲି ସ୍ୱପ୍ନ ଦେଖାଉଛନ୍ତି, କିନ୍ତୁ ବାସ୍ତବରେ ୧୦ ବର୍ଷ ହେଲା ‘ଅନ୍ୟାୟ କାଳ’ ଚାଲିଛି। ମଣିପୁରର ପୂର୍ବତନ ମୁଖ୍ୟମନ୍ତ୍ରୀ ଓକ୍ରାମ ଇବୋବି ସିଂ, ରାଜ୍ୟ କଂଗ୍ରେସ ସଭାପତି କୈଶମ ମେଘାଚନ୍ଦ୍ର ସିଂ ଏବଂ କଂଗ୍ରେସ କାର୍ଯ୍ୟକାରୀ କମିଟି ସଦସ୍ୟ ଗୈଖାନଗାମ୍‌ଙ୍କ ସହ ଏକ ଖବରଦାତା ସମ୍ମିଳନୀରେ ଜୟରାମ କହିଥିଲେ, ଗତ ୧୦ ବର୍ଷରେ ହୋଇଥିବା ରାଜନୈତିକ, ଅର୍ଥନୈତିକ ଏବଂ ସାମାଜିକ ଅନ୍ୟାୟ ବିରୋଧରେ ନ୍ୟାୟ ଅଭିଯାନ କରାଯିବ।

## ଲାଇ ଚିଙ୍ଗ୍-ଟେ ତାଇୱାନ୍ ରାଷ୍ଟ୍ରପତି



ତାଇପେଇ,୧୩।୧

ତାଇୱାନ ରାଷ୍ଟ୍ରପତି ନିର୍ବାଚନରେ ଶାସକ ଦଳ ପ୍ରାର୍ଥୀ ଲାଇ ଚିଙ୍ଗ୍-ଟେ ବିଜୟୀ ହୋଇଛନ୍ତି। ରାଷ୍ଟ୍ରପତି ଓ ସଂସଦୀୟ ନିର୍ବାଚନ ଆଗାମୀ ୪ ବର୍ଷ ପାଇଁ ଚାଇନା ସହ ତାଇୱାନର ସମ୍ପର୍କର ମାର୍ଗ ନିରୂପଣ କରିବ। ଏହି ଦେଶକୁ ଚାଇନା ନିଜର ବୋଲି ଦାବି କରିଆସୁଛି। ଏହାକୁ ନେଇ ତାଇୱାନର ଶାନ୍ତି ଓ ସ୍ଥିରତା ବାଜିରେ ଲାଗିଛି। ଚାଇନା ସହ ଉତ୍ତେଜନାକୁ ବାଦ୍ ଦେଇ ଦେଶର ଆର୍ଥିକ ମାନ୍ଦାବସ୍ଥା, ଧନୀ ଓ ଦରିଦ୍ରଙ୍କ ମଧ୍ୟରେ ବଢୁଥିବା ପାର୍ଥକ୍ୟ ଏବଂ ବେରୋଜଗାରି ସମ୍ପର୍କିତ ପ୍ରସଙ୍ଗର ସମାଧାନରେ ନିର୍ବାଚନ ଫଳାଫଳ ସହାୟକ ହେବ ବୋଲି କୁହାଯାଉଛି।

## ବାହାହେଲେ ନ୍ୟୁଜିଲାଣ୍ଡର ପୂର୍ବ ପ୍ରଧାନମନ୍ତ୍ରୀ

ୱେଲିଙ୍ଗଟନ୍,୧୩।୧



ଜେସିଣ୍ଡା ଆର୍ଡେନ୍‌ଙ୍କ ସହ ବିବାହ ବନ୍ଧନରେ କ୍ଲାର୍କ ଗେଫର୍ଡ।

ନ୍ୟୁଜିଲାଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ ଜେସିଣ୍ଡା ଆର୍ଡେନ୍ ତାଙ୍କ ଦୀର୍ଘଦିନର ପାର୍ଟନର କ୍ଲାର୍କ ଗେଫର୍ଡଙ୍କ ସହ ଶନିବାର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ୨୦୧୪ରୁ ଉଭୟଙ୍କ ମଧ୍ୟରେ ଡେଟିଂ ଆରମ୍ଭ ହୋଇଥିବାବେଳେ ପ୍ରାୟ ୫ ବର୍ଷ ପୂର୍ବେ ନିର୍ବନ୍ଧ ହୋଇଥିଲା। ତେବେ କରୋନା ମହାମାରୀ ଯୋଗୁ ବିବାହ ବିଳମ୍ବିତ ହୋଇଥିଲା। ନ୍ୟୁଜିଲାଣ୍ଡ ରାଜଧାନୀ ୱେଲିଙ୍ଗଟନ୍‌ଠାରୁ ୩୨୫ କିଲୋମିଟର ଦୂର ହାଓକ୍ସ ବେ’ ଅଞ୍ଚଳରେ ସେମାନଙ୍କର ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ କେବଳ ପରିବାର ସଦସ୍ୟ, ଘନିଷ୍ଠ ବନ୍ଧୁ ଓ ୪୩ ବର୍ଷୀୟା ଆର୍ଡେନଙ୍କ କେତେଜଣ ପୂର୍ବ ସହକର୍ମୀ ଯୋଗ ଦେଇଥିଲେ। ଆର୍ଡେନଙ୍କ ପରେ ପ୍ରଧାନମନ୍ତ୍ରୀ ହୋଇଥିବା କ୍ରିସ୍ ହିପ୍‌କିନ୍ସ ମଧ୍ୟ ଉପସ୍ଥିତ ଥିଲେ ବୋଲି ବିଶ୍ୱାସ କରାଯାଉଛି। ୨୦୧୭ରେ ଆର୍ଡେନ୍ ପ୍ରଧାନମନ୍ତ୍ରୀ ହେବା ସହ ନିଜର ନୂଆ ଷ୍ଟାଇଲ୍‌ର ନେତୃତ୍ୱ ପାଇଁ ସାରା ବିଶ୍ୱରେ ପ୍ରଶଂସିତ ହୋଇଥିଲେ। କରୋନା ମହାମାରୀ ଏବଂ ହିଂସାକାଣ୍ଡକୁ ସେ ଦକ୍ଷତାର ସହ ପରିଚାଳନା କରିଥିଲେ। ସେ ପ୍ରଧାନମନ୍ତ୍ରୀ ପଦରେ ଥାଇ ୨୦୧୮ରେ କନ୍ୟାସନ୍ତାନର ମାଆ ହୋଇଥିଲେ। ସେହିବର୍ଷ ସେ ଶିଶୁକନ୍ୟାକୁ କୋଳରେ ଧରି ଜାତିସଂଘ ସାଧାରଣ ସଭାରେ ଯୋଗଦେଇଥିଲେ।

## ହରିୟାଣା କେନାଲରୁ ମିଳିଲା ପୂର୍ବତନ ମଡେଲଙ୍କ ମୃତଦେହ

ନୂଆଦିଲ୍ଲୀ,୧୩।୧



ଦିବ୍ୟା ପହୁଜା

ହରିୟାଣାର ତୋହନାରେ ଥିବା ଏକ କେନାଲ ମଧ୍ୟରୁ ଗୁରୁଗ୍ରାମ ପୋଲିସ ପୂର୍ବତନ ମଡେଲ ଦିବ୍ୟା ପହୁଜାଙ୍କ ମୃତଦେହ ପାଇଛି। ଗତ ୨ ତାରିଖରେ ତାଙ୍କୁ ଏକ ହୋଟେଲରେ ରହସ୍ୟଜନକ ଭାବେ ହତ୍ୟା କରାଯାଇଥିଲା। ମୃତଦେହକୁ ଖୋଜି ବାହାର କରିବା ଲାଗି ଗୁରୁଗ୍ରାମ ପୋଲିସର ୬ଟି ଟିମ୍‌କୁ ଦାୟିତ୍ୱ ଦିଆଯାଇଥିବାବେଳେ ପଞ୍ଜାବ ପୋଲିସର କେତେକ ଟିମ୍ ଏବଂ ଏନ୍‌ଡିଆର୍‌ଏଫ୍ ଟିମ୍ ମଧ୍ୟରେ ମୃତଦେହ ଖୋଜିବା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଗୁରୁବାର ପୋଲିସ ଅନ୍ୟତମ ଅଭିଯୁକ୍ତ ବଲରାଜ ଗିଲ୍‌ଙ୍କୁ ଗିରଫ କରିବା ପରେ ୨୭ ବର୍ଷୀୟା ପହୁଜାଙ୍କ ମୃତଦେହ କେନାଲରେ ପକାଯାଇଥିବା ସେ ପୋଲିସକୁ ସୂଚନା ଦେଇଥିଲେ। ହତ୍ୟା ମାମଲାରେ ପୋଲିସ ହୋଟେଲର ମାଲିକ ଅଭିଜିତ ସିଂଙ୍କ ସମେତ ୩ ଜଣଙ୍କୁ ଗିରଫ କରିଥିଲା। ଗତ ୨ ତାରିଖ ରାତି ୪ଟାରେ ପହୁଜାଙ୍କ ସହ ଅଭିଜିତ ଓ ଅନ୍ୟ ଜଣେ ବ୍ୟକ୍ତି ହୋଟେଲ ରିସେପ୍‌ଶନରେ ପହଞ୍ଚି ୧୧୧ ନମ୍ବର ରୁମ୍ ଆଡକୁ ଯାଉଥିବା ସିସିଟିଭିରେ କଏଦ ହୋଇଥିଲା।

## ଟିଭି ସିଧା ପ୍ରସାରଣ ବେଳେ ଟଳିପଡ଼ିଲେ କୃଷି ବିଶେଷଜ୍ଞ

ଥିରୁଭାନନ୍ତପୁରମ୍,୧୩।୧

କେରଳର ଥିରୁଭାନନ୍ତପୁରମ୍‌ରେ ଶୁକ୍ରବାର କୃଷି ଦର୍ଶନ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦୂରଦର୍ଶନରେ କରାଯାଉଥିବାବେଳେ କୃଷି ବିଶେଷଜ୍ଞ ଅନି ଏସ୍. ଦାସ୍ ହଠାତ୍ ଚେତାଶୂନ୍ୟ ହୋଇପଡ଼ିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ସ୍ଥାନୀୟ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ୫୯ ବର୍ଷୀୟ ଅନି କେରଳ ଫିଡ୍‌ସ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ ଏବଂ କେରଳ କୃଷି ବିଶ୍ୱବିଦ୍ୟାଳୟ ଯୋଗଯୋଗ କେନ୍ଦ୍ରର ମୁଖ୍ୟ ଥିଲେ।

## ଶିଳ୍ପପତିଙ୍କୁ ଅପହରଣକରି ୭ ଲକ୍ଷ ବଟି ଆଦାୟକଲେ ସିଭିଲ ସର୍ଭିସ୍ ଆଶାୟୀ

ବେଙ୍ଗାଲୁରୁ,୧୩।୧

ବେଙ୍ଗାଲୁରୁରେ ସିଭିଲ୍ ସର୍ଭିସ ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିବା ଜଣେ ୨୪ ବର୍ଷୀୟ ବିଜ୍‌ନେସ୍ ଆଡ୍‌ମିନିଷ୍ଟ୍ରେଶନ ସ୍ନାତକ ଓ ତାଙ୍କର ୩ ସହଯୋଗୀ ମିଶି ଜଣେ ଶିଳ୍ପପତିଙ୍କୁ ଅପହରଣ କରିନେବା ପରେ ତାଙ୍କୁ ଧମକ ଦେଇ ୭ ଲକ୍ଷ ଟଙ୍କା ଆଦାୟ କରିଛନ୍ତି। ଗତ ୫ ତାରିଖରେ ରାଜାଜୀନଗରରେ ଏହି ଅପହରଣ ଘଟଣା ଘଟିଛି। ମୁଖ୍ୟ ଅଭିଯୁକ୍ତ ସଚିନ ଏନ୍, ତାଙ୍କ ସହଯୋଗୀ ଗୌରଶଙ୍କର ଏବଂ କାମାକ୍ଷୀପାଲ୍ୟାର ଜଣେ ଅଟୋ ଡ୍ରାଇଭରଙ୍କୁ ଗିରଫ କରାଯାଇଛି। ସଚିନଙ୍କର ଅନ୍ୟ ୨ ସହଯୋଗୀଙ୍କୁ ପୋଲିସ ଖୋଜୁଛି। ଶିଳ୍ପପତି ଜଣକ ସଚିନଙ୍କୁ ୪ ଲକ୍ଷ ଟଙ୍କା ଦେବାକୁ ମନା କରିବାରୁ ସେମାନେ ତାଙ୍କୁ ଅପହରଣ କରିନେଇଥିଲେ। ସଚିନଙ୍କ କହିବା ଅନୁଯାୟୀ ସେ ଶିଳ୍ପପତି ଚେତନ ଏସ୍. ଶାହଙ୍କ ଝିଅଙ୍କୁ ଏକ ଘରୋଇ କଲେଜରେ ବିବିଏରେ ସିଟ୍ ଦେବାରେ ସହାୟତା କରିଥିଲେ। କିନ୍ତୁ ସଚିନ କୌଣସି ସହାୟତା କରି ନ ଥିବା କହି ଶିଳ୍ପପତି ଟଙ୍କା ଦେବାକୁ ମନା କରିବାରୁ ସେ ଅପହରଣ କରିଥିଲେ।

## ପିଓକେରେ ବ୍ରିଟିଶ୍ ଉଚ୍ଚାୟୁକ୍ତ

# ପ୍ରତିବାଦ ଜଣାଇଲା ଭାରତ

ନୂଆଦିଲ୍ଲୀ,୧୩।୧



ପିଓକେ ଅନ୍ତର୍ଗତ ମୀର୍‌ପୁରରେ ବ୍ରିଟିଶ ଉଚ୍ଚାୟୁକ୍ତ ଜେନ୍ ମାରିଅଟ୍ (ମଝି)।

ଇସ୍‌ଲାମାବାଦରେ ବ୍ରିଟିଶ ଉଚ୍ଚାୟୁକ୍ତ ଥିବା ଜେନ୍ ମାରିଅଟ୍ ପାକ୍ ଅଧିକୃତ କଶ୍ମୀର (ପିଓକେ) ଗସ୍ତରେ ଯିବା ଘଟଣାକୁ ନେଇ ଭାରତ ସରକାର ଶନିବାର ପ୍ରତିବାଦ ଜଣାଇଛନ୍ତି। ଗତ ୧୦ ତାରିଖରେ ମାରିଅଟ୍ ପିଓକେ ଅନ୍ତର୍ଗତ ମୀର୍‌ପୁରକୁ ଗସ୍ତରେ ଯାଇଥିଲେ। ତାଙ୍କର ଏହି ଗସ୍ତକୁ ନେଇ ଭାରତ ତୀବ୍ର ପ୍ରତିବାଦ ଜଣାଉଛି ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ଭାରତର ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ସଂହତିର ଏହା ଉଲ୍ଲଂଘନ ବୋଲି ନୂଆଦିଲ୍ଲୀ ଦର୍ଶାଇଛି। ଭାରତରେ ଥିବା ବ୍ରିଟିଶ ହାଇ କମିଶନରଙ୍କ ନିକଟରେ ବହିର୍ବ୍ୟାପାର ସଚିବ ବିନୟ ମୋହନ କ୍ୱାତ୍ରା ପ୍ରତିବାଦ ଜଣାଇଛନ୍ତି। କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀର ଏବଂ ଲଦାଖ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ଭାବେ ରହିଆସିଛି, ରହିଛି ଏବଂ ରହିବ ବୋଲି ମନ୍ତ୍ରଣାଳୟ କହିଛି। ମାରିଅଟ୍ ମୀରପୁର ଗସ୍ତ କରିବା ପରେ ଏହାର ଫଟୋ ଏକ୍ସ’ରେ ଶେୟାର କରିବା ସହ ୭୦ ପ୍ରତିଶତ ବ୍ରିଟିଶ ପାକିସ୍ତାନୀ ଉକ୍ତ ଅଞ୍ଚଳର ମୂଳ ବାସିନ୍ଦା ବୋଲି ଉଲ୍ଲେଖ କରିଥିଲେ। ବ୍ରିଟିଶ୍ ସରକାର ତାଙ୍କ ପ୍ରତିନିଧିଙ୍କୁ ପାକ୍ ଅଧିକୃତ କଶ୍ମୀରକୁ ପଠାଇଥିବାରୁ ସୋସିଆଲ ମିଡିଆରେ ଏହାକୁ ନିନ୍ଦା କରାଯାଇଛି। ବ୍ରିଟିଶ ପ୍ରଧାନମନ୍ତ୍ରୀ ଋଷି ସୁନକ୍ ମାରିଅଟ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି କେତେଜଣ ୟୁଜର ଦାବି କରିଛନ୍ତି। ଗତବର୍ଷ ଅକ୍ଟୋବରରେ ପାକିସ୍ତାନରେ ଆମେରିକା ରାଷ୍ଟ୍ରଦୂତ ଡାଭିଡ୍ ବ୍ଲୋମ୍ ପିଓକେର ଗିଲ୍‌ଗିଟ୍-ବଲ୍ଟିସ୍ତାନ ଗସ୍ତ କରିଥିଲେ। ସେତେବେଳେ କେନ୍ଦ୍ର ସରକାର ଆମେରିକା କର୍ତ୍ତୃପକ୍ଷଙ୍କ ନିକଟରେ ପ୍ରତିବାଦ ଜଣାଇଥିଲେ।

## ଫୁର୍‌ସତ୍



## ମିଷ୍ଟ୍ରି ମ୍ୟାନ୍‌ଙ୍କ ସହ କଙ୍ଗନା

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାୱତ୍ ତାଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ସବୁବେଳେ ଚର୍ଚ୍ଚାରେ ରହିଆନ୍ତି। ହେଲେ ଏଥର କଙ୍ଗନା ତାଙ୍କ ବ୍ୟକ୍ତିଗତ କାରଣ ପାଇଁ ଲାଇମ ଲାଇଟ୍‌କୁ ଆସିଛନ୍ତି। ନିକଟରେ କଙ୍ଗନାଙ୍କୁ ଜଣେ ଅଜଣା ବ୍ୟକ୍ତିଙ୍କ ସହିତ ଦେଖିବାକୁ ମିଳିଛି; ଯାହାର ଫଟୋ ଏବେ ବେଶ୍ ଭାଇରାଲ ହେବାରେ ଲାଗିଛି। ସୋସିଆଲ ମିଡିଆରେ ଶେୟାର ହୋଇଥିବା ଏହି ପୋଷ୍ଟରେ କଙ୍ଗନା ମୁମ୍ବାଇର ଏକ ସେଲୁନରେ ଜଣେ ବିଦେଶୀ ପୁଅଙ୍କ ହାତ ଧରିଥିବା ନଜରକୁ ଆସିଛନ୍ତି। ଦୁହେଁ ଏକାଠି ହସି ହସି ଆସୁଛନ୍ତି। ଏହି ଫଟୋରେ ଅନେକ କମେଣ୍ଟ ଆସିଥିବା ଦେଖିବାକୁ ମିଳିଛି। ଏହା ଉପରେ ମନ୍ତବ୍ୟ ଦେଇ ଜଣେ ୟୁଜର ଲେଖିଛନ୍ତି, ଇଏ କ’ଣ ତମ ପ୍ରେମିକ? ଅନ୍ୟଜଣେ ଲେଖିଛନ୍ତି, ଉଭୟ ସାଥିରେ ଭଲ ଦେଖାଯାଉଛନ୍ତି। ଗତବର୍ଷ କଙ୍ଗନା ଏକ ସାକ୍ଷାତ୍‌କାରରେ କହିଥିଲେ କି, ସେ ବିବାହ କରିବାକୁ ଥିବା ବ୍ୟକ୍ତିଙ୍କୁ ଠିକ୍ ସମୟରେ ସମସ୍ତଙ୍କ ସମ୍ମୁଖକୁ ଆଣିବେ। ତେବେ କଙ୍ଗନା ୨୦୦୬ରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ନିକଟରେ ସେ ଫିଲ୍ମ ‘ତେଜସ୍’ରେ ଦେଖିବାକୁ ମିଳିଥିଲେ। ଆଗକୁ ସେ ଇନ୍ଦିରା ଗାନ୍ଧୀଙ୍କ ଜୀବନୀ ଉପରେ ଆଧାରିତ ‘ଏମର୍ଜେନ୍ସି’ରେ ନଜରକୁ ଆସିବେ।

## ଗୀତା ପ୍ରେସ୍‌ରେ ରାମଚରିତମାନସର ଅଭାବ

ଲକ୍ଷ୍ନୌ




ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ମନ୍ଦିରର ପ୍ରାଣ ପ୍ରତିଷ୍ଠା ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି। ଆସନ୍ତା ୨୨ ତାରିଖରେ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା କରାଯିବ। ତେବେ ଏହା ମଧ୍ୟରେ ଉତ୍ତରପ୍ରଦେଶର ଗୋରଖପୁରସ୍ଥିତ ଗୀତା ପ୍ରେସ୍ ରାମଚରିତମାନସ ଅଭାବର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି; ଯାହା ୫୦ ବର୍ଷରେ ପ୍ରଥମ ଥର ବୋଲି ଜଣାପଡ଼ିଛି। ପ୍ରତିଷ୍ଠା ସମାରୋହ ପୂର୍ବରୁ ରାମଚରିତମାନସର ଚାହିଦା ବୃଦ୍ଧି ପାଇଛି। ଯାହାକୁ ନେଇ ଗୀତା ପ୍ରେସ୍ କର୍ମଚାରୀ ଖୁସି ବ୍ୟକ୍ତ କରିଛନ୍ତି। ସମାରୋହର ତାରିଖ ଘୋଷଣା ପରଠାରୁ ରାମଚରିତମାନସ ସହ ସୁନ୍ଦରାକାଣ୍ଡ, ହନୁମାନ ଚାଳିଶାର ମଧ୍ୟ ଚାହିଦା ବଢ଼ିବାରେ ଲାଗିଛି। ପୂର୍ବ ବର୍ଷଗୁଡ଼ିକରେ ପ୍ରତି ମାସରେ ରାମଚରିତମାନସର ପ୍ରାୟ ୭୫ ହଜାର କପି ପ୍ରସ୍ତୁତ ହେଉଥିଲା। ହେଲେ ଚଳିତବର୍ଷ ୧ ଲକ୍ଷ କପି ପ୍ରସ୍ତୁତ ହୋଇଥିବା ଗୀତା ପ୍ରେସ୍ ମ୍ୟାନେଜର ଲାଲମଣି ତ୍ରିପାଠୀ କହିଛନ୍ତି। ନିକଟରେ ଜୟପୁରରୁ ୫୦ ହଜାର ଏବଂ ଭଗଲପୁରରୁ ୧୦ ହଜାର ରାମଚରିତମାନସର କପି ଅର୍ଡର ହୋଇଥିବାବେଳେ ପ୍ରେସ୍ ସେହି ଅର୍ଡରକୁ ସମ୍ପୂର୍ଣ୍ଣ କରିବାକୁ ଅସମର୍ଥ ହୋଇଥିଲା। ସମାରୋହ ପୂର୍ବରୁ ଅଯୋଧ୍ୟାରେ ଅନେକ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି। ଅନ୍ୟପଟେ ଲୋକେ ରାମ ମନ୍ଦିର ମଡେଲକୁ ମଧ୍ୟ କିଣୁଛନ୍ତି; ଯାହାକୁ ୨୦ ଦିନ ତଳେ ଜଣେ ବ୍ୟବସାୟୀ ବଜାରକୁ ଆଣିଥିଲେ। ତାଙ୍କ ରାମ ମନ୍ଦିର ମଡେଲକୁ ମଧ୍ୟ ଶ୍ରଦ୍ଧାଳୁ ଅନେକ ମାତ୍ରାରେ ପସନ୍ଦ କରିଛନ୍ତି।

## ଆମାଜନ ଜଙ୍ଗଲରେ ୨ ହଜାର ବର୍ଷର ପ୍ରାଚୀନ ସହର



**କ୍ୱିଟୋ:** ଆମାଜନ ଚିରହରିତ୍ ଜଙ୍ଗଲ ପାଖରେ ଥିବା ଏକ ପ୍ରାଚୀନ ସହରର ସନ୍ଧାନ ୨ ହଜାର ବର୍ଷ ପରେ ମିଳିଛି। ଏହି ରହସ୍ୟମୟ ସହର ‘ଏଣ୍ଡିଜ୍’ ଉପାନୋ ଘାଟିର ବହୁତଳେ ଦବିରହିଥିଲା। ସହରରେ ପ୍ରାୟ ୧୦ ହଜାର ଲୋକଙ୍କ ଘର ଥିଲା, ଯାହା ପରେ ରହସ୍ୟମୟ ଭାବେ ଉଭାନ୍ ହୋଇଯାଇଥିଲା। ତେବେ ଏହି ସହର କିପରି ଉଭାନ୍ ହୋଇଛି, ତାହାର କାରଣ ସନ୍ଧାନରେ ବୈଜ୍ଞାନିକମାନେ ଲାଗିପଡ଼ିଛନ୍ତି। ରିପୋର୍ଟ ମୁତାବକ, ଇକ୍ୱେଡରଠାରେ ମିଳିଥିବା ଏହି ସହର ପ୍ରାଚୀନ ସହରରେ ସଡ଼କ, ପ୍ଲାଜା ଏବଂ କ୍ଷେତିର ବ୍ୟବସାୟ ହେଉଥିଲା। ଏଠାରେ ପ୍ରାୟ ୬ ହଜାର ମାଟି ପର୍ବତ ରହିଛି। ଫ୍ରାନ୍ସ ନ୍ୟାଶନାଲ ସେଣ୍ଟର ଫର୍ ସାଇଣ୍ଟିଫିକ୍ ରିସର୍ଚ୍ଚର ଶୋଧକର୍ତ୍ତା ଭୂତତ୍ତ୍ୱବିତ୍ ଆଣ୍ଟୋଇନି ଡୋରିଶନଙ୍କ ଅନୁସାରେ, ଉପାନୋର ଲୋକସଂଖ୍ୟା ପ୍ରାୟ ୩୦ ହଜାର ଥିଲା, ସେମାନେ ୩୦୦ରୁ ୬୦୦ ଖ୍ରୀଷ୍ଟପୂର୍ବ ମଧ୍ୟରେ ଉଭାନ୍ ହୋଇଗଲେ। ପ୍ରମୁଖ ରିସର୍ଚ୍ଚର ଷ୍ଟିଫେନ୍ ରୋଷ୍ଟେନ ଏବଂ ଅନ୍ୟ ବୈଜ୍ଞାନିକମାନେ ଏହି ସ୍ଥାନରେ ୨୦ ବର୍ଷ ତଳେ କିଛି ମାଟିର ପାହାଡ଼ ଦେଖିଥିଲେ, ଯାହା ପରେ ତାଙ୍କୁ ଏକ ବଡ଼ ସହରର ସନ୍ଧାନ ମିଳିଲା।

## ୩୮୫ ମିଲିୟନ ବର୍ଷର ଜଙ୍ଗଲ

**ୱାଶିଂଟନ:** ବିଶ୍ୱର ସବୁଠୁ ପ୍ରାଚୀନ ଜଙ୍ଗଲ ନ୍ୟୁୟର୍କ ପାଖରେ ଏକ ନିର୍ଜନ ଖାଦାନଠାରେ ଠାବ କରାଯାଇଛି, ଯାହା ପ୍ରାୟ ୩୮୫ ମିଲିୟନ ବର୍ଷର ପୁରୁଣା ବୋଲି ଜଣାପଡ଼ିଛି। ଏଥିସହ ଏଠାରେ ଏପରି କିଛି ଗଛ ଦେଖିବାକୁ ମିଳିଛି, ଯାହାର ଅସ୍ତିତ୍ୱ ଡାଇନୋସର ସମୟର ବୋଲି ଧରାଯାଉଛି। ଏହାର ମାଟିତଳେ ରହିଥିବା ଜୀବାଶ୍ମ କେତେକ ପ୍ରାଚୀନ ଗଛର ଚେରକୁ ସଂରକ୍ଷିତ କରୁଛି। ଏହାର ସନ୍ଧାନ ପୃଥିବୀ ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ସମୟର ପ୍ରତୀକ ଅଟେ। ଯେପରି ଗଛ ତା’ ଚେରକୁ ବିକଶିତ କରିବା ସହ ବାୟୁମଣ୍ଡଳରୁ କାର୍ବନ ଡାଇଅକ୍ସାଇଡ୍ ନିଷ୍କାସନ କରିଥାଏ। ଏକ ନ୍ୟୁଜ୍ ଏଜେନ୍ସି ମୁତାବକ, ଟିମ୍‌କୁ ପୂର୍ବରୁ ଏଠାରେ ପ୍ରାଚୀନ ଜଙ୍ଗଲ ଥିବା ଜଣାଥିଲା। ହେଲେ ସେଠାରେ ଥିବା ଗଛର ବୟସ ଜାଣିବାକୁ ଯାଞ୍ଚ କରିଥିଲେ। ଏହି ପ୍ରାଚୀନ ଜଙ୍ଗଲ ପ୍ରାୟ ୪୦୦ କି.ମି ପର୍ଯ୍ୟନ୍ତ ବିସ୍ତୃତ ଏବଂ ପ୍ରାୟ ୨୫୦ ମାଇଲ ଅଞ୍ଚଳରେ ପରିବ୍ୟାପ୍ତ ବୋଲି ଆମେରିକାର ବିଘମଟନ ବିଶ୍ୱବିଦ୍ୟାଳୟ ଏବଂ ୱେଲ୍‌ସର କାର୍ଡିଫ୍ ବିଶ୍ୱବିଦ୍ୟାଳୟର ଶୋଧକର୍ତ୍ତାମାନେ ଅନୁମାନ କରିଛନ୍ତି। ୨୦୧୯ଠାରୁ ଏହି ଜଙ୍ଗଲର ଯାଞ୍ଚ ଆରମ୍ଭ ହୋଇଥିଲା।

# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ରବିବାର, ଜାନୁଆରୀ ୧୪/୨୦୨୪ | Bhubaneswar, Sunday, January 14/2024 | ପୃଷ୍ଠା-୧




## ଶୁଭ୍ରାଂଶୁଙ୍କ ଦ୍ୱିଶତକ

ମଧ୍ୟପ୍ରଦେଶ ବିପକ୍ଷ ରଣଜୀ ଟ୍ରଫି ମ୍ୟାଚରେ କ୍ୟାରିୟରର ପ୍ରଥମ ଦ୍ୱିଶତକ ହାସଲ କରିଛନ୍ତି ଓଡ଼ିଶାର ଶୁଭ୍ରାଂଶୁ ସେନାପତି।

୧୪

୦୩

## ଏଆଇ ଦେବ ପାଣିପାଗ ସୂଚନା

ପାଣିପାଗର ଉତ୍ତମ ପୂର୍ବାନୁମାନ ପାଇଁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଉପଯୋଗ ହେବ ବୋଲି ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି।



# ଅପହଞ୍ଚ ୱାନ୍‌କାର୍ଡ

**ଭୁବନେଶ୍ୱର, ୧୩।୧ (ଅନିଲ ଦାସ)**

କୋଭିଡ୍ ମହାମାରୀ ସମୟରେ ଶ୍ରମିକଙ୍କ ହିତକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୨୦୨୦ ଜୁନ୍ ୧ରୁ ସମଗ୍ର ଦେଶରେ ୱାନ୍ ନେଶନ, ୱାନ୍ ରାଶନ କାର୍ଡ (ଓଏନ୍‌ଓଆର୍‌ସି) ବ୍ୟବସ୍ଥା କାର୍ଯ୍ୟକାରୀ କରିଛନ୍ତି। ଏହି ବ୍ୟବସ୍ଥା ଅନୁଯାୟୀ ନିଜ ଗାଁ ଛାଡ଼ି ଅନ୍ୟତ୍ର ରହୁଥିବା ରାଶନ କାର୍ଡ ହିତାଧିକାରୀ ସେଠାକାର ଡିଲରଙ୍କ ନିକଟରୁ ଖାଦ୍ୟଶସ୍ୟ ନେଇପାରିବେ। ଓଡ଼ିଶାରେ ଏହା ୨୦୨୧ ଜୁଲାଇରୁ ଲାଗୁ ହୋଇଥିଲେ ମଧ୍ୟ ହିତାଧିକାରୀଙ୍କ ପାଇଁ ତାହା ଅପହଞ୍ଚ ହୋଇଛି। ଦୁର୍ବଳ ଇଣ୍ଟରନେଟ ବ୍ୟବସ୍ଥା ଏବଂ ରାଶନ ଯୋଗାଉଥିବା ଡିଲରଙ୍କ ଅସହଯୋଗ ଯୋଗୁ ହିତାଧିକାରୀ ଏହି ସୁବିଧାରୁ ବଞ୍ଚିତ ହେଉଛନ୍ତି।

କେଉଁ ଦୁର୍ଗମ ଅଞ୍ଚଳ ନୁହେଁ, ଭୁବନେଶ୍ୱରକୁ ଆସିଥିବା ହିତାଧିକାରୀମାନେ ମଧ୍ୟ ୱାନ୍ ରାଶନ କାର୍ଡ ବ୍ୟବସ୍ଥାର ଲାଭ ପାଇ ପାରୁ ନ ଥିବା ଜଣାପଡ଼ିଛି। କନ୍ଧମାଳର ରାଶନକାର୍ଡ ହିତାଧିକାରୀ ବାସନ୍ତି ଜାନି କହିଛନ୍ତି, ଆମେ ଗରିବ ଲୋକ। ମଜୁରି ଲାଗିଲେ ଘର ଚଳୁଛି। ସରକାର ଆମକୁ ଚାଉଳ ଗଣ୍ଡେ ଦେଉଛନ୍ତି। ହେଲେ ଗାଁକୁ ଯାଇ ଚାଉଳ ଆଣିଲେ ବହୁତ ଖର୍ଚ୍ଚ କରିବାକୁ ପଡୁଛି। ଏଇଠି ମିଳିଲେ ଭଲ ହୁଅନ୍ତା। ପାଖ ଡିଲର ଆମକୁ ରାଶନ ଦେବାକୁ ମନା କରି ଦେଉଛନ୍ତି। କହୁଛନ୍ତି ତୁମର ଏଠି ନାଁ ନାହିଁ। ଯେଉଁଠି ଅଛି ସେଠୁ ନିଅ। କେବଳ ବାସନ୍ତି ଜାନି ନୁହନ୍ତି, ଭଦ୍ରକର କୁସୁମ ନାୟକ ମଧ୍ୟ ସମାନ ଅଭିଯୋଗ କରିଛନ୍ତି। ହିତାଧିକାରୀଙ୍କଠାରୁ ଏଭଳି ଶୁଣିବା ପରେ ସମଗ୍ର ଦେଶରେ କାର୍ଯ୍ୟକାରୀ ହେଉଥିବା ୱାନ୍ ନେଶନ, ୱାନ ରାଶନ କାର୍ଡ ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଜ୍ୟର ୩ କୋଟି ୩୩ ଲକ୍ଷ ୨୭ ହଜାର ୨୫୫ ଜଣ ହିତାଧିକାରୀ ସାମିଲ ହୋଇଛନ୍ତି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସୂଚନା ଅନୁଯାୟୀ ସେଥିରୁ ୱାନ୍ ରାଶନ କାର୍ଡ ଯୋଜନାରେ ଏ ପର୍ଯ୍ୟନ୍ତ କେବଳ ୧ ଲକ୍ଷ ୧୦ ହଜାର ପରିବାର ଉପକୃତ ହୋଇଛନ୍ତି।

ଇଣ୍ଟରନେଟ ସୁବିଧା ଥିବା ଅଞ୍ଚଳର ଡିଲରଙ୍କ ମନମୁଖି କାର୍ଯ୍ୟ ଯୋଗୁ ସରକାରଙ୍କୁ ବଦ୍‌ନାମ ହେବାକୁ ପଡୁଛି। ହିତାଧିକାରୀ ରାଶନ ପାଇବାରୁ ବଞ୍ଚିତ ହେଉଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ଦୁର୍ବଳ ଇଣ୍ଟରନେଟ ବ୍ୟବସ୍ଥା ମଧ୍ୟ ୱାନ୍ ନେଶନ, ୱାନ୍ ରାଶନ କାର୍ଡ କାର୍ଯ୍ୟକାରିତାରେ ବାଧା ସୃଷ୍ଟି କରିଛି। ରାଜ୍ୟରେ ୫୧ ହଜାର ୧୭୬ ଗ୍ରାମ ରହିଛି। କେନ୍ଦ୍ର ଯୋଗାଯୋଗ ଓ ଇଲେକ୍ଟ୍ରୋନିକ୍ସ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଓଡ଼ିଶାରେ ୬ ହଜାର ୫୯୨ ଗ୍ରାମରେ ଇଣ୍ଟରନେଟ ସୁବିଧା ନ ଥିବାବେଳେ ୪ ହଜାର ୫୪୯ ଗ୍ରାମରେ ମୋବାଇଲ ନେଟ୍‌ୱର୍କ ନାହିଁ। କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର , ରାୟଗଡା, ସୁନ୍ଦରଗଡ, ବରଗଡ, ସମ୍ବଲପୁର ଭଳି ଆଦିବାସୀ ବହୁଳ ଜିଲାର ଅନେକ ଭାଗ ଏବେ ବି ଇଣ୍ଟରନେଟ ଉପଲବ୍ଧ ହେଉ ନାହିଁ।

୫-ଜି ଇଣ୍ଟରନେଟ ବ୍ୟବସ୍ଥା ଥିବା ରାଜଧାନୀରେ ୱାନ୍ ନେଶନ, ୱାନ୍ ରାଶନ କାର୍ଡ ବ୍ୟବସ୍ଥାର ଲାଭ ହିତାଧିକାରୀଙ୍କୁ ମିଳୁ ନ ଥିବାବେଳେ ଦୁର୍ଗମ ଅଞ୍ଚଳରେ ଏହା କିପରି କାର୍ଯ୍ୟକାରୀ ହେଉ ଥିବ ତାହା ବୁଝାପଡୁଛି। ଏଥିରୁ ଡିଜିଟାଲ ଇଣ୍ଡିଆ ଓ ବିକଶିତ ଭାରତ ଭଳି ଧ୍ୱନି ସମ୍ପୂର୍ଣ୍ଣ ଭାବେ ଫମ୍ପା ବୋଲି ଜଣାପଡୁଛି।

ଯୋଗାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ, ରାଜ୍ୟର ସମସ୍ତ ଜିଲାରେ ୱାନ୍ ନେଶନ, ୱାନ୍ ରାଶନ କାର୍ଡ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ହିତାଧିକାରୀ ଯେଉଁଠି ରହିଲେ ବି ରାଶନ ପାଇ ପାରିବେ। ତେବେ କେତେକ ସ୍ଥାନରେ ଇଣ୍ଟରନେଟ ଅସୁବିଧା ଥିବାରୁ ସମସ୍ୟା ସୃଷ୍ଟି ହେଉଛି। ଉଦ୍ଦେଶ୍ୟମୂଳକ ଭାବେ ଯଦି କୌଣସି ଫେୟାର ପ୍ରାଇସ ଶପ୍(ଏଫପିଏସ)ରେ ହିତାଧିକାରୀଙ୍କୁ ଅସହଯୋଗ କରାଯାଉଥିବା ଅଭିଯୋଗ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। କିନ୍ତୁ ହିତାଧିକାରୀଙ୍କ ସଂଖ୍ୟା ବହୁଳ ଥିବା ହେତୁ ତାହା ସମ୍ଭବପର ହେଉ ନାହିଁ।

## ଇ-ଲେକ୍‌ଚର: ଘରେ ବସି ଟ୍ୟୁଟୋରିଆଲ ସୁବିଧା

**ଭୁବନେଶ୍ୱର, ୧୩।୧ (ଅସମାପିକା ସାହୁ)**

ଉଚ୍ଚଶିକ୍ଷା ସଂସ୍କାରରେ ରାଜ୍ୟ ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଶିକ୍ଷା କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ପ୍ରତି ଛାତ୍ରୀଛାତ୍ରଙ୍କ ଅବଦାନ ବୃଦ୍ଧି ସହ ଶିକ୍ଷାଗ୍ରହଣ କ୍ଷେତ୍ରକୁ ସହଜ ତଥା ସରଳ କରିବାକୁ ଇ-ଲେକ୍ଚର ବ୍ୟବସ୍ଥା ଆରମ୍ଭ କରିଛନ୍ତି। ଏହାଦ୍ୱାରା କଲେଜ ଓ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଘରେ ବସି ଟ୍ୟୁଟୋରିଆଲ ସୁବିଧା ପାଇବା ସହ ସେମିଷ୍ଟର ପରୀକ୍ଷା ପାଇଁ ମଧ୍ୟ ପ୍ରସ୍ତୁତ ହୋଇପାରିବେ। ଏହି ଅନ୍‌ଲାଇନ୍ ଶିକ୍ଷାଦାନ ବା ଇ-ଲେକ୍ଚର ବ୍ୟବସ୍ଥାକୁ ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ବିକଶିତ କରାଯାଇଛି। ଏଥିନିମନ୍ତେ ବିଶ୍ୱବିଦ୍ୟାଳୟ ଏକ ଭର୍ଚୁଆଲ ଟ୍ୟୁଟୋରିଆଲ ଷ୍ଟୁଡିଓ ପ୍ରସ୍ତୁତ କରିଛି। ଏହି ବ୍ୟବସ୍ଥାର ସୁଯୋଗ ନେବା ପାଇଁ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଛି। ଏ ନେଇ ବିଭାଗର ସ୍ୱତନ୍ତ୍ର ସଚିବ ସମସ୍ତ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଏବଂ ସରକାରୀ ଓ ଅନୁଦାନପ୍ରାପ୍ତ କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖିଛନ୍ତି। ଉଭୟ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ପାଇଁ ନୂତନ ସମ୍ଭାବନା ସୃଷ୍ଟି ଉଦ୍ଦେଶ୍ୟରେ ରୁଷା ଏବଂ ଓଡ଼ିଶା ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଅଯୋଧ୍ୟା ଓ ଆଡ୍‌ଭାନୀ**

## ଇଣ୍ଡିଆ ବ୍ଲକ୍‌ର ନେତୃତ୍ୱ ନେବେ ଖାର୍ଗେ

**ନୂଆଦିଲ୍ଲୀ, ୧୩।୧ (ପି.ଟି.)**

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ଇଣ୍ଡିଆନ ନ୍ୟାଶନାଲ ଡେଭେଲପମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲିଆନ୍ସ (ଇଣ୍ଡିଆ) ବ୍ଲକ୍‌ର ଅଧ୍ୟକ୍ଷ ନିଯୁକ୍ତି ପାଇଁ ମେଣ୍ଟ ଦଳଗୁଡ଼ିକ ମଧ୍ୟରେ ସହମତି ପ୍ରକାଶ ପାଇଛି। ଏକାଧିକ ବୈଠକ ଓ ବିଚାରବିମର୍ଶ ପରେ ବିରୋଧୀ ମେଣ୍ଟର ଅଧ୍ୟକ୍ଷ ପଦ ପାଇଁ ଖାର୍ଗେଙ୍କ ନାମ ଉଠିଥିଲା ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ତେବେ ଆନୁଷ୍ଠାନିକ ଭାବେ ମେଣ୍ଟ ପକ୍ଷରୁ ଘୋଷଣା କରାଯାଇ ନାହିଁ।

ଆସନ ଭାଗବଣ୍ଟା ଏବଂ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାରେ ଅଂଶଗ୍ରହଣ, ଆଗାମୀ ଲୋକ ସଭା ନିର୍ବାଚନ ପାଇଁ ପ୍ରସ୍ତୁତି ଓ ମେଣ୍ଟ ସମ୍ପର୍କିତ ଅନ୍ୟାନ୍ୟ ପ୍ରସଙ୍ଗ ନେଇ ଶନିବାର ଇଣ୍ଡିଆ ବ୍ଲକ୍‌ର ନେତାମାନଙ୍କର ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜେଡିୟୁ ଅଧ୍ୟକ୍ଷ ତଥା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ଇଣ୍ଡିଆ ବ୍ଲକ୍ ଆବାହକ ନିଯୁକ୍ତି ପାଇଁ ନେତାମାନେ ପ୍ରସ୍ତାବ ଦେଇଥିବାବେଳେ ସେ ଏହାକୁ ଅଗ୍ରାହ୍ୟ କରିଦେଇଛନ୍ତି। କଂଗ୍ରେସର କେହି ଜଣେ ଏହି ଦାୟିତ୍ୱ ନିଅନ୍ତୁ ବୋଲି ସେ କହିଛନ୍ତି। ବୈଠକରେ ଉପସ୍ଥିତ ନ ଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ସମାଜାବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଓ ଅନ୍ୟ ନେତାମାନଙ୍କ ସହ ଆଲୋଚନା ପରେ ଆବାହକ ପଦବୀ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଖାର୍ଗେଙ୍କୁ ମେଣ୍ଟର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କରିବା ପାଇଁ ଗତ ଡିସେମ୍ବରରେ ମମତା ପ୍ରସ୍ତାବ ଦେଇଥିବାବେଳେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏହାକୁ ସମର୍ଥନ କରିଥିଲେ।



ମଲ୍ଲିକାର୍ଜୁନ ଖାର୍ଗେ

ଏପ୍ରିଲ-ମେ'ରେ ଅନୁଷ୍ଠିତ ହେବାକୁ ଥିବା ଲୋକ ସଭା ନିର୍ବାଚନରେ ଭାଜପାକୁ ପରାଜିତ କରିବା ଲକ୍ଷ୍ୟରେ 'ଇଣ୍ଡିଆ' ବ୍ୟାନରରେ ୨୮ଟି ବିରୋଧୀ ଦଳ ଏକାଠି ହୋଇଛନ୍ତି। ଶନିବାର ବୈଠକରେ ତୃଣମୂଳ କଂଗ୍ରେସ, ସମାଜବାଦୀ ପାର୍ଟିର ନେତାଙ୍କୁ ବାଦ୍ ଦେଲେ ଅନ୍ୟ ସମସ୍ତ ଦଳର ପ୍ରତିନିଧି ଯୋଗଦେଇଥିଲେ। ଜାତୀୟ ସ୍ତରରେ ☞ପୃଷ୍ଠା-୨







**ଆଜିର ମନ୍ତବ୍ୟ**
ଇଣ୍ଡିଆ ମେଣ୍ଟରେ ଆବାହକ ନିଯୁକ୍ତିକୁ ନେଇ କୌଣସି ବିବାଦ ନାହିଁ। ଆଗାମୀ ଲୋକ ସଭା ନିର୍ବାଚନ ଲାଗି କାହାକୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ଉପସ୍ଥାପନ କରାଯିବାର ଆବଶ୍ୟକତା ନାହିଁ। **–ଶରଦ ପାୱାର, ଏନ୍‌ସିପି ଅଧ୍ୟକ୍ଷ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧନ୍ୟ ଜୀବନ ଏ ଜଗତେ**
**ଯେ ପ୍ରାଣ ଧରେ ପ୍ରାଣୀ ହିତେ**
**ଧନ୍ୟ ଜୀବନ ଧନ୍ୟ ତା'ର**
**ଦୁର୍ଲଭ କର୍ମ ଏ ବେଭାର।**

ସାଧାରଣତଃ ଯେଉଁ ବ୍ୟକ୍ତି ସକଳ ପ୍ରାଣୀର ହିତ ସାଧନ କରନ୍ତି ଏବଂ ଦୁର୍ଲଭ କାମ କରନ୍ତି, ସେଭଳି ବ୍ୟକ୍ତି ଅତି ଉତ୍ତମ ବ୍ୟକ୍ତି ବୋଲି ବିବେଚିତ ହୋଇଥାନ୍ତି। ଏଭଳି ବ୍ୟକ୍ତିଙ୍କ ଜୀବନ ଧନ୍ୟ ବା ସାର୍ଥକ ହୋଇଥାଏ ବୋଲି ଏଠାରେ ଦର୍ଶାଯାଇଛି।

**ଧରିଲା ମାଛ ସାନ**
**ଯିବା ମାଛ ବଡ଼।**

ସାଧାରଣତଃ ହାତଛଡ଼ା ବା ହଜିଲା ଜିନିଷ ହିଁ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ମନେକରାଯାଇଥାଏ। ଏହା ପରିବର୍ତ୍ତେ ଯେତେ ବଡ଼ ଜିନିଷ ହାତରେ ବା ପାଖରେ ଥିଲେ ମଧ୍ୟ ତାହା କେବେହେଲେ ମନକୁ ଆତ୍ମସନ୍ତୋଷ ଦେଇ ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ସାତକୋଶିଆରେ ବଢ଼ିଛନ୍ତି କୁମ୍ଭୀର, ପକ୍ଷୀ

**ଅନୁଗୋଳ, ୧୩।୧ (ଅମିତ କୁମାର ସାମଲ)**

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟର ଟିକରପଡ଼ା ମହାନଦୀ ଗଣ୍ଡରେ ଚଳିତବର୍ଷ କୁମ୍ଭୀର ଓ ବିଦେଶାଗତ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଗତ ୬ରୁ ୯ ଯାଏ ହୋଇଥିବା କୁମ୍ଭୀର ଓ ଗତ ୧୦ ତାରିଖରେ ଶେଷ ହୋଇଥିବା ପକ୍ଷୀ ଗଣନାରୁ ଏହା ସ୍ପଷ୍ଟ ହୋଇଥିବା ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ସରୋଜ କୁମାର ପଣ୍ଡା ସୂଚନା ଦେଇଛନ୍ତି। ବନଖଣ୍ଡ ଅଧିକାରୀ କହିଛନ୍ତି, ଚଳିତବର୍ଷ ଟିକରପଡ଼ା ମହାନଦୀ ଗଣ୍ଡରେ ୯୦ ମଗର କୁମ୍ଭୀରଙ୍କୁ ଠାବ କରାଯାଇଛି। ୧୪ଟି ଘଡିଆଲ କୁମ୍ଭୀର ମଧ୍ୟ ଗଣ୍ଡରେ ରହିଥିବା ଜଣାପଡ଼ିଛି। ଏହି ସଂଖ୍ୟା ଗତବର୍ଷ ଅପେକ୍ଷା ଅଧିକ। ଗତବର୍ଷ ମଗରଙ୍କ ସଂଖ୍ୟା ୮୫ ଥିବାବେଳେ ଚଳିତବର୍ଷ ଏହା ୯୦ ହୋଇଛି। ସେହିପରି ଗତବର୍ଷ ୭ଟି ଘଡ଼ିଆଲ ରହିଥିବାବେଳେ ଚଳିତବର୍ଷ ଏମାନଙ୍କ ସଂଖ୍ୟା ୧୪ରେ ପହଞ୍ଚିଛି। ବିଦେଶାଗତ ପକ୍ଷୀଙ୍କ ସଂଖ୍ୟାରେ ମଧ୍ୟ ଚଳିତବର୍ଷ ବୃଦ୍ଧି ପରିଲକ୍ଷିତ ହୋଇଛି। ଏବର୍ଷ ୮୧ ପ୍ରଜାତିର ୩ ହଜାର ୩୩୦ ପକ୍ଷୀ ସାତକୋଶିଆ ଆସିଛନ୍ତି। ସୂଚନାଯୋଗ୍ୟ, ମହାନଦୀର ୧୪ଟି ସେକ୍ଟରରେ ୧୪ଟି ଟିମ୍ ଓ ମହାନଦୀ ବାହାରେ ୩ଟି ଟିମ୍ ଗଣନାରେ ସାମିଲ ହୋଇଥିଲେ। ସମସ୍ତ ରିପୋର୍ଟ ମିଳିବା ପରେ ସାତକୋଶିଆରେ କୁମ୍ଭୀର ଓ ପକ୍ଷୀ ସଂଖ୍ୟା ବଢ଼ିଥିବା ଜଣାପଡ଼ିଛି।


ସାତକୋଶିଆ ମହାନଦୀ ଗଣ୍ଡରେ ବିଦେଶାଗତ ପକ୍ଷୀ।

ପ୍ରଥମ ପୃଷ୍ଠାରୁ...

## ଇ-ଲେକ୍ଚର: ଘରେ ...

'ଇ-ଲେକ୍ଚର' କାର୍ଯ୍ୟକ୍ରମକୁ ନିଜ ଶିକ୍ଷାନୁଷ୍ଠାନରେ ପ୍ରଚାର ପ୍ରସାର ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି। 'ଇ-ଲେକ୍ଚର' ବ୍ୟବସ୍ଥାରେ କଲେଜ ଓ ବିଶ୍ୱବିଦ୍ୟାଳୟର ୧୧ଟି ବିଭାଗ ସ୍ଥାନ ପାଇଛି। https://vtputkal.odisha.gov.in ୱେବ୍‌ସାଇଟ୍‌ରେ ସବୁ ତଥ୍ୟ ଉପଲବ୍ଧ କରାଯାଇଛି। ଏହି ଲିଙ୍କ୍‌ରେ କ୍ଲିକ୍ କଲେ ୪ଟି ସେମିଷ୍ଟରର କୋର୍ସ ପଢ଼ି ହେବ। ଫିଜିକ୍ସ, କେମିଷ୍ଟ୍ରି, ଜୁଲୋଜି, ବଟାନି, ପଲିଟିକାଲ ସାଇନ୍ସ, ଓଡ଼ିଆ, ଇତିହାସ, ଇଂଲିଶ, ସାଇକୋଲୋଜି, ବାଣିଜ୍ୟ ଓ ଇକୋନୋମିକ୍ସ ଆଦି ପାଠ୍ୟକ୍ରମ ଏହି ପୋର୍ଟାଲରେ ଅପଲୋଡ୍ କରାଯାଇଛି। ଏହି ଭର୍ଚୁଆଲ ପ୍ଲାଟ୍‌ଫର୍ମରେ ଶିକ୍ଷା ଗ୍ରହଣର ସୁବିଧା ନେବାକୁ ଯେପରି ଅଧିକରୁ ଅଧିକ ଛାତ୍ରୀଛାତ୍ର ଯୋଡିହେବେ ସେଥିପାଇଁ ଆବଶ୍ୟକ ସଚେତନତା ସୃଷ୍ଟି କରିବାକୁ ଉଚ୍ଚଶିକ୍ଷା ବିଭାଗ ସବୁ କଲେଜ ଓ ବିଶ୍ୱବିଦ୍ୟାଳୟକୁ ନିର୍ଦ୍ଦେଶ ଦେଇଛି। ଏ ସମ୍ପର୍କରେ ୬୬୨ବର୍ଗ ଅଧ୍ୟାପକ ସଂଘ ସଭାପତି ଗୋଲକ ନାୟକ କହିଛନ୍ତି, ଆମକୁ ଡିଜିଟାଲ କ୍ଷେତ୍ରରେ ଯିବାକୁ ହେବ। ତେଣୁ ଇ-ଲେକ୍ଚର ବ୍ୟବସ୍ଥା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା ପୂର୍ବରୁ ହୋଇଥିଲା। କିନ୍ତୁ ବର୍ତ୍ତମାନ ବିଭିନ୍ନ ବିଷୟବସ୍ତୁକୁ ଅପ୍‌ଲୋଡ୍ କରାଯାଇଛି, ଯାହାକି ଉଭୟ ଛାତ୍ରୀଛାତ୍ର ଏବଂ ଅଧ୍ୟାପକମାନେ ଉପକୃତ ହେବେ। ଆମ ପାଖରେ ମ୍ୟାଟେରିଆଲ୍ସ କମ୍ ଥାଏ। ତେଣୁ ପାଠପଢୁଆ ପିଲାମାନେ ସହଜରେ ଏହାର ସୁଯୋଗ ନେଇପାରିବେ ଏବଂ ଶୀଘ୍ର ମଧ୍ୟ ଗ୍ରହଣ କରିପାରିବେ। କାରଣ ଆଜିକାଲି ପିଲାମାନେ ଡିଜିଟାଲ ଓରିଏଣ୍ଟେଡ୍ ହୋଇଯାଇଛନ୍ତି। ସେହିପରି ଅଧ୍ୟାପକମାନେ ମଧ୍ୟ ବିଶେଷଜ୍ଞଙ୍କ ଭିଡିଓ ଦେଖି ତାକୁ କ୍ଲାସ୍‌ରୁମ୍‌ରେ ବିନିଯୋଗ କରିପାରିବେ। ସୂଚନାଯୋଗ୍ୟ, ଏହି ଇ-ଲେକ୍ଚର ବ୍ୟବସ୍ଥା ପାଇଁ ନ୍ୟାଶନାଲ ଇନ୍‌ଫର୍ମେଟିକ୍ସ ସେଣ୍ଟର(ଏନ୍‌ଆଇସି) ଏକ ଉତ୍ସର୍ଗୀକୃତ ପୋର୍ଟାଲ ପ୍ରସ୍ତୁତ କରିଥିଲା। ଏହାକୁ ୨୦୨୧ ଜୁଲାଇ ୮ରେ ଉଚ୍ଚଶିକ୍ଷା ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଏହାର ବିକାଶ ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରମୁଖ ଭୂମିକା ନେଇଥିଲା।

## ଇଣ୍ଡିଆ ବ୍ଲକ୍‌ର ନେତୃତ୍ୱ ...

ଏକାଠି ରହିବାକୁ ସୁନିଶ୍ଚିତ କରିବା ଉପରେ ଅଧିକାଂଶ ନେତା ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ସ୍ତରରେ ରହିଥିବା ମତଭେଦକୁ ମେଣ୍ଟରେ ବାଧକ ହେବାକୁ ଦିଆ ନ ଯାଉ ବୋଲି ସେମାନେ କହିଥିଲେ। ଶନିବାର ଅନ୍‌ଲାଇନରେ ବୈଠକ ହୋଇଥିଲେ ମଧ୍ୟ ଆଲୋଚନା ଫଳପ୍ରଦ ହୋଇଥିବା କୁହାଯାଇଛି। ଆସନ ବୁଝାମଣାକୁ ନେଇ ଆଲୋଚନାରେ ଅଗ୍ରଗତି ଘଟିଥିବାରୁ ସବୁ ନେତା ସନ୍ତୋଷ ବ୍ୟକ୍ତ କରିଛନ୍ତି। ଆଗାମୀ ଦିନରେ ମେଣ୍ଟର ମିଳିତ କାର୍ଯ୍ୟକ୍ରମ ଉପରେ ମଧ୍ୟ ଆଲୋଚନା ହୋଇଥିଲା।




# କଠିନ ପରିଶ୍ରମର ବିକଳ୍ପ ନାହିଁ: ପାଣ୍ଡିଆନ

**ଭୁବନେଶ୍ୱର, ୧୩।୧ (ଅନିଲ ଦାସ)**

ସମ୍ବଲପୁରର ଗଙ୍ଗାଧର ମେହେର(ଜିଏମ୍) କଲେଜରୁ ଯାଇ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ହୋଇପାରିଛନ୍ତି ସମ୍ବଲପୁରର ଲୋକ। ସରକାରୀ କଲେଜରେ ପାଠପଢ଼ି ଏତେ ବଡ଼ ପଦବୀକୁ ଯାଇପାରିଛନ୍ତି ପ୍ରମୋଦ କୁମାର ମିଶ୍ର। କଠିନ ପରିଶ୍ରମ ଓ ଅଧ୍ୟବସାୟ ବଳରେ ସରକାରୀ କଲେଜରୁ ପାଠପଢ଼ି ସେ ଆଜି ସର୍ବୋଚ୍ଚ ସ୍ଥାନରେ ପହଞ୍ଚି ପାରିଛନ୍ତି। ଶୀର୍ଷରେ ପହଞ୍ଚି ମଧ୍ୟ ସେ ପରିଶ୍ରମ କେବେ ବନ୍ଦ କରିନାହାନ୍ତି ବୋଲି ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି। ସମ୍ବଲପୁର ମନ୍ଦଲିଆଠାରେ ଅନୁଷ୍ଠିତ ନୂଆ-ଓ କାର୍ଯ୍ୟକ୍ରମରେ ଯୋଗଦେଇ ପାଣ୍ଡିଆନ କଠିନ ପରିଶ୍ରମର କିଛି ବିକଳ୍ପ ନାହିଁ ବୋଲି ପିଲାଙ୍କୁ ବୁଝାଇବାକୁ ଯାଇ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପ୍ରମୋଦ ମିଶ୍ର ଓ ଜର୍ମାନୀରେ ବୈଜ୍ଞାନିକ ଥିବା ପଶ୍ଚିମ ଓଡ଼ିଶାର ପୁଅ ଶେଷ କିଶାନଙ୍କ ଉଦାହରଣ ଦେଇଛନ୍ତି। କିଛିଦିନ ତଳେ ଏକ ରବିବାରରେ ପ୍ରମୋଦ ମିଶ୍ରଙ୍କୁ ପାଣ୍ଡିଆନ ଫୋନ୍ କରିଥିଲେ। ରବିବାରରେ ଫୋନ୍ କରିଥିବାରୁ କଥା ଆରମ୍ଭରୁ ପ୍ରମୋଦ ମିଶ୍ରଙ୍କୁ ପାଣ୍ଡିଆନ ସୌଜନ୍ୟତା ଦୃଷ୍ଟିରୁ କ୍ଷମା ମାଗିଥିଲେ। କିନ୍ତୁ ପ୍ରମୋଦ ମିଶ୍ର କହିଥିଲେ, ସେ ଅଫିସ୍‌ରେ ଅଛନ୍ତି। ସଫଳତାର ଶୀର୍ଷରେ ପହଞ୍ଚିଥିବା ଜଣେ ବ୍ୟକ୍ତି ରବିବାରରେ ମଧ୍ୟ ଅଫିସ୍‌ରେ କାମ କରୁଛନ୍ତି। ଏହା ହିଁ କଠିନ ପରିଶ୍ରମ ବୋଲି ପାଣ୍ଡିଆନ ଉଦାହରଣ ଦେଇଛନ୍ତି।

କଠିନ ପରିଶ୍ରମ କରୁଥିବାରୁ ସେ ଯେକୌଣସି ବିଷୟରେ ଅନର୍ଗଳ ତଥ୍ୟଭିତ୍ତିକ ମନ୍ତବ୍ୟ ରଖିପାରୁଛନ୍ତି ବୋଲି ପାଣ୍ଡିଆନ କହିଛନ୍ତି। ନିଜେ ପାଣ୍ଡିଆନ ଆଇଏଏସ୍ ଟ୍ରେନିଂ ନେବାବେଳେ ପ୍ରମୋଦ ମିଶ୍ର କେନ୍ଦ୍ର କୃଷି ସଚିବ ଥିଲେ ଏବଂ ଆଉ ଟ୍ରେନିଂ କ୍ଲାସ ନେଉଥିଲେ। କୃଷି ସମ୍ପର୍କରେ ଯେଉଁଭଳି ବକ୍ତବ୍ୟ ରଖିଥିଲେ ସେଥିରେ ସନ୍ଦେହ ହୋଇଥିଲା ଯେ, ସେ କୃଷିପାଠ ପଢ଼ି ଆସିଛନ୍ତି। ସେହିଭଳି ବିପର୍ଯ୍ୟୟ ପରିଚାଳନା ବୈଠକରେ ତାଙ୍କ ବକ୍ତବ୍ୟ ଶୁଣି ଲାଗିଥିଲା ଯେ, ସେ ବିପର୍ଯ୍ୟୟ ପରିଚାଳନା ପାଠ ପଢ଼ିଛନ୍ତି। ଏ ସବୁ କଠିନ ପରିଶ୍ରମର ଫଳ ବୋଲି ପିଲାଙ୍କୁ ପାଣ୍ଡିଆନ କହିଛନ୍ତି। ସେହିଭଳି ପାଣ୍ଡିଆନ ପଶ୍ଚିମ ଓଡ଼ିଶାର ଆଉ ଜଣେ ଉଜ୍ଜ୍ୱଳ ତାରକା ଶେଷ କିଶାନଙ୍କ ଉଦାହରଣ ଦେଇଥିଲେ। ପିଲାବେଳୁ ଶେଷ କିଶାନ ମା' ବାପା ଛେଉଣ୍ଡ ହୋଇଥିଲେ। ଗାଁ ସ୍କୁଲରେ ପାଠ ପଢୁଥିଲେ। ପେଟ ପୋଷିବା ଲାଗି ନିଜେ କାମ ମଧ୍ୟ କରୁଥିଲେ। କଠିନ ପରିଶ୍ରମ, ପ୍ରବଳ ଇଚ୍ଛାଶକ୍ତି ଓ ନିଷ୍ଠାପର ଅଧ୍ୟବସାୟ ବଳରେ ସେ ଭୁବନେଶ୍ୱର ନାଇଜରରେ ପଢ଼ିଲେ ଏବଂ ଗୋଲ୍ଡ ମେଡାଲିଷ୍ଟ ମଧ୍ୟ ହେଲେ। ପରବର୍ତ୍ତୀ ସମୟରେ ସେ ଜର୍ମାନୀରେ ବୈଜ୍ଞାନିକ ହୋଇପାରିଲେ। ଏବେ ସେ ଓଡ଼ିଶାରେ ଫାର୍ମା କମ୍ପାନୀ ଖୋଲି ବହୁ ଲୋକଙ୍କୁ ନିଯୁକ୍ତି ଦେବାକୁ ଚାହୁଁଛନ୍ତି ବୋଲି ପାଣ୍ଡିଆନ ପିଲାଙ୍କୁ ଉଦାହରଣ ଦେଇ ନିଜ ଭବିଷ୍ୟତ ଗଢ଼ିବାର ଟିପ୍ସ ଦେଇଥିଲେ। ସେହିଭଳି ସୋସିଆଲ ମିଡିଆରେ ଅଧିକ ସମୟ ଦେଲେ ନିଜର ପାଠ ମନେ ରଖିବାର ଦକ୍ଷତା ହ୍ରାସପାଇବ ବୋଲି ପାଣ୍ଡିଆନ କହିଛନ୍ତି। ଆତ୍ମବିଶ୍ୱାସର ସହ ଦୈନିକ ୧୪ଘଣ୍ଟା ପରିଶ୍ରମ କଲେ ସଫଳତା ହାତମୁଠାକୁ ଆପଣା ଛାଏଁ ଆସିବ। ନିଜେ ଏକଥାକୁ ସେ ଅଙ୍ଗେ ନିଭାଇଛନ୍ତି ବୋଲି ପାଣ୍ଡିଆନ ପିଲାଙ୍କୁ କହିଛନ୍ତି। ନିଜ ଅନୁଭୂତିରୁ ଏକ ୬ ସୂତ୍ରୀ ସଫଳତାର ମାର୍ଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଲାଗି ମୁଖ୍ୟମନ୍ତ୍ରୀ କାହିଁକି ନୂଆ-ଓ କାର୍ଯ୍ୟକ୍ରମ କରିଛନ୍ତି ତାହା ସେ କହିଛନ୍ତି। ଛାତ୍ରୀଛାତ୍ର ଏବେ ସେମାନଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ପାହାଚରେ ଅଛନ୍ତି। ସେମାନଙ୍କ ଲାଗି ଏଇ ୫ ବର୍ଷ ଅତି ଗୁରୁତ୍ୱପୂର୍ଣ୍ଣ। ୫ ବର୍ଷ ଖଟିଲେ ଆଗାମୀ ୫୦ବର୍ଷ ଖୁସିରେ କଟାଇବେ ବୋଲି ପାଣ୍ଡିଆନ କହିଛନ୍ତି। ଜୀବନରେ ସଫଳତା ହାସଲ କରିବାକୁ ହେଲେ ସାମଗ୍ରିକ ବ୍ୟକ୍ତିତ୍ୱର ବିକାଶ କରିବାକୁ ପଡ଼ିବ। ନିଜ ନିଜ ଭିତରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ବାହାରକୁ ଆଣିବାକୁ ପଡ଼ିବ। ଯାହା ବି ଅନ୍ତର୍ନିହିତ ପ୍ରତିଭା ଅଛି ତାକୁ ବୃଦ୍ଧି କରିବାକୁ ସୁଯୋଗ ଦେବାକୁ ପଡ଼ିବ। ଜୀବନରେ ବହୁତ ବଡ଼ ସଫଳତା ପାଇବାକୁ ହେଲେ ବ୍ୟକ୍ତିତ୍ୱର ବିକାଶ ନିହାତି ଆବଶ୍ୟକ। ଏହାକୁ ଆଖିରେ ରଖି ଏହି ନୂଆ-ଓ କାର୍ଯ୍ୟକ୍ରମ ମୁଖ୍ୟମନ୍ତ୍ରୀ ଆରମ୍ଭ କରିଛନ୍ତି। କୌଣସି ପ୍ରତିଯୋଗିତାରେ ଜିତିବା ତୁଳନାରେ ଅଂଶଗ୍ରହଣ କରିବା ଅତି ଗୁରୁତ୍ୱପୂର୍ଣ୍ଣ। ପ୍ରତିଯୋଗିତାରେ ଜିତିଲେ ଖୁସି ମିଳିବ, ହେଲେ ଅଂଶଗ୍ରହଣ ଜୀବନରେ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ପ୍ରଦାନ କରିବ ବୋଲି ପାଣ୍ଡିଆନ କହିଛନ୍ତି। ମନ୍ଦଲିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ଛାତ୍ରୀଛାତ୍ର ଯୋଗଦେଇଛନ୍ତି। ପାଣ୍ଡିଆନଙ୍କୁ ଦେଖିବାକୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅତ୍ୟଧିକ ଉତ୍ସାହ ଥିବା ଦେଖାଯାଇଛି। ତାଙ୍କ ସହ ହାତ ମିଳାଇବା ଓ ସେଲ୍ଫି ନେବାକୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ହେଉଥିବା ଦେଖିବାକୁ ମିଳିଛି।

**ସମ୍ବଲପୁର ମନ୍ଦଲିଆରେ ନୂଆ-ଓ କାର୍ଯ୍ୟକ୍ରମ**

- ସରକାରୀ କଲେଜରୁ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ
- ଗାଁରୁ ଯାଇ ଜର୍ମାନୀରେ ବୈଜ୍ଞାନିକ
- ପ୍ରତିଯୋଗିତାରେ ବିଜୟ ନୁହେଁ, ଅଂଶଗ୍ରହଣ ଗୁରୁତ୍ୱପୂର୍ଣ୍ଣ

## ସମଲେଇ ପ୍ରକଳ୍ପର ସମୀକ୍ଷା କଲେ


୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସହ ଅନ୍ୟମାନେ ସମଲେଇ ପ୍ରକଳ୍ପ ପରିଦର୍ଶନ କରୁଛନ୍ତି।

**ସମ୍ବଲପୁର, ୧୩।୧ (ପ୍ରମୋଦ ବହିଦାର)**

୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଶନିବାର ସକାଳେ ସମଲେଇ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିଥିଲେ। ସମଲେଶ୍ୱରୀଙ୍କ ପୀଠରେ ସେ ପ୍ରଥମେ ମା'ଙ୍କ ଦର୍ଶନ ପରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଳେଇ, ଆଇଜି ଦୀପକ କୁମାର, ଜିଲାପାଳ ଅନନ୍ୟା ଦାସ, ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମ୍ବୁ, ମହାନଗର ନିଗମ କମିଶନର ବେଦ ଭୂଷଣ, ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଭିନିଲ୍ କ୍ରିଷ୍ଣା, ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ, ଆଇଟି ସଚିବ ମନୋଜ ମିଶ୍ର, ପ୍ରକଳ୍ପ ନିର୍ମାଣକାରୀ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ଜେ.କେ. ଦାଶଙ୍କ ସହ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀଙ୍କ ଉପସ୍ଥିତିରେ ସମଲେଇ ପ୍ରକଳ୍ପର ସମୀକ୍ଷା କରିଥିଲେ। ଏହାବାଦ ନିର୍ମାଣାଧୀନ ପ୍ରକଳ୍ପ ସ୍ଥଳ ପରିଦର୍ଶନ କରିଥିଲେ।

# ଭକ୍ତ, ଭଗବାନଙ୍କ ସେବାରେ ଆତ୍ମସନ୍ତୋଷ: ଧର୍ମେନ୍ଦ୍ର

**ଅନୁଗୋଳ, ୧୩।୧ (ଅମିତ କୁମାର ସାମଲ)**

ଭକ୍ତ ଓ ଭଗବାନଙ୍କ ସେବାରେ ହିଁ ଆତ୍ମସନ୍ତୋଷ ମିଳେ। ପବିତ୍ର ଅଯୋଧ୍ୟା ଧାମରେ ଭବ୍ୟ ରାମ ମନ୍ଦିରରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହେବାକୁ ଯାଉଥିବା ବେଳେ ଅନୁଗୋଳ ଜିଲା ଜିନ୍ଦଲନଗରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ଶନିବାର ସଫେଇ କାର୍ଯ୍ୟରେ ସାମିଲ ହୋଇ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି, ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହେବାକୁ ଯାଉଛି। ଓଡ଼ିଶା ସମେତ ଦେଶର କୋଣ ଅନୁକୋଣରେ ଜନସାଧାରଣ ଶ୍ରୀରାମଙ୍କୁ ସ୍ୱାଗତ କରିବା ପାଇଁ ଉତ୍ସାହିତ ଅଛନ୍ତି। ଏହା ଦେଶ ପାଇଁ ଏକ ମହାନ ଅବସର। ପ୍ରଭୁ ଶ୍ରୀରାମଙ୍କ ଆଗମନକୁ ଆହୁରି ଭବ୍ୟ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ସମସ୍ତ ମନ୍ଦିର ଓ ତୀର୍ଥକ୍ଷେତ୍ରକୁ ସ୍ୱଚ୍ଛ ରଖିବା ପାଇଁ ଶ୍ରମଦାନ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଅନୁଗୋଳ ଜିନ୍ଦଲନଗରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ସଫେଇ କାର୍ଯ୍ୟରେ ସାମିଲ ହେବା ସୌଭାଗ୍ୟର ବିଷୟ। ରବିବାରଠାରୁ ଆଖପାଖ ମନ୍ଦିର ଓ ତୀର୍ଥସ୍ଥଳୀକୁ ପବିତ୍ର ରଖିବା ପାଇଁ ସମସ୍ତେ ଶ୍ରମଦାନ କରିବା। ସେହିପରି ଆସନ୍ତା ୨୨ ତାରିଖ ରାମମନ୍ଦିର ପ୍ରାଣ ପ୍ରତିଷ୍ଠା ଦିନ ଦୀପ ଜାଳି ଦିନଟିକୁ ଦୀପାବଳି ଉତ୍ସବ ଭାବରେ ପାଳନ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଲୋକମାନଙ୍କୁ ନିବେଦନ କରିଛନ୍ତି।


ଜିନ୍ଦଲନଗରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ସଫେଇ କାର୍ଯ୍ୟ କରୁଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ। ପରିବହନ ବ୍ୟବସାୟରେ ଶିଥିଳତା ଦେଖାଦେବାରୁ ମନ ଭଲ ରହି ନ ପାରେ। ପରିବାର ସକାଶେ ବିଭିନ୍ନ ପ୍ରକାରର ଚିନ୍ତା ମନକୁ ଆନ୍ଦୋଳିତ କରିବ। ପ୍ରକାଶନ, ପ୍ରଶାସନ, ଆଇନ ଅଦାଲତ, ବନ୍ଧୁ ସମ୍ପର୍କ, ଯାତ୍ରା ଓ ଆନୁଷ୍ଠାନିକ କାମରେ ଦକ୍ଷତା ବୃଦ୍ଧି ପାଇବ।

**ବୃଷ**
ସକାଳୁ ସକାଳୁ ଦୀର୍ଘଦିନରୁ ଆଶା କରିଥିବା କାମଟି ଆଜି ହୋଇଯିବ। ଯାତ୍ରା କାଳରେ ଅପରିଚିତ ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ। ହାତକୁ ନେଇଥିବା ଅସଂପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରି ଖୁସି ହୋଇପାରନ୍ତି।

**ମିଥୁନ**
କର୍ମକ୍ଷେତ୍ରରେ ବିବାଦୀୟ ବିଷୟ ନେଇ ଅନ୍ୟମନସ୍କ ରହିପାରନ୍ତି। କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିପାରନ୍ତି। କିନ୍ତୁ ଦୀର୍ଘଦିନର ଆଶା ଫଳବତୀ ହେବାରେ କୌଣସି ଅସୁବିଧା ରହିବ ନାହିଁ। ବନ୍ଧୁଙ୍କ ସମ୍ମୁଖରେ ନିଜ ମନର ଭାବକୁ ପ୍ରକାଶ କରିବାରେ ପଛେଇଯିବେ।

**କର୍କଟ**
ଅନ୍ୟାୟ ବିରୋଧରେ ସ୍ୱର ଉଠାଇଲେ ମଧ୍ୟ ନିଜର ଲୋକଙ୍କ ତରଫରୁ ସହଯୋଗ ପାଇବେନି। ବ୍ୟବସାୟରୁ ଲାଭବାନ ହେବେ ଓ କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ହେବ। ପ୍ରତିବନ୍ଧକ କାରଣରୁ ନିର୍ମାଣାଧୀନ କାମ କିଛିଦିନ ସକାଶେ ଅଟକି ରହି ଯାଇପାରେ। ଆଲୋଚନା, ଚୁକ୍ତିପତ୍ର କ୍ଷେତ୍ରରେ ସୁଫଳ ପାଇବେ।

**ସିଂହ**
ନିଜର ଅବହେଳା ଓ ଅଳସୁଆମି ଯୋଗୁ କେତେକ କାମ ଅଧୁରା ରହିଯାଇପାରେ। କର୍ମକ୍ଷେତ୍ରରେ ଅଟକି ରହିଥିବା କାମଗୁଡ଼ିକ ଶୀଘ୍ର ଶେଷ କରିବାକୁ ମନସ୍ଥ କରିବେ। ବୃଦ୍ଧ ପିତାଙ୍କ ବାଣିଜ୍ୟ, ବ୍ୟବସାୟରେ ବିଶେଷ ଉନ୍ନତି କରିବେ। କୌଣସି ଗୃହ, ଜମିଜମା ସମ୍ପର୍କୀୟ କଥା ସମ୍ପର୍କରେ ଯୋଗାଯୋଗ କଲେ ଅବଶ୍ୟ ଉପକୃତ ହେବେ।

**କନ୍ୟା**
ଆଜି ଅଟକି ରହିଥିବା କାମଗୁଡ଼ିକୁ ଶୀଘ୍ର ଶେଷ କରିଦେବା ପାଇଁ ଚେଷ୍ଟା କରିବେ। ବିଭିନ୍ନ ପ୍ରକାର କାମରେ ଅନୁପ୍ରବେଶ କରି ମନକୁ ଭାରାକ୍ରାନ୍ତ କରି ପାରନ୍ତି। କର୍ମ କ୍ଷେତ୍ରରେ ଏକ ସାଧାରଣ ଘଟଣାରେ ଉଚ୍ଚବାଚ ଓ ବିତର୍କ ଘଟିପାରେ। ଖର୍ଚ୍ଚଭାର ଯୋଗୁ ଚିନ୍ତା ପ୍ରକଟ କରିବେ, କିନ୍ତୁ କୌଣସି ଉପାୟ ପାଇବେ ନାହିଁ।

**ତୁଳା**
ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାଜନିତ ଟେନ୍‌ସନ ଲାଗିରହିବ। ଆଶା କରୁଥିବା ଦିଗରୁ ଅର୍ଥ ପାଇବେ ଓ ଉଚ୍ଚସ୍ତରରୁ ସମ୍ମାନିତ ହେବେ। ଆବଶ୍ୟକତା ପୂରଣ କରିବା ସକାଶେ ପର ପାଖରେ ମୁଣ୍ଡ ନୁଆଁଇବାକୁ ବାଧ ହୋଇପାରନ୍ତି। ନିକଟ ସମ୍ପର୍କୀୟଙ୍କ କାମରେ ଅସନ୍ତୁଷ୍ଟ ରହିବେ।

**ବିଛା**
ଆଜିର କାମରେ ଟେନ୍‌ସନ ଲାଗି ରହିବା କାରଣରୁ ମାନସିକ ସ୍ଥିତି ଠିକ୍ ରହିବ ନାହିଁ। କାରବାର ବୃଦ୍ଧି ହେତୁ ଆର୍ଥିକ ସ୍ୱଚ୍ଛଳତା ଫେରି ଆସିବା କାରଣରୁ ସାମୟିକ ଆତ୍ମତୃପ୍ତି ଲାଭ କରିବେ। ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି। ଶିଳ୍ପ, ବ୍ୟବସାୟ ଓ ପରିବହନ ସକାଶେ କୌଣସି ଅସୁବିଧା ହେବ ନାହିଁ।

**ଧନୁ**
ସଭା ସମିତିରେ ଏପରି କିଛି ପ୍ରସ୍ତାବ ମାନ ଦେବେ ଯାହାକି ବନ୍ଧୁଙ୍କ ମନକୁ ବେଶ୍ ପାଇବ। ପ୍ରକାଶନ, ଏଜେନ୍‌ସିପ୍, ଗଣମାଧ୍ୟମ, ବେତାର, ଆଇନ ଅଦାଲତ କ୍ଷେତ୍ରରେ ଶୁଭଫଳ ପାଇପାରନ୍ତି। ମାତୁଳାଳୟ ବ୍ୟକ୍ତିବିଶେଷ ଚିନ୍ତାର କାରଣ ହୋଇପାରନ୍ତି। ପ୍ରତିଯୋଗିତାରେ ସଫଳତା ପାଇ ପ୍ରଶଂସିତ ହୋଇପାରନ୍ତି।

**ମକର**
ଲୋକସମ୍ପର୍କ ବୃଦ୍ଧି ସକାଶେ ନୂତନ ଉପାୟ ଖୋଜି ବାହାର କରିବାରେ ସମର୍ଥ ହେବେ। ଆନୁଷ୍ଠାନିକ କାମ, ମାଙ୍ଗଳିକ କାର୍ଯ୍ୟ ଓ ଲେଖାପଢ଼ାରୁ ଶୁଭଫଳ ପାଇବେ। ଛୋଟ ଘଟଣାକୁ ବଡ଼ ଆକାରରେ ଚିନ୍ତା କରି ବୃଥାରେ ସମୟ ଅପଚୟ କରିପାରନ୍ତି। ନିଜର କଥା ରକ୍ଷା କରିବାକୁ ଯାଇ ବନ୍ଧୁମାନଙ୍କ ଅପ୍ରିୟ ଭାଜନ ହେବାକୁ ପଡ଼ିପାରେ।

**କୁମ୍ଭ**
ଆଜି ପାରିବାରିକ ଅଶାନ୍ତି ଲାଗି ରହିବା କାରଣରୁ ପାରିବାରିକ ମାନସିକ ସ୍ଥିତି ସେତେଟା ଭଲ ରହିବ ନାହିଁ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିପାରନ୍ତି। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ମୀନ**
ଆଜି ପରିବାର କଥାନେଇ ଅଧିକାଂଶ ସମୟ ଆଲୋଚନା କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ପିତୃ ଅର୍ଜିତ ସମ୍ପତ୍ତିକୁ କେନ୍ଦ୍ରକରି ଭ୍ରାତୃବିବାଦ ସୃଷ୍ଟି ହେବାର ଆଶଙ୍କା ରହିଛି। ଆନୁଷ୍ଠାନିକ କାମରେ ଆତ୍ମୀୟତା ଭିତ୍ତିରେ କାମ କରି ପ୍ରଶଂସିତ ହେବେ।

ଆଜି ଜାନୁଆରୀ ୧୪ ତାରିଖ, ପୌଷ ଶୁକ୍ଳ ତୃତୀୟାଯୁକ୍ତ ଚତୁର୍ଥୀ ରବିବାର, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ନବାଙ୍କ ବେଶ ଓ ଫୁଲ ମେଲାଣ, କବି ବିଚ୍ଛନ୍ଦ ଚରଣ ପଟ୍ଟନାୟକଙ୍କ ତିରୋଧାନ ଦିବସ, ରାଶିନକ୍ଷତ୍ର-ଦିବା ଘ.୧୦।୨୨ ଗତେ, ଶତଭିଷା/କୁମ୍ଭ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ଦିବା ଘ.୦୭।୨୭ ଗତେ ଘ.୧୦।୦୬ ମଧ୍ୟେ, ଘ.୦୧।୧୭ ଗତେ ଘ.୦୧।୪୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୦୧ ମି. ଗତେ ଘ.୦୫।୨୩ ମି. ମଧ୍ୟେ ରାହୁକାଳ।

# ଏଆଇ ଦେବ ପାଣିପାଗ ସୂଚନା

**ନୂଆଦିଲ୍ଲୀ,୧୩।୧(ପି.ଟି.)**
ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପ୍ରତିଷ୍ଠାର ୧୫୦ତମ ବାର୍ଷିକୀ ପାଳନ କରିବାକୁ ଯାଉଥିବାବେଳେ ପାଗ ସମ୍ପର୍କିତ ସମ୍ପୂର୍ଣ୍ଣ ଠିକ୍ ପୂର୍ବାନୁମାନ ମଡେଲ ପାଇଁ ଏବେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏବଂ ଦ୍ରୁତ ସୁପର କମ୍ପ୍ୟୁଟରର ଉପଯୋଗ ନେଇ ଯୋଜନା କରୁଛି। ଆଇଏମ୍‌ଡିର ମହାନିର୍ଦ୍ଦେଶକ (ଡିଜି) ମୃତ୍ୟୁଞ୍ଜୟ ମହାପାତ୍ର ଏକ ସାକ୍ଷାତ୍‌କାରରେ ଏହା କହିଛନ୍ତି। କାଳବୈଶାଖୀ ସୃଷ୍ଟି ଏବଂ ପ୍ରବଳ ମୌସୁମୀ ବର୍ଷା ପଛର ବାସ୍ତବ ପ୍ରକ୍ରିୟାକୁ ଭଲଭାବେ ବୁଝିବା ପାଇଁ ପାଣିପାଗ କାର୍ଯ୍ୟାଳୟ ଓଡ଼ିଶା ଏବଂ ମଧ୍ୟପ୍ରଦେଶରେ ପରୀକ୍ଷା କ୍ଷେତ୍ର ସ୍ଥାପନ କରିଛି। ପାଣିପାଗ ପୂର୍ବାନୁମାନରେ ଉନ୍ନତି ଆଣିବାରେ ଏହା ସହାୟକ ହୋଇପାରିବ ବୋଲି ମୃତ୍ୟୁଞ୍ଜୟ କହିଛନ୍ତି।

ଆଇଏମ୍‌ଡି ସୋମବାର 'ପଞ୍ଚାୟତ ପାଣିପାଗ ସେବା'


ମୃତ୍ୟୁଞ୍ଜୟ ମହାପାତ୍ର

ଶୁଭାରମ୍ଭ କରିବା ସହ ଏହାର ପ୍ରତିଷ୍ଠାର ୧୫୦ତମ ବାର୍ଷିକୀ ପାଳନ ଆରମ୍ଭ କରିବ। ପ୍ରତି ଗାଁର ଚାଷୀଙ୍କ ପାଖରେ ପାଣିପାଗ ପୂର୍ବାନୁମାନ ପହଞ୍ଚାଇବା ସହ ପ୍ରତ୍ୟେକ କ୍ଷେତ୍ରରେ ମୁଖ୍ୟ ଜଳବାୟୁ ସୂଚନା ସମ୍ପର୍କିତ ଜାତୀୟ ଜଳବାୟୁ ସେବା ଫ୍ରେମ୍‌ୱର୍କ ସ୍ଥାପନ ଏହାର ଲକ୍ଷ୍ୟ।

ଉନ୍ନବିଂଶ ଶତାବ୍ଦୀ ଶେଷ ଭାଗରେ କୋଲକାତା ବନ୍ଦରରେ ବାତ୍ୟା ସତର୍କତା ଜାରି ହେଉଥିଲା। ଏବେ ପ୍ରତ୍ୟେକ ୟୁଜରଙ୍କ ମୋବାଇଲ ଫୋନ୍‌ରେ ସତର୍କ ସୂଚନା ପହଞ୍ଚୁଛି। ଭାରତୀୟ ପାଣିପାଗ ବିଭାଗ ଇତିମଧ୍ୟରେ ବହୁ ପଥ ଅତିକ୍ରମ କରିଛି। ପୂର୍ବାନୁମାନ ସାମର୍ଥ୍ୟ ବଢ଼ାଇବା ପାଇଁ ଏଆଇ ଏବଂ ମେଶିନ୍ ଲର୍ନିଂ (ଏମ୍‌ଏଲ୍)ର ସଦ୍ୟତମ ଅଗ୍ରଗତିକୁ ବ୍ୟବହାର କରିବା ପାଇଁ ଯୋଜନା ହେଉଛି।




ପାଣିପାଗ ବିଭାଗ ଏଆଇ-ଏମ୍‌ଏଲ୍ ଉପରେ ଏକ ବିଶେଷଜ୍ଞ ଗ୍ରୁପ୍ ଗଠନ କରିଥିବାବେଳେ ପୂର୍ବାନୁମାନ ସଠିକତାରେ ଉନ୍ନତି ଆଣିବାରେ ବ୍ୟବହୃତ ହେବା ଭଳି ଉପକରଣର ମିଳିତ ବିକାଶ ପାଇଁ ଏନ୍‌ଆଇଟି, ଆଇଆଇଟି, ଆଇଆଇଆଇଟି, ଶିକ୍ଷାବିତ୍ ଏବଂ ଗବେଷଣା ଓ ବିକାଶ ସଂସ୍ଥାର ସହଯୋଗ ନିଆଯାଇଥିବା ମୃତ୍ୟୁଞ୍ଜୟ କହିଛନ୍ତି। ନାଓକାଷ୍ଟ ଏକ ଭଲ କ୍ଷେତ୍ର ହୋଇପାରିବ, ଯେଉଁଠି ପାଣିପାଗ ପୂର୍ବାନୁମାନ ଓ ନିଷ୍ପତ୍ତି ନେବାରେ ଉନ୍ନତି ଆଣିବାରେ ଏଆଇ/ଏମ୍‌ଏଲ୍‌ର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିପାରିବ ବୋଲି ଆଇଏମ୍‌ଡି ଏମ୍‌ଡି କହିଛନ୍ତି। ଏହା ବ୍ୟତୀତ ପାଣିପାଗ କାର୍ଯ୍ୟାଳୟ ସାଂଖ୍ୟିକ ମଡେଲିଂ ସାମର୍ଥ୍ୟରେ ଉନ୍ନତି ଲାଗି ଉଚ୍ଚ ପ୍ରଦର୍ଶନକାରୀ କମ୍ପ୍ୟୁଟିଂ ସିଷ୍ଟମ୍‌ର ଉନ୍ନତି କରିଛି। ଭୂବିଜ୍ଞାନ ମନ୍ତ୍ରଣାଳୟ ହାଇପର୍ଫମାନ୍ସ କମ୍ପ୍ୟୁଟିଂ ସିଷ୍ଟମ୍ କିଣିବା ପ୍ରକ୍ରିୟାରେ ରହିଛି। ଫଳରେ ପାଣିପାଗ କାର୍ଯ୍ୟାଳୟର ସାମର୍ଥ୍ୟ ୧୦ ପେଟାଫ୍ଲପ୍‌ରୁ ୩୦ ପେଟାଫ୍ଲପ୍‌କୁ ବୃଦ୍ଧି ପାଇବ। ଏହାଦ୍ୱାରା ସାଂଖ୍ୟିକ ମଡେଲ୍ କାର୍ଯ୍ୟସମୟ, ପ୍ରକ୍ରିୟା ପରବର୍ତ୍ତୀ ଡେଟା ସୃଷ୍ଟିରେ ଉନ୍ନତି ଘଟିବ। ଦ୍ରୁତ ସୁପର କମ୍ପ୍ୟୁଟର ନିର୍ଦ୍ଦିଷ୍ଟ ସେକ୍ଟର ଏବଂ ସ୍ଥାନ ସମ୍ପର୍କରେ ସୂଚନା ସୃଷ୍ଟି କରିପାରିବ। ବର୍ତ୍ତମାନ ଆଇଏମ୍‌ଡିର ପାଣିପାଗ ମଡେଲିଂ ସିଷ୍ଟମର ରିଜୋଲ୍ୟୁଶନ ୧୨ କିଲୋମିଟର ରହିଥିବାବେଳେ ଏହାକୁ ୬ କିଲୋମିଟରରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ଆଞ୍ଚଳିକ ମଡେଲିଂ ସିଷ୍ଟମକୁ ୩ କିଲୋମିଟରରୁ ୧ କିଲୋମିଟରକୁ ଉନ୍ନୀତ କରାଯିବ ବୋଲି ମୃତ୍ୟୁଞ୍ଜୟ କହିଛନ୍ତି।

# ନୀଳଗିରିରୁ ଗଡ଼ିଲା ମେମୁ ଟ୍ରେନ୍

**ବାଲେଶ୍ୱର(ମାନସ ବିଶ୍ୱାଳ)/ ନୀଳଗିରି(ପ୍ରଶାନ୍ତ ବିଶ୍ୱାଳ)/ ରେମୁଣା(ରବୀନ୍ଦ୍ର ମହାକୁଡ଼),୧୩।୧**
ବାଲେଶ୍ୱର ଜିଲ୍ଲା ନୀଳଗିରିସ୍ଥିତ ଗୋପୀନାଥପୁରରେ ନବ ନିର୍ମିତ ରେଳ ଷ୍ଟେଶନ ଶନିବାର ଲୋକାର୍ପିତ ହେବା ସହ ନୀଳଗିରିରୁ ବାଲେଶ୍ୱରକୁ ମେମୁ ଟ୍ରେନ୍ ଚଳାଚଳ କରିଛି। ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହାର ଶୁଭାରମ୍ଭ କରିଛନ୍ତି। ନୀଳଗିରିରୁ ବାଲେଶ୍ୱର ୧୭ କି.ମି.ରାସ୍ତାକୁ ମାତ୍ର ୧୦ଟଙ୍କା ଭଡ଼ା ରଖାଯାଇଥିବାରୁ ଅଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି।

ଆୟୋଜିତ ସଭାରେ ରେଳ ମନ୍ତ୍ରୀ ବୈଷ୍ଣବ ଯୋଗଦେଇ କହିଛନ୍ତି, ନୀଳଗିରିରୁ ବେତନଟୀକୁ ରେଳ ଲାଇନ୍ ସଂଯୋଗ କରାଯିବ। ଏନେଇ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିସହିତ ବିଧାୟକ ସୁକାନ୍ତ ନାୟକଙ୍କ ଅନୁରୋଧ କ୍ରମେ ଖନ୍ତାପଡ଼ାଠାରେ ଫ୍ଲାଇଓଭର ବ୍ରିଜ୍ ନିର୍ମାଣ ପାଇଁ ରେଳମନ୍ତ୍ରୀ ସବୁଜ ସଂକେତ ଦେଇଛନ୍ତି। ସଭାରେ ଉପସ୍ଥିତ ଥିବା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ନୀଳଗିରି ବିଧାୟକ ଇଂ. ସୁକାନ୍ତ ନାୟକ ମେମୁ ଟ୍ରେନ୍ ଚଳାଚଳ ଆରମ୍ଭ ହୋଇଥିବାରୁ ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।


କାର୍ଯ୍ୟକ୍ରମରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଅନ୍ୟମାନେ।


ଧରିତ୍ରୀ DHARITRI Oriya daily

## ଆବଶ୍ୟକ କରୁଛି

## ଜିଲା ପ୍ରତିନିଧି

ପୁରୀ ଜିଲା ପାଇଁ ଖବରଦାତା ବା ପ୍ରତିନିଧି ଆବଶ୍ୟକ। ପ୍ରାର୍ଥୀଙ୍କ ଖବରଦାତା ଭାବେ ସର୍ବନିମ୍ନ ୫ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ। ସାମ୍ବାଦିକତା ଶିକ୍ଷା ଲାଭ କରିଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ।

ବିଜ୍ଞାପନ ପ୍ରକାଶ ପାଇବାର ୭ ଦିନ ମଧ୍ୟରେ ପ୍ରାର୍ଥୀମାନେ ନିମ୍ନଲିଖିତ ଇ-ମେଲ୍‌ରେ ଆବେଦନ କରିପାରିବେ।

ଇ-ମେଲ: recruitment@dharitri.com









## ଅନୁସୂଚିତ ଜାତି ବର୍ଗର ପ୍ରାର୍ଥୀ ଓ ପ୍ରାର୍ଥୀନୀଙ୍କ ପାଇଁ ବ୍ୟାପକ ତାଲିମ ଓ ନିଯୁକ୍ତିର ବ୍ୟବସ୍ଥା (Skill Development Training for SC Unemployed Youths)

ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ତରଫରୁ ଓଡ଼ିଶା ଅନୁସୂଚିତ ଜାତିଓ ଜନଜାତି ଉନ୍ନୟନ ଅର୍ଥ ସମବାୟ ନିଗମ (OSFDC), ଭୁବନେଶ୍ୱର, ଯୋଗ୍ୟ ଓ ଇଚ୍ଛୁକ ଅନୁସୁଚିତ ଜାତି ବର୍ଗର ଯୁବକ ଓ ଯୁବତୀ ମାନଙ୍କୁ ବିଭିନ୍ନ ପ୍ରମୁଖ ସରକାରୀ ଓ ବେସରକାରୀ ଅନୁଷ୍ଠାନମାନଙ୍କ ଦ୍ୱାରା ତାଲିମ୍ ଦିଆଯାଇ ନିଯୁକ୍ତି ଯୋଗାଇ ଦେବା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି ।

**ଆବଶ୍ୟକ ଯୋଗ୍ୟତା:**
(କ) ଆବେଦନକାରୀ ଅନୁସୁଚିତ ଜାତି ବର୍ଗର ହୋଇଥିବେ ଏବଂ ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ।
(ଖ) ଆବେଦନକାରୀଙ୍କ ବୟସ ୧୮ରୁ ୩୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ।
(ଗ) ଆବେଦନକାରୀଙ୍କ ବାର୍ଷିକ ପାରିବାରିକ ଆୟ ୨ ଲକ୍ଷ ୫୦ହଜାର ଟଙ୍କାରୁ ଅଧିକ ହୋଇନ ଥିବ ।
(ଘ) ଆବେଦନକାରୀଙ୍କର ସାଧାରଣ ଶିକ୍ଷାଗତ ଯୋଗ୍ୟତା ୫ମ ଶ୍ରେଣୀ କିମ୍ବା ତଦୁର୍ଦ୍ଧ ହୋଇଥିବା ଆବଶ୍ୟକ।

**ପାଠ୍ୟକ୍ରମ ଦେୟ:**
ଏହି ତାଲିମ୍ ନେବା ପାଇଁ ଆଗ୍ରହୀ ପ୍ରାର୍ଥୀ ବା ପ୍ରାର୍ଥୀନୀଙ୍କୁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ । ପ୍ରାର୍ଥୀ ବା ପ୍ରାର୍ଥୀନୀଙ୍କୁ ମାଗଣାରେ ରହିବା ଖାଇବା, ୟୁନିଫର୍ମ ଓ ତାଲିମ୍ ଉପକରଣ ଆଦି ଯୋଗାଇ ଦିଆଯିବ । ପ୍ରାର୍ଥୀ ବା ପ୍ରାର୍ଥନୀଙ୍କୁ ପ୍ରଥମେ ନିଜ ଜିଲ୍ଲାରେ ତାଲିମ୍ ଦେବାର ବ୍ୟବସ୍ଥା କରାଯିବ, ଏହି ସୁବିଧା ଉପଲବ୍ଧ ନ ଥିଲେ ସେମାନଙ୍କୁ ନିକଟତମ ଜିଲ୍ଲାରେ ତାଲିମ୍ ଦିଆଯିବାର ବ୍ୟବସ୍ଥା କରାଯିବ।

**ତାଲିମ୍ ପାଠ୍ୟକ୍ରମ:**
CNC Turning,
Food & Beverage Service Associate,
General Duty Assistant,
Industrial Electrician,
Machine Operator - Plastic Processing,
Multi Skill Technician (Electrical),
Self Employed Tailor,
Sewing Machine Operator
Condensed Course in tool & DIE making
CNC Milling

**କିପରି ଆବେଦନ କରିବେ:**
ଇଚ୍ଛୁକ ପ୍ରାର୍ଥୀ ବା ପ୍ରାର୍ଥୀନୀ ଆମ ୱେବସାଇଟ **www.stscprayas.com** ଜରିଆରେ ଅନଲାଇନ୍ ଆବେଦନ କରିପାରିବେ କିମ୍ବା ଉକ୍ତ ଫର୍ମକୁ ଡାଉନଲୋଡ କରି ନିକଟସ୍ଥ DWO କାର୍ଯାଳୟ କିମ୍ବା The Odisha Scheduled Caste & Scheduled Tribe Development Finance Co-operative Corporation Limited (OSFDC), Lewis Road, Bhubaneswar – 751014 କାର୍ଯାଳୟରେ ଦାଖଲ କରିପାରିବେ।

ଅଧିକ ବିବରଣୀ ପାଇଁ ଆମକୁ ଯୋଗାଯୋଗ କରିବାପାଇଁ
0674-2432107 (OSFDC) /0674-2390780 (Directorate of SCs)ଙ୍କୁ ଯୋଗାଯୋଗ କରନ୍ତୁ।
*ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକ ଗ୍ରହଣ ଯୋଗ୍ୟ ହେବନାହିଁ। କୌଣସି କାରଣ ନ ଦର୍ଶାଇ,
ଯେ କୌଣସି ବା ସମସ୍ତ ଦରଖାସ୍ତ ନାକଚ କରିବାର ଅଧିକାର କର୍ତ୍ତୃପକ୍ଷଙ୍କର ଅଛି।

ଯୋଗାଯୋଗ
The Odisha Scheduled Caste & Scheduled Tribe Development Finance Co-operative Corporation Limited (OSFDC), Lewis Road, Bhubaneswar – 751014,
Email-osfdc.odisha@gmail.com




# ଅଯୋଧ୍ୟା ଓ ଆଡ୍‌ଭାନୀ



ଆକାର ପଟେଲ

ଅଯୋଧ୍ୟାରେ ମନ୍ଦିର ଉଦ୍‌ଘାଟନ ହେବାକୁ ଯାଉଛି। ଏହା ଇତିହାସର ଏମିତି ଏକ ଅଧ୍ୟାୟକୁ ଲୁଚାଇ ରଖୁଛି, ଯାହାକୁ ଅନେକ ଯୁବକ ଜାଣିପାରିବେ ନାହିଁ। କିନ୍ତୁ ଆମେ ଯେଉଁମାନେ ରହିଛେ ତାହା ଜାଣିଛୁ ଓ ଅନୁଭବ କରୁଛୁ। ୪ ଦଶନ୍ଧି ଧରି ମାନ୍ଦା ରହିବା ପରେ ଭାଜପାକୁ ଶକ୍ତି ପ୍ରଦାନ କରିଥିବା ବ୍ୟକ୍ତିଙ୍କ ସହ ଏହି ଇତିହାସ ଜଡ଼ିତ। ବିରୋଧୀ ଜନତା ପାର୍ଟିରେ ମିଶିବା ପୂର୍ବରୁ ୫ ଥର ସାଧାରଣ ନିର୍ବାଚନରେ ବାଜପେୟୀଙ୍କ ନେତୃତ୍ୱାଧୀନ ଜନସଂଘ ଅନ୍ୟ ଦୁଇଟି ଦଳ ସହ ମିଳିତ ମଞ୍ଚରେ ପ୍ରତିଦ୍ୱନ୍ଦ୍ୱିତା କରି ୨୨ ଆସନ ଜିତିଥିଲା। ପୂର୍ବ ୪ଟି ସାଧାରଣ ନିର୍ବାଚନରେ ଏହା ୩, ୪, ୧୪ ଏବଂ ୩୫ଟି ଆସନ ଜିତିଥିଲା ଏବଂ କୌଣସିଟିରେ ଜାତୀୟ ସ୍ତରରେ ୯%ରୁ ଅଧିକ ଭୋଟ ପାଇପାରି ନ ଥିଲା। ଏହାର ଇତିହାସରେ ଦଳ ନିଜେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଶେଷ ବିଧାନସଭା ନିର୍ବାଚନକୁ ବର୍ଣ୍ଣନା କରିଛି। ଉଲ୍ଲେଖ କରିଛି ଯେ, ୧୯୭୨ ବିଧାନସଭା ନିର୍ବାଚନରେ (ଭାରତର ବିଭିନ୍ନ ରାଜ୍ୟ ପାଇଁ) ଜନସଂଘ ଭାଗ ନେଇଥିଲା। ୧୨୩୩ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରି ମୋଟ ୮% ଭୋଟ ପାଇ ମାତ୍ର ୧୦୪ଟି ଆସନରେ ଏହା ବିଜୟୀ ହୋଇଥିଲା। ପ୍ରାୟ ସମସ୍ତ ରାଜ୍ୟରେ ଏହା ବିପୁଳ କ୍ଷତି ସହିଥିଲା...., ବୋଲି ଦର୍ଶାଉଛି। ପାର୍ଟି ଏକ ସ୍ତରରେ ପହଞ୍ଚିବା ପରେ ୧୯୮୪ ସାଧାରଣ ନିର୍ବାଚନରେ ଲଢ଼ି ୭% ଭୋଟ ପାଇ ୨ଟି ଲୋକ ସଭା ଆସନ ଜିତିଥିଲା। ୧୯୮୬ରେ ଆଡ୍‌ଭାନୀ ଦଳର ଦାୟିତ୍ୱ ନେଇଥିଲେ।

ଅଯୋଧ୍ୟା ପ୍ରସଙ୍ଗ ପ୍ରକୃତରେ ଆର୍‌ଏସ୍‌ଏସ୍‌ରେ ଥିବା ଅଣରାଜନୈତିକ ଗୋଷ୍ଠୀ ଦ୍ୱାରା ଆରମ୍ଭ କରାଯାଇଥିଲା ଓ ବିଶ୍ୱ ହିନ୍ଦୁ ପରିଷଦ(ଭିଏଚ୍‌ପି) ନେତୃତ୍ୱରେ ଆଗକୁ ବଢ଼ିଥିଲା। ୧୯୮୩ରେ ଯୁପିରେ ଅନୁଷ୍ଠିତ ଏକ ସଭାରେ ରାଜେନ୍ଦ୍ର ସିଂ(ପରେ ଆର୍‌ଏସ୍‌ଏସ୍ ମୁଖ୍ୟ ହୋଇଥିଲେ) ବାବ୍ରି ମସ୍‌ଜିଦକୁ ହିନ୍ଦୁଙ୍କ ପାଇଁ ଖୋଲିବାକୁ ଦାବି କରିଥିଲେ। ସେପ୍ଟେମ୍ବର ୧୯୮୪ରେ ଭିଏଚ୍‌ପି ମସ୍‌ଜିଦ ବିରୋଧରେ ଅଭିଯାନ ଆରମ୍ଭ କରିଥିଲା। ୧୯୮୬ରେ ସେମାନେ ତାଲା ଭାଙ୍ଗି ମସ୍‌ଜିଦ ଖୋଲିବେ ବୋଲି କହିଥିଲେ। ଏହାକୁ ନେଇ ସେତେବେଳେ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଚାପର ସମ୍ମୁଖୀନ ହୋଇଥିଲେ। ତାଙ୍କ ସରକାର କୋର୍ଟକୁ କହିଥିଲେ ଯେ, ଯଦି ଏହା ଖୋଲେ ତେବେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ ନାହିଁ। ଏହିପରି ଭାବେ ତାଲା ଖୋଲା ଯାଇ ହିନ୍ଦୁମାନଙ୍କୁ ମସ୍‌ଜିଦ ଭିତରକୁ ଯିବାକୁ ଦିଆଗଲା। ଭିଏଚ୍‌ପି ସେତିକିରେ ଅଟକି ଯାଇ ନ ଥିଲା। ଏହାର ଲକ୍ଷ୍ୟ ଥିଲା ମସ୍‌ଜିଦ ଭାଙ୍ଗିବା। ଫେବୃଆରୀ ୧୯୮୯ରେ ଆହ୍ଲାହାବାଦର କୁମ୍ଭମେଳାରେ ଭିଏଚ୍‌ପି କହିଥିଲା, ଏହା ନଭେମ୍ବରରେ ମନ୍ଦିର ପାଇଁ ଶୁଭ ଦେବ। ଭିଏଚ୍‌ପି ସମଗ୍ର ଦେଶରୁ ଇଟା ସଂଗ୍ରହକରି ନଭେମ୍ବରରେ ଶୋଭାଯାତ୍ରାରେ ଆଣି ଅଯୋଧ୍ୟାରେ ପହଞ୍ଚାଇବ ବୋଲି କହିଥିଲା। ଆଡ୍‌ଭାନୀ ତାଙ୍କ ଆତ୍ମଜୀବନୀ(୨୦୦୮ରେ ପ୍ରକାଶିତ ମୋ ଦେଶ, ମୋ ଜୀବନ)ରେ ଲେଖିଛନ୍ତି ଯେ, ବିଜୟରାଜ ସିନ୍ଧିଆ ଏବଂ ବିନୟ କଟିଆରଙ୍କ ପରି ଭାଜପାର କେତେଜଣ ସଦସ୍ୟ ଅଯୋଧ୍ୟା ଆନ୍ଦୋଳନରେ ଯୋଗଦେଇଥିଲେ। ତେବେ ମୁଖ୍ୟ ସ୍ରୋତ ରାଜନୀତିରେ ଏହା ଏକ ପ୍ରସଙ୍ଗ ନ ଥିଲା। କିନ୍ତୁ ଜୁନ୍‌ରେ ହିମାଚଳ ପ୍ରଦେଶରେ ଅନୁଷ୍ଠିତ ଭାଜପା ଜାତୀୟ କାର୍ଯ୍ୟକାରିଣୀ ବୈଠକରେ ଆଡ୍‌ଭାନୀ ଏହି ପ୍ରସଙ୍ଗକୁ ସମର୍ଥନ କରିଥିଲେ। ଭାଜପା ସଂକଳ୍ପ ପତ୍ରରେ ଦାବି କରାଯାଇଥିଲା ଯେ, ଏହି ସ୍ଥାନ ହିନ୍ଦୁମାନଙ୍କୁ ହସ୍ତାନ୍ତର କରାଯାଉ ଏବଂ ଅନ୍ୟ କୌଣସି ଉପଯୁକ୍ତ ସ୍ଥାନରେ ମସ୍‌ଜିଦ ନିର୍ମାଣ କରାଯାଉ। କିଛି ମାସ ପରେ ନଭେମ୍ବର ୧୯୮୯ରେ ନିର୍ବାଚନ ହେଲା। ଭାଜପାର ଇସ୍ତାହାରରେ ପ୍ରଥମେ ଅଯୋଧ୍ୟା ପ୍ରସଙ୍ଗ ଉଲ୍ଲେଖ କରାଯାଇଥିଲା। ଏହା ଭାଜପାର ନିଜସ୍ୱ ସମ୍ବିଧାନର ଉଲ୍ଲଂଘନ ଥିଲା, କାରଣ ପ୍ରଥମ ପୃଷ୍ଠାରେ ଏବଂ ପ୍ରାରମ୍ଭିକ ପ୍ରବନ୍ଧରେ ଏହା ଧର୍ମନିରପେକ୍ଷତା ନୀତି ପ୍ରତି ପ୍ରକୃତ ବିଶ୍ୱାସ ରଖିବ ଏବଂ ପାଳନ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ୧୯୮୯ ନିର୍ବାଚନର କିଛିଦିନ ପୂର୍ବରୁ ଭିଏଚ୍‌ପି ସମଗ୍ର ଭାରତରୁ ଅଯୋଧ୍ୟାକୁ ଶୋଭାଯାତ୍ରାରେ ଆସି ମସ୍‌ଜିଦ ପାଖରେ ମୂଳଦୁଆ ପକାଇଲା। ଫଳରେ ନିର୍ବାଚନରେ ଆଡ୍‌ଭାନୀଙ୍କ ନେତୃତ୍ୱାଧୀନ ଭାଜପା ୮୫ଟି ଆସନ ଜିତିଥିଲା, ଯାହା ପୂର୍ବ ନିର୍ବାଚନରେ ଜନସଂଘ ଏକାକୀ ଲଢ଼ି ଜିତିଥିବା ଆସନର ୪ଗୁଣ ଏବଂ ବାଜପେୟୀଙ୍କ ପ୍ରଥମ ପୁନର୍ଗଠିତ ତଥା ପୁନଃ ନାମିତ ଦଳଠାରୁ ୪୦ ଗୁଣରୁ ଅଧିକ ଥିଲା। ଫଳରେ ଆଡ୍‌ଭାନୀ ଆର୍‌ଏସ୍‌ଏସ୍‌ର ସବୁଠାରୁ ସଫଳ ରାଜନେତା ହୋଇପାରିଥିଲେ। ଏଣୁ ଦଳକୁ ଅଧିକ ଲାଭ ଦେଇଥିବା ପ୍ରସଙ୍ଗ ଉପରେ ସେ ଅଧିକ ସମୟ ଦେବାକୁ ଲାଗିଲେ। ଏହି ନିର୍ବାଚନରେ କଂଗ୍ରେସ ବହୁମତ ପାଇପାରି ନ ଥିଲା। ଆଡ୍‌ଭାନୀଙ୍କ ସମର୍ଥନରେ ଭି.ପି.ସିଂଙ୍କ ନେତୃତ୍ୱରେ ଏକ ମେଣ୍ଟ ସରକାର ଗଠନ ହେଲା, ଯଦିଓ ଏହା କମ୍ ସମୟ ପାଇଁ ତିଷ୍ଠି ରହିଥିଲା। ନିର୍ବାଚନର ୩ ମାସ ପରେ, ଫେବୃଆରୀ ୧୯୯୦ରେ ଭିଏଚ୍‌ପି ପୁନର୍ବାର ମସ୍‌ଜିଦ ବିରୋଧରେ ଆନ୍ଦୋଳନ ଆରମ୍ଭ କରି ଅକ୍ଟୋବରରେ ହେବାକୁ ଥିବା କରସେବା ପର୍ଯ୍ୟନ୍ତ ଏହା ଜାରି ରହିବ ବୋଲି କହିଥିଲା।

ଆଡ୍‌ଭାନୀ ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି ଯେ, ଜୁନ୍‌ରେ ଲଣ୍ଡନ ଯିବାର ଥିଲା ଏବଂ ଯିବା ପୂର୍ବରୁ ସେ ଆର୍‌ଏସ୍‌ଏସ୍ ପତ୍ରିକା ପାଞ୍ଚଜନ୍ୟର ସମ୍ପାଦକଙ୍କୁ ସାକ୍ଷାତ୍‌କାର ଦେଇଥିଲେ। ସରକାର ଅଯୋଧ୍ୟା ସମସ୍ୟାର ସମାଧାନ କରିବାରେ ବିଫଳ ହେଲେ କ'ଣ ହେବ ବୋଲି ପତ୍ରିକାର ସମ୍ପାଦକ ଆଡ୍‌ଭାନୀଙ୍କୁ ପ୍ରଶ୍ନ କରିଥିଲେ। ଆଡ୍‌ଭାନୀ କହିଥିଲେ, ୩୦ ଅକ୍ଟୋବରରେ କାରସେବା ଆରମ୍ଭ ହେବା ନିଷ୍ପତ୍ତିକୁ ଭାଜପା ସମର୍ଥନ କରେ। ଯଦି ତାହାକୁ ବନ୍ଦ କରାଯାଏ ତେବେ ଭାଜପା ନେତୃତ୍ୱରେ ଏକ ଗଣ ଆନ୍ଦୋଳନ ହେବ। ଯେତେବେଳେ ତାଙ୍କ ସ୍ତ୍ରୀ ତାଙ୍କୁ ଟେଲିଫୋନ କରି ପଚାରିଲେ, "ତୁମେ କ'ଣ କହିଛ ?"; "ସତ କହିବାକୁ ଗଲେ ମୁଁ ଏହି ସାକ୍ଷାତ୍‌କାର ବିଷୟରେ ଭୁଲି ଯାଇଥିଲି" ବୋଲି ସେ ଲେଖିଛନ୍ତି। 'ଅଯୋଧ୍ୟା ଉପରେ ଆଡ୍‌ଭାନୀ ସ୍ୱାଧୀନ ଭାରତ ଇତିହାସରେ ସବୁଠୁ ବଡ଼ ଜନ ଆନ୍ଦୋଳନ ପାଇଁ ଧମକ ଦେଇଛନ୍ତି' ଶୀର୍ଷକ ଖବର ଏଠାରେ ପ୍ରକାଶ ପାଇଥିବା ତାଙ୍କ ସ୍ତ୍ରୀ କହିଥିଲେ। ଆଡ୍‌ଭାନୀ ଲେଖିଛନ୍ତି, ଆନ୍ଦୋଳନ ଆରମ୍ଭ ହୋଇଯାଇଛି, ଏହା ବନ୍ଦ ହେବ ନାହିଁ କି ପରିବର୍ତ୍ତନ ହେବନାହିଁ। ବାସ୍ତବରେ ତାଙ୍କ ରଥଯାତ୍ରାରେ କ'ଣ ଘଟିଥିଲା ତାହା ଲିପିବଦ୍ଧ ହୋଇ ରହିଛି। ହିଂସାରେ ପ୍ରାୟ ୩,୪୦୦ ଭାରତୀୟଙ୍କର ମୃତ୍ୟୁ ଘଟିଥିଲା ଏବଂ ଧ୍ରୁବୀକରଣ ଭାଜପାକୁ କ୍ଷମତାର ଦ୍ୱାରଦେଶରେ ପହଞ୍ଚାଇ ଦେଇଥିଲା।

Email:aakar.patel@gmail.com



ପ୍ର.ରମେଶ ଚନ୍ଦ୍ର ପରିଡ଼ା

# ଯୁଦ୍ଧ ଓ ଭସ୍ମାସୁର ମଣିଷ

ଆଧୁନିକ ପରିଭାଷାରେ ଯୁଦ୍ଧ ରୂପେ ପରିଚିତ ହେଲା ଭଳି ପ୍ରଥମ ଘଟଣା ଭାବେ ଐତିହାସିକମାନେ ଗ୍ରହଣ କରିଥା'ନ୍ତି ଖ୍ରୀଷ୍ଟଜନ୍ମର ୪୩୧ ବର୍ଷ ପୂର୍ବେ ଘଟିଥିବା 'ପେଲୋପୋନେସିୟାନ୍ ଯୁଦ୍ଧ'କୁ। ଏଥିରେ ତଦାନୀନ୍ତନ ସ୍ପାର୍ଟା ସଭ୍ୟତାର ସୈନିକମାନେ ଏଥେନ୍ସକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିଲେ। ଏହା ପରଠାରୁ ଘଟିଥିବା ଯୁଦ୍ଧଗୁଡ଼ିକୁ ତା'ର ସମୟକାଳ ନେଇ ତିନୋଟି ଭାଗରେ ବିଭକ୍ତ କରାଯାଏ। ତନ୍ମଧ୍ୟରୁ ପ୍ରଥମଟି ଅର୍ଥାତ୍ 'ପ୍ରାଚୀନ ଯୁଗ'ର (୫୦୦ ମସିହା ପୂର୍ବରୁ) ୨୨ଟି ଗୁରୁତ୍ୱପୂର୍ଣ୍ଣ ଯୁଦ୍ଧରେ ପ୍ରାୟ ୨୬୭ ଲକ୍ଷ ଲୋକ ମୃତ୍ୟୁବରଣ କରିଥିଲେ। ସେହିପରି 'ମଧ୍ୟଯୁଗୀୟ' (୫୦୦ରୁ ୧୫୦୦ ମସିହା ମଧ୍ୟରେ)ରେ ଘଟିଥିବା ବଡ଼ ବଡ଼ ୨୫ଟି ଯୁଦ୍ଧ ପ୍ରାୟ ୧୨୦୮ ଲକ୍ଷ ଜୀବନ ନେବାକୁ ସମର୍ଥ ହୋଇଥିଲା ବେଳେ 'ଆଧୁନିକ ଯୁଗ' (୧୫୦୦ ମସିହାରୁ ବର୍ତ୍ତମାନ)ରେ ଅଦ୍ୟାବଧି ପଞ୍ଜୀକୃତ ପ୍ରାୟ ୧୬୫ଟି ଯୁଦ୍ଧରେ ମୃତ୍ୟୁସଂଖ୍ୟା ରହିଛି ୭୦୦୦ ଲକ୍ଷରୁ ଅଧିକ। ଏହାବ୍ୟତୀତ ଛୋଟ ଛୋଟ ପ୍ରାୟ ୨୦୦ ଯୁଦ୍ଧରେ ଏହା ୨୫୦୦ ଲକ୍ଷକୁ ଟପିଯାଇଛି। ପୁନଶ୍ଚ ଏସବୁରେ ପରୋକ୍ଷ ମୃତ୍ୟୁ କଥା ବିଚାରକୁ ନିଆଯାଇନାହିଁ। ଅତଏବ କାଳକ୍ରମେ ଏହାର ଧ୍ୱଂସକାରୀ ସାମର୍ଥ୍ୟ ବଢ଼ି ବଢ଼ି ଚାଲିଛି। ଏହା ମଧ୍ୟରେ ରହିଛି ଆମର ଅଙ୍ଗେନିଭା ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ (ମୃତ୍ୟୁସଂଖ୍ୟା ଯଥାକ୍ରମେ ପ୍ରାୟ ୧୭୦ ଏବଂ ୮୦୦ ଲକ୍ଷରୁ ଅଧିକ), ଭିଏତ୍‌ନାମ ଯୁଦ୍ଧ (ପ୍ରାୟ ୪୩ ଲକ୍ଷ), ଇରାନ୍-ଇରାକ୍ ଯୁଦ୍ଧ (ପ୍ରାୟ ୧୫ ଲକ୍ଷ) ଏବଂ ଆଫଗାନ୍ ଯୁଦ୍ଧ (୨୫ ଲକ୍ଷରୁ ଅଧିକ)। ପୁନଶ୍ଚ ଏବେ ଚାଲିଛି ରୁଷିଆ-ୟୁକ୍ରେନ୍ ମଧ୍ୟରେ ଏବଂ ଇସ୍ରାଏଲ୍-ହମାସ୍ ମଧ୍ୟରେ ଯୁଦ୍ଧ। ଅଦ୍ୟାବଧି ଏଥିରେ ଯଥାକ୍ରମେ ୩୦/୩୫ ହଜାର ଏବଂ ପ୍ରାୟ ୨୫ ହଜାର ଲୋକଙ୍କର ମୃତ୍ୟୁ ଘଟିବାର ଅନୁମାନ କରାଯାଏ।

ଯୁଦ୍ଧରେ ବିଜୟ ଯାହାର ହେଉନା କାହିଁକି ସେ ଉଭୟ ପକ୍ଷର ଅର୍ଥନୀତି ଉପରେ ପଡ଼ିଥାଏ ଏହାର ଗମ୍ଭୀର ପ୍ରଭାବ; ଯାହାକି ଆକଳନ ଅସମ୍ଭବ। ତେବେ ତାଙ୍କର 'ସମ୍ପୂର୍ଣ୍ଣ ଘରୋଇ ଉତ୍ପାଦ' (ଗ୍ରସ୍ ଡୋମେଷ୍ଟିକ୍ ପ୍ରଡ୍ୟୁସ୍) ବା 'ଜିଡିପି' ହାନି ବିଚାରକୁ ନେଲେ ଏ ସମ୍ପର୍କରେ କିଛିଟା ଅନୁମାନ କରାଯାଇପାରେ। ପୁନଶ୍ଚ ପୃଥିବୀର ଅନ୍ୟାନ୍ୟ ଦେଶର ଅର୍ଥନୀତି ଉପରେ ମଧ୍ୟ ଏହାର ନକାରାତ୍ମକ ପ୍ରଭାବ ପଡ଼େ। କେବଳ ୨୦୧୯ ପାଇଁ 'ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇକୋନୋମିକ୍ ଏଣ୍ଡ ପିସ୍' ଦ୍ୱାରା ଯୁଦ୍ଧ ପ୍ରଭାବିତ 'ସମ୍ପୂର୍ଣ୍ଣ ଘରୋଇ ଉତ୍ପାଦ' ସମ୍ପର୍କରେ ପ୍ରଦତ୍ତ ଏକ ସୂଚନାର ଏଥିରେ ଅବତାରଣା କରାଗଲା। ତଦନୁଯାୟୀ ସେବର୍ଷ ଏହା ଯୋଗୁ ବିଶ୍ୱର ତାହା ୮.୫ ଶତାଂଶ ପ୍ରଭାବିତ ହୋଇଥିଲା। ତେବେ ସର୍ବାଧିକ କେତେକ ଦେଶ ପାଇଁ ଏହାଥିଲା ୬୦ ଶତାଂଶ ପାଖାପାଖି, ଯାହାକି ପ୍ରଥମ ୧୦ଟି ଦେଶ ପାଇଁ ହାରାହାରି ୪୧ ଶତାଂଶ। ଏହି ଦେଶଗୁଡ଼ିକ ମଧ୍ୟରେ ରହିଛି ସିରିଆ (୫୯.୧%), ଆଫଗାନିସ୍ତାନ (୫୦.୩%) ଏବଂ ଦକ୍ଷିଣ ସୁଦାନ (୪୬.୩%)। ଅସ୍ତ୍ରଶସ୍ତ୍ର କ୍ରୟ ସମେତ



ସମସ୍ତ ସାମରିକ ବ୍ୟୟ, ସ୍ଥାନାନ୍ତର, ହତ୍ୟା, ଅକାଳ ମୃତ୍ୟୁ, ଅକର୍ମଣ୍ୟ ହେବା, ହିଂସାକାଣ୍ଡ ବୃଦ୍ଧି ଇତ୍ୟାଦି ଏଥିପାଇଁ ଦାୟୀ। ଅନ୍ୟପକ୍ଷରେ, ସର୍ବାଧିକ ଶାନ୍ତିପୂର୍ଣ୍ଣ ଦେଶ ରୂପେ ପରିଗଣିତ ୧୦ଟି ଦେଶରେ ଏହା ହାରାହାରି ମାତ୍ର ୩.୯ ଶତାଂଶ। ଏ ତାଲିକାରେ ରହିଛି ଆଇସ୍‌ଲ୍ୟାଣ୍ଡ (୨.୮%), ଡେନ୍‌ମାର୍କ (୩.୪%), ଜାପାନ (୩.୪%) ଏବଂ ସ୍ୱିଜରଲାଣ୍ଡ (୩.୫%)। ସୂଚନାଯୋଗ୍ୟ, 'ଦି ଇକୋନୋମିକ୍ ଭ୍ୟାଲୁ ଅଫ୍ ପିସ୍-୨୦୨୧' ରିପୋର୍ଟ ଅନୁଯାୟୀ ୨୦୦୧ ନଭେମ୍ବର ୯ରେ ଆମେରିକା ଉପରେ ହୋଇଥିବା ଆତଙ୍କବାଦୀଙ୍କ ଆକ୍ରମଣ ପରଠାରୁ ଏବର୍ଷ (୨୦୨୧) ମଧ୍ୟରେ ସେ ଦେଶ ସାମରିକ କାର୍ଯ୍ୟକଳାପରେ ବ୍ୟୟ କରିଛି ୮ ଟ୍ରିଲିୟନ ଡଲାର। ଏହି ସମୟରେ ବିଶ୍ୱ ପାଇଁ ଏହାଥିଲା ୧୪.୪ ଟ୍ରିଲିୟନ୍ ଡଲାର ଏବଂ ଏଥିରେ ୪.୫ ନିୟୁତ ଲୋକ ପ୍ରତ୍ୟକ୍ଷ ଭାବେ ଏବଂ ୩.୬ ନିୟୁତ ଲୋକ ପରୋକ୍ଷଭାବେ ପ୍ରାଣ ହରାଇଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ଅନୁଷ୍ଠିତ ସମସ୍ତ ଯୁଦ୍ଧ ମଧ୍ୟରୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ହେଲା ସବୁଠାରୁ ବ୍ୟୟବହୁଳ। ଏଥିରେ ସମୁଦାୟ ପ୍ରାୟ ୪.୧ ଟ୍ରିଲିୟନ ଡଲାର ବ୍ୟୟ ହୋଇଥିବାର ଅନୁମାନ କରାଯାଏ।

ଚାଲନ୍ତୁ ଏବେ ବିଚାରକୁ ନେବା ପରିବେଶ ଓ ପରିସଂସ୍ଥା ଉପରେ ଯୁଦ୍ଧ ଏବଂ ଅନ୍ୟାନ୍ୟ ହିଂସାକାଣ୍ଡର ପ୍ରଭାବ। ଏହା ଘଟାଉଥିବା ଜୀବନହାନି ଏବଂ ଅର୍ଥନୈତିକ ଦୁର୍ଗତିଜନିତ କ୍ଷୟକ୍ଷତି ସମୟ କ୍ରମେ ପୂରଣ ହୋଇଯାଇଥାଏ। ତେବେ ଏହି ତୃତୀୟଟିର ବିପର୍ଯ୍ୟୟ ଥରେ ଗୋଟିଏ ସ୍ତରରୁ ନିମ୍ନଗାମୀ ହୋଇଗଲେ ତାହାର ପୁନରୁଦ୍ଧାର କଷ୍ଟକର କିମ୍ବା ସ୍ଥଳବିଶେଷରେ ଅସମ୍ଭବ ହୋଇଥାଏ। ଅନ୍ୟପକ୍ଷରେ, ଏହା ମଧ୍ୟ ସେ ଦୁଇଟି ପରିଣାମକୁ ଦୀର୍ଘସ୍ଥାୟୀ ଏବଂ ଗମ୍ଭୀର କରିଚାଲେ। ତେବେ ଏ ପ୍ରଭାବର ଠିକ୍ ମୂଲ୍ୟାୟନ ସମ୍ଭବ ନୁହେଁ।

ପୃଥିବୀର ଅନ୍ୟତମ ସର୍ବପୁରାତନ ତଥା ପ୍ରଭାବଶାଳୀ ଯୁଦ୍ଧ ରୂପେ ଗଣନା କରାଯାଏ ଖ୍ରୀଷ୍ଟପୂର୍ବ ୪୩୧ରେ ଘଟିଥିବା ସ୍ପାର୍ଟା ଓ ଏଥେନ୍ସ ଯୁଦ୍ଧ। ଏଥିରେ ସ୍ପାର୍ଟାର ସୈନ୍ୟମାନେ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିଲେ ଏଥେନ୍ସର କୃଷିକ୍ଷେତ୍ର ଏବଂ ଅରଣ୍ୟଗୁଡ଼ିକୁ। ସେହିପରି ଖ୍ରୀଷ୍ଟପୂର୍ବ ୧୪୬ରେ ରୋମାନ୍‌ମାନେ କାର୍ଥେଜ୍‌କୁ ଯୁଦ୍ଧରେ ଧ୍ୱସ୍ତବିଧ୍ୱସ୍ତ କରିଦେଲା ପରେ ସେଠାର କ୍ଷେତମାନଙ୍କରେ ଲୁଣପକାଇ ଚାଷ କରିଦେଇଥିଲେ, ଯେପରିକି ସେଥିରେ କୌଣସି ଫସଲ ଉଧେଇବ ନାହିଁ। ତେବେ କାଳକ୍ରମେ ଯୁଦ୍ଧର ଘାତକ ସାମର୍ଥ୍ୟ ବୃଦ୍ଧି ସହିତ ତାଳ ଦେଇ ବଢ଼ିଚାଲିଛି ତା'ର ପରିବେଶ ବିଧ୍ୱଂସକାରୀ ପ୍ରଭାବ।

ଅଷ୍ଟାଦଶ ଏବଂ ଊନବିଂଶ ଶତାବ୍ଦୀରେ ଉପନିବେଶବାଦୀମାନେ ଦକ୍ଷିଣ ଆମେରିକା ଓ ଏସିଆରେ ବ୍ୟାପକ ଅରଣ୍ୟ ବିଧ୍ୱଂସ ସହିତ ପରିବେଶ ତଥା ପରିସଂସ୍ଥାକୁ କ୍ଷତିଗ୍ରସ୍ତ କରିଦେଇଥିଲେ। ପର୍ତ୍ତୁଗିଜ୍‌ମାନଙ୍କ ଦ୍ୱାରା ମରିସସ୍ ଦ୍ୱୀପରେ ଡୋଡୋପକ୍ଷୀଙ୍କ ବଂଶନାଶ ଓ କାଲ୍‌ଭେରିଆ ଜଙ୍ଗଲର ବିଲୋପ ସାଧନ ଏହାର ଏକ କ୍ଷୁଦ୍ର ଉଦାହରଣ। ଭିଏତ୍‌ନାମ ଯୁଦ୍ଧରେ ଆମେରିକାର 'ଏଜେଣ୍ଟ ଅଂରେଜ୍' ମାଧ୍ୟମରେ ଅରଣ୍ୟଗୁଡ଼ିକ ଉପରେ ବିଷାକ୍ତ ବାଷ୍ପ ବର୍ଷଣ ଏବଂ ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଜର୍ମାନୀର 'ମଷ୍ଟାର୍ଡ ବାଷ୍ପ' ପ୍ରୟୋଗ ଉଭୟ ଜୀବଜଗତ ଏବଂ ଉଦ୍ଭିଦଜଗତ ଉପରେ କି ପ୍ରଳୟଙ୍କରୀ ପ୍ରଭାବ ପକାଇଥିଲା, ତାହା ସମସ୍ତଙ୍କୁ ସୁବିଦିତ। ଏହାର ପରିଣାମ ଏବେ ମଧ୍ୟ ଅନୁଭୂତ ହେଉଛି।

ଏଠାରେ ସୂଚନାଯୋଗ୍ୟ, ୨୦୦୧ଠାରୁ ଆଜି ମଧ୍ୟରେ (୨୦୨୩) କେବଳ ଆମେରିକାର ସାମରିକ କାର୍ଯ୍ୟକଳାପ ହେତୁ ନିର୍ଗମନ ଘଟିଛି ଅଙ୍ଗାରକାମ୍ଳ ବାଷ୍ପ ସମେତ ପ୍ରାୟ ୧.୨ ବିଲିୟନ ଟନ୍ ସବୁଜଗୃହ ବାଷ୍ପ। ସେହିପରି ଏହା ଭିଏତ୍‌ନାମ ଯୁଦ୍ଧ (୧୯୭୫) ଏବଂ ଉପମହାସାଗରୀୟ ଯୁଦ୍ଧ (୧୯୯୦)ରେ ଯଥାକ୍ରମେ ୧୦୯ ଏବଂ ୧୧୦ ସେହି ବାଷ୍ପର ନିର୍ଗମନ ଘଟାଇଛି। ଅନ୍ୟାନ୍ୟ ଦେଶ ଓ ସେମାନେ ଚଳାଇଥିବା ଯୁଦ୍ଧରେ ଏହାର ନିର୍ଦ୍ଦିଷ୍ଟ ଆକଳନ କରାଯାଇ ନ ଥିଲେ ହେଁ ଏଥିରୁ ତାହା ଅନୁମାନ କରିହେବ। ଏହି କାରଣରୁ ବଢ଼ି ବଢ଼ି ଚାଲିଛି ବିଶ୍ୱର ତାପମାତ୍ରା ଏବଂ ଉଜୁଡି ଚାଲିଛି ପରିବେଶ ଓ ପରିସଂସ୍ଥା। ଏବେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳତା'ର ନିରାପଦ ମାତ୍ରା ନିୟୁତ ଭାଗ ପ୍ରତି ୪୦୦କୁ ଅତିକ୍ରମ କରି ନିୟୁତ ଭାଗ ପ୍ରତି ୪୧୦-୪୨୦ରେ ପହଞ୍ଚିଯାଉଛି। ପରିଣାମ ସ୍ୱରୂପ ବିଶ୍ୱର ହାରାହାରି ତାପମାତ୍ରା ପ୍ରାକ୍-ଶିଳ୍ପ ବିପ୍ଳବ ସ୍ତରଠାରୁ ୧.୧୫ରୁ ୧.୨୫ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଏହା ୧.୫ ଡିଗ୍ରୀ ଅତିକ୍ରମ କରିଗଲେ ପରିଣାମ ଭୟାବହ ହେବ। ଯୁଦ୍ଧର ଏ କ୍ଷେତ୍ରକୁ ରହୁଛି ଗୁରୁତ୍ୱପୂର୍ଣ୍ଣ ଅବଦାନ। ଏ ସମସ୍ତ ଦୃଷ୍ଟିରୁ ବିଚାରକଲେ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ, ଯୁଦ୍ଧ ହେଉଛି ମଣିଷ ଜାତିର ସ୍ଥିତି ପ୍ରତି ଏକ ପ୍ରଚଣ୍ଡ ଆହ୍ୱାନ। ସେକଥା ବୁଝିବା ସତ୍ତ୍ୱେ ବି ମଣିଷ ସାଜୁଛି ତାହାର ଖଳନାୟକ।

-ଉଷା ନିବାସ, ୧୨୪/୨୪୪୫
ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ: ୯୯୩୭୩୦୧୪୬୦



ଡ. ଜୟଦେବ ସାହୁ

# ଆଦର୍ଶ ନେତୃତ୍ୱ

ଯେ କୌଣସି ସମାଜ ବା ରାଷ୍ଟ୍ରର ସର୍ବାଙ୍ଗୀନ ଉନ୍ନତି ତା'ର ଦୃଢ଼ ଓ ଲୋକ ତାନ୍ତ୍ରିକ ନେତୃତ୍ୱ ଉପରେ ନିର୍ଭର କରେ। ନେତା ଯଦି ଆଦର୍ଶ ଓ ପ୍ରଜାକୈନ୍ଦ୍ରିକ ହୁଅନ୍ତି ତେବେ ନାଗରିକମାନେ ସୁଖରେ ଜୀବନଯାପନ କରନ୍ତି। ଲୋକମାନେ ନେତାଙ୍କ ପାଇଁ ନୁହେଁ ବରଂ ନେତାମାନେ ଲୋକଙ୍କ ହିତ ପାଇଁ ଉଦ୍ଦିଷ୍ଟ। କ୍ଷମତା ନେତାମାନଙ୍କୁ ଅନ୍ଧ, ରୁକ୍ଷ ଓ ବର୍ବର କରିଦିଏ। ସେମାନେ ନିର୍ବାଚନ ସମୟରେ ପ୍ରଜାଙ୍କୁ ଅନେକ ସ୍ୱପ୍ନ ଦେଖାଇ ନିର୍ବାଚିତ ହୁଅନ୍ତି ଏବଂ ତା'ପରେ ସେମାନଙ୍କୁ ଭୁଲି ଆତ୍ମସର୍ବସ୍ୱ ହୋଇ ପ୍ରଜାର ସ୍ୱାର୍ଥକୁ ଭୁଲି ଯାଆନ୍ତି। ନିର୍ବାଚନ ନଦୀ ପାରି ହେବା ପାଇଁ ସେମାନେ 'ହାତୀ ନେ ଘୋଡ଼ା ନେ ମୋ ପେଁକାଳି ବଜାଇ ଦେ' ନ୍ୟାୟରେ ନାଗରିକଙ୍କଠୁ ଭୋଟ ଭିକ୍ଷା କରନ୍ତି। ତା'ପରେ କିନ୍ତୁ କିପରି ନିଜେ କୋଟି କୋଟି ଟଙ୍କାର ମାଲିକ ହେବେ ସେ ନେଇ ନିଶାରେ ମସ୍‌ଗୁଲ ହୋଇ ଭୋଟଦାତାଙ୍କୁ ଶୋଷଣ କରିବା ଆରମ୍ଭ କରନ୍ତି।

କିନ୍ତୁ ଅନେକ ନେତା ଏବେ ବି ପ୍ରଜାଙ୍କ ସେବା ପାଇଁ ନିଜକୁ ଉତ୍ସର୍ଗ କରିଛନ୍ତି ତାହା ଉପରୋକ୍ତ ଘଟଣାରୁ ସ୍ପଷ୍ଟ। ଏହା ସେବକ ନେତୃତ୍ୱର ଏକ ଉଦାହରଣ। ୧୯୭୦ରେ ରବର୍ଟ କେ ଗ୍ରୀନଲିଫ 'ଦି ସର୍‌ଭେଣ୍ଟ ଏଜ୍ ଲିଡର' ନାମକ ପ୍ରବନ୍ଧ ପ୍ରକାଶ କଲେ ଓ ଏଥିରେ ସେ ସେବକ ନେତୃତ୍ୱ ଉପରେ ବିଶଦ୍ ଆଲୋଚନା କଲେ। ଏପରି ନେତୃତ୍ୱ ଜନତାର ସେବାକୁ ପ୍ରାଥମିକତା ଦେଇଥାଏ। ସେବକ ନେତା ଜନତାର ପଛରେ ରହି ସେମାନଙ୍କୁ ସଶକ୍ତ କରି ସେମାନଙ୍କ ସର୍ବାଙ୍ଗୀନ ଉନ୍ନତିରେ ଖୁସି ହୁଅନ୍ତି। ଏହିଭଳି ନେତୃତ୍ୱର ଜଣେ ମହାନ୍ ଉଦାହରଣ ଦକ୍ଷିଣ ଆଫ୍ରିକାର ତ୍ରାଣକର୍ତ୍ତା ନେଲସନ ମାଣ୍ଡେଲା ତାଙ୍କ ଆତ୍ମଜୀବନୀ ପୁସ୍ତକ ଲଙ୍ଗ ୱାକ ଟୁ ଫ୍ରିଡମ୍‌ରେ ସେବକ ନେତାର ସଂଜ୍ଞା ପ୍ରଦାନ କରିଛନ୍ତି। ସେ କହନ୍ତି, ଜଣେ ନେତା ମେଣ୍ଢା ପାଳକ ଭଳି। ସେ ମେଣ୍ଢା ପଲର ପଛରେ ଥାଇ ମେଣ୍ଢାମାନଙ୍କୁ ରକ୍ଷା କରନ୍ତି ଓ ତାଙ୍କ ଭଲ ପାଇଁ କାର୍ଯ୍ୟ କରନ୍ତି। ଏପରି ନେତା ଜନତାଙ୍କ ଦୁଃଖ ଶୁଣନ୍ତି ଏବଂ ତାଙ୍କ ଦୁଃଖରେ ସମଦୁଃଖୀ ହୁଅନ୍ତି। ନେଲସନ ମାଣ୍ଡେଲା ତାଙ୍କ ବ୍ୟକ୍ତିଗତ ଉନ୍ନତି ପାଇଁ ଅନେକ କଷ୍ଟ ସ୍ୱୀକାର କରି ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ହୋଇ ନ ଥିଲେ ବରଂ କଳା ଲୋକମାନଙ୍କ ଦୁଃଖର ଅନ୍ତ ପାଇଁ କେବଳ ଥରକ ଲାଗି ସେ ରାଷ୍ଟ୍ରପତି ହୋଇ ସ୍ୱଇଚ୍ଛାରେ ଦ୍ୱିତୀୟ ଥର ପାଇଁ ରାଷ୍ଟ୍ରପତି ହୋଇ ନ ଥିଲେ। ଏହା ବିରଳ ତଥା ଆଦର୍ଶ ନେତୃତ୍ୱର ଉଦାହରଣ।

ଭାରତରେ ଜନତା ସେବାଧର୍ମୀ ନେତାର ଅଭାବ ନାହିଁ। ଆଦିମ କାଳରୁ ଭାରତ ବର୍ଷର ନୀତି ହେଉଛି ପରୋପକାର। ସଂସ୍କୃତ ଶ୍ଳୋକ କହେ ପରୋପକାରାୟ ସ୍ୱର୍ଗାୟ। ହିନ୍ଦୁ ମାନଙ୍କର ପବିତ୍ର ଧର୍ମଗ୍ରନ୍ଥ ରାମାୟଣ ଓ ମହାଭାରତ ରାଜା ଏବଂ ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କୁ ପରୋପକାରୀ ଓ ତ୍ୟାଗୀ ହେବା ପାଇଁ ପରାମର୍ଶ ଦେଇଆସିଛି। ରାଜାମାନଙ୍କୁ ଆଦର୍ଶ ହେବା ପାଇଁ ଭଗବାନ ନିଜେ



ତାଙ୍କ ଅବତାରମାନଙ୍କ ମାଧ୍ୟମରେ କହିଛନ୍ତି।

ଯଦ୍ୟଦାଚରତି ଶ୍ରେଷ୍ଠସ୍ତତ୍ତଦେବେତରୋ ଜନଃ।
ସ ଯତ୍‌ପ୍ରମାଣମ କୁରୁତେ ଲୋକସ୍ତଦନୁ ବର୍ତ୍ତତେ।

ନେତା ଯେମିତି ଆଚରଣ କରନ୍ତି ତାଙ୍କ ଅନୁଗାମୀମାନେ ସେଭଳି ଆଚରଣରେ ଅଭ୍ୟସ୍ତ ହୋଇଯାନ୍ତି। ତେଣୁ ନେତା ଆଦର୍ଶ ହେଲେ ଜନତା ଆଦର୍ଶ ନିଶ୍ଚିତ ହେବେ। ରାମାୟଣର ମୁଖ୍ୟ ଚରିତ୍ର ରାମଚନ୍ଦ୍ର ଜଣେ ପ୍ରଜା ହିତୈଷୀ ରାଜା ଥିଲେ। ସବୁ ପ୍ରଜାଙ୍କ ହିତ ପାଇଁ ହିଁ ସେ କାର୍ଯ୍ୟ କରୁଥିଲେ। ପ୍ରଜାମାନଙ୍କ ହିସାବରେ ହିଁ ରାଜକାର୍ଯ୍ୟ ପରିଚାଳିତ ହେଉଥିଲା। ଯେତେବେଳେ ଲକ୍ଷ୍ମଣଙ୍କୁ ଶକ୍ତିଭେଦ ହେଲା ଏବଂ ତାଙ୍କୁ ବଞ୍ଚାଇବାର ପ୍ରୟାସ ଚାଲିଲା, ଶ୍ରୀରାମଚନ୍ଦ୍ର କହିଲେ- ତାଙ୍କ ପାଇଁ ତାଙ୍କ ଭାଇ ଯେତିକି ମୂଲ୍ୟବାନ, ନିହତ ବାନରମାନେ ମଧ୍ୟ ସେତିକି ଦୁର୍ମୂଲ୍ୟ। ତେଣୁ ଲକ୍ଷ୍ମଣଙ୍କ ଜୀବନ ବଞ୍ଚାଇବା ପାଇଁ ଯଦି ଚେଷ୍ଟା କରାଯାଏ ତେବେ ବାନରମାନଙ୍କୁ ମଧ୍ୟ ବଞ୍ଚାଯାଉ। ସୀତାଙ୍କ ଉଦ୍ଧାର ପାଇଁ ସାଧାରଣ ଜନତାଙ୍କ ଜୀବନ ଯେମିତି ଅଯଥା ନ ଯାଏ ସେଥିପାଇଁ ସେ ଯତ୍ନଶୀଳ ଥିଲେ। ଦ୍ୱାରିକାଧୀଶ ଶ୍ରୀକୃଷ୍ଣ ସେବକ ନେତୃତ୍ୱର ଆଉ ଏକ ଉଦାହରଣ। ସେ ଓ ତାଙ୍କ ବଡଭାଇ ଅସହାୟ ଲୋକମାନଙ୍କ ରକ୍ଷା ପାଇଁ ସବୁବେଳେ ଚେଷ୍ଟିତ ଥିଲେ, ଦ୍ୱାରିକାର ରାଜା ହିସାବରେ ସେ କେବେ ବି ପ୍ରଜାମାନଙ୍କୁ ଶାସନ କରି ନ ଥିଲେ। ଜରାସନ୍ଧଙ୍କ ଆକ୍ରମଣରୁ ରକ୍ଷା କରିବା ପାଇଁ ସେ ନିଜ ପ୍ରଜାମାନଙ୍କୁ ମଥୁରାରୁ ଦ୍ୱାରିକାକୁ ସ୍ଥାନାନ୍ତର କରିଥିଲେ। ରାଜା କିଭଳି ବ୍ୟଭିଚାରୀ ହେବା କଥା ନୁହେଁ ଏବଂ ରାଜାର ବ୍ୟବହାର କିଭଳି ହେବା ଉଚିତ ସେ ଭଗବଦ୍ ଗୀତାରେ କହିଛନ୍ତି।

ଅର୍ଥଶାସ୍ତ୍ରରେ କୌଟିଲ୍ୟ ରାଜାଙ୍କ କର୍ତ୍ତବ୍ୟ ବର୍ଣ୍ଣନା କରି କହିଛନ୍ତି ଯେ, ପ୍ରଜାର ସୁଖରେ ରାଜାର ସୁଖ, ପ୍ରଜାର ଉନ୍ନତିରେ ରାଜାର ଉନ୍ନତି। ରାଜାଙ୍କୁ ଯାହା ଭଲ ଲାଗେ ତାହା ଠିକ୍ ବୋଲି ନ ଭାବି ପ୍ରଜାଙ୍କୁ ଯାହା ଭଲ ଲାଗେ ତାହା ହିଁ ଠିକ୍ ବୋଲି ରାଜା ବିଚାର କରିବେ। କବି ରବୀନ୍ଦ୍ରନାଥ ଟାଗୋର କହନ୍ତି, ମୁଁ ସୁପ୍ତ ଅବସ୍ଥାରେ ସ୍ୱପ୍ନ ଦେଖିଲି ଯେ ଜୀବନ ସୁଖମୟ, ମୁଁ ଜାଗ୍ରତ ହେଲି ଏବଂ ଦେଖିଲି ଯେ ଜୀବନ ହେଉଛି ସେବା। ମୁଁ ସେବା କଲି ଓ ଦେଖିଲି ଯେ ଜୀବନ ଆନନ୍ଦମୟ। ମହାତ୍ମା ଗାନ୍ଧୀ ଯିଏ କି ଜନତାଙ୍କ ସେବାରେ ବ୍ରତୀ ଥିଲେ, ସେ ଜଣେ ଆଦର୍ଶ ନେତାର ଉଦାହରଣ।

ଖ୍ରୀଷ୍ଟଧର୍ମର ସଂସ୍ଥାପକ ପ୍ରଭୁ ଯିଶୁଖ୍ରୀଷ୍ଟ ଆଦର୍ଶ ନେତୃତ୍ୱର ଆଉ ଜଣେ ଉଦାହରଣ। ସେ କହୁଥିଲେ, ଶାସକର ଧର୍ମ ସେବା କରିବା। କେତେ ଲୋକ ନେତାଙ୍କୁ ସେବା କରନ୍ତି ତାହା ପ୍ରଣିଧାନଯୋଗ୍ୟ ନୁହେଁ, ମାତ୍ର କେତେ ଲୋକଙ୍କ ସେବା ନେତା କରନ୍ତି ତାହା ହିଁ ପ୍ରଣିଧାନଯୋଗ୍ୟ। ସେ କେବଳ ଏହା କହୁ ନ ଥିଲେ, ନିଜେ ମଧ୍ୟ ସେବାକରି ଦେଖେଇ ଦେଉଥିଲେ। ସେ ନିଜେ ଅନୁଗାମୀମାନଙ୍କ ପାଦ ଅତି ଶ୍ରଦ୍ଧାରେ ଧୋଇ ଦେଉଥିଲେ, ଯାହା ସେମାନଙ୍କ ମନୋବଳକୁ ଦ୍ୱିଗୁଣିତ କରୁଥିଲା। ଏପରି ଉଦାହରଣୀୟ ନେତୃତ୍ୱ ପାଇଁ ମହାମନୀଷୀମାନେ ଭଗବାନ ଭାବରେ ପୂଜିତ।

ବର୍ତ୍ତମାନ ଯଦି ନେତାମାନେ ପ୍ରକୃତ ସେବା ମନୋବୃତ୍ତି ନେଇ ଜନଗଣଙ୍କ ସେବା କରନ୍ତି ଏବଂ ନିଜ ସ୍ୱାର୍ଥର ଆହୁତି ଦିଅନ୍ତି ତେବେ ଦେଶ ଓ ଦେଶବାସୀଙ୍କ ମଙ୍ଗଳ ହେବ। ଯେଉଁମାନଙ୍କ ପାଇଁ ସେମାନେ ପଦାସୀନ ସେମାନଙ୍କ ଦୁଃଖ ସୁଖରେ ଛିଡ଼ାହେଲେ ଆଦର୍ଶ ନେତା ହୋଇପାରିବେ ଏବଂ ଭୋଟ ପାଇଁ ବିଭିନ୍ନ ନାଟ କରିବାକୁ ପଡ଼ିବ ନାହିଁ।

ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ଭବାନୀପାଟଣା
ମୋ:୭୯୭୮୯୯୦୦୧୬

## ଏଇ ଭାରତରେ

ପିତାଙ୍କ ଶେଷ ଇଚ୍ଛା ପୂରଣ କରିବା ପାଇଁ ପ୍ରତିଦିନ ମାଗଣାରେ ଅସହାୟ ବରିଷ୍ଠ ନାଗରିକମାନଙ୍କୁ ଖାଦ୍ୟ ଯୋଗାଉଛନ୍ତି ଗୁଜରାଟର ରାକେଶ ପଞ୍ଚାଲ। ଗୁଜରାଟର ଭାସୋ ଅଞ୍ଚଳର ବିଭିନ୍ନ ଗାଁରେ ଥିବା ଏଭଳି ୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ନିକଟରେ ଟିଫିନରେ ଖାଦ୍ୟ ପହଞ୍ଚାଉଛନ୍ତି। ଏଥିପାଇଁ ସେ 'ଭିସାମୋ ଟିଫିନ ସେବା' ଆରମ୍ଭ କରିଛନ୍ତି ଓ ଏଯାବତ ୨.୫ ଲକ୍ଷ ମିଲ୍ ଯୋଗାଇ ସାରିଲେଣି। ଏହି କାର୍ଯ୍ୟରେ ୧୮ ଜଣ ଲୋକଙ୍କୁ ନିୟୋଜିତ କରିଛନ୍ତି। ରାକେଶ ବିଏସ୍‌ସି ଦ୍ୱିତୀୟ ବର୍ଷରୁ ପଢା ଛାଡ଼ି ଏକ ଘରୋଇ ନ୍ୟୁଜ ଚ୍ୟାନେଲରେ କାମ କରୁଥିଲେ। ପରେ ସେ ହାଇଦ୍ରାବାଦ, ଦିଲ୍ଲୀ, ଗୁଜରାଟ ଓ ମୁମ୍ବାଇରେ ବିଭିନ୍ନ ନ୍ୟୁଜ୍ ଚ୍ୟାନେଲରେ କାମ କରିଛନ୍ତି। ପରେ ସେ ଭାସୋ ଫେରି ତାଙ୍କ ପିତାଙ୍କ କନ୍‌ଷ୍ଟ୍ରକ୍‌ଶନ କାମ ବୁଝିଲେ। ସେହି ସମୟରେ ତାଙ୍କ ପିତା ଗରିବଙ୍କୁ ମାଗଣାରେ ଖାଦ୍ୟ ଦେଉଥିଲେ ଓ ଜୀବନ ସାରା ଏହା କରିବାକୁ ଇଚ୍ଛା ବି ରଖିଥିଲେ। ତାଙ୍କର ମୃତ୍ୟୁ ହେବା ପୂର୍ବରୁ ସେ ଏହାକୁ ଚାଲୁ ରଖିବା ଲାଗି ରାକେଶଙ୍କୁ କହିଥିଲେ। ପରେ ରାକେଶ ହସ୍ପିଟାଲ ଯାଇ ୧୫ ଜଣ ରୋଗୀଙ୍କୁ ଖାଦ୍ୟ ଦେଇଥିଲେ। ଏହିଠାରୁ ତାଙ୍କ ସେବା ଆରମ୍ଭ ହୋଇ ଏବେ ଭାସୋ ଅଞ୍ଚଳର ବିଭିନ୍ନ ଗାଁରେ ପହଞ୍ଚିପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

**୧୪ ଜାନୁଆରୀ ୧୯୭୫**

- ସରକାରୀ ବାହିନୀର ବିମାନ ଗୁଡିକ ଦ୍ୱାରା ମୁକ୍ତି ସଂଗଠନର ସାମରିକ ଘାଟିଗୁଡିକ ଉପରେ ଆକ୍ରମଣ କରାଯିବା ପରିପ୍ରେକ୍ଷୀରେ ଜାତୀୟ ମୁକ୍ତ ସଙ୍ଗଠନର ୪୪ଜଣ ସୈନ୍ୟ ହୋଆଇ ଜେକ୍ ନିକଟରେର ନିହତ।
- କେନ୍ଦ୍ର ପେଟ୍ରୋଲିୟମ ଓ ରାସାୟନିକ ବ୍ୟାବାର ମନ୍ତ୍ରୀ ଶ୍ରୀ କେ.ଡି. ମାଲବ୍ୟଙ୍କ ଅଧ୍ୟକ୍ଷତାରେ ଏକ ତୈଳଶିଳ୍ପ ଉନ୍ନୟନ ବୋର୍ଡ ଗଠନ।
- ସର୍ବଶ୍ରେଷ୍ଠ ବିବେଚିତ ହଙ୍ଗେରୀୟ ଚଳଚ୍ଚିତ୍ର 'ଡ୍ରିମିଂ ୟୁଥ୍' କୁ 'ସୁବର୍ଣ୍ଣ ମୟୂର' ପୁରସ୍କାର ପ୍ରଦାନ।

## ଚିରନ୍ତନୀ

ସ୍ୱଦେଶ ବିଦେଶ ସୀମାରେଖା ନାହିଁ ମାନେ
ଚାଲିଛି ଚମକି କି ଭୀଷଣ ଅଭିଯାନେ !
ସବୁ ଜାତି ରୂପ ସବୁ ନରନାରୀ ଏକ
ସବୁ ଭାଷାଭାଷୀ ଗାଉଛି କେବଳ
ମଣିଷ ଜାତିର ଟେକ।
(ଅଗଣିତ ଆଗୁଆନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | | | | | | 9 |
| | | 2 | | 1 | 6 | 3 | | |
| 4 | | 9 | 5 | | | | | 2 |
| | | | 6 | | 7 | 5 | | |
| 3 | | 8 | | | | 6 | 9 | |
| | | | | | 3 | | | |
| | 9 | | | | | | | |
| | 6 | | | 3 | | | 8 | |
| | | 4 | 2 | 6 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 1 | 3 | 8 | 2 | 5 | 6 | 4 | 7 |
| 6 | 2 | 7 | 1 | 4 | 3 | 9 | 8 | 5 |
| 4 | 8 | 5 | 9 | 6 | 7 | 3 | 1 | 2 |
| 7 | 4 | 6 | 5 | 9 | 1 | 8 | 2 | 3 |
| 5 | 3 | 2 | 4 | 8 | 6 | 7 | 9 | 1 |
| 1 | 9 | 8 | 7 | 3 | 2 | 5 | 6 | 4 |
| 2 | 5 | 9 | 6 | 7 | 4 | 1 | 3 | 8 |
| 8 | 7 | 4 | 3 | 1 | 9 | 2 | 5 | 6 |
| 3 | 6 | 1 | 2 | 5 | 8 | 4 | 7 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପୁଞ୍ଜିପତିଙ୍କୁ ଋଣ ଛାଡ଼ି କାହାକୁ ପୋଷୁଛନ୍ତି

ମହାଶୟ,

କେନ୍ଦ୍ର ସରକାର ଦେଶରେ ଥିବା ପୁଞ୍ଜିପତିମାନଙ୍କୁ ହଜାର ହଜାର କୋଟି ଟଙ୍କା ଋଣ ଦେଉଛନ୍ତି। ସୁଧ ଦେଇ ନ ପାରିଲେ ତାଙ୍କୁ ଋଣ ଛାଡ଼ କରିଦିଆଯାଉଛି ଓ ଆତ୍ମଗୋପନ ପାଇଁ ବିଦେଶକୁ ଛାଡ଼ି ଦିଆଯାଉଛି। ଅତୀତରେ ବିଜୟ ମାଲ୍ୟା ଓ ନୀରବ ମୋଦି ପ୍ରମୁଖ କୋଟିପତିଙ୍କୁ ଋଣ ଦେଇ ତାଙ୍କ ଋଣର ସୁଧ ଛାଡ଼ କରି ଅନ୍ୟ ଦେଶକୁ ଚାଲିଯିବାର କୌଶଳ କରିଛନ୍ତି। ଏଭଳି ଦଲାଲ କମ୍ପାନୀମାନଙ୍କୁ ଯେଉଁ ସୁଧ ଛାଡ଼ କରାଯାଉଛି ତାହା ଦେଶର ସ୍ୱାର୍ଥରେ ବାଧା ଆଣୁଛି। ନିଜ ସ୍ୱାର୍ଥ ପାଇଁ ସରକାର ଯେଉଁ ଉଦ୍ୟମ କରୁଛନ୍ତି ତା'ର ଫଳ ସ୍ୱରୂପ ୯ ବର୍ଷ ଭିତରେ ଏକଲକ୍ଷ ହଜାର କୋଟି ଋଣ କରି ଭାରତୀୟଙ୍କ ମୁଣ୍ଡ ଉପରେ ଲଦିଛନ୍ତି। ଖାଲି ମିଛ ଆସ୍ଫାଳନ କରି ମାଛ ତେଲରେ ମାଛ ଭାଜିବା ପରି ସୁଧ ଛାଡ଼ ଟଙ୍କାରେ ଭୋଟ କିଣି ଏକଚ୍ଛତ୍ରବାଦ ଶାସନ କରିବା ଏ ସରକାରଙ୍କର ଉଦ୍ଦେଶ୍ୟ।

**-ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଘୁମୁରା ପୂର୍ବରୁ ଶୁଭିଲା ପଥୋତ୍ସବର ବିଗୁଲ


ଉଦ୍‌ଘାଟନୀ ସମାରୋହରେ ରାଜ୍ୟ ସଭା ସଦସ୍ୟ, ଜିଲାପାଳ ଅନ୍ୟମାନେ।

- ରାଜରାସ୍ତା ପାଲଟିଲା ମହୋତ୍ସବର ମହାମଞ୍ଚ
- କଳା, କଳାକାର, ଜନତା ଏକାକାର

**ଭବାନୀପାଟଣା, ୧୩।୧ (ଉତ୍ତମ କୁମାର ଦାଶ)**

କଳାହାଣ୍ଡିର କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ବାର୍ତ୍ତାବହ ୨୬ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୪ ରବିବାରଠାରୁ ବୁଧବାର ୪ ଦିନ ଧରି ଭବାନୀପାଟଣା ସହରସ୍ଥିତ ଲାଲ ବାହାଦୂର ଶାସ୍ତ୍ରୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହା ପୂର୍ବରୁ ଶନିବାର ଭବାନୀପାଟଣା ସହରରେ ରାହାଗିରି (ପଥୋତ୍ସବ) ଆୟୋଜିତ ହୋଇଯାଇଛି। ପଥ ଉତ୍ସବକୁ ନେଇ ସହରରେ ବେଶ ଉତ୍ସାହ ଦେଖିବାକୁ ମିଳିଥିବାବେଳେ ଜେଲ ଛକରୁ ଜିଲା ପରିଷଦ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଲୋକାରଣ୍ୟ ପାଲଟିଥିଲା। ଉଦଘାଟନୀ ଉତ୍ସବରେ ରାଜ୍ୟସଭା ଏମପି ସୁଜିତ କୁମାର, କଳାହାଣ୍ଡି ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସଚିନ ପାୱାର, ଯୋଜନା ଉପ ନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ, ଭବାନୀପାଟଣା ପୌରାଧ୍ୟକ୍ଷା ସଂଯୁକ୍ତା ବେହେରା ଅତିଥି ଭାବେ ଯୋଗଦେଇ ଜନସାଧାରଣଙ୍କୁ ସମ୍ବୋଧନ କରିଥିଲେ। ରାହଗିରି ଉପକମିଟିର ସଭାପତି ଡ. ଅଜୟ ମିଶ୍ର ସ୍ୱାଗତ ଅଭିଭାଷଣ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଆବାହକ ସଞ୍ଜୟ କୁମାର ଧନ୍ୟବାଦ ଦେଇଥିଲେ। ରାହାଗିରି ଉପକମିଟିର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବାଲ ଗୋପାଳ ସେବା ନିକେତନର ଶିଳ୍ପୀମାନଙ୍କ ଦ୍ୱାରା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଆଧାରିତ ବାଲୁକା କଳା, ପତଞ୍ଜଳି ଯୋଗ ସମିତି ଓ ଶାସ୍ତ୍ରୀଜୀ ଶିକ୍ଷା ନିକେତନର ଛାତ୍ରୀଛାତ୍ର ଯୋଗ ପ୍ରଦର୍ଶନ କରିଥିଲେ। ବିଭିନ୍ନ କଳାକାରଙ୍କ ଦ୍ୱାରା ପ୍ରସ୍ତୁତ ରଙ୍ଗୋଲି, ୮ଶହରୁ ଅଧିକ ଛାତ୍ରୀଛାତ୍ରଙ୍କ ଚିତ୍ରକଳା ପ୍ରଦର୍ଶନ, ବିକାଶ ଶିକ୍ଷାନୁଷ୍ଠାନର ସଙ୍ଗୀତ ପରିବେଷଣ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଶିଶୁଙ୍କ ଓଡିଶୀ, ହାଇଟେକ ପବ୍ଲିକ ସ୍କୁଲର ସମର କଳା ଉଶୁ ଓ ସେଖ ମୁନୱାର ଓ ସହଯୋଗୀଙ୍କ ଟାଏକୋଣ୍ଡୁ, ବ୍ୟାଡମିଣ୍ଟନ ଆସୋସିଏଶନ ଦ୍ୱାରା ଆୟୋଜିତ ବ୍ୟାଡମିଣ୍ଟନ ଖେଳରେ ଜନସାଧାରଣ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ଅନୁଷ୍ଠାନର କଳାକାରଙ୍କ ନୃତ୍ୟ ପ୍ରଦର୍ଶନ, ଈଶ୍ୱର ରାଓଙ୍କ ଘୁଡକା ନୃତ୍ୟ ପ୍ରଭୃତି ଆକର୍ଷଣୀୟ ହୋଇଥିଲା। ଶତାଧିକ ବରିଷ୍ଠ ନାଗରିକଙ୍କ ସମେତ ଶିଶୁ ଓ ଯୁବକଯୁବତୀଙ୍କ ର୍‍ୟାମ୍ପ ସୋ, ଅନୁପ ଶତପଥୀଙ୍କ ଯାଦୁକଳା ପ୍ରଦର୍ଶନ, ବ୍ୟଙ୍ଗକବିମାନଙ୍କ ଦ୍ୱାରା କବିତା ପାଠୋତ୍ସବ ଦର୍ଶକଙ୍କୁ ବାନ୍ଧି ରଖିଥିଲା।

## ସଂକ୍ଷେପରେ

### ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ନୂଆପଡ଼ା ଛାତ୍ର ଜାତୀୟସ୍ତରକୁ ମନୋନୀତ

**ନୂଆପଡ଼ା, ୧୩।୧ (ମକାରୁ ବେମାଲ)**

ଜାନୁଆରୀ ୯ ରୁ ୧୩ ମଧ୍ୟରେ ବିଆଇଟିଏମ କୋଲକାତାଠାରେ ଅନୁଷ୍ଠିତ ଜୋନାଲସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖରିଆର୍‌ର ନିଶାଙ୍କ କୁମାର ବାଗଙ୍କ ପିକ୍ସେଲ ମେଥ ବିଜ୍ଞାନ ଶିକ୍ଷକ ଅଶୋକ କୁମାର ବେହେରାଙ୍କ ସହଯୋଗରେ ଉକ୍ତ ପ୍ରଶଂସିତ ହୋଇଛି ଓ ଜାତୀୟ ସ୍ତରକୁ ଚୟନ ହୋଇଛି। ସମଗ୍ର ଓଡ଼ିଶାରୁ ଚୟନ ହୋଇଥିବା ୫ଟି ପ୍ରକଳ୍ପ ମଧ୍ୟରୁ ନୂଆପଡ଼ା ଜିଲାର ଏହି ପ୍ରକଳ୍ପ ପ୍ରଥମ ଥର ପାଇଁ ଜିଲା ପାଇଁ ଗୌରବ ଆଣିଦେଇଛି। ଜିଲାପାଳ ହେମକାନ୍ତ ସାଏ, ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ଜିଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା,ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ସହଗୋଷ୍ଠୀ ଶିକ୍ଷା ଅଧିକାରୀ, ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ତଥା ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଖୁସି ବ୍ୟକ୍ତ ପ୍ରକାଶ କରି ଶୁଭେଚ୍ଛା ଜଣାଇଛନ୍ତି।

### ଥୁଆମୂଳ ରାମପୁରରୁ ଭବାନୀପାଟଣା ଅଭିମୁଖେ ମଶାଲ ଶୋଭାଯାତ୍ରା

**ଥୁଆମୂଳ ରାମପୁର, ୧୩।୧ (ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଶନିବାର କଳାହାଣ୍ଡି ଜିଲାର ଇଷ୍ଟ ଦେବୀ ମା' ମାଣିକେଶ୍ୱରୀଙ୍କ ପୀଠରୁ ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ପାଇଁ ଭବାନୀପାଟଣା ଅଭିମୁଖେ ଏକ ମଶାଲ ଶୋଭାଯାତ୍ରା ବାହାରିଛି। ମା' ମାଣିକେଶ୍ୱରୀଙ୍କ ପୀଠରେ ପୂଜାର୍ଚ୍ଚନା ଶେଷ ହେବା ପରେ ବାହାରିଥିଲା ମଶାଲ ଶୋଭାଯାତ୍ରା। ଜିଲା ସଂସ୍କୃତି ପରିଷଦ ଓ ନେହେରୁ ଯୁବ କେନ୍ଦ୍ର, ଥୁଆମୂଳ ରାମପୁର ପକ୍ଷରୁ ଆୟୋଜିତ ଏହି ମଶାଲ ଶୋଭାଯାତ୍ରାରେ ସ୍ଥାନୀୟ ସରପଞ୍ଚ ବିଜୟା ମାଝି, ପଞ୍ଚାୟତ ନିର୍ବାହୀ ଅଧିକାରୀ ଟଙ୍କଧର ସାହୁ, ମାଲିଗାଁ ଜିଆରଏସ ଦେବାଶିଷ ଦୁର୍ଗା, ନବଜୀବନ ଯୁବ ଅନୁଷ୍ଠାନ ସଦସ୍ୟ ବରୁଣ ବାଗ, ବାବୁଲ ଧଙ୍ଗଡା ମାଝି, ୱାର୍ଡ ମେମ୍ବର ଭୀମ ମାଝି, ବରିଷ୍ଠ ନାଗରିକ ଭାରତ ଦଣ୍ଡସେନା, ବରିଷ୍ଠ ନାଗରିକ ମାଣିକ୍ୟ ଚନ୍ଦ୍ର ନାଏକ, ନେହେରୁ ଯୁବ କେନ୍ଦ୍ର ସ୍ୱେଚ୍ଛାସେବୀ ଲମ୍ବୁଧର ନାଏକ, ହିତେଶ କୁମାର ନାଏକ, ବିରଞ୍ଚି ନାଏକ, ଚନ୍ଦ୍ର ହାସ୍ୟ ପାତ୍ର, ଦୁର୍ଗା କୀର୍ତି ପ୍ରମୁଖ ସାମିଲ ହୋଇଥିଲେ। ପରେ ସେଠାରୁ ମଶାଲକୁ ଭବାନୀପାଟଣା ଅଭିମୁଖେ ପଠାଇବାର ବ୍ୟବସ୍ଥା କରାଯାଇଛି। ଏହି ମଶାଲ ଶୋଭାଯାତ୍ରାକୁ ନେହେରୁ ଯୁବ କେନ୍ଦ୍ର ଥୁଆମୂଳ ରାମପୁର ବ୍ଲକ ରାଷ୍ଟ୍ରୀୟ ଯୁବ ସ୍ୱେଚ୍ଛାସେବୀ ଚନ୍ଦ୍ର ହାସ୍ୟ ପାତ୍ର, ବିରଞ୍ଚି ନାଏକ, ଲମ୍ବୁଧର ନାଏକ ପରିଚାଳନା କରିଥିଲେ ।

### ସହକର୍ମୀ ଶିକ୍ଷକଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ଏକ୍ସକ୍ୟାଡର ଶିକ୍ଷକ ସଂଘ

**କୋକସରା, ୧୩।୧ (ଦୁଷ୍ମନ୍ତ କୁମାର ପାଢୀଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଏକ୍ସକେଡର ଶିକ୍ଷକ ସଂଘର ଜଣେ ସଦସ୍ୟ କ୍ଷୀରୋଦ ପଣ୍ଡାଙ୍କ ଗତ ସୋମବାର ନିଜ ଗାଁ ମୂଷାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପିଲାଙ୍କୁ ପାଠ ପଢ଼ାଉଥିବା ସମୟରେ ଅସୁସ୍ଥତା ଅନୁଭବ କରି ତଳେ ପଡି ଯାଇଥିଲେ। ସହକର୍ମୀ ଶିକ୍ଷକମାନେ ତାଙ୍କୁ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ହୃଦଘାତରେ ତାଙ୍କର ମୃତ୍ୟୁ ହୋଇଥିଲା। ଶନିବାର ଦିବଙ୍ଗତ ଶିକ୍ଷକଙ୍କ ଅମର ଆତ୍ମାର ସଦଗତି ପାଇଁ କୋକସରା ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ୍ସ କେଡର ଶିକ୍ଷକ ବ୍ଲକ ସଂଘର ସଭାପତି ଗଗନ ବିହାରୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଏକ ଶୋକସଭା ହୋଇଥିଲା। ମୃତ ସହକର୍ମୀ ଶିକ୍ଷକଙ୍କ ଫଟୋଚିତ୍ରରେ ପୁଷ୍ପ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଶିକ୍ଷକ ଦେବୀ ସିଂ ମାଝି, ତ୍ରିନାଥ ବାଗ, ପରମେ ପଟ୍ଟନାୟକ, ହରିହର ନାଏକ, ହୃଷିକେଶ ରାଉତ, ବିରଞ୍ଚି ବାଗ, ବିଜୟ ରାଉତ, ମାରଗୁଣିଆ ନାଗ, ମୁକ୍ତେଶ୍ୱର ପୁଞ୍ଜି, ଜ୍ୟୋତିର୍ମୟ ବେହେରା, ପଦ୍ମନ ସାହୁ, ନେତ୍ରାନନ୍ଦ ଧରୁଆ, ତୁଳସୀ ପଟେଲ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଜାତୀୟ ଯୁବ ଉତ୍ସବରେ ଭାଗନେଲେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ୫ ଜଣିଆ ଦଳ



ଭାଗ ନେଇଥିବା ୫ ଜଣିଆ ଦଳ।

**ଭବାନୀପାଟଣା, ୧୩।୧ (ଉତ୍ତମ କୁମାର ଦାଶ)**

ମହାରାଷ୍ଟ୍ର ନାସିକଠାରେ ୧୨ ତାରିଖଠାରୁ ଆରମ୍ଭ ହୋଇଛି ଜାତୀୟ ଯୁବ ଉତ୍ସବ। ଏଥିରେ ସମଗ୍ର ଦେଶରୁ ୭ହଜାର ୫ ଶହ ଜଣ ଯୁବତୀ ଯୁବକ ଭାଗ ନେଇଛନ୍ତି। ଏହି ଉତ୍ସବକୁ ଓଡ଼ିଶା ଏନ୍ ଏସ୍‌ଏସ ଆଞ୍ଚଳିକ ନିର୍ଦ୍ଦେଶାଳୟ ଭୁବନେଶ୍ୱର ଦ୍ୱାରା ରାଷ୍ଟ୍ରୀୟ ଯୁବବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟରୁ ଅନୁମୋଦିତ ୩୦ ଜଣ ଯୁବ ପ୍ରତିଭା ଭାଗ ନେବାର ସ୍ଥିର ହୋଇଛି। ଏଥିରେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଅନୁବନ୍ଧିତ ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶଙ୍କ ନେତୃତ୍ୱରେ ବିଶ୍ୱବିଦ୍ୟାଳୟର ଝାନସୀ ମିଶ୍ର, ଲକ୍ଷ୍ମୀପ୍ରୀୟା ଆଚାର୍ଯ୍ୟ, ଦୀପକ ରଞ୍ଜନ ବେହେରା ଓ ପ୍ରତ୍ୟୁଷ ବାଣୁଆ ଗସ୍ତ କରିଛନ୍ତି। ସଫଳତା ପାଇଁ କୁଳପତି ପ୍ରଫେସର ସଞ୍ଜୟ ଶତପଥି, କୁଳସଚିବ ପୀତାମ୍ବର ଭୋଇ, ଉପକୂଳ ସଚିବ ଡ. ଜୟଦେବ ସାହୁ, ଏନ୍‌ଏସ୍‌ଏସ୍ ବ୍ୟୁରୋ ସଂଯୋଜକ ଡ. ଚିତ୍ତରଞ୍ଜନ ଖୁଣ୍ଟିଆ, ସିପିଜିସି ଅଧ୍ୟକ୍ଷା ନିବେଦିତା ନାଥ, ପରୀକ୍ଷା ସ୍ୱତନ୍ତ୍ର ନିୟନ୍ତ୍ରକ ଡ. କୈଳାସ ଦାଶ, ଛବିଲାଲ ସାହୁ ଓ ଅନେକ ସହକର୍ମୀ ଶୁଭେଚ୍ଛା ଜଣାଇଛନ୍ତି ।

### ପାନୋରମା ଅନ୍ତର୍ଜାତୀୟ ସାହିତ୍ୟ ମହୋତ୍ସବ: ଭାରତର ଅଧ୍ୟକ୍ଷ ଭାବେ ମନୋନୀତ ହେଲେ ଭବାନୀ ନିଆଲ

**ଭବାନୀପାଟଣା, ୧୩।୧ (ଉତ୍ତମ କୁମାର ଦାଶ)**

ପାନୋରମା ଅନ୍ତର୍ଜାତୀୟ ସାହିତ୍ୟ ମହୋତ୍ସବ -୨୦୨୪ ଆୟୋଜକ କମିଟି ଭାରତର ଅଧ୍ୟକ୍ଷ ଭାବରେ କଳାହାଣ୍ଡି ଜିଲା ଭବାନୀପାଟଣାର ଡ.ଭବାନୀ ଶଙ୍କର ନିଆଲଙ୍କୁ ମନୋନୀତ କରାଯାଇଛି। ବିଶିଷ୍ଟ କବି, ସମ୍ପାଦକ ଓ ଚିନ୍ତକ ଡ.ନିଆଲ ତାଙ୍କର ଅଭିଜ୍ଞତା ଓ ସାହିତ୍ୟିକ ପାରଦର୍ଶିତାକୁ ମହୋତ୍ସବ କମିଟି ସମ୍ମାନ ଜଣାଇଛନ୍ତି। ଡ. ନିଆଲ ଜଣେ ଖ୍ୟାତିସମ୍ପନ୍ନ ଓଡିଆ କବି ଭାବରେ ପ୍ରସିଦ୍ଧ। ସେ ଓଡିଆରେ ତିନୋଟି, ହିନ୍ଦୀରେ ଦୁଇଟି ଏବଂ ଇଂରାଜୀରେ ଦୁଇଟି କବିତା ସଂକଳନ ରଚନା କରିଛନ୍ତି। ରାଇଟର୍ସ କ୍ୟାପିଟାଲ ଇଣ୍ଟରନ୍ୟାସନାଲ ଫାଉଣ୍ଡେସନର କାର୍ଯ୍ୟନିର୍ବାହୀ ସଦସ୍ୟ ଭାବରେ ଡ.ଭବାନୀ ଶଙ୍କର ସାହିତ୍ୟିକ ସଂଯୋଗ ବୃଦ୍ଧି, ସାଂସ୍କୃତିକ ଆଦାନପ୍ରଦାନକୁ ପ୍ରୋତ୍ସାହିତ କରିବା ଏବଂ ସାହିତ୍ୟର ବିବିଧତାକୁ ବିଶ୍ୱସ୍ତରରେ ପାଳନ କରିବା ପାଇଁ ସଙ୍ଗଠନର କାର୍ଯ୍ୟରେ ସହଯୋଗ କରିଆସିଛନ୍ତି। ଭାରତ ପାଇଁ ଆୟୋଜକ କମିଟିର ଅଧ୍ୟକ୍ଷ ଭାବରେ ଡ.ନିଆଲଙ୍କ ଭୂମିକା ପାନୋରମା ଅନ୍ତର୍ଜାତୀୟ ସାହିତ୍ୟ ମହୋତ୍ସବ ୨୦୨୪ରେ ମହତ୍ୱପୂର୍ଣ୍ଣ। ଏହି ଅବସରରେ ଡ଼.ନିଆଲ ପ୍ରଫେସର ପ୍ରୀତ ପଦ୍ମନାଭନ ନାମ୍ବିଆର, ସଭାପତି ଏବଂ ମହାସଚିବ ପ୍ରଫେସର ଇରେନ ଡୋରା କାଭାଡିଆଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଅର୍ପଣ କରିଛନ୍ତି।

### ପରିକ୍ରମା କଳା ଅର୍ପଣ ରଥ

**ନୂଆପଡ଼ା/ସିନାପାଲି, ୧୩।୧ (ମକାରୁ ବେମାଲ/ମନଫୁଲ ମେହେର):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ପାଇଁ ନୂଆପଡ଼ା ଜିଲା କୋମନା ବ୍ଲକର ବିଭିନ୍ନ ପଞ୍ଚାୟତରେ ପରିକ୍ରମା କରିଛି ଅର୍ପଣ ରଥ। କୋମନା ବ୍ଲକର ମୁଣ୍ଡାପଲା ଓ ଠିକପାଲି ପଞ୍ଚାୟତରେ ଜୟ ଜଗନ୍ନାଥ ଅର୍ପଣ ରଥକୁ ଶନିବାର ସ୍ୱାଗତ କରାଯାଇଛି। ମୁଣ୍ଡାପଲା ପଞ୍ଚାୟତର ଶୁଆବାହାଲ,ଚନାମୁଣ୍ଡା, ବଙ୍ଗାମୁଣ୍ଡା, ବଣ୍ଡକି ମହୁଲ ଓ ମୁଣ୍ଡାପଲା ଗାଁ ରେ ଅର୍ପଣ ରଥ ପରିକ୍ରମା କରିଥିଲା। ସିନାପାଲି ବ୍ଲକ ଖର୍ସେଲ ପଞ୍ଚାୟତରେ ଅର୍ପଣ ରଥକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରିବା ସହ ସମସ୍ତ ଗ୍ରାମରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରାଯାଇଛି। ସ୍ଥାନୀୟ ସରପଞ୍ଚ ବିରେନ୍ଦ୍ର ଖମାରିଙ୍କ ନେତୃତ୍ୱରେ ଖର୍ସେଲ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କ୍ରମରେ ଖର୍ସେଲ ପଞ୍ଚାୟତରେ ଜୟ ଜଗନ୍ନାଥ ଅର୍ପଣ ରଥକୁ ସ୍ୱାଗତ କରାଯାଇଛି।

# କଳାହାଣ୍ଡି ଉତ୍ସବ ପାଇଁ ମଶାଲ ଶୋଭାଯାତ୍ରା


ଭୈରବ ପୀଠରୁ ମଶାଲ ଶୋଭାଯାତ୍ରା ଭବାନୀପାଟଣା ଅଭିମୁଖେ ଯାଉଛି।



କୋକସରାରୁ ମଶାଲ ଶୋଭାଯାତ୍ରା ଆରମ୍ଭ ହେଉଛି।

**ଲାଞ୍ଜିଗଡ/ କୋକସରା, ୧୩।୧ (ରମେଶ ଚନ୍ଦ୍ର ନାୟକ/ ଦୁଷ୍ମନ୍ତ କୁମାର ପାଢୀଯୋଷୀ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ସ୍ଥିତ ଐତିହାସିକ ଭୈରବ ପୀଠରୁ ୨୬ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୪ ପାଇଁ ଏକ ମଶାଲ ଶୋଭାଯାତ୍ରା ଶନିବାର ଆରମ୍ଭ ହୋଇଛି। ଜାନୁଆରୀ ୧୪ ରୁ ୧୭ ତାରିଖ ପର୍ଯ୍ୟନ୍ତ କଳାହାଣ୍ଡି ଜିଲା ମୁଖ୍ୟାଳୟ ଭବାନୀପାଟଣାସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ ପରିସରରେ ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଆୟୋଜିତ ହେବ। ଏହି କ୍ରମରେ ଭୈରବ ପୀଠରେ ସକାଳ ୧୦ଟାରେ ପୂଜାର୍ଚ୍ଚନା କରାଯିବା ପରେ ଉକ୍ତ ମଶାଲ ଶୋଭାଯାତ୍ରା ଭବାନୀପାଟଣା ଅଭିମୁଖେ ବାହାରିଥିଲା। ଏହି ଶୋଭାଯାତ୍ରାରେ ଲାଞ୍ଜିଗଡ଼ ଅଞ୍ଚଳବାସୀଙ୍କ ସମେତ ରାଜନେତା ଓ ବୁଦ୍ଧିଜୀବୀ ଉପସ୍ଥିତ ରହିଥିଲେ। ଜାତୀୟ ଯୁବ ସ୍ୱେଚ୍ଛାସେବୀ ନବୀନ ସାହୁ, ସୁଶୀଲ ପ୍ରଧାନ ଓ ବିଶ୍ୱନାଥପୁର ଗ୍ରାମର ଜିତେନ୍ଦ୍ର ନାଏକ ମଶାଲ ଧରି ଭବାନୀପାଟଣା ଅଭିମୁଖେ ବାହାରିଥିଲେ। ଏହି ଶୋଭାଯାତ୍ରା ବିଶ୍ୱନାଥପୁର ଠାରେ ପହଞ୍ଚିବା ପରେ ଲାଞ୍ଜିଗଡ଼ ଭାରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ କୁମାର ପ୍ରଧାନ, ସମାଜ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପଙ୍କଜ ବଳିୟାର ସିଂହ, ମା' ହୀରାନୀଳା ପ୍ରଗତି ଯୁବା କେନ୍ଦ୍ର ସଭାପତି କିଶୋର କୁମାର ଘଡ଼େଇ, ବିଶ୍ୱନାଥପୁର ଏମବିକେ କସ୍ତୁରୀ ମହାପାତ୍ର, ସିଆରପି ସୁକାନ୍ତି ପ୍ରଧାନୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ପ୍ରମୁଖ ମଶାଲ ଯାତ୍ରାକୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସେହିପରି ପୋଖରିବନ୍ଧ, ସିକେରକୁପା, କିଡିଙ୍ଗ ଏବଂ ସାନ୍ତପୁରଠାରେ ମଧ୍ୟ ଜନସାଧାରଣ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସେଠାରୁ ବାହାରି ସଦର ବ୍ଲକ ମେଦିନୀପୁର ନିକଟରେ ପହଞ୍ଚିଥିବା ଜଣାପଡିଛି। ରବିବାର ଏହି ଅଭିଯାତ୍ରୀ ଦଳ ଭବାନୀପାଟଣା ପହଞ୍ଚିବା ପରେ ଉତ୍ସବସ୍ଥଳ ରେଣ୍ଟୋ ମାଝି ମଞ୍ଚରେ ସ୍ଥାପନ କରାଯିବ ବୋଲି ମଶାଲ ସବକମିଟି ତରଫରୁ ଜଣାପଡିଛି।

ସେହିପରି କୋକସରା ବ୍ଲକ ଆମପାଣି ବୁଢ଼ାରଜା ଦେବ ମନ୍ଦିରରୁ ଆଜ୍ଞାମାଳ ଓ ମଶାଲ ପୂଜାର୍ଚ୍ଚନା ପରେ ନେହେରୁ ଯୁବାକେନ୍ଦ୍ରର ସ୍ୱେଚ୍ଛାସେବୀମାନେ ବାଇକ୍‌ରେ ନେଇ ଭବାନୀପାଟଣା ଅଭିମୁଖେ ଯାତ୍ରା କରିଛନ୍ତି। ବୁଢ଼ାରଜା ମନ୍ଦିର ପରିସରରେ ମଶାଲ ଶୋଭାଯାତ୍ରାକୁ ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ସ୍ଥାନୀୟ ସରପଞ୍ଚ ରୁକ୍ମଣୀ ବାଣୁଆ, ସାମାଜିକ କର୍ମୀ ମନୋରଞ୍ଜନ ବାଣୁଆ, ସୋନୁ ଅଗ୍ରୱାଲ, ଭାସ୍କର ରାଓ, କାଉଡୋଲା ଛକରେ ସରପଞ୍ଚ ଦେବୀ ସିଂ ତାଣ୍ଡି, ପିଇଓ ରୋହିତ ଠାକୁର ଗ୍ରାମବାସୀ ଓ କୋକସରା ବ୍ଲକ ପ୍ରଶାସନ ପକ୍ଷରୁ କୋକସରାଠାରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା, ହିସାବରକ୍ଷକ ଅଧିକାରୀ ଅଶୋକ ସେଠି, ମୁଖ୍ୟ କିରାଣୀ ନାଏକ, କନିଷ୍ଠ ଯନ୍ତ୍ରୀ କୀର୍ତ୍ତି ବେହେରା, ସୁକାନ୍ତ ବେହେରା, ଭାରପ୍ରାପ୍ତ ଜିପିଇଓ ବିରଞ୍ଚି ଖର୍ସେଲ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ ସମ୍ବର୍ଦ୍ଧନା ଦେଇ ମଶାଲ ଯାତ୍ରାକୁ ଭବାନୀପାଟଣା ଅଭିମୁଖେ ବିଦାୟ ଦେଇଥିଲେ।

# ଦନ୍ତେଶ୍ୱରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ


ବାର୍ଷିକ କ୍ରୀଡା ଉତ୍ସବରେ ମଞ୍ଚାସୀନ ଅତିଥି।

**ବେହେରା, ୧୩।୧ (ଭୂପେଶ ତିୱାରୀ)**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ଦନ୍ତେଶ୍ୱରୀ ଉଚ୍ଚ ବିଦ୍ୟାଳୟରେ ୨ ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରୁପେନ୍ଦ୍ର ବାଣୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ କ୍ରୀଡା ଉତ୍ସବରେ ମୁଖ୍ୟ ଅତିଥି ଭାବେ ବେହେରା ସରପଞ୍ଚ କୁମୁଦିନୀ ଗଇନ୍ତା, ସମ୍ମାନିତ ଅତିଥି ଭାବେ ପୂର୍ବତନ ଶିକ୍ଷକ କାମେଶ୍ୱର ସିଂହ, ବିଦ୍ୟାଳୟ କମିଟିର କର୍ମକର୍ତ୍ତା କ୍ଷିତିରାମ ସାହୁ, ଶଶୀଧର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ବିଦ୍ୟାଳୟ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ସଚ୍ଚିଦାନନ୍ଦ ଗଉଡ଼, ଚକ୍ରଧର ବାରିକ, ନରେନ୍ଦ୍ର ନାଏକ, କୃପାସିନ୍ଧୁ ବେହେରା, ଚନ୍ଦନ ରାଉତ, ପ୍ରେମଲାଲ କାଣ୍ଡ, ହରେକୃଷ୍ଣ ପଧାନ, ଆଲୋକ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଡୁକଲାରେ କିଶୋରୀ ମେଳା

**ଖଡ଼ିଆଳ, ୧୩।୧ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଡୁକଲାଠାରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ତରଫରୁ କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଖଡ଼ିଆଳ ସିଡିପିଓ ମୀନା କୁମାରୀ ଅଗ୍ରୱାଲ ଏଥିରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମଣିଷ ଜୀବନରେ କିଶୋରୀ ଅବସ୍ଥାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। କିଶୋରୀମାନେ ଅପପୁଷ୍ଟିର ଶିକାର ନ ହେବା ପାଇଁ ସରକାର ନେଇଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ସୁପରଭାଇଜର ଦୀପାଞ୍ଜଳି ମେହେର ବାଲ୍ୟ ବିବାହର କୁପରିଣତି, ପୁଷ୍ଟିହୀନତାର କୁପ୍ରଭାବ ଆଦି ଉପରେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡୁକଲା ଓ ରିଷିଗା ପଞ୍ଚାୟତର ୧୫ଟି ଅଙ୍ଗନୱାଡି କେନ୍ଦ୍ରରୁ ୭୦ କିଶୋରୀ ଅଂଶଗ୍ରହଣ କରିଥିଲେ। କିଶୋରୀମାନଙ୍କ ହିମୋଗ୍ଲୋବିନ ପରୀକ୍ଷା, ଉଚ୍ଚତା ମାପ, ଓଜନ ମାପ ଆଦି କରାଯାଇଥିଲା। କିଶୋରୀମାନଙ୍କ ମଧ୍ୟରେ ଗୀତ ଓ ନୃତ୍ୟ ପ୍ରତିଯୋଗିତା ସହ ପୁଷ୍ଟି ସମ୍ବନ୍ଧୀୟ କୁଇଜ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# କବିତା ସଂକଳନ 'ଅବ୍ୟକ୍ତ ଶବ୍ଦ' ଉନ୍ମୋଚିତ


ଅବ୍ୟକ୍ତ ଶବ୍ଦ ଉନ୍ମୋଚନ କରାଯାଉଛି।

**ବେହେରା, ୧୩।୧ (ଭୂପେଶ ତିୱାରୀ)**

ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟ କନଭେନସନ ସେଣ୍ଟର ପରିସରରେ ଆୟୋଜିତ କାଦମ୍ବିନୀ ସାହିତ୍ୟ ମହୋତ୍ସବରେ କଳାହାଣ୍ଡି ଧର୍ମଗଡ଼ ବ୍ଲକ ବେହେରା ଗ୍ରାମର ଯୁବକବି ରଜତ ବଂଶଲଙ୍କ କବିତା ସଂକଳନ 'ଅବ୍ୟକ୍ତ ଶବ୍ଦ' ଉନ୍ମୋଚିତ ହୋଇଯାଇଛି। ଏହା ତାଙ୍କର ପ୍ରଥମ କବିତା ସଙ୍କଳନ। ସେ ଓଡ଼ିଶାର ଅନେକ ସାହିତ୍ୟ ସଙ୍ଗଠନ ସହିତ ଜଡିତ ଅଛନ୍ତି। ଯୁବପିଢି ଲେଖକମାନଙ୍କ ଉତ୍ସାହ ବଢ଼େଇବା ପାଇଁ ସେ ଚେଷ୍ଟିତ। ତାଙ୍କ ପୁସ୍ତକ ଉନ୍ମୋଚନ ଅବସରରେ କାଦମ୍ବିନୀର ପ୍ରତିଷ୍ଠାତା ତଥା କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତ ସାମନ୍ତ, କାଦମ୍ବିନୀର ସମ୍ପାଦିକା ଡ. ଇତି ସାମନ୍ତ, ବିଶିଷ୍ଟ ଲେଖିକା ପ୍ରବାସିନୀ ମହାକୁଡ଼ ଓ ଅପର୍ଣ୍ଣା ମହାନ୍ତି, ଜାତୀୟ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର ନିର୍ଦ୍ଦେଶକ ହିମାଂଶୁ ଶେଖର ଖଟୁଆ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବହି ଉନ୍ମୋଚନ କରିଥିଲେ। ଏଥିରେ କବି ବଂଶଲଙ୍କ ସମେତ ତାଙ୍କ ସ୍ତ୍ରୀ ନେହା ବଂଶଲ, ଯୁବ ଲେଖକ ସୁଧୀର କୁମାର ଧଙ୍ଗଡ଼ାମାଝି, ଡିଲେଶ୍ୱର ରଣା, ପୁସ୍ତକର ପ୍ରକାଶକ ସୁକାନ୍ତ ସାହୁଙ୍କ ସମେତ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବିଶିଷ୍ଟ ଲେଖକ ଲେଖିକାମାନେ ଉପସ୍ଥିତ ଥିଲେ। ଶ୍ରୀରୂପା ପକ୍ଷରୁ ପ୍ରକାଶିତ ଉକ୍ତ ପୁସ୍ତକରେ ମୋଟ ୨୬ଟି କବିତା ସ୍ଥାନିତ ହୋଇଥିବାବେଳେ ଏହା ବେଶ ପାଠକାଦୃତ ହେବ ବୋଲି ଆଶା ପ୍ରକାଶ ପାଇଛି।

# ୨ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାର ତଦନ୍ତ

**ନୂଆପଡ଼ା, ୧୩।୧ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ଥାନା ସିଆଲଲଟି ଗାଁ ନିକଟରେ ପ୍ରେମ ସମ୍ପର୍କକୁ ନେଇ ଦୁଇ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ଛାନ୍‌ଭିନ୍ ଚଳାଇଛି। ହେଲେ ୨ଦିନ ବିତିଯାଇଥିଲେ ମଧ୍ୟ କାହାରିକୁ ଗିରଫ କରାଯାଇନାହିଁ। ଗୁରୁତର ଯୁବକଦ୍ୱୟ ବରଗଡ଼ ଜିଲା ପଦ୍ମପୁର ଥାନା ଦେଉଳି ଗାଁର ଚନ୍ଦନ ସାହୁ ଓ ମନୋଜ ସାହୁ ଏବେ ଚିକିତ୍ସାଧୀନ ଅଛନ୍ତି। ଚନ୍ଦନଙ୍କୁ ଚିକିତ୍ସା ପାଇଁ ରାୟପୁର ସ୍ଥାନାନ୍ତର କରାଯାଇଥିବାବେଳେ ମନୋଜଙ୍କୁ ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାରେ ବ୍ୟବହୃତ ମାରଣାସ୍ତ୍ର ଜବତ କରି ତଦନ୍ତ ଜାରି ରଖିଛି। ପୋଲିସ ସୂଚନା ମୁତାବକ, ଚନ୍ଦନଙ୍କ ସହ ସିଆଇଲଟି ଗାଁର ଜଣେ ଯୁବତୀଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଗୁରୁବାର ସନ୍ଧ୍ୟାରେ ଚନ୍ଦନ ଓ ସମ୍ପର୍କୀୟ ବଡ଼ଭାଇ ମନୋଜ ଯୁବତୀଙ୍କୁ ଭେଟିବାକୁ ଆସିଥିଲେ। ଏହି ଖବର ପାଇ ବିଳମ୍ବିତ ରାତିରେ ବିଜୁ ଏକ୍ସପ୍ରେସ ରାସ୍ତା ବାଲିଖମାର ବସଷ୍ଟାଣ୍ଡରେ କେତେକ ବ୍ୟକ୍ତି ସେମାନଙ୍କୁ ଅଟକାଇ କଟୁରୀରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ଚନ୍ଦନଙ୍କ ମୁଣ୍ଡର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ହୋଇଛି। ଦୁର୍ବୃତ୍ତମାନେ ତାଙ୍କର ପାପୁଲିକୁ ମଧ୍ୟ ହାଣିବା ସହ ଏକ ଆଙ୍ଗୁଠିକୁ କାଟି ଦେଇଥିଲେ। ମନୋଜଙ୍କୁ ମଧ୍ୟ ଆକ୍ରମଣ କରି ଫେରାର୍ ହୋଇଥିଲେ। ବିଳମ୍ବିତ ରାତିରେ ସ୍ଥାନୀୟ ଲୋକଙ୍କ ସହଯୋଗରେ ଆମ୍ବୁଲାନ୍ସ କର୍ମଚାରୀ ଦୁଇ ଯୁବକଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚନ୍ଦନଙ୍କ ମୁଣ୍ଡରେ ଗଭୀର କ୍ଷତ ଲାଗିଥିବାରୁ ଡାକ୍ତର ତାଙ୍କୁ ବୁର୍ଲା ମେଡ଼ିକାଲ କଲେଜକୁ ସ୍ଥାନାନ୍ତର କରିଥିଲେ। କିନ୍ତୁ ପରିବାର ଲୋକେ ତାଙ୍କୁ ରାୟପୁରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଶୁକ୍ରବାର ତରବୋଡ଼ ଫାଣ୍ଡି ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ନୂଆପଡ଼ା ଏସ୍‌ଡିପିଓ ସଞ୍ଜୟ ମଣ୍ଡଳ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଛନ୍ତି। ତେବେ ପ୍ରାଥମିକ ତଦନ୍ତରୁ ପ୍ରେମ ସମ୍ପର୍କକୁ ନେଇ ମରଣାନ୍ତକ ଆକ୍ରମଣ ହୋଇଥିବା ପୋଲିସ ଅନୁମାନ କରିଛି। ଏନେଇ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଏସ୍‌ଡିପିଓ ମଣ୍ଡଳ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ବଡ଼ବର୍ଡ଼ାକଟାରେ ମାହେଶ୍ୱରୀଙ୍କ ନବକଳେବର

**ଅମରପାଲି, ୧୩।୧ (ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତର ବଡ଼ବର୍ଡକଟା ମାହେଶ୍ୱରୀ ଦେବୀଙ୍କ ନବକଳେବର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ସକାଳୁ ଗ୍ରାମବାସୀ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ନିକଟସ୍ଥ ବୁରବୁଡ଼ା ଜଙ୍ଗଲରେ ପାରମ୍ପରିକ ରୀତିନୀତି ଅନୁସାରେ ପୂଜା ଅର୍ଚ୍ଚନା କରିବା ପରେ ରୋହିଣୀ ବୃକ୍ଷ କଟାଯାଇଥିଲା । ସୂଚନା ଥାଉ କି ପୂର୍ବରୁ ମାହେଶ୍ୱରୀ ମନ୍ଦିରରୁ ପୂଜା ପାଉଥିବା ଦଣ୍ଡ ଚୋରି ହୋଇଥିଲା। ଫଳରେ ଅଶ୍ୱିନ ମାସରେ ବାଡ଼ି ଯାତ୍ରା ହୋଇପାରୁ ନ ଥିଲା। ବଡବର୍ଡକଟା ନିର୍ମାଣାଧୀନ ମାହେଶ୍ୱରୀ ମନ୍ଦିର ସମ୍ପୂର୍ଣ୍ଣ ହେବା ପରେ ପୁନର୍ବାର ବାଡ଼ି ଯାତ୍ରା ଅନୁଷ୍ଠିତ ହେବ। କାର୍ଯକ୍ରମରେ ମନ୍ଦିର ପୂଜକ ଜଗନ୍ନାଥ ଦେହୁରି ଓ ବଳରାମ ପଣ୍ଡା ପୂଜାର୍ଚ୍ଚନା କରିଥିବା ବେଳେ ଗାଁ ଗୌନ୍ତିଆ ଶିବ ନାରାୟଣ ମିଶ୍ର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏଥିରେ ବଡ଼ବର୍ଡକଟା, ବୁରବୁଡ଼ା, ରିଜୁମୁଣ୍ଡା ଗ୍ରାମବାସୀ ସହଯୋଗ କରିଥିଲେ।

### ବହିରା ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା ଉତ୍ସବ

**ବାଉଁଶୁଣୀ, ୧୩।୧ ଦେବାଶିଷ ନେପାକ)**

ବୌଦ୍ଧ ବ୍ଲକ ଅନ୍ତର୍ଗତ ବହିରା ହାଇସ୍କୁଲ ଖେଳ ପଡିଆରେ ଉକ୍ତ ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଖେଳ ଆରମ୍ଭ ହେବା ପୂର୍ବରୁ ସ୍କୁଲ ଛାତ୍ରୀଛାତ୍ରମାନେ ମଶାଲ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ବିଭିନ୍ନ ପ୍ରତିଯୋଗିତା କରାଯାଇ ଅପରାହ୍ଣରେ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜିତଲାଲ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷକ ଦେଶବନ୍ଧୁ ମହାକୁଲ ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ । ମୁଖ୍ୟଅତିଥି ଭାବେ ବାଉଁଶୁଣୀ ଥାନା ଆଇଆଇସି ଅଞ୍ଜଳୀ ବିଶ୍ୱାଳ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପୟୋଧର ମହାକୁଲ, ବିଦ୍ୟାଳୟ କମିଟି ସଭାପତି ଅଖଣ୍ଡ ମହାକୁଲ, ସରପଞ୍ଚ ଯଯାତି କେଶରୀ ମହାଲିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଗଣ୍ଡାରାମ ସାହୁ, ସୁଶାନ୍ତ ବାଘ, ଶିବ ପ୍ରସାଦ ଗାଈଗୌରିଆ ଯୋଗ ଦେଇଥିଲେ। ବିଦ୍ୟାଳୟର ସୁରମା ତ୍ରିପାଠୀ, ଧରିତ୍ରୀ ତ୍ରିପାଠୀ, କଲ୍ୟାଣୀ ବେହେରା, ସସ୍ମିତା ଜେନା, ପ୍ରମୋଦ ବେହେରା, ମନସ୍ୱିନୀ ବାରିକ ପ୍ରମୁଖ ସହଯୋଗ କରିଥିଲେ। ସଂସ୍କୃତ ଶିକ୍ଷକ କୃଷ୍ଣଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବାଳକ ବିଭାଗରେ ରବୀନ୍ଦ୍ର ତଣ୍ଡିଆ ଚାମ୍ପିୟନ ହୋଇଥିବା ବେଳେ ବାଳିକା ବିଭାଗରେ ପୂଜାରାଣୀ ଡାଙ୍ଗ ଚାମ୍ପିୟନ ହୋଇଥିଲେ।

### ଶ୍ରୀରାମ କଲେଜ ଅଧ୍ୟାପକ ଡ. ଯୋଗେଶ ରାଉତଙ୍କ ସଫଳତା

**ମୁଖ୍ୟମନ୍ତ୍ରୀ ଗବେଷଣା ଓ ଅଭିନବୀକରଣ ସହାୟତା**



**ଡୁଙ୍ଗୁରିପାଲି, ୧୩।୧ (ଦୀନବନ୍ଧୁ ସୁନା )**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ଶ୍ରୀରାମ ମହାବିଦ୍ୟାଳୟ, ରାମପୁରର ପଦାର୍ଥ ବିଜ୍ଞାନର ଅଧ୍ୟାପକ ତଥା ବିଭାଗୀୟ ମୁଖ୍ୟ ଡ. ଯୋଗେଶ ରାଉତ ମୁଖ୍ୟମନ୍ତ୍ରୀ ଗବେଷଣା ଓ ଅଭିନବୀକରଣ ସହାୟତା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ପଦାର୍ଥ ବିଜ୍ଞାନର ନ୍ୟୁଟ୍ରନ କଣିକା ଉପରେ ଗବେଷଣା ପାଇଁ ତାଙ୍କୁ ଏହି ସଫଳତା ମିଳିଛି । ଡ. ରାଉତ ଜିଲାର ଏକମାତ୍ର ଅଧ୍ୟାପକ ରୂପେ ଚୟନ ହୋଇ ଅଞ୍ଚଳ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ପରିଚାଳନା ପରିଷଦର ସଭାପତି ରମେଶ ଚନ୍ଦ୍ର ପୂଜାରୀ, ଅଧ୍ୟକ୍ଷ ତରଣୀସେନ ବେହେରା, ଅଧ୍ୟାପିକା ଅଧ୍ୟାପକ ଶୁଭେଚ୍ଛା ଜଣାଇଛନ୍ତି । ଏ ନେଇ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି।

# ବେଙ୍ଗାଲୁରୁରେ ଦାଦନ ଶ୍ରମିକଙ୍କ ମୃତ୍ୟୁ



ମୃତ ଅଚ୍ୟୁତ ନାଏକ (ଫାଇଲ ଫଟୋ)

**ଅମରପାଲି, ୧୩।୧ (ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅଞ୍ଚଳରୁ ଦାଦନ ଖଟିବାକୁ ଯାଇଥିବା ଜଣେ ଯୁବକଙ୍କ ଅକାଳ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ଅଚ୍ୟୁତ ନାଏକ (୨୫)। ଘର ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ପିତାମହୁଲ ପଞ୍ଚାୟତର ଗରିଆମୁଣ୍ଡା ଗ୍ରାମରେ । ଗତ ୪ ବର୍ଷ ହେଲା ଗ୍ରାମର କେତେ ଜଣ ଯୁବକଙ୍କ ସହିତ ବେଙ୍ଗାଲୁରୁର ନଦେକେରସ୍ଥିତ ଏକ କମ୍ପାନୀରେ କାର୍ଯ୍ୟ କରୁଥିଲେ। ଗୁରୁବାର ଦିନ ଅଚ୍ୟୁତଙ୍କ ଦେହ ହଠାତ୍ ଅସୁସ୍ଥ ହେବାରୁ ତାଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଶନିବାର ଦିନ ତାଙ୍କ ମୃତଦେହ ଗରିଆମୁଣ୍ଡା ଗ୍ରାମକୁ ଅଣାଯାଇ ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ପୁଅ ଥିଲେ । ପରିବାର ଚଳାଇବା ସହିତ ଭଉଣୀର ବିଭାଘର ପାଇଁ ଟଙ୍କା ଆବଶ୍ୟକ ଥିବାରୁ ଅଚ୍ୟୁତ ବେଙ୍ଗାଲୁରୁ ଯାଇଥିଲେ। ତେବେ ଘରକୁ ମୃତଦେହ ଆସିବା ପରେ ପରିବାରରେ ଶୋକର ଛାୟା ଖେଳିଯାଇଛି।

ସୂଚନାଯୋଗ୍ୟ, ସୁବର୍ଣ୍ଣପୁର ଜିଲାର ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରୁ ଶତାଧିକ ଯୁବକ କାମଧନ୍ଦା ଅନ୍ୱେଷଣରେ ବେଙ୍ଗାଲୁରୁ, ତାମିଲନାଡୁ, ଦିଲ୍ଲୀ, ଗୋଆ, କେରଳ ଆଦି ଅଞ୍ଚଳକୁ ପ୍ରତିବର୍ଷ ଯାଇ ସେଠାରେ ବିପଦପୂର୍ଣ୍ଣ ଭାବେ କାମ କରୁଛନ୍ତି। ତେବେ ଏନେଇ ଶ୍ରମ ବିଭାଗ ପାଖରେ କୌଣସି ଖବର ନାହିଁ। ଦାଦନ ଶ୍ରମିକଙ୍କ ପଞ୍ଜୀକରଣ ମଧ୍ୟ କରାଯାଉନାହିଁ। ଗରିଆମୁଣ୍ଡା ଗ୍ରାମର ଯୁବକ ଅଚ୍ୟୁତଙ୍କ ବେଙ୍ଗାଲୁରୁରେ ମୃତ୍ୟୁ ଘଟିଥିବା ବେଳେ ସେ ଦାଦନ ଖଟିବାକୁ ଯିବା ନେଇ ବିଭାଗ ପାଖରେ କୌଣସି ପଞ୍ଜୀକରଣ ହୋଇ ନ ଥିବା ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖା ପ୍ରକାଶ କରିଛନ୍ତି। ପ୍ରଶାସନ ଅଞ୍ଚଳର ଦାଦନ ଶ୍ରମିକ ଚିହ୍ନଟ କରିବା ସହିତ ପଞ୍ଜୀକରଣ କରିବାକୁ ସାଧାରଣରେ ଦାବି ହେଉଛି।

## ବିଧାୟକ ଓ ଓଡ଼ିଶା ମୋ ପରିବାର ସହଯୋଗରେ ଆସିଲା ମୃତଦେହ

**ଅମରପାଲି, ୧୩।୧ (ପୀତାମ୍ବର ସାହୁ)**

ବେଙ୍ଗାଲୁରୁରେ ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ଥାନା ଗରିଆମୁଣ୍ଡା ଗ୍ରାମର ଦାଦନ ଶ୍ରମିକ ଅଚ୍ୟୁତ ନାଏକଙ୍କ ମୃତ୍ୟୁ ଖବର ପରିବାର ଲୋକେ ଶୁଣିବା ପରେ ମର୍ମାହତ ହୋଇ ପଡ଼ିଥିଲେ। ମୃତଦେହ କେମିତି ଆଣିବେ ଚିନ୍ତାରେ ପଡି ଯାଇଥିଲେ। ଏନେଇ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ସେ ତତ୍କାଳ ପଦକ୍ଷେପ ନେଇଥିଲେ। ଜିଲା ପ୍ରଶାସନ ଓ ଓଡ଼ିଶା ମୋ ପରିବାର ସହଯୋଗରେ ଶନିବାର ବେଙ୍ଗାଲୁରୁରୁ ଫ୍ଲାଇଟରେ ମୃତଦେହ ଭୁବନେଶ୍ୱର ଅଣାଯାଇ ସେଠାରୁ ଏକ ଶବବାହକ ଗାଡ଼ିରେ ଗରିଆମୁଣ୍ଡା ଗ୍ରାମକୁ ଅଣାଯାଇଥିଲା। ଏନେଇ ପରିବାର ଲୋକେ ମୁଖ୍ୟମନ୍ତ୍ରୀ, ସ୍ଥାନୀୟ ବିଧାୟକ ଓ ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି। ମୃତଦେହ ଘରକୁ ଆସିବା ପରେ ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖା, ଓଡ଼ିଶା ମୋ ପରିବାରର ଜିଲା ସଂଯୋଜକ ରଞ୍ଜିତ ରଥ, ସ୍ଥାନୀୟ ସରପଞ୍ଚ ଆକସ୍ମିତା ବଡ଼ିଆ ପ୍ରମୁଖ ମୃତକଙ୍କ ଘରକୁ ଯାଇ ସମବେଦନା ଜଣାଇବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ମୃତ ଅଚ୍ୟୁତ ହେଉଛନ୍ତି ଗରିଆମୁଣ୍ଡା ଗ୍ରାମର ଶଙ୍କର ନାଏକ ଓ ତ୍ରିବେଣୀ ନାଏକଙ୍କ ଏକମାତ୍ର ପୁଅ।



ଓଡ଼ିଶା ମୋ ପରିବାରର ସଦସ୍ୟମାନେ ମୃତଦେହ ଆଣିବାରେ ସହଯୋଗ କରୁଛନ୍ତି।

## ସୁବର୍ଣ୍ଣପୁର:୨ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟଣା

# ଜଣେ ଶ୍ରମିକଙ୍କ ମୃତଦେହ ଘରକୁ ଆସିନି

**ସୋନପୁର, ୧୩।୧ (ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲାର ୨ ଦାଦନ ଶ୍ରମିକଙ୍କ ଦୁଃଖଦ ମୃତ୍ୟୁ ହୋଇଛି । ବୀରମହାରାଜପୁର ବ୍ଲକ ଗରିଆମୁଣ୍ଡାର ଶ୍ରମିକ ଅଚ୍ୟୁତ ନାଏକଙ୍କ ମୃତଦେହ ବେଙ୍ଗାଲୁରୁରୁ ଶନିବାର ଘରକୁ ଆସିଥିବା ବେଳେ ଅନ୍ୟ ଜଣେ ଶ୍ରମିକଙ୍କ ମୃତଦେହ ଆସି ପାରିନାହିଁ । ସେ ହେଲେ ଲଛିପୁର ଥାନା ଲୁପୁରସିଂହା ଗ୍ରାମର ସର୍ବେଶ୍ୱର ଘିବିଲା(୪୫)। ତାଙ୍କର ଚେନ୍ନାଇ ରେଲୱେ ଷ୍ଟେଶନର



ସର୍ବେଶ୍ୱର

### ଅର୍ଥ ସାଜିଛି ପ୍ରତିବନ୍ଧକ

ଇରୋଡ ଜଙ୍କ୍ସନରେ ଗୁରୁବାର ମୃତ୍ୟୁ ହୋଇଥିବା ପରିବାର ଲୋକଙ୍କ ନିକଟରୁ ସୂଚନା ମିଳିଛି । ଟ୍ରେନ୍‌ରେ କଟି ସର୍ବେଶ୍ୱରଙ୍କ ମୃତ୍ୟୁ ହୋଇଛି କିମ୍ବା ଅନ୍ୟ କାରଣରୁ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ପାରିନି। ତେବେ ମୃତଦେହକୁ ନିଜ ଘରକୁ ଆଣିବା ପାଇଁ ଅର୍ଥ ପ୍ରତିବନ୍ଧକ ସାଜିଛି। ମୃତଦେହକୁ ସେଠାରୁ ଆଣିବା ପାଇଁ ୮୦ ହଜାର ଟଙ୍କା ଆବଶ୍ୟକ। ଗରିବ ପରିବାର ଏହି ଟଙ୍କା ଯୋଗାଡ କରିବାରେ ଅସମର୍ଥ ଥିବା ଜଣାପଡିଛି । ସୂଚନା ପାଇ ସୋନପୁର ବିଧାୟକ ତଥା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୃତକଙ୍କ ଘରେ ପହଞ୍ଚି ୧୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସେହିପରି ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖା ମଧ୍ୟ ୧୫ ହଜାର ଟଙ୍କାର ସହାୟତା ଦେଇଛନ୍ତି । ମାତ୍ର ଏହି ସହାୟତା ଯଥେଷ୍ଟ ହୋଇନି ।

## ସୁଜନ ନାଗ ସ୍ମାରକୀ ଫୁଟ୍‌ବଲ: ଫାଇନାଲରେ ସିସିଏଫ୍‌ଏ ବୀରମହାରାଜପୁର

**ସୋନପୁର, ୧୩।୧ (ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ରୟାଲ ପଡିଆରେ ଚାଲିଥିବା ୧୧ତମ ସୁଜନ ନାଗ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଷଷ୍ଠ ଦିବସରେ ସିସିଏଫଏ ବୀରମହାରାଜପୁର ଦଳ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଶନିବାର ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ରିଜୁଲ ତରଭା ଓ ସିସିଏଫଏ ବୀରମହାରାଜପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସିସିଏଫଏ ବୀରମହାରାଜପୁର ୫-୧ ଗୋଲରେ ବିଜୟୀ ହୋଇଛି । ବୀରମହାରାଜପୁରର ଶ୍ରାବଣ ତନ୍ତୀ, ଦୀପକ କହଁର, ରାହୁଲ ମିଞ୍ଜ ଓ ରୋଜେଲ ଆର୍ଟିକା ଏବଂ ରିଜୁଲ ତରଭାର ପଠାନ ଡାଙ୍ଗ ଗୋଲ ଦେବାରେ ସକ୍ଷମ ହୋଇଥିଲେ। ବେଷ୍ଟ ଗୋଲକିପର ବୀରମହାରାଜପୁରର ଶ୍ରାବଣୀ ତନ୍ତୀ ଓ ମ୍ୟାନ୍ ଅଫ ଦି ମ୍ୟାଚ୍ ରୋଜେଲ ଆର୍ଟିକାଙ୍କୁ




ପୁରସ୍କୃତ କରା ଯାଇଥିଲା । ମ୍ୟାଚ୍‌ରେ ଅତିଥି ଭାବେ ଯୁବ ନେତା ଆକବର ଖାନ, ସମାଜସେବୀ ହରିହର ପଟ୍ଟନାୟକ, ଶିକ୍ଷାବିତ୍ ଅନିଲ ଭୋଇନା, ଆଇନଜୀବୀ ନନ୍ଦ କିଶୋର ତ୍ରିପାଠୀ, କ୍ରୀଡାବିତ୍ ରାଜୀବ ଲୋଚନ ପଟ୍ଟନାୟକ, ରମଣ ପଧାନ, ଅମିତ ସାହୁ ଓ ଜଳନ୍ଧର ଦୀପ ଯୋଗ ଦେଇଥିଲେ । ଖେଳକୁ ରେଫରି ଜିତେନ୍ଦ୍ର ଥନାପତି, ସହଯୋଗୀ ପ୍ରଶାନ୍ତ ସେଠୀ, ରାଜେଶ ଥନାପତି, ଟିକୁ ବଡପଣ୍ଡା ଓ ଜଗତ ଜଗଦଲା ପରିଚାଳନା କରିଥିଲେ। ପ୍ରକାଶ କୁମ୍ଭାର ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ ରାକେଶ ନାଗ ପରିଚାଳନା କରିଥିଲେ। ଖଗେଶ୍ୱର ତାଣ୍ଡି, ଜନ୍ମେଜୟ ନାଗ, ଦୀପକ ବେହେରା, ନେଉଳ ସରଭଙ୍ଗ, ରବି ମୁଣ୍ଡା, ବୃଷଭ ନାୟକ, ଉପେନ୍ଦ୍ର ସୁନା ଓ ନୀଳକଣ୍ଠ କୁମ୍ଭାର ପ୍ରମୁଖ ଟୁର୍ନାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ । ରବିବାର ଫାଇନାଲ ମ୍ୟାଚ୍ ଇଲେଭେନ ଷ୍ଟାର କଳାପଥର ଓ ସିସିଏଫଏ ବୀରମହାରାଜପୁର ମଧ୍ୟରେ ଅନୁଷ୍ଠିତ ହେବ।

## ଅର୍ପଣ ରଥକୁ ସ୍ୱାଗତ

**ବିନିକା, ୧୩।୧ (ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ସହରାଞ୍ଚଳରେ ଅର୍ପଣ ରଥ ପରିକ୍ରମା କରିବାର ଶନିବାର ପଞ୍ଚମ ଦିନରେ ଜବଦାଠାରେ ଗ୍ରାମବାସୀଙ୍କ ତରଫରୁ ସ୍ୱାଗତ କରାଯାଇଥିଲା। ଭକ୍ତିମୟ ପରିବେଶରେ ଅର୍ପଣ ରଥ ବିନିକା ଏନଏସି କାର୍ଯ୍ୟାଳୟରୁ ବାହାରି ଜବଦା ଗ୍ରାମରେ ପହଞ୍ଚିଥିଲା । ନବୀନ ନଗର ରାସ୍ତାର ଉଭୟ ପାର୍ଶ୍ୱରେ ଶ୍ରଦ୍ଧାଳୁମାନେ ଉପସ୍ଥିତ ରହି ଅର୍ପଣ ରଥକୁ ସ୍ୱାଗତ କରିଥିଲେ । ପରେ ଶିଶୁମନ୍ଦିର ରାସ୍ତା ଦେଇ ମିଶ୍ରପଡା ପର୍ଯ୍ୟନ୍ତ ପରିକ୍ରମା କରିଥିଲା । ଏହି ଅବସରରେ ମହିଳାମାନେ ଅରୁଆ ଚାଉଳ ଓ ଗୁଆ ପ୍ରଦାନ କରିଥିଲେ । ନଗରପାଳ, ଏକ୍‌ଜିକ୍ୟୁଟିଭ ଅଫିସରଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆଣିବାର ମାଧ୍ୟମ

**ଉଲୁଣ୍ଡା, ୧୩। ୧ (ଉରୁକ୍ରମ ପାଣ୍ଡିଆ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ରମାକାନ୍ତ ବିଶିଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସଭାରେ ବିଧାୟକ ପଦ୍ମନାଭ ବେହେରା ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ପୂର୍ବତନ ଡିଏଲସି ଡ. ପ୍ରଫୁଲ୍ଲ ରଥ ଯୋଗଦେଇ ଲୁକ୍କାୟିତ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ପାଇଁ ଏହା ଏକ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବରେ ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର, ଜିଲା ପରିଷଦ ସଭ୍ୟା ବିଜୟ ଲକ୍ଷ୍ମୀ ତରାଇ, ଝସକେତନ ବଘାର, ଅଧ୍ୟାପକ ମହାଦୀପ ପୁରୋହିତ ଯୋଗଦେଇ ଥିଲେ । ପ୍ରଧାପକ ଭକ୍ତନାଥ ପଣ୍ଡା ସ୍ୱାଗତ ଭାଷଣ ଦେବା ସହ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା । ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯକ୍ରମ ପରିବେଷଣ ହୋଇଥିଲା । ଶିବ ନାରାୟଣ ମହାକୁର ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କଲେଜର ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ସହଯୋଗ କରିଥିଲେ। ଶେଷରେ ପ୍ରଧାପକ ଶୁକଦେବ ଝାଙ୍କର ଧନ୍ୟବାଦ ଦେଇଥିଲେ।

## କଠିନ ପରିଶ୍ରମ ହିଁ ସଫଳତାର ଚାବିକାଠି



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

**ଉଲୁଣ୍ଡା, ୧୩।୧ (ଉରୁକ୍ରମ ପାଣ୍ଡିଆ)**

### ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ଚଢ଼ାଇପଙ୍କ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପଦ୍ମନାଭ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବ ଉଦ୍‌ଘାଟନ କରିଥିଲେ। ଜଗତପତି ଦେହେରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତି ଦକ୍ଷିଣ ପଶ୍ଚିମ ସଂଭାଗ ସଦସ୍ୟା ଡ. ପ୍ରତିମା ରଥ ଯୋଗଦେଇ କଠିନ ପରିଶ୍ରମ ହିଁ ସଫଳତାର ଚାବିକାଠି ବୋଲି ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବରେ ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର ଯୋଗ ଦେଇଥିଲେ। ସମ୍ପାଦକ ଶ୍ରୀବନ୍ତ କୁମାର ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସଞ୍ଜୀବ ପୁରୋହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ପ୍ରକାଶ ବଡେଇ ମଞ୍ଚ ପରିଚାଳନା କରିଥିବା ବେଳେ ଆଦିତ୍ୟ ରଞ୍ଜନ ବ୍ରହ୍ମଚାରୀ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯକ୍ରମ ପରିବେଷଣ ହୋଇଥିଲା।

## ମଣ୍ଡଳସ୍ତରୀୟ ଭାଜପା କାର୍ଯ୍ୟକର୍ତ୍ତା ସମ୍ମିଳନୀ



ସମ୍ମିଳନୀରେ ଯୋଗ ଦେଇଥିବା ଦଳୀୟ ନେତୃବୃନ୍ଦ।

**ଘଣ୍ଟାପଡ଼ା, ୧୩।୧ (ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଥାନା ଅଧୀନ ଆମ୍ବଗାଁ ପଞ୍ଚାୟତର କୁରୁକୁପାଠାରେ ଘଣ୍ଟାପଡ଼ା ମଣ୍ଡଳସ୍ତରୀୟ ଭାଜପା କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ପିନାକଧର ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଭାଜପା ଜିଲା ସଭାପତି ବିପ୍ରଚରଣ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କହ୍ନେଇ ଚରଣ ଡାଙ୍ଗ, ସଂଗଠକ ତଥା କର୍ଣ୍ଣେଲ ଶିଶିର ଘୋଷ, ଜିଲା ଉପସଭାପତି ଚିତ୍ତରଞ୍ଜନ ପାତ୍ର, ଜୋନ-୨ ଜିଲା ପରିଷଦ ସଭ୍ୟା ପଦ୍ମାଳୟା ପ୍ରଧାନ, କଣ୍ଟାମାଳ ମଣ୍ଡଳ ସଭାପତି ଅନିଲ ପ୍ରଧାନ, ମନମୁଣ୍ଡା ମଣ୍ଡଳ ସଭାପତି ନିରଞ୍ଜନ କର୍ଣ୍ଣ, ମୁଣ୍ଡାପଡା ମଣ୍ଡଳ ସଭାପତି ଯୀଶୁ ପ୍ରଧାନ, ଶ୍ୟାମସୁନ୍ଦର ପୁରୋହିତ, ବରଗାଁ ସରପଞ୍ଚ ରଶ୍ମିତା ରଣା, କଣ୍ଟାମାଳ ନିର୍ବାଚନମଣ୍ଡଳୀ ପ୍ରଭାରୀ କୃଷି ମିଶ୍ର, ପ୍ରେମାନନ୍ଦ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନା ଗ୍ରାମାଞ୍ଚଳରେ କାର୍ଯ୍ୟକାରୀ କରାଇବା ଓ ଦଳକୁ ମଜଭୁତ କରିବା ଦିଗରେ କାମ କରିବାକୁ ଦଳୀୟ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଥିଲେ । ଏହି ଅବସରରେ ଅଞ୍ଚଳର କେତେଜଣ ବ୍ୟକ୍ତି ଭାଜପାରେ ସାମିଲ ହୋଇଥିଲେ । ଅନିଲ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ଓମପ୍ରକାଶ ମିଶ୍ର, ସଦସ୍ୟ ଚଞ୍ଚଳ ରଣା, ସୁଦର୍ଶନ ବଘାର, ସୁଶାନ୍ତ ପୁଟେଲ, ବିଜୟ ରଣା, ପିଣ୍ଟୁ ରଣା, ରୁଷି ରଣା, ରାମଚନ୍ଦ୍ର ତାଣ୍ଡିଙ୍କ ସମେତ ଭାଜପା କାର୍ଯ୍ୟକର୍ତ୍ତା, ଯୁବମୋର୍ଚ୍ଚା, ଛାତ୍ରମୋର୍ଚ୍ଚା, କୃଷକ ମୋର୍ଚ୍ଚା ଓ ମହିଳା ମୋର୍ଚ୍ଚାର ସଦସ୍ୟା ସଦସ୍ୟ ଉପସ୍ଥିତ ଥିଲେ।

## ବଡ଼ବାଗବର ପ୍ରାଥମିକ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବ

**ବଘିଆପଡା, ୧୩।୧ (ଶ୍ରୀକାନ୍ତ ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବଡବାଗବର ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଶନିବାର ଦିନ ଉଦ୍‌ଯାପିତ ହୋଇଛି । ଗତ ୧୨ ତାରିଖ ଦିନ କ୍ରୀଡା ଉତ୍ସବ ଉଦ୍‌ଘାଟନ ହୋଇଥିଲା । ଅତିଥି ଭାବେ ରାଧାନଗର କ୍ଲଷ୍ଟର ସିଆରସିସି ପ୍ରଶାନ୍ତ ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ହରଭଙ୍ଗା ବ୍ଲକ ଏବିଡିଓ ଅଖିଳ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ସିଆରସିସି ପ୍ରଶାନ୍ତ ସାହୁ, ପ୍ରଧାନ ଶିକ୍ଷକ ଶିବାନନ୍ଦ ପୁରୋହିତ ଯୋଗ ଦେଇଥିଲେ । ଶିକ୍ଷକ ସାଇକୃଷ୍ଣ ବେହେରା, ଉମେଶ ରଣା, ସ୍ନେହଲତା ନାଏକ, ଧରିତ୍ରୀ ବେହେରା, ଅନିତା ହୋତା, କରୁଣାକର ପ୍ରଧାନ, ଗୋପାଳ ଅମାତ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।



କ୍ରୀଡ଼ା ଉତ୍ସବରେ ଅତିଥି ଓ ଛାତ୍ରୀଛାତ୍ର।

# ବରଗଡ଼ ୟୁନାଇଟେଡ୍ ସେମିଫାଇନାଲରେ

**ବୌଦ୍ଧ/ପୁରୁଣାକଟକ, ୧୩।୧ (ଅଜିତ କୁମାର ବାରିକ/ସୁକାନ୍ତ ପଟ୍ଟନାୟକ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ତିଲେଶ୍ୱର ଫକୀର ଚରଣ ଖେଳପଡିଆରେ ଫ୍ରେଣ୍ଡସ ଆସୋସିଏଶନ ତିଲେଶ୍ୱର ପକ୍ଷରୁ ପ୍ରଥମ ସର୍ବଭାରତୀୟ ଫୁଟବଲ ପ୍ରତିଯୋଗିତାର ଶନିବାର ଦିନ ଗ୍ରୁପ ବିର ପ୍ରଥମ ଖେଳ ଅନୁଷ୍ଠିତ ହୋଇଛି । ଖେଳରେ ଅତିଥି ଭାବେ ବୌଦ୍ଧ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ଅରୁଣ କୁମାର ପ୍ରଧାନ, ଜିଲା ପରିଷଦ ସଭ୍ୟା ତାରାମଣୀ ପ୍ରଧାନ, କରଞ୍ଜକଟା ସରପଞ୍ଚ ନିହାର ଘୋଷ, ପିତାମ୍ବରପୁର ସରପଞ୍ଚ ଅଜିତ କୁମାର ବାରିକ, ରାଧାନଗର ସରପଞ୍ଚ ଗଣେଶ ବେହେରା, କୁଶଙ୍ଗ ସରପଞ୍ଚ ରଞ୍ଜିତ କୁମାର ବେହେରା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଖେଳ ବରଗଡ ୟୁନାଇଟେଡ ଓ ଜଗା ୟୁନାଇଟେଡ ଖୋର୍ଦ୍ଧା (ଭୁବନେଶ୍ୱର) ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଖେଳ ବହୁ ଚିତ୍ତାକର୍ଷକ



ଖେଳର ଅତିଥି ଓ ଖେଳାଳି।

### ପ୍ରଥମ ସର୍ବଭାରତୀୟ ତିଲେଶ୍ୱର କପ୍ ଫୁଟବଲ ଟୁର୍ନାମେଣ୍ଟର ଚତୁର୍ଥ ଦିନ

ହୋଇଥିବା ବେଳେ ଖେଳରେ ବରଗଡ ଦଳ ଟ୍ରାଇବ୍ରେକର ଜରିଆରେ ବିଜୟୀ ହେବା ସହ ସେମି ଫାଇନାଲରେ ପ୍ରବେଶ କରିଛି। ଖେଳକୁ ଶିବଶଙ୍କର ପଣ୍ଡା, ଜାତୀୟ ରେଫରି ସୁବ୍ରତ କୁମାର ପୁରୋହିତ, ମାନସ ବିଶ୍ୱାଳ ସୁଜିତ ରାଜହଂସ ପରିଚାଳନା କରିଥିବା ବେଳେ ଚତୁର୍ଥ ରେଫରି ଦିଲୀପ ରାଉତ ଓ ମ୍ୟାଚ କମିଶନର ଭାବେ ରଞ୍ଜନ ଯୋଶୀ କାର୍ଯ୍ୟ ତୁଲାଇଥିଲେ। ଖେଳ ଫ୍ରେଣ୍ଡସ ଆସୋସିଏଶନର ସଭାପତି ଝୁନୁ ବେହେରା, ସମ୍ପାଦକ ରମେଶ ସାମଲ, ସୁଶିଲ ଦେହୁରୀ, ଦେବରାଜ ପ୍ରଧାନ, ବିଶ୍ୱଜିତ ପ୍ରଧାନ , ସୁଜ୍ଞାନ କର୍ଣ୍ଣ , ନିକୁଞ୍ଜ ବେହେରା ଓ ଅନ୍ୟ ସଦସ୍ୟଙ୍କ ସହଯୋଗରେ ଆୟୋଜିତ ହେଉଛି । ଖେଳ ଚାଲିଥିବା ବେଳେ ଚିୟରଗାର୍ଲସଙ୍କ ନୃତ୍ୟ ଖେଳପ୍ରେମୀଙ୍କୁ ଆନନ୍ଦ ଦେଇଥିଲା । ରବିବାର ଦିନ ଟୁର୍ନାମେଣ୍ଟର ବି ଗ୍ରୁପର ଦ୍ୱିତୀୟ ଖେଳ ସିଜିୟୁ ଫରେନର କୋଲକତା ଓ ଜେଡି କ୍ଲବ କନ୍ଧମାଳ ମଧ୍ୟରେ ଅନୁଷ୍ଠିତ ହେବ ।

## ସଂକ୍ଷେପରେ

### ଆତ୍ମ ସୁରକ୍ଷା ତାଲିମ୍ ଶିବିର ଉଦ୍‌ଘାଟିତ

**ବଡ଼ଗାଁ,୧୩।୧(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ବରଙ୍ଗାକଛାରସ୍ଥିତ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀଙ୍କୁ ନେଇ ଆତ୍ମ ସୁରକ୍ଷା ତାଲିମ୍ ଶିବିର ଶନିବାର ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ସରପଞ୍ଚ ରାଜେଶ୍ୱରୀ କାଲୋ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସେ ଛାତ୍ରୀଙ୍କୁ ଆତ୍ମ ସୁରକ୍ଷା କୌଶଳ ଶିଖିବାର ଆବଶ୍ୟକତା ଉପରେ ବୁଝାଇଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ନବୀନ ଚନ୍ଦ୍ର ନାଏକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ନାରୀ ନିର୍ଯାତିତା ସମାଜରେ ଛାତ୍ରୀଙ୍କ ପାଇଁ ଆତ୍ମ ସୁରକ୍ଷା ତାଲିମ୍ ଅତ୍ୟନ୍ତ ଉପଯୋଗୀ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପିକା ରଞ୍ଜିତା ପଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ରେବତୀ ବାହାଲା ଆତ୍ମ ସୁରକ୍ଷା ତାଲିମ୍ ପ୍ରଦାନ କରିଥିଲେ। ଅଧ୍ୟାପକ ଗଜେନ୍ଦ୍ର ନାଏକ ଧନ୍ୟବାଦ୍ ଅର୍ପଣ କରିଥିଲେ।

### ବ୍ରଜରାଜନଗର ମହାବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ

**ବ୍ରଜରାଜନଗର,୧୩।୧(ବିଜୟ ବରାଡ଼):** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ବ୍ରଜରାଜନଗର ମହାବିଦ୍ୟାଳୟରେ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ସମୀର ରଞ୍ଜନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜଗନ୍ନାଥ ଚେତନା ସମିତିର ପଶ୍ଚିମାଞ୍ଚଳ ସଭାପତି ଚିନ୍ତାମଣି ଦାସ ମୁଖ୍ୟଅତିଥି, ବାନ୍ଧବହାଲ ଜଗନ୍ନାଥ ମନ୍ଦିର ପୂଜକ ଜନାର୍ଦ୍ଦନ ପଣ୍ଡା, ବ୍ରଜେଶ୍ୱରୀ ମନ୍ଦିର ପୂଜକ ବିଭୁତି ଭୂଷଣ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଗନ୍ନାଥ କାହିଁକି ଜଗତର ନାଥ ଭାବରେ ପୂଜାପାଉଛନ୍ତି ସେ ବିଷୟରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଜଗନ୍ନାଥ ସଂସ୍କୃତି ଆଜି ବିଶ୍ୱ ଦରବାରରେ ଗ୍ରହଣୀୟ ହୋଇସାରିଛି। ତେଣୁ ଆମେ ସମସ୍ତେ ଓଡ଼ିଶାରେ ଜନ୍ମ ଗ୍ରହଣ କରିଥିବାରୁ ଓଡ଼ିଆ ଭାବେ ଗର୍ବ କରିବା ସହ ଜଗନ୍ନାଥ ସଂସ୍କୃତିକୁ ଘରେ ଘରେ ପହଞ୍ଚାଇବା ଲକ୍ଷ୍ୟ ନେଇ ଆଜିର ଯୁବ ପିଢ଼ି ଆଗେଇ ଆସିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରାଧ୍ୟାପିକା ରତ୍ନପୂର୍ଣ୍ଣ ମହାନ୍ତି ପରିଚାଳନା କରିଥିବା ବେଳେ ପ୍ରାଧ୍ୟାପିକା ପୁଷ୍ପାଞ୍ଜଳି ସାହୁ ଧନ୍ୟବାଦ ଦେଇଥିଲେ।

# ସୁନ୍ଦରଗଡ଼ ସହରର ସମସ୍ୟା ନେଇ ଆଲୋଚନା

## ଏସ୍‌ପିଙ୍କୁ ସାକ୍ଷାତ କଲେ ବିଜେଡିର ପ୍ରତିନିଧିମଣ୍ଡଳୀ

**ସୁନ୍ଦରଗଡ,୧୩।୧(ଜୟ ନାରାୟଣ ମେଣ୍ଢୁଲି)**



ଏସପିଙ୍କୁ ବିଜେଡିର ପ୍ରତିନିଧିମଣ୍ଡଳୀ ପୁଷ୍ପଗୁଚ୍ଛ ପ୍ରଦାନ କରୁଛନ୍ତି।

ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ବିଜେଡି ଉପସଭାପତି ମଙ୍ଗଳା କିଷାନଙ୍କ ନେତୃତ୍ୱରେ ସୁନ୍ଦରଗଡ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ନୂତନବର୍ଷର ଶୁଭେଚ୍ଛା ଓ ଶୁଭକାମନା ଜଣାଇ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ବିଷୟରେ ଅବଗତ କରାଇଥିଲେ। ତା'ର ସମାଧାନ ପାଇଁ ଦାବି କରିଥିଲେ। ସହର ଭିତରେ ଏବଂ ରାଜ୍ୟ ରାଜପଥ କଡ଼ରେ ପାର୍କିଂ କରୁଥିବା ଗାଡିଗୁଡ଼ିକ ପାଇଁ ଅନେକ ସମସ୍ୟା ଉପୁଜୁଥିବା ବେଳେ ଅନେକ ସମୟରେ ଦୁର୍ଘଟଣା ଘଟି ମୂଲ୍ୟବାନ ଜୀବନ ଅକାଳରେ ଚାଲିଯାଉଛି। ତେଣୁ ଏହି ବେଆଇନ ଗାଡ଼ି ପାର୍କିଂ ଗୁଡ଼ିକ ହଟାଇବା, ବାଇକ୍ ଗୁଡିକରେ ବିକଟାଳ ଶବ୍ଦ କରୁଥିବା ସାଇଲେନ୍ସରକୁ କାଟି ଚାଳକଙ୍କ ଠାରୁ ଜୋରିମାନା ଆଦାୟ କରିବା, ଚୋରି ବୃଦ୍ଧି ପାଉଥିବାରୁ ସହରର ପ୍ରତ୍ୟେକ ଗଳିକନ୍ଦିରେ ପୋଲିସ ପେଟ୍ରୋଲିଂଙ୍କୁ କଡାକଡି କରିବାକୁ ଦାବି କରାଯାଇଥିଲା। ଖୁବ ଶୀଘ୍ର ଦାବିଗୁଡିକ କାର୍ଯ୍ୟକାରୀ ହେବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେବା ସହ ଏଥିରେ ଆପଣମାନଙ୍କ ସାହାଯ୍ୟ ଓ ସହଯୋଗ ଦରକାର ବୋଲି କହିଥିଲେ। ଏହି ଆଲୋଚନା ସମୟରେ ବିଜେଡିର ବରିଷ୍ଠନେତା ତଥା ଜିଲା ବିଜେଡି ଉପସଭାପତି ଜୟ ନାରାୟଣ ତ୍ରିପାଠୀ, ପୂର୍ବତନ ନଗରପାଳ ତଥା ଜିଲା ବିଜେଡି ଉପସଭାପତି ବେଣୁଧର ତାଣ୍ଡିଆ, ସୁନ୍ଦରଗଡ ବିଜେଡି ଟାଉନ ସଭାପତି ତଥା ଉପନଗରପାଳ ଲଲାଟେନ୍ଦୁ ପରିଡ଼ା, ବୁବୁନ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

# ଚାନ୍ଦନିମାଲ ପଞ୍ଚାୟତରେ ବୁଲିଲା ଅର୍ପଣ ରଥ


ଅର୍ପଣ ରଥକୁ ସ୍ୱାଗତ କରାଯାଉଛି।

**ବ୍ରଜରାଜନଗର,୧୩।୧(ବିଜୟ ବରାଡ଼)**

ଝାରସୁଗୁଡା ଜିଲାର ଚାନ୍ଦନିମାଲ ପଞ୍ଚାୟତରେ ଶୁକ୍ରବାରଠାରୁ ଅର୍ପଣ ରଥ ବୁଲିବା ଆରମ୍ଭ କରିଛି। ଚିଚିଣ୍ଡା ଜଗନ୍ନାଥ ମନ୍ଦିରରେ ପୂଜା କରାଯିବା ପରେ ରଥ ଚିଚିଣ୍ଡା, ଚାନ୍ଦନିମାଲ, କେଛୋବାହାଲ, ଘୁସୁରାମୁଣ୍ଡା, କନ୍ଦାକୁଡ଼ା, ନୂଆପଡ଼ା, କେନ୍ଦୁପଡ଼ା, ଝାରମୁଣ୍ଡା ଅଞ୍ଚଳ ପରିକ୍ରମା କରିଥିଲା। ଶନିବାର ଏହି ରଥ ବରପାଲି, ଗୋବିନ୍ଦପୁର, ବଡ଼ଟିକ୍ରା, ତବଲାମାଲ, କିଷାନପଡ଼ା, ଅଘିରିଆପଡ଼ା, ତେତେଲପଡ଼ା ଅଞ୍ଚଳ ବୁଲିଥିଲା। ବିଭିନ୍ନ ସ୍ଥାନରେ ଜଗନ୍ନାଥ ମହାପ୍ରଭୁଙ୍କ ଅର୍ପଣ ରଥକୁ ଝୋଟି, ମୁରୁଜ ସହ କଳସ ବସାଇ ଭଜନ କୀର୍ତ୍ତନରେ ସ୍ୱାଗତ କରାଯାଇଥିଲା। ପ୍ରତ୍ୟେକ ଘରୁ ଲୋକେ ଅରୁଆ ଚାଉଳ, ଗୁଆ, ନଡ଼ିଆ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ସଞ୍ଜୁଲତା ପାଉଲେ, ଝାରସୁଗୁଡ଼ା ବ୍ଲକ ବିଏସ୍‌ଏସ୍‌ଓ ସୌମ୍ୟରଞ୍ଜନ ଭୋଇ, ଚାନ୍ଦନିମାଲ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓକିଲ ପ୍ରଧାନ, ଚାନ୍ଦନିମାଲ ସରପଞ୍ଚ ଲକ୍ଷ୍ମୀଧର ମିଶ୍ର, ସିଆର୍‌ପି ଇନ୍ଦ୍ରାଣୀ ପ୍ରଧାନ, ୱାର୍ଡ଼ସଭ୍ୟା କମଳା ଧୁରୁଆ, ସଭ୍ୟ କୁଶ ବାଦି, ଉଗ୍ର ବିଶିଙ୍କ ସମେତ ଶତାଧିକ ମହିଳାପୁରୁଷ ସାମିଲ ଥିଲେ।

# ଅଭିନବ ଶିକ୍ଷାଦାନ, ପ୍ରଗାଢ଼ କର୍ମନିଷ୍ଠା ସଫଳତାର ଚାବିକାଠି



ପଦମପୁର ହାଇସ୍କୁଲର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି ବୃନ୍ଦ।

**କୁଆଁରମୁଣ୍ଡା,୧୩।୧(ମହେନ୍ଦ୍ର କୁମାର ସାହୁ)**

## ପଦମପୁର ହାଇସ୍କୁଲର ବାର୍ଷିକୋତ୍ସବ

ଅଭିନବ ଶିକ୍ଷାଦାନ ପ୍ରଣାଳୀ ଏବଂ ପ୍ରଗାଢ କର୍ମନିଷ୍ଠା ଯୋଗୁ ପଦମପୁର ହାଇସ୍କୁଲ ଏବେ ସଫଳତାର ଶୀର୍ଷରେ ପହଞ୍ଚି ପାରିଛି। ଏହା ସମ୍ଭବ ହୋଇପାରିଛି କେବଳ ସ୍କୁଲର ଶିକ୍ଷକଙ୍କ କର୍ତ୍ତବ୍ୟପରାୟଣତା ଓ ବିଦ୍ୟାର୍ଥୀବତ୍ସଳତା ଯୋଗୁ ବୋଲି ଶନିବାର ପଦମପୁର ହାଇସ୍କୁଲର ବାର୍ଷିକୋତ୍ସବରେ ଯୋଗଦେଇ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ୫-ଟି ରୂପାନ୍ତରଣ ପରେ ସ୍କୁଲର ଶୈକ୍ଷିକ ପରିବେଶ, ଶୌଚାଳୟ, ସୁସ୍ୱାଦୁ ମଧ୍ୟାହ୍ନ ଭୋଜନ, ଆରୋ ସିଷ୍ଟମରେ ଶୁଦ୍ଧ ପାନୀୟ ଜଳ ଯୋଗାଣ,ସ୍ମାର୍ଟ କ୍ଲାସରୁମ୍,ପାଠାଗାର ଓ ସ୍ୱତନ୍ତ୍ର କ୍ରୀଡା ପ୍ରଶିକ୍ଷଣ ଇତ୍ୟାଦି ଯୋଗୁ ପୂର୍ବରୁ ଅଧ୍ୟୟନ କରୁଥିବା ୨୬୦ ଛାତ୍ରୀଛାତ୍ରରୁ ଏବେ ଛାତ୍ରୀଛାତ୍ର ସଂଖ୍ୟା ୪୫୩କୁ ବୃଦ୍ଧି ପାଇବା ନିଶ୍ଚିତଭାବେ ଏକ ସଫଳତାର ବିଷୟ ବୋଲି ବାର୍ଷିକ ବିବରଣୀ ପଠନ କରିବା ସମୟରେ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ରୀତା ଲାକ୍ରା ପ୍ରକାଶ କରିଛନ୍ତି। ଜାତୀୟ ଖୋଖୋ କ୍ରୀଡାରେ ଏହି ସ୍କୁଲର ଛାତ୍ରୀ ଅସ୍ମିସା ପତିମାଇଲ ଅଞ୍ଚଳ ପାଇଁ ଗର୍ବ ଓ ଗୌରବ ଆଣିବା ଏବଂ ବିଗତ ହାଇସ୍କୁଲ ପରୀକ୍ଷାରେ ସେ ଶତପ୍ରତିଶତ ଫଳାଫଳ ରଖିବା ଶିକ୍ଷକଙ୍କ ଉତ୍ସର୍ଗୀକୃତ ଶିକ୍ଷାଦାନ ଯୋଗୁ ସମ୍ଭବ ହୋଇପାରିଛି ବୋଲି ସମ୍ମାନିତ ଅତିଥିଭାବେ ଯୋଗଦେଇ କୁଆଁରମୁଣ୍ଡା ଜିଲାପରିଷଦଚ ସଭ୍ୟ ରାଜେନ୍ଦ୍ର କୁଜୁର କହିଛନ୍ତି। ଏହାସହ ସ୍କୁଲ ଖେଳପଡିଆର ପ୍ରାଚୀର ନିର୍ମାଣ ଓ ବିଦ୍ୟୁତ୍ ସମସ୍ୟା ସମାଧାନ ପାଇଁ ଜିଲାପରିଷଦ ସଭ୍ୟ କୁଜୁର ୫-ଟି ଅଧ୍ୟକ୍ଷ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ମାଧ୍ୟମରେ ଅବଗତ କରାଇ ସମସ୍ୟାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କୁଆଁରମୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ସଦାନନ୍ଦ ପଧାନ,ମୁଖ୍ୟବକ୍ତାଭାବେ କୁତ୍ରା ବ୍ଲକର ଅବସରପ୍ରାପ୍ତ ଶିକ୍ଷାଧିକାରୀ ଗୁରୁଚରଣ ସାହୁ, ସମ୍ମାନିତ ଅତିଥିଭାବେ ପଦମପୁର ପଞ୍ଚାୟତ ସମିତି ସଭ୍ୟ ଖଗେଶ୍ୱର ଅମାତଙ୍କ ସମେତ ଏସଏମସି ସଭାପତି ଚନ୍ଦ୍ରମଣି ରଣା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍କୁଲରେ କାର୍ଯ୍ୟରତ ୧୪ ଜଣ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଏହି ଅବସରରେ ମୁଖ୍ୟ ଅତିଥି ସଦାନନ୍ଦ ପଧାନ ଓ ଅନ୍ୟ ଅତିଥିମାନେ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଛନ୍ତି।

# ନୂଆଁ ଓ ଓଡ଼ିଶା, ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ବଡ଼ଗାଁ,୧୩।୧(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ବରଙ୍ଗାକଛାରସ୍ଥିତ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ନୂଆ ଓ ଓଡ଼ିଶା ଏବଂ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ବିଜେଡି ସାଧାରଣ ସମ୍ପାଦକ ଅରୁଣ କୁମାର ଦିକ୍ଷୀତ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଭାବେ ସରପଞ୍ଚ ରଜେଶ୍ୱରୀ କାଲୋ, ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁବରାଜ ଗୋଖରା ଯୋଗଦେଇଥିଲେ। ଅଧ୍ୟାପକ ସୁବ୍ରତ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିଲାବେଳେ ଅଧ୍ୟାପକ ହିରନ୍ୟ କୁମାର୍ ମହନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ମହେନ୍ଦ୍ର ବେହେରା, ପ୍ରଦୀପ ପୃଷେଟ, ଚନ୍ଦନ ଜେନା, ବିଲାସିୟୁସ ଗୁରିଆ, ରଞ୍ଜିତା ପଟେଲ, ସ୍ୱରୂପା ନାଏକ, ମୁକ୍ତା ଟିଗା, ରେବତୀ ହାଲା ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ। ଶେଷରେ ଅଧ୍ୟାପକ ଗଜେନ୍ଦ୍ର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ତୃଣମୂଳ ସ୍ତରରୁ ଦଳକୁ ସୁଦୃଢ଼ କରିବାକୁ ଆହ୍ୱାନ



ବୈଠକରେ ବିଧାୟିକା ଟେଟେ ଉଦ୍‌ବୋଧନ ଦେଉଛନ୍ତି।

**ସୁନ୍ଦରଗଡ,୧୩।୧(ଜୟ ନାରାୟଣ ମେଣ୍ଢୁଲି)**

## ଭାଜପାର ସାଙ୍ଗଠନିକ ବୈଠକ

ଭାଜପା ପକ୍ଷରୁ ସୁନ୍ଦରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ବିଲେଇମୁଣ୍ଡା ମଣ୍ଡଳ ଅନ୍ତର୍ଗତ ମୁଣ୍ଡରକ୍ଷେତ ଗ୍ରାମଠାରେ ମଣ୍ଡଳ ସଭାପତି ମାଧବ ବାରିକଙ୍କ ନେତୃତ୍ୱରେ ମଣ୍ଡଳ ପଦାଧିକାରୀ, ମଣ୍ଡଳ ମୋର୍ଚ୍ଚା ସଭାପତି, ଶକ୍ତିକେନ୍ଦ୍ର ପ୍ରମୁଖ, ସହପ୍ରମୁଖ ପ୍ରଭାରୀ ଏବଂ ବୁଥ କମିଟିଙ୍କୁ ନେଇ ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ବିଧାୟିକା ତଥା ରାଜ୍ୟ ଉପସଭାନେତ୍ରୀ କୁସୁମ ଟେଟେ ଯୋଗଦେଇଥିଲେ। ମଞ୍ଚାସୀନ ଅତିଥିଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଜୟ ପଟେଲ, ଲୋକସଭା ବିସ୍ତାରକ ଆଶିଷ ଠାକୁର, ପିଏମ ବିଶ୍ୱକର୍ମା ଯୋଜନାର ନିର୍ବାଚନ ମଣ୍ଡଳୀ ସଂଯୋଜକ ପରକ୍ଷିତ ସାହୁ, ସହ ସଂଯୋଜକ ତଥା ଜିଲା ଏସସି ମୋର୍ଚ୍ଚା ସଭାପତି ସିମେଶ୍ୱର ଲରିଆ, ବିଲେଇମୁଣ୍ଡା ମଣ୍ଡଳ ପ୍ରଭାରୀ ପ୍ରଣବ ଭଇସାଲ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଟେଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିଭିନ୍ନ ଗରିବ କଲ୍ୟାଣକାରୀ ଯୋଜନା ତଥା ଐତିହାସିକ ଯୋଜନାକୁ ବୁଥ ସ୍ତରରେ ଘରେ ଘରେ ପ୍ରଚାର ପ୍ରସାର କରିବା ଏବଂ ଯୋଗ୍ୟ ହିତାଧିକାରୀ ଯୋଜନାରେ ସାମିଲ ହେବା ପାଇଁ ତାଙ୍କୁ ସହଯୋଗର ହାତ ବଢ଼େଇ ପାଇଁ ସମସ୍ତ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ପଟେଲ ଏବଂ ଠାକୁର ତୃଣମୂଳ ସ୍ତରରେ କିଭଳି ଦଳର ସଙ୍ଗଠନ ମଜବୁତ ହୋଇପାରିବ କାର୍ଯ୍ୟକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ସେହିପରି ପିଏମ ବିଶ୍ୱକର୍ମା ଯୋଜନାର ନିର୍ବାଚନ ମଣ୍ଡଳୀ ସଂଯୋଜକ ସାହୁ ମୋଦୀଙ୍କ ଐତିହାସିକ ଯୋଜନା ପିଏମ ବିଶ୍ୱକର୍ମା ଯୋଜନାରେ ୧୮ ପ୍ରକାର କୌଳିକ ବୃତିଧାରୀ ପ୍ରତି ଗ୍ରାମରେ କିଭଳି ଉପକୃତ ହୋଇପାରିବେ ସମସ୍ତ ମଣ୍ଡଳ ପଦାଧିକାରୀ ଏବଂ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ପ୍ରଧାନ, ସୁରେଶ ପ୍ରଧାନ, ଉତ୍ତମ ଧୁଆ, ଗୌରବ ପ୍ରଧାନ ଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ବିବେକାନନ୍ଦଙ୍କ ଜୟନ୍ତୀ ପାଳିଲା ବିଜେଡି

**ସୁନ୍ଦରଗଡ,୧୩।୧(ଜୟ ନାରାୟଣ ମେଣ୍ଢୁଲି)**

ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଜୟନ୍ତୀ ଅବସରରେ ସୁନ୍ଦରଗଡ ବିଜୁ ଜନତା ଦଳର ବରିଷ୍ଠନେତା ତଥା ଜିଲା ଉପସଭାପତି ଜୟ ନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ଦଳୀୟ କର୍ମୀ ସ୍ଥାନୀୟ କାଳୀ ମଣ୍ଡପ ଛକସ୍ଥିତ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ଜିଲା ବିଜେଡିର ସମ୍ପାଦକ ତଥା ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ଡାଇରେକ୍ଟର ପଞ୍ଚା ବାର୍ଲା, କାଉନସିଲର ଅନିଲ ମହାପାତ୍ର, କାଉନସିଲର ସୁଶୀଳା ନାଗ, ରାଜ୍ୟ ଯୁବ ବିଜେଡି ସମ୍ପାଦକ ମୁକେଶ ପୁରୋହିତ, ବିଜେଡି ଯୁବନେତା ନିର୍ମଳ ବୋଷ, ପ୍ରଦୀପ ବିଶ୍ୱକର୍ମା, ବୈରାଗୀ ସାହୁ, ଟାଉନ ବିଜେଡିର ଛାତ୍ର ସଭାପତି ନରଦୀପ ସିଂ, ଯଦୁ ମିଶ୍ରଙ୍କ ସମେତ ଅନେକ ବିଜେଡି କର୍ମୀ ଉପସ୍ଥିତ ଥିଲେ।


ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ଉପସ୍ଥିତ ବିଜେଡି କର୍ମୀ।

# ପ୍ରାଥମିକ ଶିକ୍ଷା ମଜଭୁତ ନ ହେଲେ ଉଚ୍ଚ ଶିକ୍ଷାରେ ସମସ୍ୟା ହେବ

**ବଡ଼ଗାଁ,୧୩।୧(ଅଶୋକ ଷଡ଼ଙ୍ଗୀ)**



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

ସୁନ୍ଦରଗଡ ଜିଲା ବଡ଼ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ୭୦ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ ମୁଖ୍ୟ ଅତିଥି, ସ୍କାଉଟ ଗାଇଡର ରାଜ୍ୟ କମିଶନର ତଥା ବଡ଼ଗାଁ ଶିଳ୍ପ ତାଲିମ୍ କେନ୍ଦ୍ର ଓ ନର୍ସିଂ କଲେଜ ଡାଇରେକ୍ଟର ଡା.ଅରୁଣ କୁମାର ନାୟକ ମୁଖ୍ୟ ବକ୍ତା, ସ୍କୁଲ ପରିଚାଳନା କମିଟି ସଭାପତି ଅଦ୍ୱୈତ କୁମାର ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ସୁନୀତା ଲାକ୍ରା ସ୍ୱାଗତ ଭାଷଣ ଓ ବିବରଣୀ ପାଠ କରିଥିଲେ। ତୃଣମୂଳ ସ୍ତରରୁ ଶିକ୍ଷାକୁ ମଜଭୁତ ନ କଲେ ଉଚ୍ଚ ଶିକ୍ଷାରେ ସମସ୍ୟା ଦେଖାଦେଇଥାଏ ବୋଲି ମୁଖ୍ୟ ଅତିଥି ସୋରେଙ୍ଗ କହିଥିଲେ। କଠିନ ପରିଶ୍ରମ, ଭୟ ନ କରିବା ଓ ଈଶ୍ୱର ବିଶ୍ୱାସୀ ହେବା ସହିତ ଚାଲେଞ୍ଜ କଲେ ଯାଇ ସଫଳତାର ଶୀର୍ଷରେ ପହଞ୍ଚିବା ସହଜ ହୋଇଥାଏ ବୋଲି ମୁଖ୍ୟ ବକ୍ତା ନାୟକ କହିଥିଲେ। ଏହି ଅବସରରେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶିକ୍ଷକ ମଣ୍ଟୁ ପ୍ରଧାନ ପରିଚାଳନା କରିଥିଲାବେଳେ ସ୍କାଉଟ ମାଷ୍ଟର ଜନସନ ଖାଖା ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ପ୍ରଭାତ କୁମାର ଦ୍ୱରି, ସ୍ୱତିପ୍ରିୟ ସାହୁ, ଆଶିଷ କୁମାର ପ୍ରଧାନ, ତୃପ୍ତି ଦାସ, ବିନତି ସାହୁ, ସରୋଜିନୀ ବାଗ, ଶ୍ରଦ୍ଧାଞ୍ଜଳି ପଣ୍ଡା, ନିରଞ୍ଜନ ତ୍ରିପାଠୀ, ସାଗରିକା ସାହୁଙ୍କ ସହିତ ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀରାମଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ

**ବ୍ରଜରାଜନଗର,୧୩।୧(ବିଜୟ ବରାଡ଼)**

ଜାନୁଆରୀ ୨୨ରେ ହେବାକୁ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳନ ପାଇଁ ବ୍ରଜରାଜନଗର ପୌରାଞ୍ଚଳର ଓପିଏମ୍ ଶିବ ମନ୍ଦିର ପରିସରରେ ଭାଜପା ତରଫରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଳୀୟ କର୍ମୀ ଯୋଗଦେଇ ସୁଚିନ୍ତିତ ମତାମତ ରଖିଥିଲେ। ୨୧ରେ ଶିବ ମନ୍ଦିରଠାରେ ରଙ୍ଗୋଲି କାର୍ଯ୍ୟକ୍ରମ, ୨୨ରେ ୨୧୦୦୦ହଜାର ଦୀପ ପ୍ରଜ୍ୱଳନ ସହ ସନ୍ଧ୍ୟାରେ ଭଜନ କୀର୍ତ୍ତନ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି।

# ସୁନାଗରିକ ଗଠନରେ ଗୁରୁଙ୍କ ଭୂମିକା ଅତୁଳନୀୟ

**କୁଆଁରମୁଣ୍ଡା,୧୩।୧(ମହେନ୍ଦ୍ର କୁମାର ସାହୁ)**

ପ୍ରତ୍ୟେକ ବିଦ୍ୟାଳୟ ମନ୍ଦିର ସଦୃଶ। ଛାତ୍ରୀଛାତ୍ର ଏହି ମନ୍ଦିରର ଦେବତା। ଶିକ୍ଷୟିତ୍ରୀ ଶିକ୍ଷକ ଏହି ମନ୍ଦିରର ଜଣେ ଜଣେ ପୂଜାରୀ। ସଠିକ ମାର୍ଗଦର୍ଶନ ଓ ଆଦର୍ଶ ଦେଶ ଗଠନ ନିମନ୍ତେ ଛାତ୍ରୀଛାତ୍ରଙ୍କୁ ଗୁରୁଙ୍କ ଉପଦେଶ ଅତୁଳନୀୟ ବୋଲି ଶୁକ୍ରବାର ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡାର ହରିହର ହାଇସ୍କୁଲର ବାର୍ଷିକ ଉତ୍ସବରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସର୍ବେଶ ରିଫ୍ରାକ୍ଟୋରିଜର ଜିଏମ ଫକିରମୋହନ ଦେଓ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ କୁଆଁରମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ସଦାନନ୍ଦ ପଧାନ, କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା.ଶ୍ରୀମନ୍ତ ପଟ୍ଟନାୟକ, କୁଆଁରମୁଣ୍ଡା ଜମିଦାର ସଞ୍ଜିବ ପ୍ରତାପ ସିଂଦେଓ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀବତ୍ସ ଚୌଧୁରୀ,ବୀରମିତ୍ରପୁର ସରକାରୀ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ବାଣୀ ମୁଣ୍ଡା, ଏବିଇଓ ଡୋରୋଥିଆ ଟପ୍ପୋ, ନିର୍ମଳା ପଣ୍ଡା, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମନୋଜ ଶତପଥି, କୁଆଁରମୁଣ୍ଡା ସରପଞ୍ଚ ରାଜେଶ ହାସଦା ପ୍ରମୁଖ ମଞ୍ଚାସୀନ ରହି ନିଜ ନିଜ ବକ୍ତବ୍ୟ ରଖିଥିଲେ। ହରିହର ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୀମା ସୁଜାତା ତିର୍କୀଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଏସଏମସି ସଭାପତି ଲୋକନାଥ ପଟେଲ ଏବଂ ଅନ୍ୟମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଞ୍ଚାଳନ କରିଥିଲେ।

# ରୂପାନ୍ତରଣ ନୂଆ ଜାଗରଣ ମାର୍ଗ ପ୍ରଶସ୍ତ କରିଛି: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୩।୧(ଅନିଲ ଦାସ)**



**୫-ଟି ସ୍କୁଲ ରୂପାନ୍ତରଣର ୪ର୍ଥ ପର୍ଯ୍ୟାୟ**

- ଦ୍ୱିତୀୟ ଦିବସରେ ୬ ଜିଲାର ୩୨୭ ସ୍କୁଲ ଲୋକାର୍ପିତ
- ପିଲାଙ୍କ ଭିତରେ ବଡ଼ ହେବାର ସ୍ୱପ୍ନକୁ ଜାଗ୍ରତ କରିଛି ସ୍କୁଲ ରୂପାନ୍ତରଣ: ପାଣ୍ଡିଆନ୍

୫-ଟି ସ୍କୁଲ ରୂପାନ୍ତରଣ ଅଭିଯାନର ଚତୁର୍ଥ ପର୍ଯ୍ୟାୟର ଦ୍ୱିତୀୟ ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ମାଲକାନଗିରି, ବାଲେଶ୍ୱର, ଗଜପତି, ଢେଙ୍କାନାଳ, କେନ୍ଦୁଝର ଓ କଟକ ଆଦି ୬ଟି ଜିଲାର ୩୨୭ଟି ରୂପାନ୍ତରିତ ସ୍କୁଲକୁ ଲୋକାର୍ପିତ କରିଛନ୍ତି। ଏଥିରେ ମାଲକାନଗିରି ଜିଲାର ୩୫ଟି ହାଇସ୍କୁଲ, ବାଲେଶ୍ୱରର ୭୬, ଗଜପତିର ୨୮, ଢେଙ୍କାନାଳର ୬୩, କେନ୍ଦୁଝରର ୪୫ ଓ କଟକର ୮୦ ହାଇସ୍କୁଲ ଅନ୍ତର୍ଭୁକ୍ତ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏବେ ଓଡ଼ିଶାରେ ରୂପାନ୍ତରର ଯୁଗ ଚାଲିଛି। ଶିକ୍ଷା ହିଁ ଆମ ସମାଜର ସାମୂହିକ ଚିନ୍ତାଧାରାକୁ ଉଚ୍ଚସ୍ତରକୁ ନେଇଥାଏ। ସ୍କୁଲ ରୂପାନ୍ତର ଓଡ଼ିଆ ଜାତିରେ ନୂଆ ଜାଗରଣର ମାର୍ଗ ପ୍ରଶସ୍ତ କରିଛି। ଆଗାମୀ ଦିନରେ ମୁଖ୍ୟ ଭୂମିକା ଗ୍ରହଣ କରିବ। ସ୍କୁଲ କଲେଜଠାରୁ ଆରମ୍ଭ କରି ହସ୍ପିଟାଲ, ପର୍ଯ୍ୟଟନ କ୍ଷେତ୍ର, ମଠ ମନ୍ଦିର, ପଞ୍ଚାୟତ, ଗାଁ ସବୁଠାରେ ରୂପାନ୍ତର କାର୍ଯ୍ୟ ଚାଲିଛି। ଏକ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ ପାଇଁ ଏହି ରୂପାନ୍ତର ରାସ୍ତା ପ୍ରସ୍ତୁତ କରୁଛି। ରୂପାନ୍ତର କାର୍ଯ୍ୟକ୍ରମ ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ସ୍କୁଲ ରୂପାନ୍ତର କାର୍ଯ୍ୟ। ସ୍କୁଲରୁ ହିଁ ଗୋଟିଏ ଜାତିର ଭବିଷ୍ୟତ ନିର୍ମାଣ ହୋଇଥାଏ। ଏହି ରୂପାନ୍ତର କାର୍ଯ୍ୟକ୍ରମରେ ସ୍କୁଲରେ ସ୍ମାର୍ଟ କ୍ଲାସ ରୁମ୍, କମ୍ପ୍ୟୁଟର, ଅତ୍ୟାଧୁନିକ ଲାବରେଟୋରୀର ବ୍ୟବସ୍ଥା କରାଯାଇଛି। ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଏବେ ସରକାରୀ ସ୍କୁଲଗୁଡ଼ିକ ଶ୍ରେଷ୍ଠ ମାଧ୍ୟମ ହୋଇଛି। ଏହି ରୂପାନ୍ତରିତ ସ୍କୁଲର ଠିକ୍ ଉପଯୋଗ କରି ଭଲ ପାଠ ପଢ଼ି ଏକ ସୁନ୍ଦର ଭବିଷ୍ୟତ ଗଢ଼ିବା ପାଇଁ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ପରାମର୍ଶ ଦେଇଛନ୍ତି। ପୂର୍ବରୁ ୩ଟି ପର୍ଯ୍ୟାୟରେ ରାଜ୍ୟରେ ୬୮୮୩ଟି ସ୍କୁଲ ରୂପାନ୍ତରିତ ହୋଇଛି। ଚତୁର୍ଥ ପର୍ଯ୍ୟାୟରେ ସମୁଦାୟ ୧୭୯୪ଟି ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ ହେବ। ଏହି ପର୍ଯ୍ୟାୟ ସମ୍ପୂର୍ଣ୍ଣ ହେବା ପରେ ରାଜ୍ୟରେ ସମୁଦାୟ ୮୬୭୭ ସ୍କୁଲ ରୂପାନ୍ତରିତ ହେବ। କାର୍ଯ୍ୟକ୍ରମରେ ଯୋଗଦେଇ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି, ୫-ଟି ସ୍କୁଲ ରୂପାନ୍ତର ପିଲାଙ୍କ ମଧ୍ୟରେ ଭଲ ପାଠ ପଢ଼ି ବଡ଼ ହେବାର ସ୍ୱପ୍ନକୁ ଜାଗ୍ରତ କରିପାରିଛି। ସରକାରୀ ସ୍କୁଲରେ ପାଠ ପଢ଼ି ବହୁତ ପିଲା ବଡ଼ ମଣିଷ ହୋଇଥିବା ସେ କହିଛନ୍ତି। କାର୍ଯ୍ୟକ୍ରମରେ ମାଲକାନଗିରିରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝୀ, ବାଲେଶ୍ୱରରେ ବିଧାୟକ ସ୍ୱରୂପ କୁମାର ଦାସ, ଗଜପତିରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଢେଙ୍କାନାଳରେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, କେନ୍ଦୁଝରରେ ବିଧାୟକ ଜଗନ୍ନାଥ ନାୟକ ଏବଂ କଟକରେ ବିଧାୟକ ଚନ୍ଦ୍ରସାରଥି ବେହେରା ପ୍ରମୁଖ ଯୋଗଦେଇ ଶିକ୍ଷା କ୍ଷେତ୍ରରେ ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱର ଉଚ୍ଚ ପ୍ରଶଂସା କରି କହିଥିଲେ।

ଏହି କାର୍ଯ୍ୟକ୍ରମରେ ସ୍କୁଲ ଓ ଗଣଶିକ୍ଷା ସଚିବ ଅଶ୍ୱଥୀ ଏସ୍ ସ୍ୱାଗତ ଭାଷଣ ଦେଇଥିଲେ। ଓସେପାର ସ୍ୱତନ୍ତ୍ର ପ୍ରୋଜେକ୍ଟ ଡାଇରେକ୍ଟର ଧନ୍ୟବାଦ ଅର୍ପଣ କରିଥିଲେ। ଉନ୍ନୟନ କମିଶନର, ବିଭିନ୍ନ ବିଭାଗର ପ୍ରମୁଖ ସଚିବ, ସଚିବ ଓ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଗଞ୍ଜେଇ ବୋଝେଇ କାର୍ ଜବତ, ୫ ଗିରଫ



ବରଗଡ଼/ପଦ୍ମପୁର, ୧୩।୧ (ପ୍ରେମାନନ୍ଦ ଖମାରୀ/ପ୍ରଦୀପ୍ତ ଦାଶ): ବରଗଡ଼ ଜିଲା ଜଗଦଲପୁର ଥାନା ପୋଲିସ ଶୁକ୍ରବାର ବିଳମ୍ବିତ ରାତିରେ ଗଞ୍ଜେଇ ବୋଝେଇ ଏକ କାର (ନଂ.ଓଡ଼ି୧୫ଇ/୩୫୪୪)କୁ ଜବତ କରିଛି। ସେଥିରେ ବୋଝେଇ ହୋଇଥିବା ୨୫କି.ଗ୍ରା ୧୨୫ଗ୍ରାମ ଗଞ୍ଜେଇ ସହିତ ଏକ ବାଇକ୍ (ନଂ.ଓଡ଼ି୧୭ଜେଡ୍/୪୫୯୭), ୪ଟି ମୋବାଇଲ, ନଗଦ ୨୧୨୦ ଟଙ୍କା ଜବତ ହୋଇଛି । ଏଥିରେ ସମ୍ପୃକ୍ତ ଜଣେ ମହିଳାଙ୍କ ସମେତ ୫ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜଗଦଲପୁର ଥାନା ବୈତାଳିଭଟାର ଟିକେଶ୍ୱର ଓରଫ ଶୁରୁବାବୁ ରାବଣ(୨୭), କୀର୍ତ୍ତନ ଖର୍ସେଲ(୩୧), ଗାଇସିଲେଟ ଥାନା କେନ୍ଦୁମାଳର ମଧୁସୂଦନ ସୁନା(୨୨), ସମ୍ବଲପୁର ଜିଲା ବୁର୍ଲା ଥାନା ବୈଜାମୁଣ୍ଡାର ମନୋଜ ସୁନା(୨୨) ଏବଂ ଛତିଶଗଡ଼ ରାଜ୍ୟ ଖରସିଆ ଥାନା ଅର୍ଡା ଗ୍ରାମର ଜଣେ ମହିଳା। ସେମାନଙ୍କ ବିରୋଧରେ ଜଗଦଲପୁର ଥାନା ପୋଲିସ ଏକ ମାମଲା (ନଂ.୯/୨୪) ରୁଜୁ କରିଛି। ଅଭିଯୁକ୍ତମାନେ କାର୍ ଯୋଗେ ଗଞ୍ଜେଇ ଚାଲାଣ କରୁଥିବାବେଳେ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ପୋଲିସ ସେମାନଙ୍କୁ ଛତିଶଗଡ଼ ସୀମାବର୍ତ୍ତୀ ଶିକାରୀପାଲି ଛକରେ ଧରିଥିଲା।

### ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପ୍ରସ୍ତୁତି ବୈଠକ

ପଦ୍ମପୁର, ୧୩।୧ (ପ୍ରଦୀପ୍ତ ଦାଶ): ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପରିପେକ୍ଷୀରେ ନୂଆ-ଓ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟ ସରକାର 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ କରିଛନ୍ତି। ଏ ନେଇ ପ୍ରସ୍ତୁତି ପାଇଁ ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷା କଳ୍ପନାରାଣୀ ନାଥଙ୍କ ସଭାପତିତ୍ୱରେ ଏକ ବୈଠକ ଶନିବାର ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ ସମ୍ପର୍କରେ ଆଲୋଚନା ହୋଇଥିଲା। କୁନ୍ତଳା ସାହୁ, ଲୋପାମୁଦ୍ରା ନାୟକ, ସରିତାରାଣୀ ପ୍ରଧାନ, ସୋନିଆ ମେହେର, ପଦ୍ମିନୀ ପ୍ରଧାନ, ଅନିଳ ପୁରୋହିତ, ଧୀରେନ୍ଦ୍ର ବର୍ଗେ, ରବି ଅମରୀ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ରୂପାନ୍ତରଣ ନୂଆ ଜାଗରଣ ମାର୍ଗ ପ୍ରଶସ୍ତ କରିଛି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩।୧ (ଅନିଲ ଦାସ)



**୫-ଟି ସ୍କୁଲ ରୂପାନ୍ତରଣର ୪ର୍ଥ ପର୍ଯ୍ୟାୟ**
- ଦ୍ୱିତୀୟ ଦିବସରେ ୬ ଜିଲାର ୩୨୭ ସ୍କୁଲ ଲୋକାର୍ପିତ
- ପିଲାଙ୍କ ଭିତରେ ବଡ଼ ହେବାର ସ୍ୱପ୍ନକୁ ଜାଗ୍ରତ କରିଛି ସ୍କୁଲ ରୂପାନ୍ତରଣ: ପାଣ୍ଡିଆନ୍

୫-ଟି ସ୍କୁଲ ରୂପାନ୍ତରଣ ଅଭିଯାନର ଚତୁର୍ଥ ପର୍ଯ୍ୟାୟର ଦ୍ୱିତୀୟ ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ମାଲକାନଗିରି, ବାଲେଶ୍ୱର, ଗଜପତି, ଢେଙ୍କାନାଳ, କେନ୍ଦୁଝର ଓ କଟକ ଆଦି ୬ଟି ଜିଲାର ୩୨୭ଟି ରୂପାନ୍ତରିତ ସ୍କୁଲକୁ ଲୋକାର୍ପିତ କରିଛନ୍ତି। ଏଥିରେ ମାଲକାନଗିରି ଜିଲାର ୩୫ଟି ହାଇସ୍କୁଲ, ବାଲେଶ୍ୱରର ୭୬, ଗଜପତିର ୨୮, ଢେଙ୍କାନାଳର ୬୩, କେନ୍ଦୁଝରର ୪୫ ଓ କଟକର ୮୦ ହାଇସ୍କୁଲ ଅନ୍ତର୍ଭୁକ୍ତ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏବେ ଓଡ଼ିଶାରେ ରୂପାନ୍ତରର ଯୁଗ ଚାଲିଛି। ଶିକ୍ଷା ହିଁ ଆମ ସମାଜର ସାମୂହିକ ଚିନ୍ତାଧାରାକୁ ଉଚ୍ଚସ୍ତରକୁ ନେଇଥାଏ। ସ୍କୁଲ ରୂପାନ୍ତର ଓଡ଼ିଆ ଜାତିରେ ନୂଆ ଜାଗରଣର ମାର୍ଗ ପ୍ରଶସ୍ତ କରିଛି। ଆଗାମୀ ଦିନରେ ମୁଖ୍ୟ ଭୂମିକା ଗ୍ରହଣ କରିବ। ସ୍କୁଲ କଲେଜଠାରୁ ଆରମ୍ଭ କରି ହସ୍ପିଟାଲ, ପର୍ଯ୍ୟଟନ କ୍ଷେତ୍ର, ମଠ ମନ୍ଦିର, ପଞ୍ଚାୟତ, ଗାଁ ସବୁଠାରେ ରୂପାନ୍ତର କାର୍ଯ୍ୟ ଚାଲିଛି। ଏକ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ ପାଇଁ ଏହି ରୂପାନ୍ତର ରାସ୍ତା ପ୍ରସ୍ତୁତ କରୁଛି। ରୂପାନ୍ତର କାର୍ଯ୍ୟକ୍ରମ ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ସ୍କୁଲ ରୂପାନ୍ତର କାର୍ଯ୍ୟ। ସ୍କୁଲରୁ ହିଁ ଗୋଟିଏ ଜାତିର ଭବିଷ୍ୟତ ନିର୍ମାଣ ହୋଇଥାଏ। ଏହି ରୂପାନ୍ତର କାର୍ଯ୍ୟକ୍ରମରେ ସ୍କୁଲରେ ସ୍ମାର୍ଟ କ୍ଲାସ ରୁମ୍, କମ୍ପ୍ୟୁଟର, ଅତ୍ୟାଧୁନିକ ଲାବରେଟୋରୀର ବ୍ୟବସ୍ଥା କରାଯାଇଛି। ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଏବେ ସରକାରୀ ସ୍କୁଲଗୁଡ଼ିକ ଶ୍ରେଷ୍ଠ ମାଧ୍ୟମ ହୋଇଛି। ଏହି ରୂପାନ୍ତରିତ ସ୍କୁଲର ଠିକ୍ ଉପଯୋଗ କରି ଭଲ ପାଠ ପଢ଼ି ଏକ ସୁନ୍ଦର ଭବିଷ୍ୟତ ଗଢ଼ିବା ପାଇଁ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ପରାମର୍ଶ ଦେଇଛନ୍ତି। ପୂର୍ବରୁ ୩ଟି ପର୍ଯ୍ୟାୟରେ ରାଜ୍ୟରେ ୬୮୮୩ଟି ସ୍କୁଲ ରୂପାନ୍ତରିତ ହୋଇଛି। ଚତୁର୍ଥ ପର୍ଯ୍ୟାୟରେ ସମୁଦାୟ ୧୭୯୪ଟି ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ ହେବ। ଏହି ପର୍ଯ୍ୟାୟ ସମ୍ପୂର୍ଣ୍ଣ ହେବା ପରେ ରାଜ୍ୟରେ ସମୁଦାୟ ୮୬୭୭ ସ୍କୁଲ ରୂପାନ୍ତରିତ ହେବ। କାର୍ଯ୍ୟକ୍ରମରେ ଯୋଗଦେଇ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି, ୫-ଟି ସ୍କୁଲ ରୂପାନ୍ତର ପିଲାଙ୍କ ମଧ୍ୟରେ ଭଲ ପାଠ ପଢ଼ି ବଡ଼ ହେବାର ସ୍ୱପ୍ନକୁ ଜାଗ୍ରତ କରିପାରିଛି। ସରକାରୀ ସ୍କୁଲରେ ପାଠ ପଢ଼ି ବହୁତ ପିଲା ବଡ଼ ମଣିଷ ହୋଇଥିବା ସେ କହିଛନ୍ତି। କାର୍ଯ୍ୟକ୍ରମରେ ମାଲକାନଗିରିରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝୀ, ବାଲେଶ୍ୱରରେ ବିଧାୟକ ସ୍ୱରୂପ କୁମାର ଦାସ, ଗଜପତିରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଢେଙ୍କାନାଳରେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, କେନ୍ଦୁଝରରେ ବିଧାୟକ ଜଗନ୍ନାଥ ନାୟକ ଏବଂ କଟକରେ ବିଧାୟକ ଚନ୍ଦ୍ରସାରଥି ବେହେରା ପ୍ରମୁଖ ଯୋଗଦେଇ ଶିକ୍ଷା କ୍ଷେତ୍ରରେ ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱର ଉଚ୍ଚ ପ୍ରଶଂସା କରି କହିଥିଲେ।

ଏହି କାର୍ଯ୍ୟକ୍ରମରେ ସ୍କୁଲ ଓ ଗଣଶିକ୍ଷା ସଚିବ ଅଶ୍ୱଥୀ ଏସ୍ ସ୍ୱାଗତ ଭାଷଣ ଦେଇଥିଲେ। ଓସେପାର ସ୍ୱତନ୍ତ୍ର ପ୍ରୋଜେକ୍ଟ ଡାଇରେକ୍ଟର ଧନ୍ୟବାଦ ଅର୍ପଣ କରିଥିଲେ। ଉନ୍ନୟନ କମିଶନର, ବିଭିନ୍ନ ବିଭାଗର ପ୍ରମୁଖ ସଚିବ, ସଚିବ ଓ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ଧାନକିଣା ସମସ୍ୟାର ସମାଧାନ ଦାବିରେ ଜିଲାପାଳଙ୍କୁ ଦାବିପତ୍ର

ଦେବଗଡ଼, ୧୩।୧ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲାରେ ଚଳିତବର୍ଷ ତାରିଖ ମୁତାବକ ଧାନକିଣା ହୋଇପାରୁ ନ ଥିବାରୁ ଧାନ ବିକ୍ରି ପାଇଁ ଚାଷୀମାନେ ପାଇଥିବା ଟୋକନ ଗୁଡିକର ଅବଧି ଶେଷ ହୋଇଯିବାର ଆଶଙ୍କା ଦେଖାଦେଇଛି। ଏନେଇ ଜିଲା କୃଷକ ସଂଘ ଅସନ୍ତୋଷ ପ୍ରକାଶ କରିବାସହ ଚାଷୀଙ୍କ ନିକଟରୁ ସୁଚାରୁ ରୂପେ ଧାନକ୍ରୟ କରିବା ପାଇଁ ଜିଲାପାଳଙ୍କ ନିକଟରେ ଲିଖିତ ଦାବି କରିଛନ୍ତି। ରିଆମାଳ ବ୍ଲକର ଟିଙ୍କବିର, ବୁଢାପାଳ, ରିଆମାଳ ସମେତ ତିଲେଇବଣି ବ୍ଲକର ଗାଙ୍ଗନଣ ଓ ଦୁଧିଆନାଳି ଆଦି ବିଭିନ୍ନ ମଣ୍ଡିରେ ଡିସେମ୍ବର ୧୮, ୨୦ ଓ ୨୨ ତାରିଖର ଧାନକିଣା ବାକି ରହିଛି। ସେହିପରି ଆବଶ୍ୟକ ମୁତାବକ କେତେକ ମଣ୍ଡିକୁ ଟାର୍ଗେଟ ଦିଆ ନ ଗଲେ ଚାଷୀଙ୍କ ଟୋକନ ଗୁଡିକର ଅବଧି ଶେଷ ହେବାର ଆଶଙ୍କା ରହିଛି। ଅନ୍ୟପକ୍ଷରେ ରବିବାରଠାରୁ ୩ଦିନ ପର୍ଯ୍ୟନ୍ତ ଛୁଟିଦିନ ରହିଥିବା ଓ ୧୬ ତାରିଖରେ କଂଗ୍ରେସର ଅଖ ଚକ ବନ୍ଦ ଆନ୍ଦୋଳନ ଡାକରା ରହିଥିବାରୁ ଚଷୀକୂଳ ଯେଭଳି ପ୍ରଭାବିତ ନ ହେବେ ଓ ଯେଭଳି ସୁରୁଖୁରୁରେ ଧାନ ବିକ୍ରି କରିପାରିବେ ଏହାର ସୁବନ୍ଦୋବସ୍ତ କରିବାକୁ ଉପରୋକ୍ତ ସ୍ମାରକପତ୍ର ଜରିଆରେ ଜିଲା କୃଷକ ସଂଘ ପକ୍ଷରୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି। ଶନିବାର ଜିଲା କୃଷକ ସଂଘ ସଭାପତି ପ୍ରମୋଦ କୁମାର ଝାଙ୍କରଙ୍କ ସଭାପତିତ୍ୱରେ ଆୟୋଜିତ ସଂଘର କାର୍ଯ୍ୟକାରୀଣି ବୈଠକରେ ଉପଦେଷ୍ଟା ବିଭୁତି ଗଙ୍ଗଦେବ, ଜନାର୍ଦ୍ଦନ ପ୍ରଧାନ, ଜିଲା ଉପସଭାପତି ବିଜୟ କୁମାର ପ୍ରଧାନ ଓ ଗୁରୁଚରଣ ସାହୁ, ଜିଲା ସାଧାରଣ ସମ୍ପାଦକ ଯଯାତି କିଶୋର ବିଶ୍ୱାଳ, ବାରକୋଟ ବ୍ଲକ ସଭାପତି ବିନୋଦ ନାୟକ, ରିଆମାଳ ବ୍ଲକ ଉପସଭାପତି ପବିତ୍ର ମୋହନ ନାୟକ ଓ ପବିତ୍ର ମୋହନ ପ୍ରଧାନ, ରିଆମାଳ ବ୍ଲକ କୋଷାଧ୍ୟକ୍ଷ ନିତ୍ୟାନନ୍ଦ ବିଶ୍ୱାଳ, ତିଲେଇବଣି ବ୍ଲକ ସଭାପତି ଅଚ୍ୟୁତାନନ୍ଦ ନାୟକ, ତିଲେଇବଣି ବ୍ଲକ ସମ୍ପାଦକ ପ୍ରମୋଦ କୁମାର ସାହୁ, କୃଷକ ନେତା ସଚ୍ଚିଦାନନ୍ଦ ପଟ୍ଟନାୟକ, ହରିଶ୍ଚନ୍ଦ୍ର ବିଶ୍ୱାଳ, ସନ୍ତୋଷ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଧାନକିଣାରେ ଅବ୍ୟବସ୍ଥା ସମେତ ଚାଷୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବାପରେ ଉପରୋକ୍ତ ଦାବିପତ୍ର ଜିଲାପଳଙ୍କୁ ପ୍ରଦାନ କରିବାକୁ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ନେଇଥିଲେ ।

# ଜିଲାସ୍ତରୀୟ ଫ୍ୟାନ୍ସି ଡ୍ରେସ୍ ପ୍ରତିଯୋଗିତା

ଦେବଗଡ଼, ୧୩।୧ (ଶଶାଙ୍କ ଶେଖର ଝାଙ୍କର)

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଦେବଗଡ଼ ଜିଲାର ଅଗ୍ରଣୀ ନାଟ୍ୟାନୁଷ୍ଠାନ ଜାଗରଣ ଆର୍ଟ ଇଣ୍ଟରନେଶନାଲ ତରଫରୁ ସ୍ଥାନୀୟ ସଂସ୍କୃତି ଭବନଠାରେ ଜିଲା ସ୍ତରୀୟ ଫ୍ୟାନ୍ସି ଡ୍ରେସ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। କୃତି ପ୍ରତିଯୋଗୀ ସାଧାରଣତନ୍ତ୍ର ଦିବସରେ ପ୍ୟାରେଡ ପଡ଼ିଆରୁ ପୁରସ୍କାର ଗ୍ରହଣ କରିବେ। ଏଥିରେ ୩ଟି ଗ୍ରୁପ୍‌ରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଲ୍ କେଜିରୁ ପ୍ରଥମ ଶ୍ରେଣୀ ସବ୍‌ଜୁନିଅର, ଦ୍ୱିତୀୟରୁ ତୃତୀୟ ଶ୍ରେଣୀ ଜୁନିୟର, ଚତୁର୍ଥରୁ ପଞ୍ଚମ ଶ୍ରେଣୀ ସିନିୟର୍, ସବ୍ ଜୁନିୟରରେ ୨୩ ଜଣ, ଜୁନିୟରରେ ୨୦ ଜଣ ଏବଂ ସିନିୟର୍‌ରେ ୬ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଏଥିରେ ବିଚାରକ ଥିଲେ ଡ. ଭାରତ ଭୂଷଣ ନନ୍ଦ, ରାକେଶ କୁମାର ଶତପଥୀ ଏବଂ ଅମ୍ଳାନସୁ ପୂଜାରୀ। ସହଯୋଗ କରିଥିଲେ ସୁଜିତ କୁମାର ପାତ୍ର, ପ୍ରକାଶ ଦେବତା, ଚିତ୍ତରଞ୍ଜନ ଦାସ, ବିଶାଲ ନାୟକ, ଶୁଭମ୍ ମହାଙ୍କୁର୍, ଅଙ୍କୁର ରଞ୍ଜନ ସ୍ୱାଇଁ, ବିଷ୍ଣୁ ପ୍ରିୟା ଗଡଟିୟା, ଜୁଲି ଷଣ୍ଢ, ଭୁବନେଶ୍ୱରୀ ପାତ୍ର ଏବଂ ସରିତା କର୍ମୀ।



ଦେବଗଡ଼ ଜିଲାର ଅଗ୍ରଣୀ ନାଟ୍ୟାନୁଷ୍ଠାନ ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲ ପକ୍ଷରୁ ସ୍ଥାନୀୟ ସଂସ୍କୃତି ଭବନଠାରେ ଜିଲା ସ୍ତରୀୟ ଫ୍ୟାନ୍ସି ଡ୍ରେସ୍ ଆୟୋଜିତ ପ୍ରତିଯୋଗିତାରେ ଶିକ୍ଷକଙ୍କ ଗହଣରେ ଭାଗ ନେଇଥିବା ଛାତ୍ରୀଛାତ୍ର।

### ଧନୁଯାତ୍ରା ଆଭାସି ଆଲୋଚନାଚକ୍ର

ବରଗଡ଼, ୧୩।୧ (ପ୍ରେମାନନ୍ଦ ଖମାରୀ)

ଚେନ୍ନାଇର ସୃଜନୀ ପରିବାର ଆନୁକୂଲ୍ୟରେ ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚରେ ନାଟ୍ୟକଳାର ମହାସଙ୍ଗମ ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ଶୀର୍ଷକ ଆଭାସୀ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ନାଟ୍ୟକାର, ସାରସ୍ୱତ ସାଧକ ତଥା ଶିକ୍ଷାବିତ୍ ପ୍ରାଧ୍ୟାପକ ମୋହନ ସାହୁ, ପ୍ରାଧ୍ୟାପକ ଡ. ତପନ ବାରିକ, ଶିଶୁ ସାହିତ୍ୟିକ ଡ. ରବି ନାରାୟଣ ସାହୁ ପ୍ରମୁଖ ଆଲୋଚକ ଭାବେ ରହିଥିଲେ। ପଶ୍ଚିମ ଓଡ଼ିଶାର ଐତିହାସିକ, ସାଂସ୍କୃତିକ ପୃଷ୍ଠଭୂମିକୁ ପ୍ରସଙ୍ଗ କରି ଓଡ଼ିଆ ପରମ୍ପରାରେ ଶ୍ରୀକୃଷ୍ଣ ଚେତନା ଏବଂ ତାର ଅନନ୍ୟ ପରିଚୟ ଧନୁଯାତ୍ରା ବିଷୟରେ ସାହିତ୍ୟିକ କୈବଲ୍ୟ ମିଶ୍ର ବକ୍ତବ୍ୟ ପ୍ରଦାନ କରିଥିଲେ। ସୃଜନୀ ପରିବାରର ଉପଦେଷ୍ଟା ମଣ୍ଡଳୀ ମୁଖ୍ୟ ଆଶୁତୋଷ ସାମନ୍ତସିଂହାର, ପ୍ରଫେସର ଗୋଦାବରୀଶ ମିଶ୍ର, ସାରସ୍ୱତ ସାଧିକା ଡ. ବାସନ୍ତୀ ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରି ନିଜ ମତ ରଖିଥିଲେ। ସୃଜନୀ ପରିବାରର ସମ୍ପାଦକ ଅଶୋକ ସାମନ୍ତ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଂଯୋଜକ ତଥା ଉପସ୍ଥାପକ ରମେଶ ଚନ୍ଦ୍ର ପଶାୟତ, ସଂଯୋଜିକା ଝରଣା ପାଢ଼ୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଦେବଗଡ଼ କେନ୍ଦ୍ରୀୟ ବିଦ୍ୟାଳୟର ଭୂମିପୂଜନ




ଦେବଗଡ଼, ୧୩।୧ (ଶଶାଙ୍କ ଶେଖର ଝାଙ୍କର)

ଭାରତ ଏବେ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତିର ଦେଶ ଭାବେ ପରିଣତ ହୋଇଛି। ଆଗାମୀ ଦିନରେ ଆମ ଦେଶ ବିଶ୍ୱର ଏକ ନମ୍ବର ଅର୍ଥନୀତି ହେବା ସହ ବିକଶିତ ଭାରତ ହେବ। ଏଥିପାଇଁ ଏବେ ଠାରୁ ଆମର ଛାତ୍ରୀଛାତ୍ରଙ୍କୁ ଦକ୍ଷ କରିବାକୁ ପଡିବ। ସେମାନଙ୍କ ମଧ୍ୟରେ ବୈଜ୍ଞାନିକ ମନୋବୃତ୍ତି ସୃଷ୍ଟି କରିବା ପାଇଁ ପଡିବ ବୋଲି ଶନିବାର ଦେବଗଡ଼ କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ ଭବନର ଭୂମିପୂଜନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ପ୍ରଧାନ କହିଛନ୍ତି, ଦେବଗଡ଼ ଆମର ସାଂସ୍କୃତିକ ସହର ଓ ପଢାଲେଖା ଅଞ୍ଚଳ। ଦେବଗଡର ମୁଳପୁଞ୍ଜି ଶିକ୍ଷା। ଏଠାରେ ପାଠପଢାର ବହୁତ ପୁରୁଣା ସଂସ୍କାର ଅଛି। ଜିଲାରେ ଗଢି ଉଠିଥିବା ଶିକ୍ଷାନୁଷ୍ଠାନ ଗୁଡିକ ମଧ୍ୟରୁ ଅନେକ ଅନୁଷ୍ଠାନ ଶହେବର୍ଷ ପୁରୁଣା। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ସମୃଦ୍ଧ କରିବା ଦିଗରେ ଦେବଗଡର ଅବଦନ ଅତୁଳନୀୟ। ଭାରତ ସରକାରଙ୍କ ସହଯୋଗରେ ପ୍ରାୟ ୩୨ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ ପୂର୍ଣ୍ଣାଙ୍ଗ ହେଲେ ଏକ ଭଲ ସ୍କୁଲ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିପୂର୍ଣ୍ଣ ଜାତୀୟ ଶିକ୍ଷା ନୀତିରେ ଗୁଣାତ୍ମକ ଶିକ୍ଷା ସହ ବହୁମୁଖୀ ଶିକ୍ଷାକୁ ପ୍ରୋତ୍ସାହନ ଦିଆଯାଇଛି। ବାଲବାଟିକା ମାଧ୍ୟମରେ ଖେଳକୁଦ, ଗୀତ ଓ ଯାଦୁ ଆଧାରିତ ଶିକ୍ଷାକୁ ପ୍ରାଧାନ୍ୟ ଦିଆଯାଇଛି। ମାତୃଭାଷାକୁ ଗୁରୁତ୍ୱ, ଗବେଷଣା ଏବଂ ସାମାଜିକ ସଚେତନତା ଭଳି ବିଷୟକୁ ପାଠପଢାର ଅଂଶବିଶେଷ କରିବା ଉପରେ ପ୍ରାଥମିକତା ଦିଆଯାଇଛି। ସ୍ଥାନୀୟ ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାରେ ବଡ଼ ଭୂମିକା ଗ୍ରହଣ କରିବ। ସ୍କୁଲରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବଢୁଥିବା ଦୃଷ୍ଟିରେ ରଖି ଆସନ୍ତା ଶିକ୍ଷା ବର୍ଷରୁ ଏଠାରେ ୨ଟି ସେକ୍ସନ କରିବା ପାଇଁ ପ୍ରଧାନ ପରାମର୍ଶ ଦେଇଛନ୍ତି। ଏହାସହ ସ୍କୁଲରେ ଦ୍ୱାଦଶ ଉତ୍ତୀର୍ଣ୍ଣ ହେବା ପରେ ଛାତ୍ରୀଛାତ୍ରମାନେ କିପରି ପ୍ରତିଯୋଗିତାମୂଳକ ଭାବେ ଆଗକୁ ବଢିବେ, ସେଥିପାଇଁ ଉଦ୍ୟମ କରିବାକୁ ପ୍ରଧାନ ବିଶେଷ ଗୁରୁତ୍ୱାରୋପ କରିଥିଲେ। ଭୂମି ପୂଜନ ଉତ୍ସବରେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, କେନ୍ଦ୍ରୀୟ ବିଦ୍ୟାଳୟ, ଭୁବନେଶ୍ୱର ରିଜନର ଡେପୁଟି କମିସନର ଶିହରଣ ବୋଷ ଓ ଦେବଗଡ଼ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ଭଗବାନ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ।

# ଫାଇନାଲରେ ରାଉରକେଲା ୱାଇବିସି

ଦେବଗଡ, ୧୩।୧ (ଶଶାଙ୍କ ଶେଖର ଝାଙ୍କର)

**ପ୍ରଧାନପାଟ କପ୍ ସର୍ବ ଭାରତୀୟ ଫୁଟ୍‌ବଲ ପ୍ରତିଯୋଗିତା**

ପ୍ରଧାନପାଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମରେ ଗତ ୮ ତାରିଖ ଠାରୁ ଆରମ୍ଭ ହୋଇଥିବା 'ପ୍ରଧାନପାଟ୍ କପ୍' ସର୍ବ ଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ସୋନପୁରର ରାମଧୂନକୁ ୨-୧ ଗୋଲରେ ପରାସ୍ତ କରି ରାଉରକେଲାର ୱାଇବିସି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚକୁ ରେଫରୀ ଭାବେ ରାଜକୁମାର ମଣ୍ଡଳ, ନୀଳ ନାୟକ, ଚନ୍ଦ୍ର କିଷାନ ଓ ସୌରଭ କୁମାର ନାୟକ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ବେଣୁଧର ଗଡନାୟକ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ଶ୍ରେଷ୍ଠ ଖେଳ ପ୍ରଦର୍ଶନ ନିମନ୍ତେ ରାଉରକେଲା ୱାଇବିସିର ଖେଳାଳି ଅଭିଷେକ କେର୍କେଟ୍ଟା ମ୍ୟାନ ଅଫ୍ ଦ ମ୍ୟାଚ ବିବେଚିତ ହୋଇଥିଲେ। ମ୍ୟାଚକୁ ମୁଖ୍ୟ ଅତିଥିଭାବେ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥିଭାବେ ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁ, ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ଦାଶ, ଦେବଗଡ ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ଭାଜପା ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରୀଣି ସଦସ୍ୟ ଦୟାଶଙ୍କର ଦ୍ୱିବେଦୀ, ଦେବଗଡ ମଣ୍ଡଳ ସାଦାରଣ ସମ୍ପାଦକ ରମଣୀରଞ୍ଜନ ଆଚାର୍ଯ୍ୟ, ଭୋଳେଶ୍ୱର ପ୍ରଧାନ ଯୋଗଦେଇ ଆୟୋଜକ ଏବଂ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରବିବାର ଝାରସୁଗୁଡାର ଆଦିବାସୀ କ୍ଲବ ଓ ରାଉରକେଲାର ୱାଇବିସି ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଟୁର୍ଣ୍ଣାମେଣ୍ଟ ଆୟୋଜନରେ ପ୍ରଧାନପାଟ କ୍ଲବର ସଭାପତି ସୁବାସ ଚନ୍ଦ୍ର ଭୋଇ, ପ୍ରଧାନପାଟ କପ୍ ଆୟୋଜନ କମିଟିର ସଭାପତି ବିକାଶ କୁମାର ପ୍ରଧାନ, ସମ୍ପାଦକ ପ୍ରଦୀପ କୁମାର ବେହେରା, କୋଷାଧ୍ୟକ୍ଷ ସଞ୍ଜୀବ କୁମାର ବେହେରା, ପ୍ରଧାନପାଟ କ୍ଲବର ସମ୍ପାଦକ ସଞ୍ଜୀବ କୁମାର ନାଏକ, ସଦସ୍ୟ ଯୋଗେନ୍ଦ୍ର ସାହୁ, ବିକାଶ ଅଗ୍ରୱାଲା, ମଛିନ୍ଦ୍ର ନାୟକ, ଶୁକଦେବ ଭଞ୍ଜ, ରୂପକ କୁମାର ମାଝି, ଶରତ ମେହେର, ବିକାଶ ଅଗ୍ରୱାଲା, ଅନନ୍ତ ମେହେର, ଅଲେଖ ନାୟକ, ଯୋଗେଶ ନାୟକ, ବାବୁଲୁ ଜେନା, ଜୟନାରାୟଣ ସାମଲ, ଦୀପକ ବେହେରା ଓ ସନ୍ତୋଷ ଭୋଇଙ୍କ ସମେତ ସମସ୍ତ ସଦସ୍ୟ ଓ କର୍ମକର୍ତ୍ତା ସକ୍ରୀୟ ସହଯୋଗ କରୁଛନ୍ତି।



ଅତିଥିଙ୍କ ଗହଣରେ ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

# ସ୍ୱଭାବ କବିଙ୍କ ଶ୍ରାଦ୍ଧ ଶତବାର୍ଷିକୀରେ ଯୋଗଦେବେ ରାଜ୍ୟପାଳ

ବରପାଲି, ୧୩।୧ (ଚିତ୍ତରଞ୍ଜନ ସାହୁ)

ଆସନ୍ତା ମାର୍ଚ୍ଚ ମାସ ପ୍ରଥମ ସପ୍ତାହରେ କବିପୀଠ ବରପାଲିଠାରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଶତବାର୍ଷିକୀ ଓ ମେହେର ସମାଜର ଶତବାର୍ଷିକୀ ମହାସଭା ଆୟୋଜନ କରାଯାଉଛି। ତେବେ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ରାଜ୍ୟପାଳ ରଘୁବର ଦାସ ସମ୍ମତି ପ୍ରକାଶ କରିଛନ୍ତି। ନିଖିଳ ଓଡ଼ିଶା ମେହେର ସମାଜ ସଭାପତି ତଥା ବରିଷ୍ଠ ଆଇନଜୀବୀ ବୈଶମ୍ପାୟନ ମେହେରଙ୍କ ନେତୃତ୍ୱରେ ଯାଇଥିବା ଏକ ପାଞ୍ଚ ଜଣିଆ ପ୍ରତିନିଧି ଦଳ ସହ ରାଜଭବନରେ ସାକ୍ଷାତ ଆଲୋଚନା ବେଳେ ରାଜ୍ୟପାଳ ଦାସ କାର୍ଯ୍ୟକ୍ରମକୁ ନେଇ ଖୁସି ବ୍ୟକ୍ତ କରିଥିଲେ। ଆଲୋଚନା ବେଳେ ରାଜ୍ୟପାଳ ମେହେର ସମାଜର ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ବିଷୟରେ ମଧ୍ୟ ପଚାରି ବୁଝିଥିଲେ। ପ୍ରତିନିଧି ଦଳରେ ସମାଜର ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ମୋହନ ମେହେର, ଭୁବନେଶ୍ୱର ନଗର ସଭାପତି ମିହିର କୁମାର ମେହେର, ରାଜ୍ୟ ସଙ୍ଗଠକ ପ୍ରଫୁଲ୍ଲ କୁମାର ମେହେର, ଭୁବନେଶ୍ୱର ୟୁନିଟ୍ ସଂଯୋଜକ ଅଶୋକ କୁମାର ମେହେର ପ୍ରମୁଖ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ସପ୍ତାହେ ବ୍ୟାପୀ ହେବାକୁ ଥିବା ଶ୍ରାଦ୍ଧ ଶତବାର୍ଷିକୀ ଲାଗି ଆୟୋଜକ ମେହେର ସମାଜ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଛି ।

# ଶିକ୍ଷା ଜ୍ଞାନ ଦିଏ, ଦକ୍ଷତା ସାମର୍ଥ୍ୟ ବଢ଼ାଏ: ଧର୍ମେନ୍ଦ୍ର

**ନବୋଦୟ ବିଦ୍ୟାଳୟରେ ୭.୬୦କୋଟି ବିକାଶମୂଳକ କାର୍ଯ୍ୟର ଶୁଭାରମ୍ଭ**

ଦେବଗଡ଼, ୧୩।୧ (ଶଶାଙ୍କ ଶେଖର ଝାଙ୍କର)

ଶିକ୍ଷା ଜ୍ଞାନ ଆହରଣର ଅବସର ଦିଏ। ଦକ୍ଷତା ବିକାଶ ଓ ସାମର୍ଥ୍ୟକୁ ବଢାଇଥାଏ। ଶିକ୍ଷା ବ୍ୟବସ୍ଥାରେ ଡିଗ୍ରୀ ଓ ଦକ୍ଷତା ବିକାଶ ଉଭୟ ମହତ୍ୱପୂର୍ଣ୍ଣ। ଶନିବାର ଦେବଗଡ ପିଏମଶ୍ରୀ ସ୍କୁଲ ଜବାହର ନବୋଦୟ ବିଦ୍ୟାଳୟରେ ୭.୬୦ କୋଟି ଟଙ୍କା ମୂଲ୍ୟର ବିକାଶମୂଳକ କାର୍ଯ୍ୟ ସମେତ ଫୁଟବଲ୍ ଫର୍ ସ୍କୁଲ୍ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ଅବସରରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଜବାହର ନବୋଦୟ ବିଦ୍ୟାଳୟ ଦେଶର ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ ସଂସ୍ଥା। ରାଷ୍ଟ୍ରୀୟ ଶିକ୍ଷା ନୀତି ଉଦ୍ଦେଶ୍ୟରେ ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗର ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଦିଗରେ ଏହି ବିଦ୍ୟାଳୟର ପ୍ରୟାସ। ନିକଟରେ ଜବାହର ନବୋଦୟ ବିଦ୍ୟାଳୟ ଦେବଗଡକୁ ପିଏମଶ୍ରୀ ସ୍କୁଲ ଭାବେ ବିକଶିତ କରାଯାଇଛି।




କେନ୍ଦ୍ର ମନ୍ତ୍ରୀ ଓ ବିଧାୟକ ଦୁଇ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

ଆଜି ଉକ୍ତ ସ୍କୁଲରେ ପ୍ରାୟ ୪କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ଶିଳାନ୍ୟାସ ହୋଇଥିବା ୭୫୦ ସିଟ କ୍ଷମତା ବିଶିଷ୍ଟ ବହୁମୁଖୀ ସଭାଗୃହ ଛାତ୍ରୀଛାତ୍ରଙ୍କୁ ଦେଶ ଦୁନିଆ ସହ ଯୋଡିବ। ସେହିପରି ଛାତ୍ରୀମାନଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଦୃଷ୍ଟିରୁ ପ୍ରାୟ ୩କୋଟି ଟଙ୍କା ବ୍ୟୟରେ ନିର୍ମିତ ଅତିରିକ୍ତ ଛାତ୍ରୀ ନିବାସ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟରେ ପିଲାଙ୍କ ଦକ୍ଷତା ବିକାଶ ପାଇଁ ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ସ୍କିଲଲ୍ୟାବ ମଧ୍ୟ ଉଦ୍‌ଘାଟିତ ହୋଇଥିଲା। ଲୋକାର୍ପିତ ସ୍କିଲଲ୍ୟାବ ବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କର ଦକ୍ଷତା ବୃଦ୍ଧି କରିବାରେ ସହାୟକ ହେବ ବୋଲି ମନ୍ତ୍ରୀ ପ୍ରଧାନ କହିଥିଲେ। ସେ ପ୍ରଦର୍ଶନୀ ବୁଲିବା ସହ ଛାତ୍ରୀଛାତ୍ରଙ୍କ ବୁଦ୍ଧିମତାର ପ୍ରଶଂସା କରିଥିଲେ। ଏକାଦଶ ଶ୍ରେଣୀରେ ଅଧ୍ୟୟନରତ ଛାତ୍ର ଅଙ୍କିତ ସାମନ୍ତ ଓ ଉଦୀତ ପ୍ରଧାନଙ୍କ ଦ୍ୱାରା ପ୍ରସ୍ତୁତ ପେଟ୍ରୋଲରେ ଇଥାନଲ ବ୍ଲେଣ୍ଡିଂ ପ୍ରକଳ୍ପ ଦେଖି ପ୍ରଭାବିତ ହୋଇଥିବା ମନ୍ତ୍ରୀ ପ୍ରଧାନ ପ୍ରକାଶ କରିଥିଲେ। ଆଗାମୀ ଦିନରେ ବିଜ୍ଞାନ ଓ ଟେକ୍ନୋଲୋଜି ମାଧ୍ୟମରେ ନୂଆ ଅର୍ଥନୀତି ପ୍ରସ୍ତୁତ ହେବାସହ ଏକବିଂଶ ଶତାବ୍ଦୀ ଜ୍ଞାନ ଆଧାରିତ ଅର୍ଥନୀତି ହେବ। ଏହି ସମୟରେ ଛାତ୍ରୀଛାତ୍ରଙ୍କୁ ଏଥିପାଇଁ ନିଯୁକ୍ତିଦାତା ସାଜି ଆତ୍ମନିର୍ଭର ହେବାକୁ ପଡିବ। ଆଗାମୀ ଦିନରେ ଦେବଗଡର ପିଲାମାନେ ଆତ୍ମନିର୍ଭରତାର ବୈଷୟିକ ମଡେଲ ତିଆରି କରିବେ ଓ ନବୋଦୟ ବିଦ୍ୟାଳୟ ତାହାର ପ୍ରୟୋଗଶାଳା ହେବ ବୋଲି ପ୍ରଦାନ କହିଥିଲେ।

ଏହି ଅବସରରେ ପ୍ରଧାନ କହିଥିଲେ ଯେ, ଦେବଗଡ ଜିଲାରେ ଫୁଟବଲ ଖେଳ ପ୍ରତି ପିଲାମାନଙ୍କର ବେଶ ଆଗ୍ରହ ରହିଛି। ଦେବଗଡ ପିଏମଶ୍ରୀ ସ୍କୁଲ ଜବାହର ନବୋଦୟ ବିଦ୍ୟାଳୟରେ ଫୁଟବଲ ଫର ସ୍କୁଲ କାର୍ଯ୍ୟକ୍ରମର ଶୁଭାରମ୍ଭ ଛାତ୍ରୀଛାତ୍ରଙ୍କୁ ଅଧିକ ପ୍ରୋତ୍ସାହିତ କରିବ। ଫୁଟବଲ ଫର ସ୍କୁଲ ଅନ୍ତର୍ଗତ ଦେବଗଡ ଜିଲାର ମୋଟ ୫୦ ଟି ସ୍କୁଲରେ ୨୭୩ଟି ଫୁଟବଲ ବିତରଣ କରାଯିବ। ଏହି ଅବସରରେ ଦେବଗଡ ପିଏମ୍ ଶ୍ରୀ ସ୍କୁଲ ଜବାହର ନବୋଦୟ ବିଦ୍ୟାଳୟର ୧୦ମ ଶ୍ରେଣୀର ଛାତ୍ରୀ ମୋନାଲିଶା ମଲ୍ଲିକ ଓ ବିଦୁସ୍ମିତା ଧରୁଆ କେନ୍ଦ୍ର ମନ୍ତ୍ରୀଙ୍କୁ ଏକ କଳାକୃତି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, ନବୋଦୟ ବିଦ୍ୟାଳୟ ସମିତି ଭୋପାଳ ରିଜନର ଆସିଷ୍ଟାଣ୍ଟ କମିଶନର ନିଲମ ପାଣି, ଡେପୁଟୀ କମିଶନର ମୃଦୁଳା ତ୍ରିପାଠୀ ଓ ଜବାହର ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ଉତ୍ତମ ପ୍ରସାଦ ପ୍ରମୁଖ ମଞ୍ଚାସୀନ ଥିଲେ।

## ଟ୍ରେନ୍‌ରେ କଟି ଯୁବତୀ ମୃତ

ଟିଟିଲାଗଡ଼,(ଶରତ ମିଶ୍ର): ଟିଟିଲାଗଡ଼ ମନିଗାଁ ରେଳ ଫାଟକ ନିକଟ ରେଳ ଧାରଣାରେ ଜଣେ ଯୁବତୀ ଆତ୍ମହତ୍ୟା କରିଛନ୍ତି। ମୃତା ସିନ୍ଧେକେଲା ଥାନା ଅନ୍ତର୍ଗତ ବାଲବ୍ୟାଙ୍କର ପ୍ରେମଶୀଳା ନାୟକ(୨୬) ବୋଲି ଜଣାପଡିଛି। ଜିଆର୍‌ପି ବଲାଙ୍ଗୀର ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଏସଆଇ ପ୍ରଦୀପ କୁଅଁର କହିଛନ୍ତି।



## ସଂକ୍ଷେପରେ

### ବିଦ୍ୟାଳୟଭିତ୍ତିକ ମାନ ନିର୍ଦ୍ଧାରଣ ତାଲିମ

ଗୁଡଭେଲା,୧୩।୧(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲ୍ଲା ଗୁଡଭେଲା ବ୍ଲକ ଡାହିମାଲ ଓ ରୁଷୁଡା ଉଚ୍ଚ ବିଦ୍ୟାଳୟଠାରେ ଜାନୁୟାରୀ ୧୧ରୁ ଆରମ୍ଭ ହୋଇଥିବା ତୃତୀୟ ପର୍ଯ୍ୟାୟ ବିଦ୍ୟାଳୟଭିତ୍ତିକ ମାନ ନିର୍ଦ୍ଧାରଣ ତାଲିମ ଶିବିର ଶନିବାର ସମ୍ପନ୍ନ ହୋଇଛି। ବିଇଓ ରୁଷିଆ ମେହେରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଏବିଇଓ ରମେଶ ସାମର୍ଥ, ସୁରେନ୍ଦ୍ର ସୁନା ଓ ବିପିନ ବାଗ ଭେନ୍ୟୁ ଇନଚାର୍ଜ ଦାୟିତ୍ୱ ତୁଲାଇଥିଲେ। ଡାହିମାଲରେ ପ୍ରଶିକ୍ଷକ ଭାବେ ଅଭୟ କୁମାର ମିଶ୍ର, ଜଗମୋହନ ତ୍ରିପାଠୀ, ପ୍ରହ୍ଲାଦ ଦଣ୍ଡସେନା, ରଶ୍ମିରଞ୍ଜନ ସାହୁ ଏବଂ ଅଫିସିଆଲ ଷ୍ଟାଫଭାବେ ସିଆରସିସି ଷଡାନନ ପ୍ରଧାନୀ ଓ ସମୀର ପ୍ରଧାନ ଯୋଗଦେଇଥିଲେ। ରୁଷୁଡାରେ ପ୍ରଶିକ୍ଷକଭାବେ ମନୋରଞ୍ଜନ ଭୋଇ, କୃଷ୍ଣଚନ୍ଦ୍ର ଭୋଇ, କାର୍ତ୍ତିକ ହରପାଲ, ସୁଧାଂଶୁ ପୁଟା ଏବଂ ଅଫିସିଆଲ ଷ୍ଟାଫ ଭାବେ ସିଆର୍‌ସିସି ଟଙ୍କଧର ସା ଓ ପୂର୍ଣ୍ଣଚନ୍ଦ୍ର ଭୋଇ ସହଯୋଗ କରିଥିଲେ। ତିନି ପର୍ଯ୍ୟାୟରେ ବ୍ଲକର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ତାଲିମ ନେଇଥିଲେ।

### ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ

ଲୋଇସିଂହା,୧୩।୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲ୍ଲା ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ ବାଣୀନିକେତନ ରୋତରେ ନୂଆ-ଓ ତରଫରୁ ଓଡିଆ ସାହିତ୍ୟ ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହା ପାଞ୍ଚଦିନ ଧରି ଚାଲିବ। ପ୍ରତିଯୋଗିତାକୁ କଲେଜ ଅଧକ୍ଷ ସନ୍ତୋଷ କୁମାର ରଥ ଉଦ୍‌ଘାଟନ କରିଥିଲେ। ଏଥିରେ କାର୍ଯ୍ୟକ୍ରମ ଅଧିକାରୀ ତଥା ଓଡିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ପ୍ରମୋଦ କୁମାର ଦାଶ ଓ ମହାବିଦ୍ୟାଳୟ ଛାତ୍ରଛାତ୍ର, ଅଧାପିକା ଅଧାପକ ଉପସ୍ଥିତ ଥିଲେ। ଯୁକ୍ତ ୨ ଓ ଯୁକ୍ତ ୩ର ଛାତ୍ରଛାତ୍ରୀଙ୍କ ଭିତରେ ଥିବା ଓଡିଆ ଭାଷା ଓ ସାହିତ୍ୟ ଜ୍ଞାନ ତଥା ପ୍ରତିଭାର ବିକାଶ ଉଦ୍ଦେଶ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡିଆ କବିତା ଲିଖନ, ପ୍ରବନ୍ଧ ଲିଖନ, କବିତା ପଠନ, ହସ୍ତାକ୍ଷର ଲିଖନ, କୁଇଜ, ବିତର୍କ, ଜଗନାଥ ଭଜନ ଗାନ, ଲୋକନୃତ୍ୟ ଆଦି ପ୍ରତିଯୋଗିତା ସହ ଓଡିଆ ଚଳଚ୍ଚିତ୍ର ପ୍ରଦର୍ଶନ ଓ ଓଡିଆ ସାହିତ୍ୟ ସମ୍ପର୍କରେ ଆଲୋଚନାଚକ୍ର ଆଦି ଅନୁଷ୍ଠିତ ହେବ। ଉଦ୍‌ଯାପନୀ ଦିବସରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ।

### ଅର୍ପଣ ରଥ ପରିକ୍ରମା ଉଦ୍‌ଯାପିତ

ଲୋଇସିଂହା,୧୩।୧(ସୁଶାନ୍ତ ବାରିକ)

ପୁରୀଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଜାନୁୟାରୀ ୮ ତାରିଖରୁ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ବାହାରି ଥିବା ଅର୍ପଣ ରଥ ପରିକ୍ରମା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ଲୋଇସିଂହା ସଦର ଗ୍ରାମରେ ଉଦ୍‌ଯାପନୀ ସମାରୋହ ରହିଥିଲା। ସ୍ଥାନୀୟ ସରପଞ୍ଚ ନବକିଶୋର ନାଏକ ଓ ପଞ୍ଚାୟତ କର୍ମଚାରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅର୍ପଣ ରଥକୁ ସ୍ୱାଗତ କରିଥିଲେ । ପରେ ସରପଞ୍ଚ ନାଏକଙ୍କ ନେତୃତ୍ୱରେ ଅର୍ପଣ ରଥ ବସ୍ତି ପରିକ୍ରମା କରି ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରିଥିଲେ। ଏହି ଅବସରରେ ବିଡିଓ ଯୁଧିଷ୍ଠିର ମେହେର, ପଞ୍ଚାୟତ ସମିତି ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ, ଜିଲା ପରିଷଦ ସଭ୍ୟା, ଯୁବନେତା ନିହାର ରଞ୍ଜନ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

### ଅର୍ପଣ ରଥ ଡ୍ରାଇଭରଙ୍କୁ ଆକ୍ରମଣ ଘଟଣା, ଯୁବକ ଗିରଫ

ଦେଓଗାଁ,୧୩।୧(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଜରାସିଂହାରେ ଅର୍ପଣ ରଥ ଡ୍ରାଇଭର ମୁକେଶ ବର୍ଗଙ୍କୁ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଯୁବକଙ୍କୁ ଶନିବାର ଗିରଫ କରି କୋର୍ଟଚାଲାଣ କରାଯାଇଛି । ଅଭିଯୁକ୍ତ ହେଲେ ଜରାସିଂହାର ସୁଶାନ୍ତ ପଥିମାଲି। ସୂଚନାନୁସାରେ ଶୁକ୍ରବାର ଜରାସିଂହାରେ ଅର୍ପଣ ରଥ ପରିକ୍ରମା ସମୟରେ ସୁଶାନ୍ତ ହଠାତ ଆସି ଡ୍ରାଇଭରଙ୍କୁ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ। ଡ୍ରାଇଭର ଏନେଇ ଥାନାରେ ଅଭିଯୋଗ କରିଥିଲେ। ପରେ ଦେଓଗାଁ ବ୍ଲକ ଡ୍ରାଇଭର ସଂଘ ସଭାପତି ଲାଲୁ ସାଗରଙ୍କ ନେତୃତ୍ୱରେ ଡ୍ରାଇଭରମାନେ ଥାନାକୁ ଆସି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରିଥିଲେ।

# ବୃଦ୍ଧଙ୍କ ମୃତଦେହ ଜବତ ପରେ ଉତ୍ତେଜନା

ବଲାଙ୍ଗୀର,୧୩।୧(ବୀରେନ୍ଦ୍ର କୁମାର ଝାଙ୍କର)

■ ଜୁଆ ଖେଳରୁ ହତ୍ୟା ସନ୍ଦେହ କଲେ ପରିବାର ଲୋକେ
■ ୪ଜଣଙ୍କୁ ଅଟକ ରଖି ପୋଲିସର ପଚରାଉଚରା
■ କୁଡିଆ ଘରେ ଲୋକେ ଲଗାଇଲେ ନିଆଁ


ମୃତ କାଲୁ ଦୀପ।

ବଲାଙ୍ଗୀର ପୁଇଁତଲା ଥାନା ଅନ୍ତର୍ଗତ ଛତାପିପଲ ଗାଁର ଏକ ପୋଖରୀରୁ ଶନିବାର ସକାଳେ ଜଣେ ବ୍ୟକ୍ତିଙ୍କ ମୃତଦେହ ଭାସୁଥିବା ଦେଖାଯାଇଥିଲା। ପୋଲିସ ମୃତଦେହ ଉଦ୍ଧାର କରିବା ପରେ ଏହା ଦୁଇଦିନ ତଳେ ନିଖୋଜ ହୋଇଥିବା ଗାଁର କାଲୁ ଦୀପ(୬୦)ଙ୍କର ବୋଲି ଜଣାପଡିଥିଲା। ପୋଲିସ ଏକ ମାମଲା (୨୦/୨୪) ରୁଜୁ କରିଛି। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିଥିଲା। ମୃତଦେହ କାଲୁ ଦୀପଙ୍କର ବୋଲି ଜଣାପଡିବା ପରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ଜୁଆଖେଳରୁ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ ଆଣିଥିଲେ। ଗୁରୁବାର ପୋଖରୀ ହିଡରେ କାଲୁଙ୍କ ସହ ଅନ୍ୟ ୪/୫ ଜଣ କୁଆଡେ ଜୁଆଖେଳ ଖେଳୁଥିଲେ। ଏହା ପରଠାରୁ କାଲୁ କୁଆଡେ ନିଖୋଜ ହୋଇଯାଇଥିଲେ। ଯେଉଁମାନେ କାଲୁଙ୍କ ସହ ଜୁଆ ଖେଳୁଥିଲେ ସେମାନଙ୍କ ମଧ୍ୟରୁ ଦୁଇଜଣ ଗୁରୁବାର ରାତିରେ ମୃତକଙ୍କ ଜଣେ ସମ୍ପର୍କୀୟଙ୍କୁ କାଲୁ କୁଆଡେ ଗଲେ ବୋଲି ପଚରାରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। କୌଣସି କାରଣରୁ ଜୁଆଖେଳକୁ ନେଇ କାଲୁଙ୍କୁ ହତ୍ୟା କରାଯାଇଥିବା ସେମାନେ ସନ୍ଦେହ କରିଛନ୍ତି।

ଛତାପିପଲ ଗାଁର କାଲୁ ଦୀପ ଗୁରୁବାରଠାରୁ କୁଆଡେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ପତ୍ତା ନ ମିଳିବାରୁ ଥାନାରେ ରିପୋର୍ଟ କରିଥିଲେ। ପୋଲିସ ଏକ ନିଖୋଜ ମାମଲା ରୁଜୁ କରିଥିଲା। ସକାଳେ ଗାଁ ପୋଖରୀରୁ ମୃତଦେହ ଠାବ ହେବା ଏବଂ ଖବର ପାଇ ମଧ୍ୟ ବିଳମ୍ବରେ ପହଞ୍ଚିବାକୁ ନେଇ ଲୋକେ ପୋଲିସକୁ ଅଟକାଇଥିଲେ। ଗାଁରେ ଯେଉଁ ବ୍ୟକ୍ତି ମଦକୋଠି ଖୋଲିଛନ୍ତି ତାଙ୍କୁ କିଏ ସମର୍ଥନ କରୁଛି ବୋଲି ପଚାରିଥିଲେ। ପୁଇଁତଲା ପୋଲିସକୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିବା ଅଭିଯୋଗ କରିଥିଲେ। ପରେ ଉତ୍ତ୍ୟକ୍ତ ହୋଇ ଗାଁର ଏକ କୁଡିଆ ଘରକୁ ସେମାନେ ଜାଳି ଦେଇଥିଲେ। ସେଇ କୁଡିଆ ଘରେ ମଦ ବ୍ୟବସାୟ ସହ ଅସାମାଜିକ କାର୍ଯ୍ୟକଳାପ ହେଉଥିଲା ବୋଲି ଅଭିଯୋଗ କରିଛନ୍ତି। ତୁରନ୍ତ ହତ୍ୟାକାରୀଙ୍କୁ ଧରିବା ପାଇଁ ଦାବି କରିଥିଲେ। ପୋଲିସ ଗାଁର ୬ଜଣଙ୍କୁ ପଚରାଉଚରା କରିଥିଲା। ସେମାନଙ୍କ ମଧ୍ୟରୁ ୪ଜଣଙ୍କୁ ଅଟକ ରଖି ଅଧିକ ପଚରାଉଚରା କରୁଥିବା ଏସ୍‌ଡିପିଓ ତୋଫାନ ବାଗ ସୂଚନା ଦେଇଛନ୍ତି। କାଲୁଙ୍କ ମୃତଦେହକୁ ଭୀମ ଭୋଇ ମେଡିକାଲ ହସ୍ପିଟାଲରେ ବ୍ୟବଚ୍ଛେଦ କରାଯିବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ସେ ସୂଚନା ଦେଇଛନ୍ତି।

# ହକ୍ ହାସଲ ପାଇଁ ଏକାଠି ହୁଅ


ବୈଠକରେ ଉପସ୍ଥିତ ବିଂଝାଲ ସମାଜର ସଦସ୍ୟମାନେ।

ଲାଠୋର,୧୩।୧(ଭୁବନେଶ୍ୱର ବାରିକ)

**ସ୍ୱାଲାଖ ବିନ୍ଧ୍ୟଗିରିବାସୀ ବିଂଝାଲ ସମାଜର ବୈଠକ**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ହଲନଭଟା ପଞ୍ଚାୟତ ଅଧିନ ଗୁର୍ଜିଭଟା ପାଥର ପଡ଼ାଠାରେ ଶନିବାର ସର୍ବଭାରତୀୟ ସ୍ୱାଲାଖ ବିନ୍ଧ୍ୟଗିରିବାସୀ ବିଂଝାଲ ସମାଜର ବୈଠକ ଅନୁଷ୍ଠିତ ହୋଇଯାଇଛି। ତୁରେକେଲା ବ୍ଲକ ସଭାପତି ହରି ବରିହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ସଭାପତି ଚନ୍ଦ୍ରଶେଖର ବାଗ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଉପସଭାପତି ଅର୍ଜୁନ ବରିହା, ବଲାଙ୍ଗୀର ବ୍ଲକ ସଭାପତି କୁଶ ବରିହା, ଖପ୍ରାଖୋଲ ବ୍ଲକ ସଭାପତି ଚନ୍ଦ୍ରଶେଖର ବରିହା, ସମ୍ପାଦକ ଯୁଗଳ କିଶୋର ବରିହା, ପାଟଣାଗଡ଼ ବ୍ଲକ ସଭାପତି କିଶୋର ଚନ୍ଦ୍ର ବରିହା, ଯୁବମୋର୍ଚ୍ଚା କୋଷାଧ୍ୟକ୍ଷ ଗୌରାଙ୍ଗ ବରିହା, ଜିଲା ମିଡ଼ିଆ ସେଲ ସଂଯୋଜକ ଗୋରେଖନାଥ ବରିହା, ଶଶିକାନ୍ତ ବରିହା, ବିପିନ ବରିହା, ବିରଞ୍ଚି ବରିହା, ଯଦୁମଣି ବରିହା, ବଙ୍ଗୋମୁଣ୍ଡା ବ୍ଲକ ସଭାପତି ବନମାଳୀ ବରିହା, ସମ୍ପାଦକ କାର୍ତ୍ତିକ ବରିହା, ମୁରିବାହାଲ ବ୍ଲକ ସଭାପତି ସାନ୍ତନୁ ବରିହା, କାଶିନାଥ ବରିହା ଉପସ୍ଥିତ ଥିଲେ। ବୈଠକରେ ସାମାଜିକ ନୀତିନିୟମ, ନିଶା ନିବାରଣ, ଆଦିବାସୀ ସମ୍ପ୍ରଦାୟର ହକ ହାସଲ, ସମାଜର ସାମଗ୍ରିକ ବିକାଶ ଓ ଏକତା ଉପରେ ଆଲୋଚନା ହୋଇଥିଲା। ହକ୍ ହାସଲ ପାଇଁ ଏକାଠି ହେବାକୁ ଆହ୍ୱାନ ଦିଆଯାଇଥିଲ। କୁଶ ବରିହା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ସହଯୋଗ କରିଥିଲେ ଡ଼ୋଳାମଣି ବରିହା, ନୀଳମଣି ବରିହା, ମଦୁଆ ବରିହା ଏବଂ ଦେବେନ୍ଦ୍ର ବରିହା। ଧନ୍ୟବାଦ ଅର୍ପଣ କରିଥିଲେ ହରି ବରିହା।

# ଶିକ୍ଷାନୁଷ୍ଠାନ ଉନ୍ନତି ଲାଗି ଉଦ୍ୟମ ଲୋଡ଼ା


ବାର୍ଷିକ ଉତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ଲୋଇସିଂହା,୧୩।୧(ସୁଶାନ୍ତ ବାରିକ)

**ବୁର୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ**

■ ଖୁବ୍‌ଶୀଘ୍ର ବିଦ୍ୟାଳୟରେ ଧନ୍ଦାମୂଳକ ଶିକ୍ଷା ଖୋଲିବ: ବିଇଓ

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ବାର୍ଷିକ ଉତ୍ସବ ଛାତ୍ରୀଛାତ୍ରଙ୍କ ପାଇଁ ସ୍ମୃତିର ଦିବସ । ଏହିଁ ଦିନ ସେମାନେ ତାଙ୍କ ଲୁକ୍କାୟିତ ପ୍ରତିଭାର ପ୍ରଦର୍ଶନ କରିଥାନ୍ତି। ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଏବଂ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ସମ୍ମିଳିତ ଉଦ୍ୟମ ଲୋଡା ବୋଲି ଅତିଥିମାନେ କହିଥିଲେ। ପ୍ରଧାନଶିକ୍ଷକ ଜ୍ୟୋତିରଞ୍ଜନ ସାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ସରପଞ୍ଚ ସୁଦୀପ କୁମାର ସା ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ଡା ଶିବ ବିଶ୍ୱାଳ ମୁଖ୍ୟବକ୍ତା, ବିଇଓ ରୀନା କୁମାରୀ ବେହେରା, ଏବିଓ ବ୍ୟାସଦେବ ରାୟ, ପୂର୍ବତନ ଜିଲା ପରିଷଦ ସଭ୍ୟ ସାଇଶଙ୍କର ସାହୁ, ସ୍କୁଲ ପରିଚାଳନା କମିଟି ସଭାପତି ଛନ୍ଦାଚରଣ ଖମାରୀ, ସିଆରସି ହେମନ୍ତ ନାଗ, ଶିକ୍ଷାବିତ୍ ଗୌରୀଶଙ୍କର ବେଜ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ସା କହିଥିଲେ ସ୍କୁଲ ଆପ୍ରୋଚ ରାସ୍ତା, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ଆଭ୍ୟର୍ଥନା କକ୍ଷ ଏବଂ ପଞ୍ଚାୟତରୁ ଛାତ୍ରୀଛାତ୍ରଙ୍କ ପାଇଁ ପରିସ୍ରାଗାର ନିର୍ମାଣ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ବିଇଓ ବେହେରା ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ବ୍ଲକରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦକ୍ଷତାର ପ୍ରଶଂସା କରିଥିଲେ। ଆଗାମୀ ଦିନରେ ଉକ୍ତ ବିଦ୍ୟାଳୟର ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଧନ୍ଦାମୂଳକ ଶିକ୍ଷା ଖୋଲାଯିବ ବୋଲି ସେ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଡା.ବିଶ୍ୱାଳ ବ୍ୟକ୍ତିଗତ ଏବଂ ପାରିପାର୍ଶ୍ୱିକ ସ୍ୱଚ୍ଛତା ଏବଂ ୫ ଟି ତତ୍ତ୍ୱ ଉପରେ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରି ସ୍ୱଚ୍ଛତା ହିଁ ସୁସ୍ଥତା ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ କ୍ରୀଡା ପ୍ରତିଯେଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ଶିକ୍ଷୟିତ୍ରୀ ସୌଦାମିନୀ ସାହୁ, ଅଙ୍କିତା ରଥ, ସୁକ୍ତା ପାତ୍ର, ରାଶେଶ୍ୱରୀ ସାହୁ, ପ୍ରକାଶ କୁମାର ସାହୁ, ବବଲୁ ନାୟ, ସନ୍ତୋଷ ପରୁଆ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ମୌନାବତୀ ଛତ୍ରିଆ ବିବରଣୀ ପାଠ କରି ଆବଶ୍ୟକ ଶିକ୍ଷକ ନିଯୁକ୍ତି ଏବଂ ବିଭିନ୍ନ ସମସ୍ୟା ସମାଧାନ ପାଇଁ ବ୍ଲକ ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

### ଚୋରି ସାମଗ୍ରୀ ଜବତ, ଜଣେ ଗିରଫ

ଦେଓଗାଁ,୧୩।୧(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଜନକପୁର ଓଭରହେଡ ଟ୍ୟାଙ୍କ ନିର୍ମାଣସ୍ଥଳରୁ ଚୋରି ଅଭିଯୋଗରେ ଶନିବାର ଜଣେ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ନୟାଗଡ ଜିଲା ଦଶପଲ୍ଲା ଥାନା ଅନ୍ତର୍ଗତ ବିଡାପାଜୁ ଗାଁର ତ୍ରିନାଥ ଜାନି(୨୨)। ସୂଚନାନୁସାରେ ଜନକପୁର ଗାଁରେ ନୂଆପଡା ଜିଲା ବୋଡେନ ଥାନା ଅଞ୍ଚଳର ଜଣେ ଠିକାଦାର ଏକ ଓଭରହେଡ ଟ୍ୟାଙ୍କ ନିର୍ମାଣ କରୁଛନ୍ତି। ଉକ୍ତ କାମରେ ତ୍ରିନାଥ ତାଙ୍କ ଅଞ୍ଚଳର କେତେକ ଶ୍ରମିକଙ୍କୁ ଆଣି କାମ କରୁଥିଲେ। କାମସ୍ଥଳରୁ ସେ ଗୋଟିଏ ଜେନେରେଟର, ଭାଇବ୍ରେଟର ମେଶିନ, ପାଇପ ଜଏଣ୍ଟ ମେଶିନ, ରଡ କଟର ମେଶିନ, ହାପ ଏଚପିର ଏକ ପାଣିପମ୍ପ, ୬୦ବସ୍ତା ସିମେଣ୍ଟ ଓ ୭ ବଣ୍ଡଲ ଲୁହାରଡ ନେଇ ଚମ୍ପଟ ମାରିଥିବା ଅଭିଯୋଗ ହୋଇଥିଲା। ଠିକାଦାର ମନୋଜ ଅଗ୍ରୱାଲଙ୍କ ଅଭିଯୋଗକୁ ଭିତ୍ତିକରି ବନ୍ଧପଡା ଫାଣ୍ଡିରେ ଏକ ମାମଲା(୨୬୩/୨୩)ରୁଜୁ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରି ସମ୍ପୃକ୍ତ ଯୁବକଙ୍କୁ ତାଙ୍କ ଘର ବିଡାପାଜୁରୁ ଗିରଫ କରିବା ସହ ସମସ୍ତ ଚୋରି ସାମଗ୍ରୀ ଜବତ କରିଥିଲା।

# ମେଗା ସ୍ୱାସ୍ଥ୍ୟ ଶିବିର: ୧୫ଶହ ରୋଗୀ ଚିକିତ୍ସିତ


ସ୍ୱାସ୍ଥ୍ୟ ଶିବିରକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ଖପ୍ରାଖୋଲ,୧୩।୧(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସହାଜପାଣି ପଞ୍ଚାୟତ ଫୁଲୁକିମୁଣ୍ଡା ଉଚ୍ଚ ବିଦ୍ୟାଳୟ ପରିସରରେ ଚିତ୍ତଜ୍ଞାନୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଦୁଇଦିନିଆ ମେଗା ସ୍ୱାସ୍ଥ୍ୟସେବା ଶିବିର ଶନିବାର ଉଦ୍‌ଘାଟିତ ହୋଇଛି। ଅତିଥିଭାବେ ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ୍ କୃଷ୍ଣରାମ ମହାପାତ୍ର, ଜଷ୍ଟିସ୍ ଚିତ୍ତରଞ୍ଜନ ଦାସ, ଏସବି କ୍ୟାନ୍ସର ହସ୍ପିଟାଲ ଅଧକ୍ଷ ଡା. ବିଧୁଭୂଷଣ ମହାନ୍ତି, ଡ଼ା ବି.ଆର୍.ଗଙ୍ଗାଧର, ପୂର୍ବତନ ମୁଖ୍ୟ ଶାସନ ସଚିବ ଯୁଗଳ କିଶୋର ମହାପାତ୍ର, ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତା, ପଦ୍ମଶ୍ରୀ ନୃସିଂହ ଗୁରୁ, ପ୍ରଫେସର ମଧୁସୂଦନ ପତି, ଡ଼ା. ଜ୍ୟୋସ୍ନାମୟୀ ମହାପାତ୍ର, ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତି ଜଷ୍ଟିସ ଅରୁଣ କୁମାର ପରିଚ୍ଛା, ପୂର୍ବତନ ସୂଚନା କମିଶନ ଅଧକ୍ଷ ଜଗଦାନନ୍ଦ, ଲୋକସେବକ ମଣ୍ଡଳ ସମ୍ପାଦକ ନିରଞ୍ଜନ ରଥ, ସାହିତ୍ୟିକ ଗୌରହରି ଦାଶ ଯୋଗଦେଇଥିଲେ। ଟ୍ରଷ୍ଟର ମୁଖ୍ୟ ଉପଦେଷ୍ଟା ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ କୁଳପତି ତଥା ଇଉରୋଲୋଜି ବିଶେଷଜ୍ଞ ଡାକ୍ତର ଦଣ୍ଡେଶ୍ୱର୍ ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ୱାସ୍ଥ୍ୟ ଶିବିର ଉଦ୍‌ଘାଟନ ପରେ ଟ୍ରଷ୍ଟର ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଏହି ଶିବିରରେ ରାଜ୍ୟ ତଥା ରାଜ୍ୟ ବାହାରର ୫୫ଜଣ ଅଭିଜ୍ଞ ବିଶେଷଜ୍ଞ ଡାକ୍ତରଙ୍କଦ୍ୱାରା ଅତ୍ୟାଧୁନିକ ଯନ୍ତ୍ରପାତିରେ ରୋଗୀଙ୍କ ପରୀକ୍ଷଣ ପରେ ଔଷଧ ବଣ୍ଟନ କରାଯାଇଥିଲା। ପ୍ରଥମ ଦିନ ୧୫ ଶହରୁ ଅଧିକ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟ ଅଧକ୍ଷ ପୂର୍ବତନ ପ୍ରଶାସକ ଗୋଧାନେଶ୍ୱର୍ ହୋତା, ସମ୍ପାଦକ ରାଜେଶ୍ୱର୍ ହୋତା, ବଲାଙ୍ଗୀର ଏଡିଏମ ମହେନ୍ଦ୍ର କୁମାର ମହାପାତ୍ର, ଖପ୍ରାଖୋଲ ବିଡ଼ିଓ ଆକାଶ ରଞ୍ଜନ ସାହୁ, ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଗୋପାଳ ବେହେରା, ଭୁବନେଶ୍ୱର ପୃଷ୍ଟି, ରାଜକିଶୋର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

### 'ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ'

ମୁରିବାହାଲ,୧୩।୧(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ସଦର ମହୁକୁମାସ୍ଥିତ ବିବେକାନନ୍ଦ ଯୁବକ ସଂଘ ଅନୁକୂଲ୍ୟରେ ଯାଦବ ଭବନଠାରେ ବିବେକାନନ୍ଦ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ମୁରିବାହାଲ ତହସିଲଦାର ଆୟୁବ ମଣ୍ଡଳ ଯୋଗଦେଇ କାର୍ଯ୍ୟକମକୁ ଉଦ୍‌ଘାଟନ କରିଥିଲେ। ସଂଘ ସଭାପତି ସୁଧାଂଶୁ ଶେଖର ପୋଡ଼ ଯାଦବଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତାଭାବେ ମୁରିବାହାଲ ଡିଗ୍ରୀ କଲେଜ ଅଧ୍ୟାପକ ଘନଶ୍ୟାମ ଖମାରୀ, ସମ୍ମାନୀତ ଅତିଥିଭାବେ ସୁବ୍ରତ କୁମାର ମହାକୁର, ମୁରିବାହାଲ ସରପଞ୍ଚ ବିଶ୍ୱବିହାରି ଯୋଶୀ, ଶିକ୍ଷାବିତ୍ ଭଗତ ନାଗ, ଶ୍ରୀପତି ଷାଣ୍ଡ, ରାଜୀବ କୁମାର ମହାନ୍ତି, ସଂଘ ଉପଦେଷ୍ଟା ଶ୍ରୀବତ୍ସ ବେହେରା ଉପସ୍ଥିତ ଥିଲେ। ସ୍ୱାମୀଙ୍କ ଆଦର୍ଶ ଉପରେ ଅନୁପ୍ରାଣିତ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ସଂଘର ପୂର୍ବତନ ସମ୍ପାଦକ ତରୁଣ ପୋଡ଼ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଲିଲୁମୋହନ ପଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂଘ ସାଧାରଣ ସମ୍ପାଦକ ଦିବ୍ୟଲୋଚନ ସାହୁ, ସୁଦାମ ଚରଣ ସାହୁ, ଲକ୍ଷ୍ମୀକାନ୍ତ ଧରୁଆ, ପଦ୍ମଲୋଚନ ସାହୁ, କୁନ୍ତ ପୋଡ଼, କେଦାର ବଡ଼ଜେନା, ରମାରଞ୍ଜନ ପାତ୍ର, ଅନୀଲ କୁମାର ଶର୍ମା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ତରଣୀସେନ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# 'ସାହିତ୍ୟ ପୁରୁଷକୁ ମହାପୁରୁଷ କରିଦିଏ'


ରଚନା ମାସିକ ସନ୍ଧ୍ୟା ଆଲୋଚନାଚକ୍ରରେ ମଞ୍ଚାସୀନ ଆଲୋଚକ।

ବଲାଙ୍ଗୀର,୧୩।୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀରର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ରଚନା ପକ୍ଷରୁ ମାସିକ ରଚନା ସନ୍ଧ୍ୟା ଶନିବାର ପତିତପାବନ ଏକାଡେମୀରେ ଜୀବନ ଉପରେ ସାହିତ୍ୟର ପ୍ରଭାବ ଶୀର୍ଷକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ଅତିଥି ବକ୍ତାଭାବେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଛାତ୍ର ମଧୁସୂଦନ ନେଗୀ, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଛାତ୍ରୀ ସୋନାଲି ବିଶ୍ୱାଳ, ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରସନ୍ନ କୁମାର କର୍ଣ୍ଣ, ଗାଳ୍ପିକା ଓ ଗୀତିକାର ଡ଼ାକ୍ତର ମଞ୍ଜୁବାଳା ପଣ୍ଡା ଯୋଗଦେଇଥିଲେ। ଆଲୋଚକମାନେ କହିଥିଲେ ଯେ, ସାହିତ୍ୟ ସାଧାରଣ ପୁରୁଷକୁ ମହାପୁରୁଷ କରିଦିଏ। ସେହିପରି ସାରସ୍ୱତ ସ୍ରଷ୍ଟାଙ୍କ ଅମୃତ ଝରା କାଳଜୟୀ ସାହିତ୍ୟ ସୃଷ୍ଟି କରନ୍ତି। ଜୀବନ ଏବଂ ସାହିତ୍ୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଏବଂ ପରସ୍ପର ଦ୍ୱାରା ପ୍ରଭାବିତ। ମଣିଷର ବ୍ୟକ୍ତିଗତ ଓ ସାମାଜିକ ଜୀବନର ଭିତ୍ତି ସାହିତ୍ୟ ଦ୍ୱାରା ହିଁ ପ୍ରତିଷ୍ଠିତ ହୁଏ। ପ୍ରାଚୀନ କାଳରୁ ଜୀବନର ବହୁବିଧ ଉପାଦାନରେ ପରିପୁଷ୍ଟ ସାହିତ୍ୟ ପ୍ରକାରାନ୍ତରେ ଜୀବନକୁ ମଧ୍ୟ ପରିପୁଷ୍ଟ କରିଆସୁଛି। ଅନେକ କାଳଜୟୀ ସ୍ରଷ୍ଟା ସମାଜକୁ ଦିଗଦର୍ଶନ ଦେଇଆସିଛନ୍ତି। ମୌଖିକ ଭାବରେ ଏକଦା ପ୍ରସାରିତ ସାହିତ୍ୟ ଏବେ ଲିଖିତ ଓ ଡିଜିଟାଲ ରୂପରେ ବହୁଜନାଦୃତ ହେଉଛି ବୋଲି ଆଲୋଚକମାନେ ମତବ୍ୟକ୍ତ କରିଥିଲେ। ଡ଼ ପ୍ରେମଚାନ୍ଦ ମହାନ୍ତି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ରଚନା ପକ୍ଷରୁ ସଭାପତି ସନାତନ ଠାକୁର, ସମ୍ପାଦକ ଭାଗୀରଥି ମିଶ୍ର, କବି ଡ ପ୍ରହ୍ଲାଦ ଶତପଥୀ, ଗାଳ୍ପିକ ପ୍ରଦୀପ ମିଶ୍ର, ସୁରେନ୍ଦ୍ର ତ୍ରିପାଠୀଙ୍କ ସମେତ ବହୁ ସାହିତ୍ୟିକ, ସାହିତ୍ୟପ୍ରେମୀ, ବୁଦ୍ଧିଜୀବୀ, ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଅଧ୍ୟାପକ ଡ଼ କୌତୁକ ପନ୍ଦର ସ୍ୱାଗତ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ଡ଼ ଜଗନ୍ନାଥ ସାହୁ ଆଲୋଚନାକୁ ସଂଯୋଜନା, ସୁଶ୍ରୀ ସସ୍ମିତା ନେପାକ ଧନ୍ୟବାଦ ଅର୍ପଣ କରିଥିଲେ।

# ରୂପାନ୍ତରଣ ନୂଆ ଜାଗରଣ ମାର୍ଗ ପ୍ରଶସ୍ତ କରିଛି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୩।୧(ଅନିଲ ଦାସ)

**୫-ଟି ସ୍କୁଲ ରୂପାନ୍ତରଣର ୪ର୍ଥ ପର୍ଯ୍ୟାୟ**

■ ଦ୍ୱିତୀୟ ଦିବସରେ ୬ ଜିଲାର ୩୨୭ ସ୍କୁଲ ଲୋକାର୍ପିତ
■ ପିଲାଙ୍କ ଭିତରେ ବଡ଼ ହେବାର ସ୍ୱପ୍ନକୁ ଜାଗ୍ରତ କରିଛି ସ୍କୁଲ ରୂପାନ୍ତରଣ: ପାଣ୍ଡିଆନ୍



୫-ଟି ସ୍କୁଲ ରୂପାନ୍ତରଣ ଅଭିଯାନର ଚତୁର୍ଥ ପର୍ଯ୍ୟାୟର ଦ୍ୱିତୀୟ ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ମାଲକାନଗିରି, ବାଲେଶ୍ୱର, ଗଜପତି, ଢେଙ୍କାନାଳ, କେନ୍ଦୁଝର ଓ କଟକ ଆଦି ୬ଟି ଜିଲାର ୩୨୭ଟି ରୂପାନ୍ତରିତ ସ୍କୁଲକୁ ଲୋକାର୍ପିତ କରିଛନ୍ତି। ଏଥିରେ ମାଲକାନଗିରି ଜିଲାର ୩୫ଟି ହାଇସ୍କୁଲ, ବାଲେଶ୍ୱରର ୭୬, ଗଜପତିର ୨୮, ଢେଙ୍କାନାଳର ୬୩, କେନ୍ଦୁଝରର ୪୫ ଓ କଟକର ୮୦ ହାଇସ୍କୁଲ ଅନ୍ତର୍ଭୁକ୍ତ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏବେ ଓଡ଼ିଶାରେ ରୂପାନ୍ତରର ଯୁଗ ଚାଲିଛି। ଶିକ୍ଷା ହିଁ ଆମ ସମାଜର ସାମୂହିକ ଚିନ୍ତାଧାରାକୁ ଉଚ୍ଚସ୍ତରକୁ ନେଇଥାଏ। ସ୍କୁଲ ରୂପାନ୍ତର ଓଡ଼ିଆ ଜାତିରେ ନୂଆ ଜାଗରଣର ମାର୍ଗ ପ୍ରଶସ୍ତ କରିଛି। ଆଗାମୀ ଦିନରେ ମୁଖ୍ୟ ଭୂମିକା ଗ୍ରହଣ କରିବ। ସ୍କୁଲ କଲେଜଠାରୁ ଆରମ୍ଭ କରି ହସ୍ପିଟାଲ, ପର୍ଯ୍ୟଟନ କ୍ଷେତ୍ର, ମଠ ମନ୍ଦିର, ପଞ୍ଚାୟତ, ଗାଁ ସବୁଠାରେ ରୂପାନ୍ତର କାର୍ଯ୍ୟ ଚାଲିଛି। ଏକ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ ପାଇଁ ଏହି ରୂପାନ୍ତର ରାସ୍ତା ପ୍ରସ୍ତୁତ କରୁଛି। ରୂପାନ୍ତର କାର୍ଯ୍ୟକ୍ରମ ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ସ୍କୁଲ ରୂପାନ୍ତର କାର୍ଯ୍ୟ। ସ୍କୁଲରୁ ହିଁ ଗୋଟିଏ ଜାତିର ଭବିଷ୍ୟତ ନିର୍ମାଣ ହୋଇଥାଏ। ଏହି ରୂପାନ୍ତର କାର୍ଯ୍ୟକ୍ରମରେ ସ୍କୁଲରେ ସ୍ମାର୍ଟ କ୍ଲାସ ରୁମ୍, କମ୍ପ୍ୟୁଟର, ଅତ୍ୟାଧୁନିକ ଲାବରେଟୋରୀର ବ୍ୟବସ୍ଥା କରାଯାଇଛି। ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଏବେ ସରକାରୀ ସ୍କୁଲଗୁଡ଼ିକ ଶ୍ରେଷ୍ଠ ମାଧ୍ୟମ ହୋଇଛି। ଏହି ରୂପାନ୍ତରିତ ସ୍କୁଲର ଠିକ୍ ଉପଯୋଗ କରି ଭଲ ପାଠ ପଢ଼ି ଏକ ସୁନ୍ଦର ଭବିଷ୍ୟତ ଗଢ଼ିବା ପାଇଁ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ପରାମର୍ଶ ଦେଇଛନ୍ତି। ପୂର୍ବରୁ ୩ଟି ପର୍ଯ୍ୟାୟରେ ରାଜ୍ୟରେ ୬୮୮୩ଟି ସ୍କୁଲ ରୂପାନ୍ତରିତ ହୋଇଛି। ଚତୁର୍ଥ ପର୍ଯ୍ୟାୟରେ ସମୁଦାୟ ୧୭୯୪ଟି ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ ହେବ। ଏହି ପର୍ଯ୍ୟାୟ ସମ୍ପୂର୍ଣ୍ଣ ହେବା ପରେ ରାଜ୍ୟରେ ସମୁଦାୟ ୮୬୭୭ ସ୍କୁଲ ରୂପାନ୍ତରିତ ହେବ। କାର୍ଯ୍ୟକ୍ରମରେ ଯୋଗଦେଇ ୫-ଟି ତଥା ନବୀନ ଓଡ଼ିଶା ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି, ୫-ଟି ସ୍କୁଲ ରୂପାନ୍ତର ପିଲାଙ୍କ ମଧ୍ୟରେ ଭଲ ପାଠ ପଢ଼ି ବଡ଼ ହେବାର ସ୍ୱପ୍ନକୁ ଜାଗ୍ରତ କରିପାରିଛି। ସରକାରୀ ସ୍କୁଲରେ ପାଠ ପଢ଼ି ବହୁତ ପିଲା ବଡ଼ ମଣିଷ ହୋଇଥିବା ସେ କହିଛନ୍ତି। କାର୍ଯ୍ୟକ୍ରମରେ ମାଲକାନଗିରିରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝୀ, ବାଲେଶ୍ୱରରେ ବିଧାୟକ ସ୍ୱରୂପ କୁମାର ଦାସ, ଗଜପତିରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଢେଙ୍କାନାଳରେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, କେନ୍ଦୁଝରରେ ବିଧାୟକ ଜଗନ୍ନାଥ ନାୟକ ଏବଂ କଟକରେ ବିଧାୟକ ଚନ୍ଦ୍ରସାରଥି ବେହେରା ପ୍ରମୁଖ ଯୋଗଦେଇ ଶିକ୍ଷା କ୍ଷେତ୍ରରେ ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱର ଉଚ୍ଚ ପ୍ରଶଂସା କରି କହିଥିଲେ।

ଏହି କାର୍ଯ୍ୟକ୍ରମରେ ସ୍କୁଲ ଓ ଗଣଶିକ୍ଷା ସଚିବ ଅଶ୍ୱଥୀ ଏସ୍ ସ୍ୱାଗତ ଭାଷଣ ଦେଇଥିଲେ। ଓସେପାର ସ୍ୱତନ୍ତ୍ର ପ୍ରୋଜେକ୍ଟ ଡାଇରେକ୍ଟର ଧନ୍ୟବାଦ ଅର୍ପଣ କରିଥିଲେ। ଉନ୍ନୟନ କମିଶନର, ବିଭିନ୍ନ ବିଭାଗର ପ୍ରମୁଖ ସଚିବ, ସଚିବ ଓ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପ୍ରସ୍ତୁତି ବୈଠକ

**ପଦ୍ମପୁର,୧୩।୧(ପ୍ରଦୀପ୍ତ ଦାଶ):** ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପରିପେକ୍ଷୀରେ ନୂଆ-ଓ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟ ସରକାର 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ କରିଛନ୍ତି। ଏ ନେଇ ପ୍ରସ୍ତୁତି ପାଇଁ ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷା କଳ୍ପନାରାଣୀ ନାଥଙ୍କ ସଭାପତିତ୍ୱରେ ଏକ ବୈଠକ ଶନିବାର ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ ସମ୍ପର୍କରେ ଆଲୋଚନା ହୋଇଥିଲା। କୁନ୍ତଳା ସାହୁ, ଲୋପାମୁଦ୍ରା ନାୟକ, ସରିତାରାଣୀ ପ୍ରଧାନ, ସୋନିଆ ମେହେର, ପଦ୍ମିନୀ ପ୍ରଧାନ, ଅନିଳ ପୁରୋହିତ, ଧୀରେନ୍ଦ୍ର ବର୍ଗେ, ରବି ଅମରୀ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଗଞ୍ଜେଇ ବୋଝେଇ କାର୍ ଜବତ, ୫ ଗିରଫ



**ବରଗଡ଼/ପଦ୍ମପୁର,୧୩।୧(ପ୍ରେମାନନ୍ଦ ଖମାରୀ/ପ୍ରଦୀପ୍ତ ଦାଶ):** ବରଗଡ଼ ଜିଲା ଜଗଦଲପୁର ଥାନା ପୋଲିସ ଶୁକ୍ରବାର ବିଳମ୍ବିତ ରାତିରେ ଗଞ୍ଜେଇ ବୋଝେଇ ଏକ କାର (ନଂ.ଓଡ଼ି୧୫ଇ/୩୫୪୪)କୁ ଜବତ କରିଛି। ସେଥିରେ ବୋଝେଇ ହୋଇଥିବା ୨୫କି.ଗ୍ରା ୧୨୫ଗ୍ରାମ ଗଞ୍ଜେଇ ସହିତ ଏକ ବାଇକ୍ (ନଂ.ଓଡ଼ି୧୭ଜେଡ୍/୪୫୧୭), ୪ଟି ମୋବାଇଲ, ନଗଦ ୨୧୨୦ ଟଙ୍କା ଜବତ ହୋଇଛି । ଏଥିରେ ସମ୍ପୃକ୍ତ ଜଣେ ମହିଳାଙ୍କ ସମେତ ୫ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜଗଦଲପୁର ଥାନା ବୈତାଳିଭଟାର ଟିକେଶ୍ୱର ଓରଫ ଶୁରୁବାବୁ ରାବଣ(୨୭), କୀର୍ତ୍ତନ ଖର୍ସେଲ(୩୧), ଗାଇସିଲେଟ ଥାନା କେନ୍ଦୁମାଳର ମଧୁସୂଦନ ସୁନା(୨୨), ସମ୍ବଲପୁର ଜିଲା ବୁର୍ଲା ଥାନା ବୈଜାମୁଣ୍ଡାର ମନୋଜ ସୁନା(୨୨) ଏବଂ ଛତିଶଗଡ଼ ରାଜ୍ୟ ଖରସିଆ ଥାନା ଅର୍ଡା ଗ୍ରାମର ଜଣେ ମହିଳା। ସେମାନଙ୍କ ବିରୋଧରେ ଜଗଦଲପୁର ଥାନା ପୋଲିସ ଏକ ମାମଲା (ନଂ.୯/୨୪) ରୁଜୁ କରିଛି। ଅଭିଯୁକ୍ତମାନେ କାର୍ ଯୋଗେ ଗଞ୍ଜେଇ ଚାଲାଣ କରୁଥିବାବେଳେ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ପୋଲିସ ସେମାନଙ୍କୁ ଛତିଶଗଡ଼ ସୀମାବର୍ତ୍ତୀ ଶିକାରୀପାଲି ଛକରେ ଧରିଥିଲା।

### ବିନ୍ଧ୍ୟବାସିନୀ ସ୍ନାତକ କଲେଜରେ ସାହିତ୍ୟ ପ୍ରତିଯୋଗିତା

**ପାଇକମାଳ,୧୩।୧(ବଢ ଶତପଥୀ):** ବରଗଡ ଜିଲା ବିନ୍ଧ୍ୟବାସିନୀ ଡ଼ିଗ୍ରୀ ମହାବିଦ୍ୟାଳୟରେ 'ବିଶ୍ ଓଡ଼ିଆ ଭାଷା ସମ୍ମିଳନୀ' ଏବଂ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପରିପ୍ରେକ୍ଷୀରେ 'ନୂଆ-ଓ' ପକ୍ଷରୁ ବିଭିନ୍ନ ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଶନିବାର ଭଜନ ଗାନ, ବକ୍ତୃତା ଓ ପ୍ରବନ୍ଧ ଲିଖନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଲୋହିତ କୁମାର ବାରିକଙ୍କ ଅଧ୍ୟକ୍ଷତା ଓ ଏହି କାର୍ଯ୍ୟକ୍ରମର ନୋଡାଲ ଅଫିସର ଅଧ୍ୟାପକ ପ୍ରଭାତ କୁମାର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।





ଗୋବିନ୍ଦପାଲି ସ୍କୁଲରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର । ବିକାଶରେ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିଛବିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଉଛି ।

# ଦେଶ ଗଠନରେ ଯୁବଗୋଷ୍ଠୀର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ବରଗଡ଼,୧୩।୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ କ୍ରୀଷ୍ଟା ବିକାଶ ଆବାସିକ ବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ଜାତୀୟ ଯୁବ ଦିବସ ପାଳିତ ହୋଇଛି। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା କବିତା ଆବୃତ୍ତି ହୋଇଥିଲା। ସେହିପରି ଜାତୀୟ ଯୁବ ଦିବସର ମହତ୍ତ୍ୱ ସମ୍ପର୍କରେ ଉପସ୍ଥାପନ କରାଯାଇଥିଲା। କ୍ରୀଷ୍ଟା ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ନିଜ ଅଭିଭାଷଣରେ ଦୂରଦୃଷ୍ଟି ସମ୍ପନ୍ନ ସ୍ୱାମୀ ବିବେକାନନ୍ଦଙ୍କ ଦର୍ଶନ ଓ ଯୋଗ ଉପରେ ଆଲୋକପାତ କରିଥିଲେ। ରାଷ୍ଟ୍ରର ଭବିଷ୍ୟତ ଗଠନରେ ଯୁବଗୋଷ୍ଠୀର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଉଦ୍‌ବୋଧନ ଦେଇ କହିଥିଲେ। ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ, ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବିକାଶ ଲ ସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଅଧ୍ୟାପକ ଶିବାନନ୍ଦ ସାହୁ ସଂଯୋଜନା କରିଥିଲେ। ଦେଶ ଗଠନରେ ଯୁବ ସମାଜର ଭୂମିକା ଶୀର୍ଷକ ତର୍କ ପ୍ରତିଯୋଗିତା ହୋଇଥିଲା। ଏଥିରେ ଛାତ୍ରୀ ରାକ୍ଷୀ ପ୍ରଧାନ ପ୍ରଥମ, ସତ୍ୟମ ସାହୁ ଦ୍ୱିତୀୟ ଏବଂ ପ୍ରତ୍ୟାଶା ମିଶ୍ର ଓ ସୌମ୍ୟରଞ୍ଜନ ଭୋଇ ଯୁଗ୍ମ ତୃତୀୟ ହୋଇଥିଲେ। ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡି. ନାଗେଶ୍ୱର ରାଓ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଅଧ୍ୟାପକ ଅଭିନନ୍ଦନ ଖୁଣ୍ଟିଆ, ପ୍ରତାପ କୁମାର ସାହୁ, ଅଧ୍ୟାପିକା ରୋଜି ମେହେର, ସ୍ୱାଗତିକା ସାହୁ, ସୁଶୋଭିତା ଦାଶ, ସାଗରିକା ବିଶ୍ୱାଳ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

ବିକାଶ ହାୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ୍ସ ଅନ୍ତର୍ଗତ ବିକାଶ ଡିଗ୍ରୀ କଲେଜର ରେଡ୍ ରିବନ୍ କ୍ଲବ ଏବଂ ରାଷ୍ଟ୍ରୀୟ ସେବା ଯୋଜନାର ମିଳିତ ଉଦ୍ୟମରେ ଅଲ୍ ଇନ୍ ଦି ମାଇଣ୍ଡ୍‌ସ ଶୀର୍ଷକ ସଂଗୋଷ୍ଠୀ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମ ଆରମ୍ଭରେ ଅତିଥିମାନେ ସ୍ୱାମୀ ବିବେକାନନ୍ଦଙ୍କ ପଟ୍ଟଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଉକ୍ତ ସଂଗୋଷ୍ଠୀରେ ପ୍ରଫେସର ସୁନିଲ ଅଗସ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ବିଶାଳ ବ୍ୟକ୍ତିତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ଅଧ୍ୟକ୍ଷ ସତ୍ୟବ୍ରତ ମିଶ୍ର, ଛାତ୍ରୀ ସଂସ୍କୃତି ହୋତା, ଶାୟନା ଅଗ୍ରୱାଲ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଉପରେ ବକ୍ତବ୍ୟ ରଖିଥିଲେ। ବିକାଶ ଡିଗ୍ରୀ କଲେଜର ଯୁଥ୍ ଅଫିସର ସୁରଜ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ରୀ ଇସିକା ଜୟସ୍ୱାଲ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅଧ୍ୟାପିକା ଶତାବ୍ଦୀ ରାଏ ଧନ୍ୟବାଦ ଅର୍ପଣ କରିଥିଲେ।

ବରଗଡ଼ ଗୋବିନ୍ଦପାଲି ସ୍ୱାମୀ ବିବେକାନନ୍ଦ ସ୍ମାରକ କ୍ଲବ ଆନୁକୂଲ୍ୟରେ ସ୍ୱାମୀ ବିକୋକନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲା ବିଜେଡ଼ିର କାର୍ଯ୍ୟକାରୀ ସଭାପତି ଜାପାନ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କାଉନସିଲର ଅକ୍ରୁର ବାରିକ, ସ୍ଥାନୀୟ ସ୍କୁଲର ପ୍ରଧାନ ଶିକ୍ଷକ ସାର୍ତ୍ତିକ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସ୍କୁଲର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ସାମିଲ ହୋଇ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଗୋବିନ୍ଦପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ସ୍ୱାମୀ ବିବେକାନନ୍ଦ ସ୍ମାରକ କ୍ଲବ ସଭାପତି ରବିନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଜୟନ୍ତୀ ସଭା ହୋଇଥିଲା। ଭଲ ଶିକ୍ଷା ଗ୍ରହଣ କରି ଉତ୍ତମ ମଣିଷ ଭାବେ ଗଢ଼ି ତୋଳିବାକୁ ମୁଖ୍ୟ ଅତିଥି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

ବିକାଶ ସେବାଶ୍ରମ ସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ଡୋଲାମଣି ଶତପଥୀ ଅଧ୍ୟକ୍ଷତା କରିଥିଲେ। ବିକାଶ ଆଇଟିଆଇ ଅଧ୍ୟକ୍ଷ ଚିତ୍ରସେନ ଶତପଥୀ, ପ୍ରଶିକ୍ଷକ ଦୀପକ କୁମାର ହୋତା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଶିକ୍ଷକ ପ୍ରକାଶ ଚନ୍ଦ୍ର ଅଦାବର ସ୍ୱାମୀ ବିବେକାନନ୍ଦଙ୍କ ଆଧ୍ୟାତ୍ମିକ ଚିନ୍ତାଧାରା ଉପରେ କହିଥିଲେ। ଛାତ୍ରୀ ଅଭିପସା ମହାନନ୍ଦ କାର୍ଯ୍ୟକ୍ରମ ପରିଚାଳନା ଓ ଶିକ୍ଷକ ନିଶିଥ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱଭାବ କବିଙ୍କ ଶ୍ରାଦ୍ଧ ଶତବାର୍ଷିକୀରେ ଯୋଗଦେବେ ରାଜ୍ୟପାଳ

**ବରପାଲି,୧୩।୧(ଚିତ୍ତରଞ୍ଜନ ସାହୁ)**

ଆସନ୍ତା ମାର୍ଚ୍ଚ ମାସ ପ୍ରଥମ ସପ୍ତାହରେ କବିପୀଠ ବରପାଲିଠାରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଶତବାର୍ଷିକୀ ଓ ମେହେର ସମାଜର ଶତବାର୍ଷିକୀ ମହାସଭା ଆୟୋଜନ କରାଯାଉଛି। ତେବେ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ରାଜ୍ୟପାଳ ରଘୁବର ଦାସ ସମ୍ମତି ପ୍ରକାଶ କରିଛନ୍ତି। ନିଖିଳ ଓଡ଼ିଶା ମେହେର ସମାଜ ସଭାପତି ତଥା ବରିଷ୍ଠ ଆଇନଜୀବୀ ବୈଶମ୍ପାୟନ ମେହେରଙ୍କ ନେତୃତ୍ୱରେ ଯାଇଥିବା ଏକ ପାଞ୍ଚ ଜଣିଆ ପ୍ରତିନିଧି ଦଳ ସହ ରାଜଭବନରେ ସାକ୍ଷାତ ଆଲୋଚନା ବେଳେ ରାଜ୍ୟପାଳ ଦାସ କାର୍ଯ୍ୟକ୍ରମକୁ ନେଇ ଖୁସି ବ୍ୟକ୍ତ କରିଥିଲେ। ଆଲୋଚନା ବେଳେ ରାଜ୍ୟପାଳ ମେହେର ସମାଜର ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ବିଷୟରେ ମଧ୍ୟ ପଚାରି ବୁଝିଥିଲେ। ପ୍ରତିନିଧି ଦଳରେ ସମାଜର ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ମୋହନ ମେହେର, ଭୁବନେଶ୍ୱର ନଗର ସଭାପତି ମିହିର କୁମାର ମେହେର, ରାଜ୍ୟ ସଙ୍ଗଠକ ପ୍ରଫୁଲ୍ଲ କୁମାର ମେହେର, ଭୁବନେଶ୍ୱର ୟୁନିଟ୍ ସଂଯୋଜକ ଅଶୋକ କୁମାର ମେହେର ପ୍ରମୁଖ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ସପ୍ତାହେ ବ୍ୟାପୀ ହେବାକୁ ଥିବା ଶ୍ରାଦ୍ଧ ଶତବାର୍ଷିକୀ ଲାଗି ଆୟୋଜକ ମେହେର ସମାଜ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଛି ।



କମିଟି ସଦସ୍ୟମାନେ ରାଜ୍ୟପାଳ ରଘୁବର ଦାସଙ୍କୁ ସାକ୍ଷାତ କରୁଛନ୍ତି।

# ଅର୍ପଣ ରଥକୁ ଭବ୍ୟ ସ୍ୱାଗତ

**ବରଗଡ଼,୧୩।୧(ପ୍ରେମାନନ୍ଦ ଖମାରୀ)**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ବୁଲୁଥିବା ଅର୍ପଣ ରଥକୁ ବିଭିନ୍ନ ସ୍ଥାନରେ ଭବ୍ୟ ସ୍ୱାଗତ କରାଯାଇଛି। ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୧୧ ବାଞ୍ଜିପଡ଼ାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଦେବେଶ ଆଚାର୍ଯ୍ୟ, ପୌରାଧ୍ୟକ୍ଷା କଳ୍ପନା ମାଝି, କାଉନସିଲର ସୁନନ୍ଦା ପଣ୍ଡା ପ୍ରମୁଖ ଉପସ୍ଥିତ ଥିବାବେଳେ ସ୍ଥାନୀୟ ପଡ଼ାବାସୀ ଗୁଆ, ଚାଉଳ ପ୍ରଦାନ କରିଥିଲେ। ସେହିପରି ବରଗଡ଼ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ବଗେଇବିରା, ଉଲବା, ଗୋବିନ୍ଦପୁର, ରଙ୍ଗାଡିହି, ସାଲେପାଲି, ବେଲବାହାଲି, ବରପଦର ଆଦି ଗ୍ରାମରେ ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକଙ୍କ ତତ୍ତ୍ୱାବଧାନରେ ଅର୍ପଣ ରଥ ପରିକ୍ରମା କରିଥିଲା। ଭଜନ, ସଂକୀର୍ତ୍ତନ ସହିତ ହରିବୋଲ, ହୁଳହୁଳିରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।





ୱାର୍ଡ ନଂ-୧୧ ବାଞ୍ଜିପଡ଼ା ଓ ଗୋବିନ୍ଦପୁରରେ ଅର୍ପଣ ରଥକୁ ସ୍ୱାଗତ କରାଯାଉଛି ।

# ଧାନମଣ୍ଡି ପରିଦର୍ଶନ କଲା କୃଷକ ସଙ୍ଗଠନ



ରାଜବୋଡାସମ୍ବର କୃଷକ ସଙ୍ଗଠନ ସଦସ୍ୟମାନେ ଧାନମଣ୍ଡି ପରିଦର୍ଶନ କରୁଛନ୍ତି।

**ପଦ୍ମପୁର,୧୩।୧(ପ୍ରଦୀପ୍ତ ଦାଶ)**

ରାଜବୋଡାସମ୍ବର କୃଷକ ସଙ୍ଗଠନର ସଦସ୍ୟମାନେ ଶନିବାର ରାଜବୋଡାସମ୍ବର, ପାଇକମାଳ ଓ ଝାରବନ୍ଧ ବ୍ଲକର ସତିଭଟା, ଲଖମରା, ଚର୍ଦ୍ଦାପାଲି, ସରେଇକେଲା ଜଗଦଲପୁର, ଲଉଡିଧରା ଭୈଷାଦର୍ହା, କୁର୍ଲୁପାଲି, ଡଭା, ଝାରବନ୍ଧ, ବିଳାସପୁର, ମାଣ୍ଡିଆଢ଼ିପା, ପାଇକମାଳ, ଟେମରି ବୁକୁରାମୁଣ୍ଡା, ବରିକେଲ ମଣ୍ଡି ପରିଦର୍ଶନ କରିଛନ୍ତି। ପଦ୍ମପୁର ଉପଖଣ୍ଡରେ ବର୍ତ୍ତମାନ ସୁଦ୍ଧା ମୋଟ ୪ଲକ୍ଷ ପ୍ୟାକେଟ ଧାନ ପଡ଼ିଥିବା ବେଳେ ଆଶାନୁରୂପ କିଣାବିକା ହୋଇପାରୁନାହିଁ। ମିଲର୍ସ ଠିକ୍ ଭାବେ ଧାନ ନେଉନାହାନ୍ତି। ସବୁ ମଣ୍ଡିରେ ଚାଷୀମାନଙ୍କୁ ଭେଟିବା ପରେ ଅବ୍ୟବସ୍ଥା ଦେଖି ସଙ୍ଗଠନର ପ୍ରତିନିଧି ମଣ୍ଡଳୀ କ୍ଷୋଭ ପ୍ରକାଶ କରିଥିଲେ। ମଣ୍ଡିରେ ଚାଷୀଙ୍କ ପାଇଁ କିଛି ବ୍ୟବସ୍ଥା କରାଯାଇନାହିଁ । ଧାନ ବୋଝେଇ ପାଇଁ ମଜୁରୀ ଟଙ୍କା ଚାଷୀ ବହନ କରୁଛନ୍ତି। ଜୋର କରି ମିଲର କୁଇଣ୍ଟାଲ ପିଛା ୩/୪ କେଜି କଟନୀ କରାଯାଉଛି ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ କଟନୀ ବନ୍ଦ କରିବାକୁ ସେମାନେ ଦାବି କରିଛନ୍ତି। ପଡୋଶୀ ରାଜ୍ୟରେ ଚାଷୀ କୁଇଣ୍ଟାଲ ପିଛା ୩୧୦୦ଟଙ୍କା ଦରରେ ଧାନ ବିକ୍ରି କରୁଥିବା ବେଳେ ଆମ ରାଜ୍ୟର ଚାଷୀ ନିର୍ଦ୍ଧାରିତ ମୂଲ୍ୟ ମଧ୍ୟ ପାଇପାରୁନାହାନ୍ତି ବୋଲି ରାଜବୋଡା ସମ୍ବର କୃଷକ ସଙ୍ଗଠନର ରମେଶ ମହାପାତ୍ର, ରୋହିତ ପଧାନ, ସୁବାସ ସାମନ୍ତରାୟ, ପଞ୍ଚାନନ ସାହୁ, ଅଶୋକ ସାହୁ, ପ୍ରମୋଦ ରାୟ, ପ୍ରଶାନ୍ତ ପଧାନ, ଚିତ୍ତ ପାଣ୍ଡେ, ପ୍ରକାଶ ମିଶ୍ର ପ୍ରମୁଖ କହିଛନ୍ତି।

### ଧନୁଯାତ୍ରା ଆଭାସୀ ଆଲୋଚନାଚକ୍ର

**ବରଗଡ଼,୧୩।୧(ପ୍ରେମାନନ୍ଦ ଖମାରୀ)**

ଚେନ୍ନାଇର ସୃଜନୀ ପରିବାର ଆନୁକୂଲ୍ୟରେ ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚରେ ନାଟ୍ୟକଳାର ମହାସଙ୍ଗମ ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ଶୀର୍ଷକ ଆଭାସୀ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ନାଟ୍ୟକାର, ସାରସ୍ୱତ ସାଧକ ତଥା ଶିକ୍ଷାବିତ୍ ପ୍ରାଧ୍ୟାପକ ମୋହନ ସାହୁ, ପ୍ରାଧ୍ୟାପକ ଡ. ତପନ ବାରିକ, ଶିଶୁ ସାହିତ୍ୟିକ ଡ. ରବି ନାରାୟଣ ସାହୁ ପ୍ରମୁଖ ଆଲୋଚକ ଭାବେ ରହିଥିଲେ। ପଶ୍ଚିମ ଓଡ଼ିଶାର ଐତିହାସିକ, ସାଂସ୍କୃତିକ ପୃଷ୍ଠଭୂମିକୁ ପ୍ରସଙ୍ଗ କରି ଓଡ଼ିଆ ପରମ୍ପରାରେ ଶ୍ରୀକୃଷ୍ଣ ଚେତନା ଏବଂ ତାର ଅନନ୍ୟ ପରିଚୟ ଧନୁଯାତ୍ରା ବିଷୟରେ ସାହିତ୍ୟିକ କୈବଲ୍ୟ ମିଶ୍ର ବକ୍ତବ୍ୟ ପ୍ରଦାନ କରିଥିଲେ। ସୃଜନୀ ପରିବାରର ଉପଦେଷ୍ଟା ମଣ୍ଡଳୀ ମୁଖ୍ୟ ଆଶୁତୋଷ ସାମନ୍ତସିଂହାର, ପ୍ରଫେସର ଗୋଦାବରୀଶ ମିଶ୍ର, ସାରସ୍ୱତ ସାଧିକା ଡ. ବାସନ୍ତୀ ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରି ନିଜ ମତ ରଖିଥିଲେ। ସୃଜନୀ ପରିବାରର ସମ୍ପାଦକ ଅଶୋକ ସାମନ୍ତ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଂଯୋଜକ ତଥା ଉପସ୍ଥାପକ ରମେଶ ଚନ୍ଦ୍ର ପଶାୟତ, ସଂଯୋଜିକା ଝରଣା ପାଢ଼ୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କଣ୍ଠଶିଳ୍ପୀ ବୀରପ୍ରତାପ ସିଂହ, କେଦାର ତ୍ରିପାଠୀ, ଆନନ୍ଦିନୀ ମିଶ୍ର ସଙ୍ଗୀତ ପରିବେଷଣ କରିଥିଲେ।

# ବୋଡ଼ାସମ୍ବର କ୍ରିକେଟ କପ୍ ଉଦ୍‌ଘାଟିତ

**ପଦ୍ମପୁର,୧୩।୧(ପ୍ରଦୀପ୍ତ ଦାଶ)**

ବରଗଡ଼ ଜିଲା ପଦ୍ମପୁର ରାଜବୋଡାସମ୍ବର ଖେଳ ପଡିଆରେ ୨୮ତମ ସର୍ବଭାରତୀୟ ବୋଡ଼ାସମ୍ବର କ୍ରିକେଟ କପ୍ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟଅତିଥି, ରାଜବୋଡାସମ୍ବର ବ୍ଲକ ଅଧକ୍ଷ ରଞ୍ଜିତ ସିଂ ବରିହା, ପାଇକମାଳ ବ୍ଲକ ଅଧକ୍ଷା ଭାବନା ସିଂ, ପଦ୍ମପୁର ଏନ୍‌ଏସି ଅଧକ୍ଷା ସାବିତ୍ରୀ ବାଗ, ଝାରବନ୍ଧ ବ୍ଲକ ଅଧକ୍ଷା ଲିପ୍ସା ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ୍ ବୋଡ଼ାସମ୍ବର ସ୍ପୋର୍ଟିଂ ଓ ଆରୱାଇସିସି ରାଉରକେଲା ମଧ୍ୟରେ ହୋଇଥିଲା। ରାଉରକେଲା ଦଳ ପ୍ରଥମେ ଟସ୍ ଜିଣି ନିର୍ଦ୍ଧାରିତ ୨୫ ଓଭରରେ ୪ ଉଇକେଟ ବିନିମୟରେ ୨୨୨ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅଙ୍କିତ ସିଂ ୯୯(୭୨)ରନ କରିଥିଲେ। ଜବାବରେ ବୋଡ଼ାସମ୍ବର ସ୍ପୋର୍ଟିଂ ଦଳ ୨୫ ଓଭରରେ ୭ ଉଇକେଟ୍ ହରାଇ ମାତ୍ର ୧୪୫ରନ ସଂଗ୍ରହ କରିଥିଲା। ଫଳରେ ୭୭ ରନରେ ରାଉରକେଲା ଦଳ ବିଜୟୀ ହୋଇଥିଲ। ପ୍ରଥମ ମ୍ୟାଚ୍‌ର ଉଦଯାପନୀ କାର୍ଯ୍ୟକ୍ରମରେ ଖବରଦାତା ପ୍ରଦୀପ୍ତ କିଶୋର ଦାଶ, ବିଜୟ କୁମାର ସାହୁ, ଗୋପବନ୍ଧୁ ସିକା ଓ ନୀଳକଣ୍ଠ ଦୀପ, ଆଦର୍ଶ ନାଥ ଓ ପ୍ରସନ୍ନ ମହାନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ରାଉରକେଲା ଦଳର ଅଙ୍କିତ ସିଂଙ୍କୁ ପୁରସ୍କୃତ ପ୍ରଦାନ କରିଥିଲେ।

# ଇମ୍ପେରିୟଲ କଲେଜରେ ଗୁଗଲ୍ ବୟ ବିରାଟ

**ବରଗଡ଼,୧୩।୧(ପ୍ରେମାନନ୍ଦ ଖମାରୀ)**

ସାରାଦେଶରେ ଗୁଗୁଲ୍ ବୟ ଭାବେ ଖ୍ୟାତି ଲାଭ କରିଥିବା ତଥା ଅମିତାଭ ବଚ୍ଚନଙ୍କ କୌନ ବନେଗା କରୋଡ଼ପତି କାର୍ଯ୍ୟକ୍ରମରେ ଭାଗ ନେଇଥିବା ବିସ୍ମୟ ବାଳକ ବିରାଟ ଆୟର(୮) ଶନିବାର ବରଗଡ଼ ବିଦ୍ୟାବିହାରସ୍ଥିତ ଇମ୍ପେରିୟଲ କଲେଜ ପରିଦର୍ଶନ କରିଥିଲେ। ସେ ଉକ୍ତ କଲେଜ ସମେତ ଆଖପାଖ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ସହିତ ଭାବ ବିନିମୟ କରିଥିଲେ। ପ୍ରାରମ୍ଭରେ ବିରାଟ ପରିଚୟ ପ୍ରଦାନ କରିଥିଲେ। ଏହା ସହିତ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ଛାତ୍ରୀଛାତ୍ର ବିରାଟଙ୍କୁ ତାଙ୍କର ଜୀବନଶୈଳୀ ଆଦି ଉପରେ ପ୍ରଶ୍ନ କରିଥିଲେ। ତାଙ୍କ ଜୀବନରେ ସେ ମୋବାଇଲ କମ୍ ବ୍ୟବହାର କରୁଥିବା କହିଥିଲେ। କଲେଜର ଅଧ୍ୟକ୍ଷ ଦୁର୍ଗେଶ ଶତପଥୀ, ଅଧ୍ୟାପିକା ହରିପ୍ରିୟା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଇମ୍ପେରିୟଲ କଲେଜର ଦୀପକ ଗୋୟଲ ବିରାଟଙ୍କୁ ଏକ ଫଟୋଚିତ୍ର ପ୍ରଦାନ କରିଥିଲେ।



ବିରାଟ ଆୟରଙ୍କୁ ଫଟୋଚିତ୍ର ପ୍ରଦାନ କରାଯାଉଛି ।

# ରୂପାନ୍ତରଣ ନୂଆ ଜାଗରଣ ମାର୍ଗ ପ୍ରଶସ୍ତ କରିଛି: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୩।୧(ଅନିଲ ଦାସ)**



**୫-ଟି ସ୍କୁଲ ରୂପାନ୍ତରଣର ୪ର୍ଥ ପର୍ଯ୍ୟାୟ**
- ଦ୍ୱିତୀୟ ଦିବସରେ ୬ ଜିଲାର ୩୨୭ ସ୍କୁଲ ଲୋକାର୍ପିତ
- ପିଲାଙ୍କ ଭିତରେ ବଡ଼ ହେବାର ସ୍ୱପ୍ନକୁ ଜାଗ୍ରତ କରିଛି ସ୍କୁଲ ରୂପାନ୍ତରଣ: ପାଣ୍ଡିଆନ୍

୫-ଟି ସ୍କୁଲ ରୂପାନ୍ତରଣ ଅଭିଯାନର ଚତୁର୍ଥ ପର୍ଯ୍ୟାୟର ଦ୍ୱିତୀୟ ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ମାଲକାନଗିରି, ବାଲେଶ୍ୱର, ଗଜପତି, ଢେଙ୍କାନାଳ, କେନ୍ଦୁଝର ଓ କଟକ ଆଦି ୬ଟି ଜିଲାର ୩୨୭ଟି ରୂପାନ୍ତରିତ ସ୍କୁଲକୁ ଲୋକାର୍ପିତ କରିଛନ୍ତି। ଏଥିରେ ମାଲକାନଗିରି ଜିଲାର ୩୫ଟି ହାଇସ୍କୁଲ, ବାଲେଶ୍ୱରର ୭୬, ଗଜପତିର ୨୮, ଢେଙ୍କାନାଳର ୬୩, କେନ୍ଦୁଝରର ୪୫ ଓ କଟକର ୮୦ ହାଇସ୍କୁଲ ଅନ୍ତର୍ଭୁକ୍ତ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏବେ ଓଡ଼ିଶାରେ ରୂପାନ୍ତରର ଯୁଗ ଚାଲିଛି। ଶିକ୍ଷା ହିଁ ଆମ ସମାଜର ସାମୂହିକ ଚିନ୍ତାଧାରାକୁ ଉଚ୍ଚସ୍ତରକୁ ନେଇଥାଏ। ସ୍କୁଲ ରୂପାନ୍ତର ଓଡ଼ିଆ ଜାତିରେ ନୂଆ ଜାଗରଣର ମାର୍ଗ ପ୍ରଶସ୍ତ କରିଛି। ଆଗାମୀ ଦିନରେ ମୁଖ୍ୟ ଭୂମିକା ଗ୍ରହଣ କରିବ। ସ୍କୁଲ କଲେଜଠାରୁ ଆରମ୍ଭ କରି ହସ୍ପିଟାଲ, ପର୍ଯ୍ୟଟନ କ୍ଷେତ୍ର, ମଠ ମନ୍ଦିର, ପଞ୍ଚାୟତ, ଗାଁ ସବୁଠାରେ ରୂପାନ୍ତର କାର୍ଯ୍ୟ ଚାଲିଛି। ଏକ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ ପାଇଁ ଏହି ରୂପାନ୍ତର ରାସ୍ତା ପ୍ରସ୍ତୁତ କରୁଛି। ରୂପାନ୍ତର କାର୍ଯ୍ୟକ୍ରମ ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ସ୍କୁଲ ରୂପାନ୍ତର କାର୍ଯ୍ୟ। ସ୍କୁଲରୁ ହିଁ ଗୋଟିଏ ଜାତିର ଭବିଷ୍ୟତ ନିର୍ମାଣ ହୋଇଥାଏ। ଏହି ରୂପାନ୍ତର କାର୍ଯ୍ୟକ୍ରମରେ ସ୍କୁଲରେ ସ୍ମାର୍ଟ କ୍ଲାସ ରୁମ୍, କମ୍ପ୍ୟୁଟର, ଅତ୍ୟାଧୁନିକ ଲାବରେଟୋରୀର ବ୍ୟବସ୍ଥା କରାଯାଇଛି। ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଏବେ ସରକାରୀ ସ୍କୁଲଗୁଡ଼ିକ ଶ୍ରେଷ୍ଠ ମାଧ୍ୟମ ହୋଇଛି। ଏହି ରୂପାନ୍ତରିତ ସ୍କୁଲର ଠିକ୍ ଉପଯୋଗ କରି ଭଲ ପାଠ ପଢ଼ି ଏକ ସୁନ୍ଦର ଭବିଷ୍ୟତ ଗଢ଼ିବା ପାଇଁ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ପରାମର୍ଶ ଦେଇଛନ୍ତି। ପୂର୍ବରୁ ୩ଟି ପର୍ଯ୍ୟାୟରେ ରାଜ୍ୟରେ ୬୮୮୩ଟି ସ୍କୁଲ ରୂପାନ୍ତରିତ ହୋଇଛି। ଚତୁର୍ଥ ପର୍ଯ୍ୟାୟରେ ସମୁଦାୟ ୧୭୯୪ଟି ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ ହେବ। ଏହି ପର୍ଯ୍ୟାୟ ସମ୍ପୂର୍ଣ୍ଣ ହେବା ପରେ ରାଜ୍ୟରେ ସମୁଦାୟ ୮୬୭୭ ସ୍କୁଲ ରୂପାନ୍ତରିତ ହେବ। କାର୍ଯ୍ୟକ୍ରମରେ ଯୋଗଦେଇ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି, ୫-ଟି ସ୍କୁଲ ରୂପାନ୍ତର ପିଲାଙ୍କ ମଧ୍ୟରେ ଭଲ ପାଠ ପଢ଼ି ବଡ଼ ହେବାର ସ୍ୱପ୍ନକୁ ଜାଗ୍ରତ କରିପାରିଛି। ସରକାରୀ ସ୍କୁଲରେ ପାଠ ପଢ଼ି ବହୁତ ପିଲା ବଡ଼ ମଣିଷ ହୋଇଥିବା ସେ କହିଛନ୍ତି। କାର୍ଯ୍ୟକ୍ରମରେ ମାଲକାନଗିରିରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝୀ, ବାଲେଶ୍ୱରରେ ବିଧାୟକ ସ୍ୱରୂପ କୁମାର ଦାସ, ଗଜପତିରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଢେଙ୍କାନାଳରେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, କେନ୍ଦୁଝରରେ ବିଧାୟକ ଜଗନ୍ନାଥ ନାୟକ ଏବଂ କଟକରେ ବିଧାୟକ ଚନ୍ଦ୍ରସାରଥି ବେହେରା ପ୍ରମୁଖ ଯୋଗଦେଇ ଶିକ୍ଷା କ୍ଷେତ୍ରରେ ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱର ଉଚ୍ଚ ପ୍ରଶଂସା କରି କହିଥିଲେ।

ଏହି କାର୍ଯ୍ୟକ୍ରମରେ ସ୍କୁଲ ଓ ଗଣଶିକ୍ଷା ସଚିବ ଅଶ୍ୱଥୀ ଏସ୍ ସ୍ୱାଗତ ଭାଷଣ ଦେଇଥିଲେ। ଓସେପାର ସ୍ୱତନ୍ତ୍ର ପ୍ରୋଜେକ୍ଟ ଡାଇରେକ୍ଟର ଧନ୍ୟବାଦ ଅର୍ପଣ କରିଥିଲେ। ଉନ୍ନୟନ କମିଶନର, ବିଭିନ୍ନ ବିଭାଗର ପ୍ରମୁଖ ସଚିବ, ସଚିବ ଓ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ହକି ଷ୍ଟାଡିୟମ ପଛପଟେ ଡମ୍ପିଂ ୟାର୍ଡ

## ସହରବାସୀ ଭୋଗୁଛନ୍ତି ସମସ୍ୟା

**ରାଉରକେଲା, ୧୩।୧ (ଦିନେଶ ମିଶ୍ର)**

ବିଶ୍ୱସ୍ତରୀୟ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ପଛପଟେ ରହିଛି ସହରର ପ୍ରମୁଖ ଡମ୍ପିଂୟାର୍ଡ। ଏହି ଡମ୍ପିଂ ୟାର୍ଡ ଯୋଗୁ ସ୍ଥାନୀୟ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଆରଏମ୍‌ସି କର୍ତ୍ତୃପକ୍ଷଙ୍କ ନିକଟରେ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଅଭିଯୋଗ ହୋଇଛି।

ରାଉରକେଲା ସହରକୁ ସ୍ୱଚ୍ଛ ଓ ସବୁଜ କରିବା ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଜାରି ରହିଛି। ରାତି ପାହିଲେ ସହରର ବାସନ୍ତୀ କଲୋନି, ଛେଣ୍ଡ କଲୋନି, ସିଭିଲଟାଉନଶିପ୍, କୋଏଲନଗର, ରେଲୱେ କଲୋନି, ଡେଲିମାର୍କେଟ, ପାନପୋଷ ଆଦି ଅଞ୍ଚଳରେ ଆର୍‌ଏମ୍‌ସି କର୍ମଚାରୀମାନେ ଘର ଘର ବୁଲି ଅଳିଆ ଆବର୍ଜନାକୁ ସଂଗ୍ରହ କରୁଛନ୍ତି। ଏହି ଅଳିଆ ସଂଗ୍ରହ ହେବା ପରେ ଉକ୍ତ ଅଞ୍ଚଳରେ ଥିବା ଡମ୍ପିଂ ୟାର୍ଡରେ ଗଦା କରାଯାଏ। ପରେ ଆରଏମ୍‌ସିର ଗାଡ଼ିଗୁଡିକ ଏହି ଅଳିଆ ଆବର୍ଜନା ସଂଗ୍ରହ କରି ଛେଣ୍ଡ ସ୍ଥିତ କଳିଙ୍ଗ ବିହାରରେ ଥିବା ବିଶ୍ୱସ୍ତରୀୟ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ



ଆବର୍ଜନାକୁ ରିସାଇକ୍ଲିଂ କରାଯାଉଛି।

ହକି ଷ୍ଟାଡିୟମ ପଛପଟ ଡମ୍ପିଂୟାର୍ଡରେ ପକାଇଥାନ୍ତି। ଏହି ଅଳିଆ ଗୁଡିକ ବର୍ଷ ବର୍ଷ ଧରି ଗୋଟିଏ ସ୍ଥାନରେ ଜମା ରହିଥିବାରୁ ଏଠାରେ ଏକ କୃତ୍ରିମ ପାହାଡ ସୃଷ୍ଟି ହେବା ସହ ପଚିଶଢି ଉକ୍ତ ଅଞ୍ଚଳକୁ ପୂତିଗନ୍ଧମୟ କରୁଛି। ଡମ୍ପିଂ ୟାର୍ଡ ନିକଟରେ ରାଉରକେଲା ବିମାନ ବନ୍ଦର, ବିପିୟୁଟି, ହଷ୍ଟେଲ, ଛେଣ୍ଡ ଘରୋଇ ଆଇଟିଆଇ ଆଦି ରହିଛି। ଏହି ଅଞ୍ଚଳ ଦେଇ ଯାତାୟାତ କଲେ ଡମ୍ପିଂୟାର୍ଡର ଅସ୍ୱାସ୍ଥ୍ୟକର ପରିବେଶ କୁପ୍ରଭାବ ପକାଇଛି। ବିଶେଷ କରି ବର୍ଷାଦିନେ ଏହି ଡମ୍ପିଂୟାର୍ଡର ଅଳିଆରେ ପାଣି ପଶି ଗନ୍ଧ ହେଉଛି। ଏ ନେଇ ସ୍ଥାନୀୟ ସମାଜସେବୀ ତଥା ଆଇନଜୀବୀ ଆନନ୍ଦ ଚନ୍ଦ୍ର ମହାନ୍ତି କୁହନ୍ତି, ଛେଣ୍ଡ କଳିଙ୍ଗ ବିହାର ସହରର ଏକ ପ୍ରମୁଖ କଲୋନି। ଏହାର ଆଖପାଖ ଅଞ୍ଚଳରେ ବିଶ୍ୱସ୍ତରୀୟ ହକି ଷ୍ଟାଡିୟମ ସାଙ୍ଗକୁ ବିମାନବନ୍ଦର ଓ ବିପିୟୁଟି ଭଳି ବୈଷୟିକ ଶିକ୍ଷାତାଲିମ କେନ୍ଦ୍ର ରହିଛି। ଏଠାରେ ଆରଏମ୍‌ସି ପକ୍ଷରୁ ତିଆରି ହୋଇଥିବା ଡମ୍ପିଂ ୟାର୍ଡ ଯୋଗୁ ସ୍ଥାନୀୟ ଅଞ୍ଚଳରେ ଅସୁବିଧା ହେଉଛି। ସହରର ସମସ୍ତ ଅଳିଆ ଏଠାରେ ପକାଯାଉଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ତେଣୁ ଏହି ଡମ୍ପିଂ ୟାର୍ଡକୁ ଏଠାରୁ ଆରଏମ୍‌ସି କର୍ତ୍ତୃପକ୍ଷ ଯଥାଶୀଘ୍ର ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରିବାକୁ ମହାନ୍ତି ଦାବି କରିଛନ୍ତି। ସେହିପରି ସମାଜସେବୀ ଅଭିନାଶ ଶୁକ୍ଳା କୁହନ୍ତି, ଏହି ଡମ୍ପିଂ ୟାର୍ଡରେ କୁଢ କୁଢ ଅଳିଆ ସର୍ବଦା ଜମି ରହିଥିବାରୁ ଏଠାରୁ ମଶା, ମାଛି ବଂଶ ସୃଷ୍ଟି ହେଉଛି। ଫଳରେ ସ୍ଥାନୀୟ ଅଞ୍ଚଳର ଲୋକେ ରୋଗରେ ପଡୁଛନ୍ତି। ଏହି ଡମ୍ପିଂୟାର୍ଡରେ ବୁଲାପଶୁ ଗୋଡରେ ଖେଳାଇ ଅପରିଷ୍କାର କରୁଛନ୍ତି। ଅଳିଆଗୁଡିକ ଗୋଟିଏ ସ୍ଥାନରେ ଜମି ରହିଥିବାରୁ ବିମାନବନ୍ଦର ନିକଟ ରାସ୍ତାରେ ଯାତାୟାତ କରିବା ସମ୍ଭବ ହେଉନାହିଁ। ତେଣୁ ଏଠାରେ ଆରଏମ୍‌ସି ଅଳିଆ ନ ପକାଇଲେ ଜନସାଧାରଣ ଉପକୃତ ହୁଅନ୍ତେ ବୋଲି ସେ କହିଥିଲେ। ଏ ସମ୍ପର୍କରେ ଆରଏମ୍‌ସି ଉପଆୟୁକ୍ତ ସୁଧାଂଶୁ ଶେଖର ଭୋଇଙ୍କୁ ପଚାରିବାରୁ ସେ କହିଥିଲେ, କଳିଙ୍ଗ ବିହାର ଅଞ୍ଚଳରେ ଥିବା ଡମ୍ପିଂୟାଡି ବିଶ୍ୱସ୍ତରୀୟ ହକି ଷ୍ଟାଡିମୟ ନିର୍ମାଣ ପୂର୍ବରୁ ରହିଛି। ଏଠାରେ ସହରର ସମସ୍ତ ଅଳିଆଆବର୍ଜନା ବର୍ଷ ବର୍ଷ ଧରି ପଡିରହିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଥିବା ନେଇ ଆମ ପାଖରେ ଅଭିଯୋଗ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଆମେ ଏଠାରେ ଗଦା ହୋଇ ରହିଥିବା ମଇଳାକୁ ସ୍ୱଚ୍ଛ କରିବା ପାଇଁ ବର୍ଜ୍ୟବସ୍ତୁ ନିଷ୍କାସନ ପ୍ରକ୍ରିୟା ମେଶିନ ବସାଇଛୁ। ଏହି ମେଶିନ ସାହାଯ୍ୟରେ ଦିନକୁ ୩ରୁ ୫ କୁଇଣ୍ଟାଲ ବର୍ଜ୍ୟବସ୍ତୁରୁ ଖତ ଓ ପିଚୁ ତିଆରି କରି ସହରର ଉନ୍ନତି କାମ ପାଇଁ ବ୍ୟବହାର କରାଯାଉଛି ବୋଲି ଭୋଇ କହିଥିଲେ।



ଆନନ୍ଦ ଚନ୍ଦ୍ର ମହାନ୍ତି।



ଅଭିନାଶ ଶୁକ୍ଳା।

## ୨ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

**ବଣାଇଁ, ୧୩।୧ (ପ୍ରଦୀପ ତ୍ରିପାଠୀ)**

ଜାଙ୍ଗଲା-ସିଆଁଜୋର ରାସ୍ତାରେ ୨ବାଇକ୍ ମୁହାଁମୁହିଁ ଧକ୍କାରେ ଶନିବାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଡଗୋଗୁଆ ଗ୍ରାମର ଗଙ୍ଗାଧର ସାହୁ। ଏଥିସହ ଜଣେ ଯୁବକ ଗୁରୁତର ହେବା ସହ ୨ଜଣ ଆହତ ହୋଇଛନ୍ତି। ଗୁରୁତର ଯଦୁମଣି ବୋଦରାଙ୍କୁ ରାଉରକେଲା ସ୍ଥାନାନ୍ତରିତ କରାଯାଇଛି। ଆହତ ରାଜଲକ୍ଷ୍ମୀ ବୋଦରାଙ୍କୁ ରାଉରକେଲା ପଠାଯାଇଥିବା ଏବଂ ଅନ୍ୟ ଜଣେ କୈଳାସ ଚନ୍ଦ୍ର ସାହୁ ବଣାଇଁ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଉଭୟ ବଣାଇଁ ଓ ଲହଣୀପଡ଼ା ପୋଲିସ ତଦନ୍ତ ଜାରି ରଖିଛି। ମିଳିଥିବା ସୂଚନା ଅନୁଯାୟୀ, ଦେବଗଡ଼ ଜିଲା ମସିନ୍ତା ଗ୍ରାମର ଯଦୁମଣି ବୋଦରା ତାଙ୍କର ଝିଅ ରାଜଲକ୍ଷ୍ମୀଙ୍କ ସହ ଜାଙ୍ଗଲା ଗ୍ରାମରୁ ବାଇକ୍ ଯୋଗେ ଗ୍ରାମକୁ ଫେରୁଥିବା ବେଳେ ଅପରପକ୍ଷରୁ ଆଉ ଏକ ବାଇକ୍ ଯୋଗେ ୨ଜଣ ଯୁବକ ବଡଗୋଗୁଆ ଗ୍ରାମକୁ ଆସୁଥିବା ବେଳେ ଜାଙ୍ଗଲା ନିକଟରେ ଉଭୟ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ସମସ୍ତେ ରାସ୍ତାରେ ଛିଟିକି ପଡିଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଗଙ୍ଗାଧରଙ୍କ ମୃତ୍ୟୁ ହୋଇଥିଲା।

## ସଂକ୍ଷେପରେ

### ପୁଅ ମୃତ୍ୟୁ ଖବର ଶୁଣି ଆଖି ବୁଜିଲେ ମା'

**ବଡ଼ଗାଁ, ୧୩।୧ (ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଭିଖମପୁର ଗ୍ରାମର ନିରାଲ ହାଁସଦା (୩୫)ଙ୍କ ମୃତ ଶରୀର ଶୁକ୍ରବାର ପୋଲିସ ପାଳ ଗଦା ତଳୁ ଉଦ୍ଧାର କରିଥିଲା। ଏହି ଖବର ଶୁଣି ଅସୁସ୍ଥ ଥିବା ତାଙ୍କ ମା' ନୂତନ ହାଁସଦା(୫୮)ଙ୍କ ଶନିବାର ମୃତ୍ୟୁ ଘଟିଛି। ଶୋକାକୁଳ ପରିବେଶରେ ଉଭୟ ମା' ଓ ପୁଅଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ନିରାଲଙ୍କ ମୃତଦେହ ପୋଲିସ ଉଦ୍ଧାର କରିଥିବା ଜାଣି ମା' ନୂତନ ଦେଖିବା ପାଇଁ ଦୌଡି ଘରୁ ବାହାରିଲା ବେଳେ ତଳେ ଖସି ପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରରେ ତାଙ୍କର ମୃତ୍ୟୁ ଘଟିଛି।

### ଜନତା ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

**ବାଲିଶଙ୍କରା, ୧୩।୧ (ହୃଦାନନ୍ଦ ବାରିକ):** ବାଲିଶଙ୍କରା ବ୍ଲକ ଶିକାଯୋର ପଞ୍ଚାୟତ ଶିକାଯୋର ଗ୍ରାମର ଜନତା ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ କମଳିନୀ କାଲୋଙ୍କ ନେତୃତ୍ୱରେ ହୋଇଥିବା ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ସୁନ୍ଦରଗଡ଼ ଜିଲା ବିଜେଡି ସଭାପତି ତଥା ସ୍ୱତନ୍ତ୍ର ଉନ୍ନୟନ ବିକାଶ ପରିଷଦ ଅଧ୍ୟକ୍ଷ ଡ. ବିନୟ ଟପ୍ପୋ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ରବୀନ୍ଦ୍ର ନାଏକ, ଭବାନୀ ଶଙ୍କର ପଟେଲ, ବିନୟ ପ୍ରକାଶ ମିଞ୍ଜ, ଇସ୍ମାଇଲ ଖାନ, ସନ୍ତୋଷ ସା, ଗଣେଶ ଆପଟ, ସାମୁଏଲ ଆଜମ ପ୍ରମୁଖ ଯୋଗଦେଇଥିଲେ। ବାର୍ଷିକ ଉତ୍ସବରେ ନାଚ, ଗୀତ ଭଳି ବିଭିନ୍ନ ପ୍ରତିଯୋଗିତା କରାଯାଇଥିବାବେଳେ ମୁଖ୍ୟ ଅତିଥି କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

### କ୍ଷୁଦ୍ର ଗଳ୍ପ ଲିଖନ ପ୍ରତିଯୋଗିତା

**ହେମଗିର, ୧୩।୧ (ଚୈତନ୍ୟ ପଟେଲ):** ସୁନ୍ଦରଗଡ ଜିଲା ହେମଗିର ସ୍ଥିତ ଗଡ଼ତୁମୁଲିଆ ମାଣିକେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟରେ ନୂଆ ଓ ଯୁବ ଓଡିଶା ନବୀନ ଓଡିଶା ମାଧମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଜେନାଙ୍କ ନେତୃତ୍ୱରେ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଆୟୋଜନ ଓ ଜଗନ୍ନାଥ ସାଂସ୍କୃତିକ ପ୍ରଚାର ପ୍ରସାର ପରିପ୍ରେକ୍ଷୀରେ ଶନିବାର ଓଡ଼ିଆ କ୍ଷୁଦ୍ର ଗଳ୍ପ ଲିଖନ ପ୍ରତିଯୋଗିତା ଓ ଓଡ଼ିଆ କଲିଗ୍ରାଫି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୁବ୍ରତ ସେଠି,ଧରିତ୍ରୀ ମିଶ୍ର,ତପସ୍ୱିନି ନନ୍ଦ, ସୁରଜ ନାଏକଙ୍କ ସହ ଅଧ୍ୟାପିକା ଓ ଅଧ୍ୟାପକ ଉପସ୍ଥିତ ଥିଲେ।

### ରକ୍ତଦାନ ଶିବିର, ୨୧ ୟୁନିଟ୍ ସଂଗ୍ରହ



**ରାଉରକେଲା, ୧୩।୧ (ବିପ୍ଳବ ରଞ୍ଜନ ଦାଶ):** ରାଉରକେଲା ମାନବିକତା ପରିବାର ପକ୍ଷରୁ ଶନିବାର ସେକ୍ଟର-୧୪ ମାର୍କେଟ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମାନବିକତା ପରିବାରର ଅଧ୍ୟକ୍ଷ ତଥା ରଘୁନାଥପାଲି ନିର୍ବାଚନ ମଣ୍ଡଳୀର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ମୋଟ ୨୧ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ଆର୍‌ଜିଏଚ୍‌କୁ ପ୍ରଦାନ କରାଯାଇଥିଲା। ଏଥିସହିତ ପ୍ରତି ମାସରେ ଆର୍‌ଜିଏଚ୍‌କୁ ୧୦୦ ୟୁନିଟ ରକ୍ତ ସଂଗ୍ରହ କରି ପ୍ରଦାନ କରାଯିବା ସଂକଳ୍ପ କରିଛି ଯଦ୍ୱାରା ସହରାଞ୍ଚଳ ଆଖପାଖ ଏବଂ ସହର ବାହାରୁ ଆସୁଥିବା ରୋଗୀଙ୍କର ରକ୍ତ ଜନିତ ଆବଶ୍ୟକତା ପୂରଣରେ ଏହି ଧାରା ସହାୟକ ହେବାର ଉଦ୍ଦେଶ୍ୟରେ ପରିବାର ପକ୍ଷୁ ଏଭଳି ମହତ କାର୍ଯ୍ୟକ୍ରମ କରା ଯାଉଥିବାର ଦର୍ଶାଯାଇଛି। ଆଜିର ଏହି ରକ୍ତଦାନ ଶିବିରକୁ ସଫଳ କରିବାରେ ଡକ୍ଟର ଏ.ସି ମଲ୍ଲ, ପଙ୍କଜ ପାଲଟା ସିଂ, ଦେବାଶିଷ ମଲ୍ଲିକ, ସୁରେନ୍ଦ୍ର ମହନ୍ତ, କବି ନାୟକ,ବାବୁ ମହାନ୍ତି, ସରୋଜ ନାୟକ, ବିଶ୍ୱ ରନ ରାଉତ, ସୋନୁ ସିଂ, ପ୍ରତାପ ସିଂ ପ୍ରମୁଖ ଭୂମିକା ତୁଲାଇଥିଲେ।

## ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ




ଉଦ୍‌ଘାଟନୀ ଉତ୍ସବ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

**ରାଉରକେଲା, ୧୩।୧ (ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ମହାବିଦ୍ୟାଳୟ ଏବଂ ଉଚ୍ଚ ମାଧମିକ ବିଦ୍ୟାଳୟର ଓଡିଆ ସାହିତ୍ୟ ପଠନ କ୍ଲବ ତରଫରୁ ନୂଆ ଓଡିଶା ପରିଯୋଜନା ଅଧୀନ ଓଡିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରାଧ୍ୟାପକ ରଶ୍ମୀ ରଞ୍ଜନ ରାଉତଙ୍କ ସଭାପତିତ୍ୱରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଯୁକ୍ତ ୩ ନୋଡାଲ ଅଧିକାରୀ କରୁଣାକର ପାଟଶାଣୀ ଉତ୍ସବ ସଂଯୋଜନା କରିଥିଲେ। ଅବସରପ୍ରାପ୍ତ ଓଡିଆ ପ୍ରାଧ୍ୟାପକ ଡ. ଅଶ୍ୱିନୀ କୁମାର ରାୟ ମୁଖ୍ୟଅତିଥି ଓ ହିସାବ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପିକା ରଶ୍ମିପ୍ରଭା ମଥାନ, ଯୁକ୍ତ୨ ନୋଡାଲ ଅଧିକାରୀ ବନବିହାରୀ କିଷାନ ଏବଂ ସହଯୋଗୀ ଅଧ୍ୟାପକ ତରଣୀ ନାୟକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଓଡିଆ ଭାଷା, ସାହିତ୍ୟ, କଳା, ସଂସ୍କୃତିର ସୁରକ୍ଷା ତଥା ଶ୍ରୀ ଜଗନ୍ନାଥ ସଂସ୍କୃତିର ବିକାଶ ମୂଳକ ପ୍ରଚାର ପ୍ରସାର କରିବା ସହ ସ୍ୱାଭିମାନ ଜାତି ଗଠନରେ ସହାୟକ ହେବାକୁ ଅତିଥିମାନେ ଛାତ୍ରୀଛାତ୍ରମାନଙ୍କୁ ପ୍ରବର୍ତ୍ତାଇଥିଲେ। ପରେ କଲେଜ ଅଧକ୍ଷା ସୁଜାତା ପ୍ରଧାନଙ୍କ ଆବାହକତ୍ୱ ଓ ପ୍ରଶାସନିକ ବିଭାଗ ମୁଖ୍ୟ ବରିଷ୍ଠ ପ୍ରଧାପକ ଡ. ରବିନ୍ଦ୍ର କୁମାର ଜେନାଙ୍କ ମାର୍ଗଦର୍ଶନରେ ହେବାକୁ ଥିବା ଓଡିଆ ସାହିତ୍ୟ ପ୍ରତିଯୋଗିତାର ପ୍ରସ୍ତୁତୀ ବୈଠକ ଅନୁଷ୍ଠିତ ହୋଇଥିଲା। ଓଡିଆ ସାହିତ୍ୟ ପଠନ କ୍ଲବ ଗଠନ, ବିଭିନ୍ନ କାର୍ଯ୍ୟକ୍ରମ, ପ୍ରତିଯୋଗିତା ଓ ଆଲୋଚନାଚକ୍ର ଆଦି ଆୟୋଜନ କରାଯିବା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ପୂଜାରାଣୀ ମହାପାତ୍ର, ପ୍ରଯୁକ୍ତା ଭବାନୀ ନାୟକ ଓ ଅଭିଲିପ୍ସା ସ୍ୱାଇଁ ସ୍ୱାଗତ ସଂଗୀତ ଗାନ କରିଥିଲେ। ରଶ୍ମୀପ୍ରଭା ମଥାନ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଏବଂ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

## ଆର୍‌ଏସ୍‌ପି ପାଳିବ ପତଙ୍ଗ ପର୍ବ

**ରାଉରକେଲା, ୧୩।୧ (ବିପ୍ଳବ ରଞ୍ଜନ ଦାଶ)**

ଗୁଡ଼ି (ପତଙ୍ଗ) ଉଡାଇବା ହେଲା ଭାରତୀୟ କଳା ଏବଂ ମାନବ ସଭ୍ୟତାର ଏକ ସର୍ବପ୍ରାଚୀନ କୌତୁକ ଭରା କ୍ରୀଡ଼ା। ନୀଳ ଆକାଶ ବକ୍ଷରେ ଗୁଡି ଉଡାଇ ଅନ୍ୟ ଗୁଡ଼ିକୁ ଅତିକ୍ରମଣ କରିବା କ୍ରୀଡ଼ା ମଣିଷ ମନରେ ଉତ୍କଣ୍ଠା ଭରିଦିଏ। ଏଣୁ ଏଭଳି ଏକ ଉନ୍ମାଦଭରା କ୍ରୀଡ଼ା ପର୍ବ ମକର ମହୋତ୍ସବକୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଦର୍ଶନୀ କବାଡି ମ୍ୟାଚ୍, ଯୋଗ ଅଧିବେଶନ ଓ ବିଭିନ୍ନ ରାଜ୍ୟର ସୁସ୍ୱାଦୁ ବ୍ୟଞ୍ଜନର ସମ୍ଭାର ମଧ୍ୟରେ ଆର୍‌ଏସ୍‌ପି ଦ୍ୱାରା ସହରବାସୀଙ୍କୁ ଅପୂର୍ବ ଅନୁଭୂତି ପ୍ରଦାନ କରିବ। ରଙ୍ଗୀନ ସାଜସଜ୍ଜା, ସେଲ୍‌ଫି ପଏଣ୍ଟ, ରଙ୍ଗୋଲି ଓ ପାରମ୍ପରିକ ପୋଷାକରେ ସଜ୍ଜିତ ପିଲାମାନଙ୍କ ଗହଣରେ ରବିବାର ସକାଳ ୧୦ଟାରେ ଏହି ମହୋତ୍ସବ ଆୟୋଜିତ ହେବ। ଏଥିରେ ଓଡିଶାର ପାରମ୍ପରିକ ବ୍ୟଞ୍ଜନ ଆରିଷା, କାକରା, ମଣ୍ଡା, ଦହିବରା, ଆଳୁଦମ ସହିତ ଅନ୍ୟ ରାଜ୍ୟର ଲିଟି, ଦୋସା, ଇଡଲି ଓ ରାଶିଖଜା ଭଳି ବହୁ ଲୋକପ୍ରିୟ ସୁସ୍ୱାଦୁ ବ୍ୟଞ୍ଜନ ପସରା ରହିଛି। ଏହାବ୍ୟତୀତ ଓଡ଼ିଶା, ନାଗପୁର, ଛତିଶଗଡ଼, ମହାରାଷ୍ଟ୍ର, ପଞ୍ଜାବ, ଗୁଜୁରାଟ ଆଦି ରାଜ୍ୟର ନୃତ୍ୟ ଏବଂ ସଙ୍ଗୀତ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷଣ ହେବ। ସେହିପରି ଚିତ୍ତାକର୍ଷକ ପତଙ୍ଗ ପ୍ରଦର୍ଶନୀ ମୁଖ୍ୟ ଆକର୍ଷଣ ସାଜିବ। ଏହାପରେ ବାଳିକା ଏବଂ ବାଳକ ବର୍ଗ ଦଳ ମଧ୍ୟରେ ପ୍ରଦର୍ଶନୀ କବାଡି ମ୍ୟାଚ୍ ହୋଇ କୃତୀ କ୍ରୀଡାବିତ୍‌ଙ୍କୁ ପୁରସ୍କାର ସହିତ ପ୍ରମାଣପତ୍ର ପ୍ରଦାନକରାଯିବ ବୋଲି ସୂଚନା ଦିଆଯାଇଛି।

## ବୈଷୟିକ ଶିକ୍ଷା ପରିଭ୍ରମଣ ଉତ୍ସବ

**ରାଉରକେଲା, ୧୩।୧ (ଦିନେଶ ମିଶ୍ର)**

ସେକ୍ଟର-୧୮ସ୍ଥିତ ବିବେକାନନ୍ଦ ସରକାରୀ ଉଚ୍ଚବିଦ୍ୟାଳୟର ବୈଷୟିକ ଶିକ୍ଷା ପରିଭ୍ରମଣ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ରଶ୍ମିତ ସାହାଣୀଙ୍କ ଅଧ୍ୟକ୍ଷତାରେ ଦଶମ ଶ୍ରେଣୀ ବିଦ୍ୟାର୍ଥୀମାନେ ରାଉରକେଲା ସହରର ଗୋପବନ୍ଧୁ ଯାନ୍ତ୍ରିକ ପ୍ରତିଷ୍ଠାନ(ୟୁଜିଆଇ) ଶିକ୍ଷାନୁଷ୍ଠାନକୁ ଗସ୍ତ କରି ସେଠାରେ ଶିକ୍ଷା ବ୍ୟବସ୍ଥା ସହିତ ଧନ୍ଦାମୂଳକ ପାଠ୍ୟକ୍ରମ ସମ୍ପର୍କରେ ଅବଗତ ହୋଇଥିଲେ। ସେମାନେ ଶିକ୍ଷାନୁଷ୍ଠାନ ଅତ୍ୟାଧୁନିକ ପରୀକ୍ଷାଗାର, ଶ୍ରେଣୀକକ୍ଷ ସହ ବିଭିନ୍ନ ଯନ୍ତ୍ରପାତି ସମ୍ପର୍କରେ ଛାତ୍ରଛାତ୍ରୀଙ୍କ ସହ ମତ ବିନିମୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିବେକାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଚିତ୍ରସେନ କଲତା, ଜଗନ୍ନାଥ ପରିଡା, ଆଦିଶେଷ ବେହୁରା, ମମତା କାଲୋଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।




ବିଦ୍ୟାର୍ଥୀମାନେ ବୈଷୟିକ ଶିକ୍ଷା ବିଷୟରେ ବୁଝୁଛନ୍ତି।

## ବିଶ୍ୱକୁ ସୁଦୃଢ଼ କରିବାରେ ଯୁବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ରାଉରକେଲା, ୧୩।୧ (ଦିନେଶ ମିଶ୍ର)**

ଜଗଦା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ସମାରୋହ ସଭାପତି ଅଶୋକ କୁମାର କକ୍କଡଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଉତ୍ସବରେ ରାମକୃଷ୍ଣ ମିଶନ ରାଉରକେଲା ଶାଖାର ଅଧ୍ୟକ୍ଷ ସ୍ୱାମୀ ଶିବଜ୍ଞାନାନନ୍ଦଜୀ ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଓ ତାଙ୍କ ନୀତି ଆଦର୍ଶ ଉପରେ ମତପ୍ରକାଶ କରିଥିଲେ। ବିଶ୍ୱକୁ ସୁଦୃଢ କରିବାରେ ବର୍ତ୍ତମାନ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସ୍ୱାମିଜୀ କହିଥିଲେ। ସମ୍ମାନିତ ଅତିଥି ଭାବେ ସ୍କୁଲ ପରିଚାଳନା ସମିତି ସମ୍ପାଦକ ଗୋଦାବରୀଶ ଶତପଥୀ, ଆରତୀ ସାହୁ, ପ୍ରଧାନ ଆଚାର୍ଯ୍ୟ ସୂର୍ଯ୍ୟନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଆଚାର୍ଯ୍ୟା ସନ୍ଧ୍ୟାରାଣୀ ସାମଲ ବିବେକାନନ୍ଦଙ୍କ ଉପରେ ବକ୍ତବ୍ୟ ଦେଇଥିଲେ। ପରେ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଆଚାର୍ଯ୍ୟ କାଶିନାଥ ପାଢୀ ମଞ୍ଚ ପରିଚାଳନା କରିଥିବାବେଳେ ଶୈଳେନ୍ଦ୍ର କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ୧୭ରୁ ବିମାନ ଚଳାଚଳ ସ୍ୱାଭାବିକ ହେବ

**ରାଉରକେଲା, ୧୩।୧ (ବିପ୍ଳବ ରଞ୍ଜନ ଦାଶ)**

ବୈଷୟିକ ତ୍ରୁଟି ଯୋଗୁ ରାଉରକେଲା ବିମାନ ବନ୍ଦରରୁ ବିମାନ ଚଳାଚଳ ସେବା ବାତିଲ ହୋଇଛି। ତେବେ ଆସନ୍ତା ୧୭ ତାରିଖରୁ ବିମାନ ଚଳାଚଳ ସ୍ୱାଭାବିକ ହେବ ବୋଲି ଜଣାପଡିଛି। ଫଳରେ ଯାତ୍ରୀମାନେ ନାନା ଅସୁବିଧା ଭୋଗୁଛନ୍ତି। ଏହି ବିମାନବନ୍ଦରରେ ଏଯାଏ ଆଇଏଲ୍‌ଏସ୍ ମେଶିନ ଲାଗି ନ ଥିବାରୁ ମେଘୁଆ ପାଣିପାଗ, ଘନ କୁହୁଡିରେ ବିମାନ ଅବତରଣ କରିପାରୁନାହିଁ। ବାରମ୍ବାର ଦାବି ସତ୍ତ୍ୱେ ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ରାଉରକେଲା ଏୟାରଷ୍ଟ୍ରିପ୍‌କୁ ଅନ୍ତର୍ଜାତୀୟ ହକି ଟୁର୍ଣ୍ଣାମେଣ୍ଟ ପାଇଁ ୨ସି ଲାଇସେନ୍ସ ପ୍ରଦାନ ସହିତ ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଗଲା। ଏହା ପୂର୍ବରୁ ଏଲାଏନ୍ସ ଏୟାରଲାଇନ୍ସ ୭୨ସିଟ୍ ପ୍ଲେନ ଚଳାଚଳ ପାଇଁ ବେସାମରିକ ବିମାନ ଚଳାଚଳ ବିଭାଗ ସହିତ ଚୁକ୍ତିନାମା ସ୍ୱାକ୍ଷର କରିଥିଲା। ମାତ୍ର ହକି ଟୁର୍ଣ୍ଣାମେଣ୍ଟ ଶେଷ ହେବା ପରେ ଖରାପ ପାଣିପାଗ ଓ ବୈଷୟିକ ତ୍ରୁଟି ସହ ବିଭିନ୍ନ ଆଳ ଦେଖାଇ ବାରମ୍ବାର ବିମାନ ଉଡାଣ ବାତିଲ ହୋଇ ଚାଲିଛି। ବିମାନବନ୍ଦରରେ କେବଳ ମାତ୍ର ୮କୋଟି ଟଙ୍କାରେ ଆଇଏଲ୍‌ଏସ୍ ବସାଇବା ପାଇଁ ବାରମ୍ବାର ଦାବି କରାଯିବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉନାହିଁ। ଏ ନେଇ ରାଉରକେଲା ଏୟାରପୋର୍ଟର ରାହୁଲ ସିଂଙ୍କୁ ପଚାରିବାରୁ ବିମାନ ବୈଷୟିକ ଅପରେଶନ ତ୍ରୁଟି କାରଣରୁ ବିମାନ ସେବା ବାତିଲ ହୋଇଛି। ଆସନ୍ତା ୧୭ ତାରିଖରୁ ବିମାନ ଚଳାଚଳ ସ୍ୱାଭାବିକ ରହିବ ବୋଲି ସେ କହିଥିଲେ।

## ଆନ୍ତଃ ବିଦ୍ୟାଳୟ ବିଜ୍ଞାନ ମେଳା ପ୍ରଦର୍ଶିତ

**ରାଉରକେଲା, ୧୩।୧ (ଦିନେଶ ମିଶ୍ର)**

ସେକ୍ଟର-୧୯ ସ୍ଥିତ ଜ୍ଞାନଜ୍ୟୋତି ପବ୍ଲିକ ସ୍କୁଲରେ ଆନ୍ତଃ ବିଦ୍ୟାଳୟ ବିଜ୍ଞାନ, ଚିତ୍ରାଙ୍କନ ଓ ଚିତ୍ରକଳା ପ୍ରଦର୍ଶନୀ ଉତ୍ସବ ଅଧ୍ୟକ୍ଷ ଜଳଧର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉପାଧ୍ୟକ୍ଷ ଲଲାଟେନ୍ଦୁ ମହାନ୍ତିଙ୍କ ଆବାହକତ୍ୱ ଓ ଶିକ୍ଷୟିତ୍ରୀ ନମ୍ରତା ମଲ୍ଲିକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେକ୍ଟର-୬ ବିଦ୍ୟାଳୟର ସୁଜିତ ରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କୁଞ୍ଜ ବିହାରୀ ରାଉତ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ପ୍ରଦର୍ଶନୀରେ ୧୫୦ଟି ବିଜ୍ଞାନ ପ୍ରକଳ୍ପ, ୩ଶହରୁ ଊର୍ଦ୍ଧ୍ୱ ଚିତ୍ରାଙ୍କନ ତଥା ଚିତ୍ରକଳା ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା। ବିଜ୍ଞାନ ପ୍ରକଳ୍ପର ବିଚାରକ ଭାବେ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଶିକ୍ଷୟିତ୍ରୀ ରଜନୀ ତିରୁ, କଲ୍ୟାଣୀ ପଣ୍ଡା, ଚିତ୍ରକଳାରେ ଚିତ୍ରଶିଳ୍ପୀ ଦେବେନ୍ଦ୍ର ମହାରଣା ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।



ବିଜ୍ଞାନ ପ୍ରକଳ୍ପଗୁଡିକର ମୂଲ୍ୟାୟନ କରାଯାଉଛି।

## ନାଟକ 'ଚଇତୁ' ମଞ୍ଚସ୍ଥ

**ରାଉରକେଲା, ୧୩।୧ (ବିପ୍ଳବ ରନ ଦାଶ)**

ରାଉରକେଲାର ଅଗ୍ରଣୀ ନାଟ୍ୟାନୁଷ୍ଠାନ 'ପ୍ରୟାସ' ଦ୍ୱାରା ପ୍ରାୟୋଜିତ, ଓଡିଶା ସାହିତ୍ୟ ଏକାଡେମୀ ଓ ନାଟ୍ୟକାର ଡ. ନିବେଦିତା ଜେନାଙ୍କ ରଚିତ ନାଟକ 'ଚଇତୁ' ଶୁକ୍ରବାର ସିଭିକ ସେଣ୍ଟର ପ୍ରେକ୍ଷାଳୟରେ ମଞ୍ଚସ୍ଥ ହୋଇଯାଇଛି। ଉଦ୍‌ଘାନଟୀ ସମାରୋହରେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଓ ଆରଏସ୍‌ପି ସହରସେବା ପ୍ରଶାସନିକ ମୁଖ୍ୟ ମହାପ୍ରବନ୍ଧକ ପ୍ରତାପ କୁମାର ସ୍ୱାଇଁ, ଶିକ୍ଷାବିତ୍ ଡ. ସମର ମୁଦାଲି ଏବଂ ପ୍ରାକ୍ତନ ମହାପ୍ରବନ୍ଧକ ଅଭୟ କୁମାର ଦାସ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ନାଟକ ହେଉଛି ମଣିଷର ସାମାଜିକ ଚେତନାକୁ ଜାଗ୍ରତ କରିବାର ଶ୍ରେଷ୍ଠ ମାର୍ଗ। ପ୍ରକୃତରେ ନାଟ୍ୟକାରଙ୍କ ଜୀବନ୍ତ ଅଭିନୟ ମଣିଷ ମନରେ ସାମାଜିକ ଜାଗରଣ ସୃଷ୍ଟି କରିଥାଏ ବୋଲି ମୁଖ୍ୟଅତିଥି ତାଙ୍କ ବକ୍ତବ୍ୟରେ କହିଥିଲେ। 'ଚଇତୁ' ନାଟକରେ ସମାଜରେ ଜାତିଗତ ଭେଦଭାବ କିଭଳି ସ୍ୱାର୍ଥୀ ମଣିଷର ମଣିଷ ପଣିଆକୁ କଳୁଷିତ କରୁଛି ଓ ଏହାର କୁପରିଣତି ଅନ୍ୟ ପାଇଁ କିଭଳି ଭୟଙ୍କର ପାଲଟୁଛି ତାହା ଉପରେ କେନ୍ଦ୍ରୀଭୂତ ହୋଇଥିଲା। ନାଟକରେ 'ଚଇତୁ ଚରିତ୍ର ଭେଦଭାବର ଶିକାର ହୋଇ ସମାଜ ଆଗରେ ହାର ମାନେ ଓ ଶେଷରେ ତାର ଜୀବନ କିଭଳି ଛାରଖାର ହୁଏ ତାହା ନାଟକରେ ପ୍ରଦର୍ଶିତ ହୋଇଥିଲା। ନାଟକର ବିଭିନ୍ନ ଭୂମିକାରେ ପ୍ରଫୁଲ୍ଲ ଚନ୍ଦ୍ର ସେଠୀ, ଗଙ୍ଗାଧର ରାଉତ, ରାଜେଶ ରାୟ, ଅଭିଲାଷ ସାହୁ, ସରୋଜିନୀ ସ୍ୱାଇଁ, ଅନିଲ ମଲ୍ଲିକ ପ୍ରମୁଖ କଳାକାର ଅଭିନୟ କରିଥିଲେ। ନାଟକରେ ପ୍ରଫୁଲ୍ଲ ଚନ୍ଦ୍ର ସେଠୀ ନିର୍ଦ୍ଦେଶନା ଦେଇଥିବାବେଳେ ସୁଶାନ୍ତ କୁମାର ଦଳେଇ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି।



ଚଇତୁ ନାଟକର ଏକ ଦୃଶ୍ୟ ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ଲହୁଣୀପଡା, ୧୩।୧ (ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା କୁଡେଇକଳା ପଞ୍ଚାୟତ ବିଲେଇପଡା ଗ୍ରାମରେ ଜଣେ ଯୁବକଙ୍କ ଝୁଲନ୍ତା ମୃତାଦେହ ଶୁକ୍ରବାର ପୋଲିସ ଜବତ କରିଛି। ମୃତକ ହେଲେ ଉକ୍ତ ଗ୍ରାମର ହିତେଶ ମାହାନ୍ତ(୨୩)। ଶନିବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ପୋଲିସ ମୃତଦେହ ହସ୍ତାନ୍ତର କରିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ମିଳିଥିବା ସୂଚନା ଅନୁଯାୟୀ, ହିତେଶ ବାରସୁଆଁ ନିକଟରେ ଥିବା ଟିଙ୍କ ବିଦ୍ୟୁତ୍ ସବ୍‌ଷ୍ଟେସନରେ କାର୍ଯ୍ୟକରୁଥିଲେ। ତେବେ କୌଣସି କାରଣରୁ ଘରେ କେହି ନ ଥିବାର ସୁଯୋଗ ନେଇ ବେକରେ ରସି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ମୁଖ୍ୟମନ୍ତ୍ରୀ କଥାରେ ନୁହେଁ, କାମରେ ବିଶ୍ୱାସ କରନ୍ତି: ୫-ଟି ଅଧ୍ୟକ୍ଷ



ଜଣେ ଭିନ୍ନକ୍ଷମଙ୍କଠାରୁ ଅଭିଯୋଗ ଗ୍ରହଣ କରୁଛନ୍ତି ୫-ଟି ଅଧ୍ୟକ୍ଷ।

କୁଚିଣ୍ଡା, ୧୩।୧ (ବିରଞ୍ଚି ଦର୍ଜୀ) ମୁଖ୍ୟମନ୍ତ୍ରୀ କଥାରେ ନୁହେଁ ବରଂ କାମରେ ବିଶ୍ୱାସ କରନ୍ତି ବୋଲି ଶନିବାର କୁଚିଣ୍ଡା ଗସ୍ତରେ ଆସି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି। କୁଚିଣ୍ଡାରେ ପହଞ୍ଚିବା ପରେ ରାଜ୍ୟ ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, କୁଚିଣ୍ଡା ବିଧାୟକ କିଶୋର ନାଏକ, ଜିଲାପରିଷଦ ସଭାପତି କୁମୁଦିନୀ ନାୟକ, ଏନ୍ଏସି ଅଧ୍ୟକ୍ଷ ପ୍ରଦ୍ୟୁତ ମହାନ୍ତି, କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶର କିଷାନ ପ୍ରମୁଖ ତାଙ୍କୁ ସ୍ୱାଗତ କରି ସଭାସ୍ଥଳକୁ ପାଛୋଟି ନେଇଥିଲେ। ଏହି ଅବସରରେ ଜନସାଧାରଣଙ୍କଠାରୁ ସେ ଅଭିଯୋଗପତ୍ର ସଂଗ୍ରହ କରିଥିଲେ। ପରେ ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, ୬ମାସ ତଳେ କୁଚିଣ୍ଡା ଆସିଥିବାବେଳେ ୭୧୫ ଅଭିଯୋଗ ପାଇଥିଲି। ସେଥିରୁ ୬୫୦ ଅଭିଯୋଗର ସମାଧାନ କରାଯାଇଛି। ୯୫ଟି ଧର୍ମାନୁଷ୍ଠାନ ପାଇଁ ୫.୮୦ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ୬୫୦ ପ୍ରକଳ୍ପ ପାଇଁ ୨୭.୫୦ ଟଙ୍କାର ଅନୁଦାନ ପ୍ରଦାନ କରାଯାଇଛି। ଘୁନୁଘୁଟିଠାରୁ ଲରିଆପାଲି ରାସ୍ତା ପାଇଁ ୧୨.୨୦ କୋଟି, ଲାଡଠାରୁ ଫାସିମାଲ ରାସ୍ତାରେ ବ୍ରିଜ ନିର୍ମାଣ ପାଇଁ ୬ କୋଟି, ସିରିଡଠାରୁ କରଙ୍ଗାମାଲ ରାସ୍ତାରେ ବ୍ରିଜ ନିର୍ମାଣ ପାଇଁ ୩.୮୦ କୋଟି ଟଙ୍କାର ଅନୁଦାନ ଦିଆଯାଇଥିବା କହିଥିଲେ। ସେହିପରି କୁଚିଣ୍ଡା କଲେଜ, ଜମନକିରା କଲେଜ ଏବଂ କେଶାଇବାହାଲର ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜର ଉନ୍ନତି ପାଇଁ ୧ କୋଟି ଲେଖାଏ ଅନୁଦାନ ପ୍ରଦାନ କରାଯାଇଥିବା ପାଣ୍ଡିଆନ କହିଥିଲେ। ଆଜି ପୁଣି ଯେଉଁ ଅଭିଯୋଗ ଆସିଛି ତାହା ବିଚାର କରି ମୁଖ୍ୟମନ୍ତ୍ରୀ ଆଗାମୀ ୧୦ ଦିନ ମଧ୍ୟରେ ଆପଣଙ୍କୁ ଖୁସି ଖବର ଦେବେ ବୋଲି କହିଥିଲେ। ୧୦ବର୍ଷ ପୂର୍ବରୁ ଆରମ୍ଭ ହୋଇଥିବା କଟକ-ସମ୍ବଲପୁର ଜାତୀୟ ରାଜପଥର ମରାମତି କାମ ଅସମ୍ପୂର୍ଣ୍ଣ ଥିବା ସମାଲୋଚନା କରି କେନ୍ଦ୍ରମନ୍ତ୍ରୀ ଏହି ଅଞ୍ଚଳର ହୋଇଥିବାରୁ ସେ ଏହା ଉପରେ ପଦକ୍ଷେପ ନିଅନ୍ତୁ ବୋଲି କହିଥିଲେ। ଏହି ଅବସରରେ ଅନ୍ୟ ନେତୃବୃନ୍ଦଙ୍କ ସହ ଯୁବନେତା ସଞ୍ଜିତ ମହାନ୍ତି, ଜମନକିରା ବ୍ଲକ ଅଧ୍ୟକ୍ଷା ଆଶ୍ରିତା ଭୋଇ, ଜିଲା ପରିଷଦ ସଭ୍ୟ ଅଜିତ ମହାପାତ୍ର, ତନୟା ଧରୁଆ, କୃଷ୍ଣଚନ୍ଦ୍ର ଟପୋ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସଦାନନ୍ଦ କୁଜୁର, ବ୍ଲକ ବିଜେଡି ସଭାପତି ଅମୂଲ୍ୟ ମିଶ୍ର, ନଗର ସଭାପତି ନବୀନ ହୋତାଙ୍କ ସମେତ ସହସ୍ରାଧିକ ମହିଳାପୁରୁଷ କର୍ମୀ ଯୋଗଦେଇଥିଲେ।

## 'ଙ୍କଶହ ଅଭିଯୋଗର ସମାଧାନ ହୋଇଛି'




ମଞ୍ଚରେ ଉଦ୍‌ବୋଧନ ଦେଉଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

ରେଢାଖୋଲ, ୧୩।୧ (ଅଚ୍ୟୁତାନନ୍ଦ ପୁରୋହିତ): ଗତ ଜୁଲାଇ ୧୬ରେ ରେଢାଖୋଲ ଆସି ଜନସାଧାରଣଙ୍କଠାରୁ ୫୭୦ ଅଭିଯୋଗ ପତ୍ର ପାଇଥିଲି। ସେଥିମଧ୍ୟରୁ ୫ଶହ ଅଭିଯୋଗର ସମାଧାନ ହୋଇଛି। ବାକି ୭୦ ଅଭିଯୋଗର ସମାଧାନ ହୋଇପାରି ନାହିଁ ବୋଲି ସ୍ଥାନୀୟ କଦମ୍ବ ପଡିଆଠାରେ ଶନିବାର ଅନୁଷ୍ଠିତ ସଭାରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି।

ଜନସାଧାରଣଙ୍କୁ ସମ୍ବୋଧନ କରି ସେ କହିଥିଲେ, ରେଢାଖୋଲ ନିର୍ବାଚନମଣ୍ଡଳୀରେ ଏବେ ୫ଶହ କୋଟିର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଚାଲିଛି। ମୁଖ୍ୟମନ୍ତ୍ରୀ ଗ୍ରାମାଞ୍ଚଳ ଲୋକଙ୍କ ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କରିଛନ୍ତି। ୬ତାରିଖଠାରୁ ଏହି ଯୋଜନାର ପଞ୍ଜିକରଣ ଆରମ୍ଭ ହୋଇ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାର ସୁଯୋଗ ନେବାକୁ କହିଥିଲେ। ମୁଖ୍ୟମନ୍ତ୍ରୀ କଥାରେ ନୁହେଁ, କାମରେ ବିଶ୍ୱାସ କରନ୍ତି। ଅଙ୍ଗନଓ୍ୱାଡି କର୍ମୀ, ଏମ୍‌ବିକେ, ଆଶା କର୍ମୀଙ୍କ ଭତ୍ତା ବଢିବା ନେଇ ମୁଖ୍ୟମନ୍ତ୍ରୀ ଖୁବ୍‌ଶୀଘ୍ର ଘୋଷଣା କରିବେ। ସରକାର କେନ୍ଦୁପତ୍ରରୁ ଜିଏସ୍‌ଟି ଛାଡ କରିଦେଲେ ବୋଲି ଘୋଷଣା କରିଥିଲେ। ଏଠାରେ ଖୁବ୍‌ଶୀଘ୍ର ଲକ୍ଷ୍ମୀବସ୍ ଯୋଜନାର ଶୁଭାରମ୍ଭ ହେବ ବୋଲି ପ୍ରକାଶ କରିଥିଲେ। ପ୍ରାରମ୍ଭରେ ସେ ବସ ଷ୍ଟାଣ୍ଡସ୍ଥିତ ସନ୍ଥକବି ଭୀମ ଭୋଇଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବିଧାୟକ ରୋହିତ ପୂଜାରୀ ପ୍ରାରମ୍ଭରେ ୫-ଟି ଅଧ୍ୟକ୍ଷଙ୍କୁ ଭୀମଭୋଇଙ୍କ ଏକ ତୈଳଚିତ୍ର ସହ ଉପଢୌକନ ପ୍ରଦାନ କରିଥିଲେ। ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ବିଜେଡି ବ୍ଲକ ସଭାପତି ଉଦିତ ତ୍ରିପାଠୀ, ଜିଲା ଉପସଭାପତି ଅନାଦି ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସଭାରେ ରେଢାଖୋଲ ନିର୍ବାଚନ ମଣ୍ଡଳୀର ବହୁ ସଂଖ୍ୟାରେ ଜନସାଧାରଣ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ପ୍ରତିଶ୍ରୁତି କୁଆଡ଼େ ଗଲା: ଭାଜପା

କୁଚିଣ୍ଡା, ୧୩।୧ (ବିରଞ୍ଚି ଦର୍ଜୀ) ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ କୁଚିଣ୍ଡା ଗସ୍ତ ଅବସରରେ ଶନିବାର ସନ୍ଧ୍ୟାରେ ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ପାଣ୍ଡିଆନ ଓ ନବୀନ ସରକାରଙ୍କୁ ସମାଲୋଚନା କରାଯାଇଛି। ଭାଜପା ରାଜ୍ୟ ଉପସଭାପତି ତଥା ପୂର୍ବତନ ବିଧାୟକ ରବିନାରାୟଣ ନାଏକ ସମ୍ମିଳନୀରେ କହିଛନ୍ତି ଯେ, ଗତ ସାଧାରଣ ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୁଚିଣ୍ଡାକୁ ଆସିଥିବା ସମୟରେ ଭାଜପା ତାଙ୍କୁ ୨୨ ପ୍ରଶ୍ନର ଉତ୍ତର ମାଗିଥିଲେ। କୁଚିଣ୍ଡା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ଆଦିବାସୀଙ୍କ ସ୍ୱାର୍ଥ ପାଇଁ ସରକାର କିଛି କରିନାହାନ୍ତି। ଲହରଙ୍ଗା, ଖର୍ଲା, ଲମ୍ବୋଦରା, ଶଙ୍ଖାଭାଙ୍ଗୁଣୀ ଆଦି ନଦୀରେ ମେଗା ଜଳସେଚନ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି କୁଆଡେ ଗଲା ବୋଲି ପ୍ରଶ୍ନ କରିଛନ୍ତି। ଏହାଛଡା ୨୦୧୪ରେ ବିଜେଡିର ନିର୍ବାଚନୀ ଇସ୍ତାହାରରେ ଥିବା ୩୫ଭାଗ ଜମିକୁ ଜଳସେଚନ ବ୍ୟବସ୍ଥାକୁ କାହିଁକି ପୂରଣ କରୁ ନାହାନ୍ତି ବୋଲି ନାଏକ କହିଛନ୍ତି। କୁଚିଣ୍ଡାକୁ ସଂଯୋଗ କରୁଥିବା ଝୁଲେନ ପୋଲ ଦୀର୍ଘ ଦିନ ହେବ ଭାଙ୍ଗି ଯାଇଥିଲେ ମଧ୍ୟ ବିଜେଡି ସରକାର ଏ ପର୍ଯ୍ୟନ୍ତ ମରାମତି କରିପାରି ନ ଥିବାବେଳେ ଯୋଜନା ନାମରେ କେବଳ କଲେଜ ଛାତ୍ରୀଛାତ୍ରଙ୍କୁ ପଥଭ୍ରଷ୍ଟ କରୁଥିବା କହି ସମାଲୋଚନା କରିଛନ୍ତି। ଏହି ସମ୍ମିଳନୀରେ ସମ୍ବଲପୁର ଭାଜପା ସାଧାରଣ ସମ୍ପାଦକ ଶୁଶିଳ କର ଉପସ୍ଥିତ ଥିଲେ।

### କିଶୋରୀ ବାଳିକା ସଚେତନତା କାର୍ଯ୍ୟକ୍ରମ

ପଡିଆବାହାଲ, ୧୩।୧ (ରାଧାମୋହନ ଷଡ଼ଙ୍ଗୀ): ଯୁଯୁମୁରା ବ୍ଲକ ମେଘପାଳ ପଞ୍ଚାୟତ ତିଳେଇମାଳ ଅଙ୍ଗନଓ୍ୱାଡି କେନ୍ଦ୍ରଠାରେ ଶନିବାର କିଶୋରୀ ବାଳିକା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କିଶୋରୀ ବାଳିକାମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା, ଖାଦ୍ୟପେୟ, ଦିନଚର୍ଯ୍ୟା, ବାଲ୍ୟବିବାହର ଅପକାରିତା ସମ୍ପର୍କରେ ସଚେତନ କରାଯାଇଥିଲା। ଅଙ୍ଗନଓ୍ୱାଡି କର୍ମୀ ଲିଲି ନାୟକ, କଳ୍ପନା ପଣ୍ଡା, ସ୍ନେହଲତା ସିଂହ, କାଞ୍ଚନ ପ୍ରଭା ସାହୁ, ଲଳିତା ଜୋଯୋ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ମେଘପାଳ ସରପଞ୍ଚ ମମତା ପ୍ରଧାନ ମୁଖ୍ୟଅତିଥି ଓ ସ୍ୱାସ୍ଥ୍ୟ କର୍ମୀ ଅକ୍ଷୟ ଉନସନା, ସବିତା କେଉଟ, ଆଇସିଡ଼ିଏସ ସୁପ୍ରଭାଇଜର ରେଣୁବାଳା ପଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ କିଶୋରୀ ବାଳିକାମାନଙ୍କୁ ଦିଗଦର୍ଶନ ଦେଇଥିଲେ।

### କ୍ଷୀରୋଦ ତାଣ୍ଡି ହତ୍ୟା ମାମଲାରେ ଆଉ ୨ ଗିରଫ

ସମ୍ବଲପୁର, ୧୩।୧ (ପ୍ରମୋଦ ବହିଦାର): ବୁର୍ଲା ଥାନା ଅନ୍ତର୍ଗତ ଆ. କଟାପାଲିରେ ସଂଘଟିତ କ୍ଷୀରୋଦ ତାଣ୍ଡି ହତ୍ୟାକାଣ୍ଡରେ ସମ୍ପୃକ୍ତ ଆଉ ଦୁଇଜଣଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗୋଲିକୁଣ୍ଡା ଗ୍ରାମର ସୋମନାଥ ପଟ୍ଟନାୟକ ଓରଫ ଶିବୁ ଓ କଟାପାଲି ଗ୍ରାମର ଲଳିତ ବଡ଼େଇ ଓରଫ ଟୁନା। ୨୦୨୩ ସେପ୍ଟେମ୍ବର ୧୬ରେ ଆ. କଟାପାଲିର ବୈଜାମୁଣ୍ଡାରେ ଦୁର୍ଗାପୂଜା ଚାନ୍ଦା ମଗାକୁ କେନ୍ଦ୍ର କରି ଗ୍ରାମବାସୀଙ୍କ ମଧ୍ୟରେ ସଂଘର୍ଷ ହାଇଥିଲା। ଏଥିରେ ବୈଜାମୁଣ୍ଡାର କ୍ଷୀରୋଦ ତାଣ୍ଡିଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ଅଭିଯୋଗ ପରେ ଗତ ସେପ୍ଟେମ୍ବର ୧୬ରେ ବୁର୍ଲା ଥାନାରେ କେସ୍ ନମ୍ବର ୪୧୭/୨୩ରେ ଏକ ହତ୍ୟା ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୂର୍ବରୁ ୭ ଜଣଙ୍କୁ ଗିରଫ କରାଯାଇଛି।

### ଉଚ୍ଚ ଇଂରାଜୀ ବିଦ୍ୟାଳୟର ବାର୍ଷିକ ଉତ୍ସବ

ପଡିଆବାହାଲ, ୧୩।୧ (ରାଧାମୋହନ ଷଡ଼ଙ୍ଗୀ) ଯୁଯୁମୁରା ବ୍ଲକ ଘେନୁପାଲି ପଞ୍ଚାୟତ ବଡ଼ସାହି ସରକାରୀ ଉଚ୍ଚ ଇଂରାଜୀ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶନିବାର ଉଦ୍‌ଯାପନୀ ଦିବସରେ ବୁଢାରଜା ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ଉଦିତ ଚନ୍ଦ୍ର ପାରଦୋଷି ମୁଖ୍ୟଅତିଥି, ଅବସରପ୍ରାପ୍ତ ଶିକ୍ଷା କର୍ମଚାରୀ ଗଙ୍ଗାଧର ବଘାର ମୁଖ୍ୟବକ୍ତା, ଅବସରପ୍ରାପ୍ତ ଶିକ୍ଷକ ଚିତ୍ତରଞ୍ଜନ ପ୍ରଧାନ, ଉଜ୍ଜ୍ୱଳ ମହାକୁର, ମୋ ସ୍କୁଲ ଅଭିଯାନ ସଭାପତି ଅନନ୍ତ ବେହେରା ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଅତିଥିମାନେ କ୍ରୀଡା ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ ଉପସ୍ଥାପନ ପୂର୍ବକ ଛାତ୍ରୀଛାତ୍ରଙ୍କୁ ମାର୍ଗ ଦର୍ଶନ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷକ ଯୁଗଳ ନାୟକ ସଭାପତିତ୍ୱ ଓ କ୍ରୀଡା ଶିକ୍ଷକ ଧନ୍ୟବାଦ ଦେଇଥିଲେ।

## ରେଳବାଇ ଷ୍ଟାଡିୟମରେ ପୁଷ୍ପ ପ୍ରଦର୍ଶନୀ ଆରମ୍ଭ

ସମ୍ବଲପୁର, ୧୩।୧ (ଭବାନୀ ଶଙ୍କର ଭୋଇ):



ରେଳବାଇ ପକ୍ଷରୁ ଆୟୋଜିତ ପୁଷ୍ପ ପ୍ରଦର୍ଶନୀ ଉଦ୍‌ଘାଟନ କରାଯାଉଛି।

ପୂର୍ବତଟ ରେଳବାଇ ସମ୍ବଲପୁର ଡିଭିଜନ୍ ପକ୍ଷରୁ ରେଳ ନଗରସ୍ଥିତ ରେଲୱେ ଷ୍ଟାଡିୟମରେ ଶନିବାର ଦୁଇ ଦିନିଆ ପୁଷ୍ପ ପ୍ରଦର୍ଶନୀ ଓ ଶରତ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଡିଭିଜନାଲ ରେଳବାଇ ମ୍ୟାନେଜର ଭିନୀତ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଇଷ୍ଟକୋଷ୍ଟ ରେଳବାଇ ମହିଳା କଲ୍ୟାଣ ସଂଗଠନର ସଭାନେତ୍ରୀ ଅଞ୍ଜାନୀ ସିଂ, ଅତିରିକ୍ତ ବିଭାଗୀୟ ରେଳ ପରିଚାଳକ ଆନନ୍ଦ ସିଂ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ସିଂ କହିଥିଲେ, ଫୁଲ ହେଉଛି ପ୍ରକୃତିର ସବୁଠାରୁ ବଡ ଉପହାର, ଯାହା ପ୍ରେମ, ସ୍ନେହ ଓ ଉତ୍ସବର ପ୍ରତୀକ। ତେଣୁ ଫୁଲର ସୌନ୍ଦର୍ଯ୍ୟକୁ ଉପଲବ୍ଧି କରିବାକୁ ସମସ୍ତେ ଚେଷ୍ଟା କରିବା ଆବଶ୍ୟକ। ପୁଷ୍ପ ପ୍ରଦର୍ଶନୀରେ ସମ୍ବଲପୁର ରେଳ ମଣ୍ଡଳର ସମ୍ବଲପୁର, ବରଗଡ, ବଲାଙ୍ଗୀର, କଣ୍ଟାବାଞ୍ଜି, ରେଢାଖୋଲ, ଟିଟିଲାଗଡ, ମହାସମୁନ୍ଦ, ମୁନିଗୁଡା ରେଳ ୟୁନିଟ୍, ଅନ୍ୟାନ୍ୟ ସଂଗଠନ ଅଂଶଗ୍ରହଣ କରିଛନ୍ତି। ୫୦ରୁ ଅଧିକ କିସମର ଫୁଲ ଓ ଉଦ୍ଭିଦ ଦର୍ଶକଙ୍କୁ ଆକର୍ଷିତ କରୁଛି। ପ୍ରଦର୍ଶନୀ ସାଧାରଣ ଲୋକଙ୍କ ପାଇଁ ରବିବାର ରାତି ୯ଟା ପର୍ଯ୍ୟନ୍ତ ଖୋଲା ରହିବ। ସନ୍ଧ୍ୟା ୬ରୁ ୯ଟା ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଉଛି। ଉଦ୍‌ଘାଟନୀ ଉତ୍ସବରେ ରେଳ ବିଭାଗର ଅଧିକାରୀ, ପୂର୍ବତଟ ରେଳବାଇ ମହିଳା କଲ୍ୟାଣ ସଂଗଠନର ସଦସ୍ୟ, କର୍ମଚାରୀ, ପୁଷ୍ପପ୍ରେମୀ ଉପସ୍ଥିତ ଥିଲେ।

## ୫-ଟି ଅଧ୍ୟକ୍ଷଙ୍କୁ ସମସ୍ୟା ଜଣାଇଲେ ପ୍ରେସ୍‌କ୍ଲବ ସଦସ୍ୟ

ସମ୍ବଲପୁର, ୧୩।୧ (ଭବାନୀ ଶଙ୍କର ଭୋଇ):

ସମ୍ବଲପୁର ପ୍ରେସ୍‌କ୍ଲବର ଏକ ପ୍ରତିନିଧିମଣ୍ଡଳୀ ଶନିବାର ସର୍କିଟ ହାଉସଠାରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ସାକ୍ଷାତ କରି ଖବରଦାତାଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଏହାସହ ପ୍ରେସ୍‌କ୍ଲବର ଜମି ସମସ୍ୟା ଅବଗତ କରି ଏହାର ସମାଧାନ ପାଇଁ ଅନୁରୋଧ କରାଯାଇଥିଲା। ୧୯୮୬ରୁ ସ୍ଥାପିତ ହୋଇଥିବା ସମ୍ବଲପୁର ପ୍ରେସ୍‌କ୍ଲବର ନିଜସ୍ୱ କୋଠା ଏବଂ ଭିତ୍ତିଭୂମି ରହିଥିବା ବେଳେ ସେଠାରେ ଜିଲା ଓ ଅଞ୍ଚଳର ବିକାଶ ସମ୍ବନ୍ଧୀୟ ଆଲୋଚନା କାର୍ଯ୍ୟକ୍ରମ ହୋଇଆସୁଛି। ତେବେ ଜମି କାଗଜପତ୍ର ପ୍ରେସ୍‌କ୍ଲବ ନାମରେ ହୋଇପାରି ନ ଥିବାରୁ ଅନେକ ବିକାଶ କାମ ଆଗକୁ ବଢିପାରୁ ନ ଥିବା ବିଷୟରେ ଅବଗତ କରାଯାଇଥିଲା। ଖବରଦାତାଙ୍କ ବିଭିନ୍ନ ସମସ୍ୟାର ସମାଧାନ ସହ ଭିତ୍ତିଭୂମିର ବିକାଶ ଦିଗରେ ରାଜ୍ୟ ସରକାର ସଚେତନ ରହିଥିବା ପାଣ୍ଡିଆନ କହିଥିଲେ। ପ୍ରେସ କ୍ଲବ ସଭାପତି ତ୍ରିବିକ୍ରମ ପ୍ରଧାନଙ୍କ ନେତୃତ୍ୱରେ ବରିଷ୍ଠ ଖବରଦାତା ସୁବାସ ପାଣିଗ୍ରାହୀଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହିଥିଲେ।

## ଝାଡ଼େଶ୍ୱର ବାବାଙ୍କ ଆଶିଷ ଭିକ୍ଷା କଲେ ପ୍ରସନ୍ନ ଆଚାର୍ଯ୍ୟ



ସଭାରେ ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ ଓ ଅନ୍ୟମାନେ।

ନାକଟିଦେଉଳ, ୧୩।୧ (ବୈକୁଣ୍ଠ ନାଥ ସାହୁ):

ପୂର୍ବତନ ମନ୍ତ୍ରୀ ତଥା ବିଜେଡି ରାଜ୍ୟ ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ ଶୁକ୍ରବାର ନାକଟିଦେଉଳ ବ୍ଲକର ପ୍ରସିଦ୍ଧ ଶୈବପୀଠ ପଣ୍ଡୁଆଖୋଲ ଗ୍ରାମରେ ଥିବା ବାବା ଝାଡ଼େଶ୍ୱର ଶିବମନ୍ଦିରରେ ପୂଜାର୍ଚ୍ଚନା କରି ମହାଦେବଙ୍କ ଆଶିଷ ଭିକ୍ଷା କରିଛନ୍ତି। ରାଜ୍ୟ ସଭା ସାଂସଦ ଥିବାବେଳେ ସେ ତାଙ୍କ ପାଣ୍ଠିରୁ ଏହି ମନ୍ଦିରର ଉନ୍ନତୀକରଣ ପାଇଁ ୨ଟି ପର୍ଯ୍ୟାୟରେ ୭ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେଇଥିଲେ। ଏହି ଅର୍ଥରେ ମନ୍ଦିର କମିଟି ପକ୍ଷରୁ ଉନ୍ନତୀକରଣ କରାଯାଇଥିବାରୁ ଆଚାର୍ଯ୍ୟ ମନ୍ଦିର ଚତୁଃପାର୍ଶ୍ୱ ବୁଲି ଦେଖିବା ସହ ଖୁସି ପ୍ରକଟ କରିଥିଲେ। ଏହି ଅବସରରେ ସେଠାରେ ପ୍ରଫୁଲ୍ଲ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ପ୍ରସନ୍ନ ଆଚାର୍ଯ୍ୟ ଯୋଗଦେଇ ଅଞ୍ଚଳବାସୀଙ୍କ ସହ ଭାବବିନିମୟ କରିଥିଲେ। ଭଗବାନଙ୍କ ଆଶୀର୍ବାଦ ଓ ଜନସାଧାରଣଙ୍କ ସହଯୋଗ ରହିଲେ ଅଞ୍ଚଳର ଆହୁରି ବିକାଶ ହୋଇପାରିବ ବୋଲି କହିଥିଲେ। ଉକ୍ତ ମନ୍ଦିରରେ ଏକ ରୋଷେଇ ଘର ସମେତ ପାଚେରି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁଦାନ ଯୋଗାଇ ଦିଆଯିବା ଦିଗରେ ସେ ପଦକ୍ଷେପ ନେବେ ବୋଲି ମଧ୍ୟ ପ୍ରକାଶ କରିଥିଲେ। ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟର ପାଚେରି ଓ ପାନୀୟ ଜଳ ସମସ୍ୟା ନେଇ ଛାତ୍ରୀଛାତ୍ର ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରାପାଲି, ନାକଟିଦେଉଳ ଓ ବଳମ ପଞ୍ଚାୟତର ବହୁ ବିଜେଡ଼ି କର୍ମୀ ଯୋଗଦେଇଥିଲେ।

## ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ସମ୍ମିଳନୀ

ସମ୍ବଲପୁର, ୧୩।୧ (ଭବାନୀ ଶଙ୍କର ଭୋଇ):




ସମ୍ମିଳନୀରେ ସାମିଲ ପ୍ରଧାନ ଶିକ୍ଷକବୃନ୍ଦ।

ମାନେଶ୍ୱର ବ୍ଲକ ଅନ୍ତର୍ଗତ ଦେଓଗାଁ ଉଚ୍ଚ ବିଦ୍ୟାଳୟରେ ଶନିବାର ପ୍ରଧାନ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସାଗରିକା ହୋତାଙ୍କ ତତ୍ତ୍ୱାବଧାନରେ ବ୍ଲକ ଅନ୍ତର୍ଗତ ୧୯ ହାଇସ୍କୁଲର ପ୍ରଧାନ ଶିକ୍ଷକ ଯୋଗଦେଇଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶିକ୍ଷା ସଂପର୍କିତ ବିଭିନ୍ନ ବିଷୟ ଆଲୋଚନା କରାଯାଇଥିଲା। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୀତାରାମ ଭୋଇ ଆକାଂକ୍ଷୀ ପାଠ୍ୟକ୍ରମ ଅନ୍ତର୍ଗତ ସୃଜନଶୀଳତା ଉତ୍ସବ ସମ୍ବନ୍ଧରେ ସୂଚନା ଦେଇଥିଲେ। ପାଞ୍ଚଫୁଟ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁଶୀଲ କୁମାର ପାଣିଗ୍ରାହୀ, ମହୁଲପାଲି ହାଇସ୍କୁଲ ପ୍ରଧାନ ଶିକ୍ଷକ କାହ୍ନୁ ଚରଣ ଦାଶ, ଖଣ୍ଡୁଆଳ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ରାକ୍ଷୀ ମହାପାତ୍ର ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପୁରୁଣା ବଳାରଙ୍ଗା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଦୀପାଳୀ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବୁର୍ଲା ପାୱାର ହାଉସ୍ କଲ୍ୟାଣ କମିଟି ନିର୍ବାଚନ

ସମ୍ବଲପୁର, ୧୩।୧ (ପ୍ରମୋଦ ବହିଦାର): ବୁର୍ଲାସ୍ଥିତ ପାୱାର ହାଉସ୍ କଲ୍ୟାଣ କମିଟି ନିର୍ବାଚନ ଇତିମଧ୍ୟରେ ଶେଷ ହୋଇଛି। ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ୩ଟି ପଦବୀ ପାଇଁ ମାତ୍ର ଜଣେ ଲେଖାଏ ତିନିଜଣ ନାମାଙ୍କନ ପତ୍ର ଦାଖଲ କରିଥିଲେ। ତେବେ ସେମାନଙ୍କ ବ୍ୟତୀତ ଅନ୍ୟ କୌଣସି ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରି ନ ଥିଲେ। ତେଣୁ ନାମାଙ୍କନ ଭରିଥିବା ସମ୍ପୃକ୍ତ ପ୍ରାର୍ଥୀଙ୍କୁ ନିର୍ଦ୍ୱନ୍ଦ୍ୱରେ ବିଜୟୀ ଘୋଷିତ କରାଯାଇଥିଲା। ସେମାନେ ହେଲେ କମିଟି ସମ୍ପାଦକ ଦୀପ୍ତିକାନ୍ତ ପଟ୍ଟନାୟକ, ସହ ସମ୍ପାଦକ ରବିନାରାୟଣ ସାହୁ ଓ ବାର୍ଷିକ ଉତ୍ସବ ସହ ସମ୍ପାଦକ ସନ୍ତୋଷ ଦୋରା। ଏଚ୍‌ଏଚ୍‌ଇପିର ଡେପୁଟି ଜେନେରାଲ ମ୍ୟାନେଜର ନିର୍ବାଚନ ପରିଚାଳନା କରିଥିଲେ। ସଭାପତି ପଦବୀ ପାଇଁ କେହି ନାମାଙ୍କନ ପତ୍ର ଦାଖଲ କରି ନ ଥିଲେ। ତେଣୁ ଆସନ୍ତା କିଛିମାସ ମଧ୍ୟରେ ଏହି ପଦ ପାଇଁ ନିର୍ବାଚନ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ମଣ୍ଡି ଅବ୍ୟବସ୍ଥା ନେଇ ଭାଜପାର ସ୍ମାରକପତ୍ର



ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଉଛି।

କୁଚିଣ୍ଡା, ୧୩।୧ (ବିରଞ୍ଚି ଦର୍ଜୀ)

ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଧାନର ଅଭାବୀ ବିକ୍ରି ଓ ମଣ୍ଡି ଅବ୍ୟବସ୍ଥା ନେଇ ଶନିବାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କୁଚିଣ୍ଡା ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଯାଇଛି। ଏଥିରେ ୯୮ଭାଗ ମଣ୍ଡିରେ ଭିତ୍ତିଭୂମି ନ ଥିବା, ମିଲର୍ସଙ୍କ ନିୟନ୍ତ୍ରଣରେ ମଣ୍ଡି ପରିଚାଳିତ ହେବା, ଅଯଥା କଟ୍‌ନୀ ଛଟ୍‌ନୀ ହେଉଥିବା ଦର୍ଶାଯାଇଛି। ଚାଷୀ ମାନଙ୍କୁ ଶୋଷଣର ଶିକାର ହେଉଥିବାରୁ ଏହାର ସିବିଆଇ ତଦନ୍ତ ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଭାଜପା ରାଜ୍ୟ ଉପସଭାପତି ତଥା ପୂର୍ବତନ ବିଧାୟକ ରବି ନାରାୟଣ ନାଏକ, କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ଚନ୍ଦ୍ର ଶେଖର ପଣ୍ଡା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ମଣ୍ଡଳ ସଭାପତି ଦୁଷ୍ମନ୍ତ ନାୟକ, ପୂର୍ଣ୍ଣଚନ୍ଦ୍ର ପଟେଲ, ଉପେନ୍ଦ୍ର ପଟେଲଙ୍କ ସମେତ ଶତାଧିକ କର୍ମୀ ସାମିଲ ଥିଲେ। ଉପଜିଲାପାଳଙ୍କ ଅନୁପସ୍ଥିତରେ ଡେପୁଟି କଲେକ୍ଟର ପ୍ରବୀଣା ବିଲୁଙ୍ଗ ଦାବିପତ୍ର ଗ୍ରହଣ କରିଥିଲେ।

## ହୀରାକୁଦ ବନ୍ଧକୁ ପୂରିଲା ୬୭ବର୍ଷ

ସମ୍ବଲପୁର, ୧୩।୧ (ଭବାନୀ ଶଙ୍କର ଭୋଇ):



ହୀରାକୁଦ ବନ୍ଧ କର୍ତ୍ତୃପକ୍ଷ ଶହୀଦ ସ୍ତମ୍ଭରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

୧୯୫୭ ମସିହା ଠିକ୍ ଆଜିର ଦିନରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଦ୍ୱାରା ସ୍ୱାଧୀନ ଭାରତର ସର୍ବବୃହତ୍ ପ୍ରକଳ୍ପ ଭାବରେ ହୀରାକୁଦ ବନ୍ଧ ଉଦ୍‌ଘାଟିତ ହୋଇଥିଲା। ଜଳ ସେଚନ, ବିଦ୍ୟୁତ୍ ଉତ୍ପାଦନ ସହ ବନ୍ୟା ନିୟନ୍ତ୍ରଣ ଲକ୍ଷ୍ୟ ରଖି ସମ୍ବଲପୁର ସହରର ଉପର ମୁଣ୍ଡରେ ହୀରାକୁଦ ବନ୍ଧ ନିର୍ମାଣ କରାଯାଇଥିଲା। ୧୨ ଏପ୍ରିଲ ୧୯୪୮ରେ କାମ ଆରମ୍ଭ ହୋଇ ୯ବର୍ଷ ପରେ ୮୩ ହଜାର ୪ଶହ ବର୍ଗ କିଲୋମିଟର ଅଞ୍ଚଳକୁ ନେଇ ହୀରାକୁଦ ବନ୍ଧ ଆଜିର ଦିନରେ ଲୋକାର୍ପିତ ହୋଇଥିଲା। ସେତେବେଳେ ପ୍ରାୟ ଶହେ କୋଟି ଟଙ୍କା ବନ୍ଧ ନିର୍ମାଣରେ ଖର୍ଚ୍ଚ ହୋଇଥିଲା। ୨୫.୮ କିଲୋମିଟର ବିଶିଷ୍ଟ ମାଟିବନ୍ଧ ଏସିଆର ସର୍ବବୃହତ୍ ହେବାର ଗୌରବ ହାସଲ କରିଛି।

ତେବେ ଏହି ବନ୍ଧ ନିର୍ମାଣ ସମୟରେ ୨୨ ହଜାର ପରିବାରକୁ ନିଜର ଭିଟାମାଟି ଛାଡି ବିସ୍ଥାପିତ ହେବାକୁ ପଡିଥିଲା। ହଜାର ହଜାର ଲୋକଙ୍କ ଜମିବାଡି ହୀରାକୁଦ ପାଣି ଭିତରେ ସବୁଦିନ ପାଇଁ ବୁଡିଯାଇଥିଲା। ୨୮୫ଖଣ୍ଡ ଗାଁ ହୀରାକୁଦ ପାଣିରେ ନିଜର ଅସ୍ତିତ୍ୱ ହରାଇଥିଲେ। କହିବାକୁ ଗଲେ ଏକ ସମୃଦ୍ଧ ଇତିହାସ ହୀରାକୁଦ ବନ୍ଧ ପାଣିରେ ସବୁଦିନ ପାଇଁ ହଜିଯାଇଥିଲା। ବିସ୍ଥାପନ ସମୟରେ ଶତାଧିକ ଲୋକ ପ୍ରାଣ ହରାଇଥିଲେ। ଅନେକ ଲୋକ ଓଡ଼ିଶା ଛାଡି ଛତିଶଗଡର ସ୍ଥାୟୀ ବାସିନ୍ଦା ହୋଇଛନ୍ତି। ଯେଉଁମାନଙ୍କ ବଳିଦାନରେ ହୀରାକୁଦ ବନ୍ଧ ତିଆରି ହେଲା ସେମାନଙ୍କ ମଧ୍ୟରୁ ଅନେକଙ୍କ ଚାଷ ଜମିକୁ ଏପର୍ଯ୍ୟନ୍ତ ଜଳସେଚନର ସୁବିଧା ହୋଇ ନାହିଁ। ଅନେକ କ୍ଷତିପୂରଣ ପାଇବାରୁ ବଞ୍ଚିତ ହୋଇ ରହିଯାଇଛନ୍ତି।

### ବଳିଦାନ ଦେଇଥିବା ଲୋକଙ୍କୁ ବନ୍ଧ କର୍ତ୍ତୃପକ୍ଷଙ୍କ ଶ୍ରଦ୍ଧାଞ୍ଜଳି

ପ୍ରତିଷ୍ଠା ଦିବସକୁ ନିରାଡମ୍ବର ଢଙ୍ଗରେ ହୀରାକୁଦ ବନ୍ଧ କର୍ତ୍ତୃପକ୍ଷ ପାଳନ କରି ବଳିଦାନ ଦେଇଥିବା ଲୋକଙ୍କୁ ହୀରାକୁଦ ବନ୍ଧ ଶହୀଦ ସ୍ତମ୍ଭ ନିକଟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ହୀରାକୁଦ ବନ୍ଧ ଅଧୀକ୍ଷଣ ଯନ୍ତ୍ରୀ ଇଂ ସୁଧୀର କୁମାର ସାହୁଙ୍କ ନେତୃତ୍ୱରେ ଅଧିକାରୀ ଓ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏବେ ଏହା ପର୍ଯ୍ୟଟନ କ୍ଷେତ୍ରରେ ଯୋଡି ହୋଇପାରିଛି। ତେବେ ବଳିଦାନ ଦେଇଥିବା ସେହି ଲୋକମାନଙ୍କ ସ୍ମୃତିରେ ହୀରାକୁଦ ବନ୍ଧ ନିକଟରେ ଏକ ସଂଗ୍ରହାଳୟ ନିର୍ମାଣ କରି ସେମାନଙ୍କ ତ୍ୟାଗକୁ ନୂତନ ପିଢି ପାଖରେ ପହଞ୍ଚାଇବାକୁ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

# ଅଳ୍ପ ବିଦ୍ୟା ଭୟଙ୍କରୀ



ଆଜିକାଲି ଘରେ ବସି ଖୁବ୍ ସହଜରେ ଇଣ୍ଟରନେଟ୍‌ରୁ ମିଳିପାରୁଛି ପ୍ରତ୍ୟେକ ବିଷୟରେ ସୂଚନା। ଯାହା ମଧ୍ୟରୁ କେତେକ ସୂଚନାରେ ରହୁଛି ଅଧା ସତ୍ୟ। ହେଲେ ଇଣ୍ଟରନେଟ୍‌ର ତଥ୍ୟକୁ ଅନ୍ଧଭାବେ ବିଶ୍ୱାସ କରୁଥିବା ଜନସାଧାରଣ ଏହି ସୂଚନାକୁ ହିଁ ସତ ବୋଲି ମାନି ନେଉଛନ୍ତି। ଫଳରେ ସମାଜରେ ଅନେକ ଭୁଲ୍ ତଥ୍ୟ ପ୍ରଚାରିତ ହେଉଛି।

ବର୍ତ୍ତମାନ ସମସ୍ତଙ୍କ ପାଖରେ ସମୟର ଅଭାବ। ଧୈର୍ଯ୍ୟର ସହିତ କୌଣସି କଥା ଶୁଣିବା, ପଢ଼ିବା ପାଇଁ ଯେମିତି କେହି ବି ପ୍ରସ୍ତୁତ ନାହାନ୍ତି। ସମସ୍ତଙ୍କୁ ଦରକାର ତତ୍‌କ୍ଷଣାତ୍ ସୂଚନା, ଆଉ ଯାହା ଘରେ ବସି ଖୁବ୍ ସହଜରେ ମିଳିଯାଉଛି ଇଣ୍ଟରନେଟ୍‌ରୁ। ହେଲେ ଏଥିରେ ମିଳୁଥିବା ପ୍ରତ୍ୟେକଟି ତଥ୍ୟ ଯେ ସମ୍ପୂର୍ଣ୍ଣ ଠିକ୍ ତା' କହିବା କଷ୍ଟ। କାରଣ ଇଣ୍ଟରନେଟ୍‌ରେ ବର୍ତ୍ତମାନ ବହୁ ସଂଖ୍ୟାରେ ଏଭଳି ୱେବ୍‌ସାଇଟ୍, ଚ୍ୟାନେଲ୍ ରହିଛି ; ଯେଉଁମାନେ ବିନା ଯାଞ୍ଚରେ ଖବର ପରିବେଷଣ କରୁଛନ୍ତି। ସେମାନଙ୍କ ଦ୍ୱାରା ମିଳୁଥିବା ଖବରରେ ଅନେକ ସମୟରେ ଅଧା ସତ୍ୟ ରହୁଥିବା ବେଳେ କେତେକ ଭୁଲ୍ ବି ରହୁଛି। ଫଳରେ ସମାଜରେ ନା କେବଳ ଅନେକ ଭୁଲ୍ କଥା ପ୍ରଚାରିତ ହେଉଛି ବରଂ ଏଥିପାଇଁ ଅନେକ ସମସ୍ୟା ମଧ୍ୟ ଉପୁଜୁଛି। ତେବେ ଏଭଳି ପରିସ୍ଥିତି କେତେକ ଦିଗ ପ୍ରତି ଧ୍ୟାନ ଦେବା ନିହାତି ଅବଶ୍ୟକ...

**ହଠାତ୍ କରନ୍ତୁନି ବିଶ୍ୱାସ:** ସମୟ ଅଭାବରୁ ହେଉ ଅବା ଧୈର୍ଯ୍ୟ କମ୍ ହୋଇଥିବାରୁ ଅନେକେ ଅଧା କଥା ଶୁଣିଥାଆନ୍ତି। ଆଉ କେବେକେବେ ସାଙ୍ଗସାଥୀ, ପରିବାର କିମ୍ବା ପଡ଼ୋଶୀଙ୍କ ସହ କଥା ହେବା ବେଳେ ଏହି ଅଧା ସୂଚନା ଦେଇଥାଆନ୍ତି। ଫଳରେ ଅଧା ସତ୍ୟ କିମ୍ବା ଭୁଲ୍ ତଥ୍ୟ ପ୍ରଚାରିତ ହୁଏ। ହେଲେ ଇଣ୍ଟରନେଟ୍‌ର ବ୍ୟବହୃତଙ୍କ ସଂଖ୍ୟା ଖୁବ୍ ଅଧିକ ହୋଇଥିବାରୁ ଏଥିରେ ଏଭଳି କୌଣସି ଭୁଲ୍ ତଥ୍ୟ ବି ଅଧିକଙ୍କ ପାଖରେ ସହଜରେ ପହଞ୍ଚିଯାଏ। ତା'ଛଡ଼ା ନିଜ ଚ୍ୟାନେଲ୍‌ରୁ ଭ୍ୟୁ ବଢ଼ାଇ ଟଙ୍କା ରୋଜଗାର କରିବା ଆଳରେ ବି କେତେଜଣ ଏଭଳି କରୁଥିବାର ଦେଖିବାକୁ ମିଳୁଛି। ତେଣୁ ହଠାତ୍ କୌଣସି ତଥ୍ୟକୁ ବିଶ୍ୱାସ କରନ୍ତୁ ନାହିଁ। ସତ ଜାଣିବା ପାଇଁ ଏକାଧିକ ରେଜିଷ୍ଟର୍ଡ ନ୍ୟୁଜ୍ ସାଇଟ୍ କିମ୍ବା ଚ୍ୟାନେଲ୍‌ରୁ ତଥ୍ୟ ସଂଗ୍ରହ କରନ୍ତୁ।





**ସ୍ୱାସ୍ଥ୍ୟ ସୂଚନା ପ୍ରତି ସତର୍କ ରୁହନ୍ତୁ:** ବର୍ତ୍ତମାନ ଇଣ୍ଟରନେଟ୍‌ରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଏବଂ ସୌନ୍ଦର୍ଯ୍ୟଜନିତ ସମସ୍ୟାର ଘରୋଇ ଉପଚାର ଉପଲବ୍ଧ। ଏହାକୁ ବିଶ୍ୱାସ କରି ଅନେକେ ତତ୍‌କ୍ଷଣାତ୍ ନିଜ ଉପଚାର ଆରମ୍ଭ କରିଦିଅନ୍ତି। କେବେକେବେ ଏହାର ସାଇଡ୍ ଇଫେକ୍ଟ ବା ପାର୍ଶ୍ୱ ପ୍ରତିକ୍ରିୟା ଜଟିଳ ରୂପ ନେଇଥାଏ। ଏହାର ଅର୍ଥ ନୁହେଁ ଯେ, ଇଣ୍ଟରନେଟ୍‌ରେ ସମସ୍ତ ତଥ୍ୟ ଭୁଲ୍, ହେଲେ କେତେକ ସାଇଟ୍‌ରେ ଏପରି ତଥ୍ୟ ଆସିଥାଏ। ତେଣୁ କୌଣସି ଅଜଣା ସାଇଟ୍‌ରୁ ଏଭଳି ତଥ୍ୟ ଦେଖିଲେ ତୁରନ୍ତ ବିଶ୍ୱାସ ନ କରି ଡାକ୍ତର କିମ୍ବା କୌଣସି ଏକ୍ସପର୍ଟଙ୍କ ପରାମର୍ଶ ନେଲେ ଭଲ।

**ବଢ଼ୁଛି ଅପପ୍ରଚାର:** ବର୍ତ୍ତମାନ ଇଣ୍ଟରନେଟ୍‌ରେ ବିଶେଷକରି ସୋସିଆଲ୍ ମିଡିଆରେ ଭାଇରାଲ୍ ଭିଡିଓର ଟ୍ରେଣ୍ଡ ଚାଲିଛି। ଯେଉଁଥିରେ ଅଧିକାଂଶ ଭିଡିଓ ଭୁଲ୍ ଅବା ପ୍ରାୟୋଜିତ। ତେଣୁ ଏଭଳି ଭିଡିଓ ବିଶେଷକରି କୌଣସି ବ୍ୟକ୍ତି ବିଶେଷ କିମ୍ବା ସମ୍ବେଦନଶୀଳ ଘଟଣାକୁ ନେଇ ଭିଡିଓ ଆପଣଙ୍କ ପାଖକୁ ଆସିଲେ ତୁରନ୍ତ ଅନ୍ୟମାନଙ୍କୁ ଫରୱାର୍ଡ କରନ୍ତୁ ନାହିଁ। କାରଣ ଏହାଦ୍ୱାରା ସମାଜରେ ଭୁଲ୍ ତଥ୍ୟର ଅପପ୍ରଚାର ହୋଇଥାଏ। ଆବଶ୍ୟକ ସ୍ଥଳେ ଜଣେ ସଚେତନ ନାଗରୀକ ଭାବେ ଏଭଳି ଆଇଡିକୁ ବ୍ଲକ୍ କରିଦିଅନ୍ତୁ, ଯେପରି ପୁନର୍ବାର ଏଭଳି ଭୁଲ୍ ଭିଡିଓ ନ ଆସେ ଏବଂ ଅନ୍ୟମାନଙ୍କୁ ଏଭଳି ପୋଷ୍ଟ ସେୟାର ନ କରିବାକୁ ପରାମର୍ଶ ଦିଅନ୍ତୁ।

## ଏମାନେ କ'ଣ କୁହନ୍ତି

**ପ୍ରିୟଙ୍କା ମନ୍ତ୍ରୀ** (ଛାତ୍ରୀ, କେନ୍ଦ୍ରାପଡ଼ା)- ନିଜ ୱେବ୍‌ସାଇଟ୍, ଚ୍ୟାନେଲ୍ ଅବା ସଂସ୍ଥାର ଲାଭ ପାଇଁ ଜନସାଧାରଣଙ୍କୁ ବୋକା ବନାଇବା ଆଦୌ ଠିକ୍ ନୁହେଁ। ଏହାଦ୍ୱାରା ସମାଜରେ ଅନେକ ବ୍ୟକ୍ତିବିଶେଷ ଠକାମିର ଶିକାର ହେଉଛନ୍ତି। ଉଦାହରଣ ସ୍ୱରୂପ, ନବକଳେବର ସମୟରେ ଏକ ଶାଳଗ୍ରାମ ଫଟୋକୁ ବ୍ରହ୍ମଦାରୁ ଭାବେ ପ୍ରଚାର କରାଯାଇଥିଲା। ବିଶ୍ୱାସରେ ଲୋକ ଏହାକୁ ଦେଖିବା ସହ ଅନ୍ୟକୁ ଫରୱାର୍ଡ କରିଥିଲେ। ଫଳରେ ଏହି ଭୁଲ୍ ତଥ୍ୟ ଦେଇଥିବା ବ୍ୟକ୍ତିଙ୍କୁ ଅଧିକ ଭ୍ୟୁ ମିଳିଲା ସତ, ହେଲେ ଲୋକଙ୍କ ଧର୍ମୀୟ ଭାବନାକୁ ଆଘାତ ପହଞ୍ଚିଲା। ସେହିପରି ଭ୍ୟୁ ବଢ଼ାଇବା ଲାଗି ଅନେକ ସମୟରେ କାଜଲ୍-ଅଜୟ ହୁଅନ୍ତୁ ଅବା ଐଶ୍ୱର୍ଯ୍ୟା- ଅଭିଷେକଙ୍କ ଭଳି ବଲିଉଡ୍‌ର ଚର୍ଚ୍ଚିତ ଦମ୍ପତିଙ୍କ ବିବାହ ବିଚ୍ଛେଦକୁ ନେଇ ଭୁଲ୍ ତଥ୍ୟ ପ୍ରଚାର କରୁଛନ୍ତି। ତେଣୁ ଏସବୁ ଖବର ସଂସ୍ଥା ଉପରେ ସରକାରୀ ଅଙ୍କୁଶ ଲାଗିବା ନିହାତି ଆବଶ୍ୟକ।



ପ୍ରିୟଙ୍କା

**ସୁଧାଂଶୁ ଶେଖର ସାମଲ** (କଟକ)-ଆଜିକାଲି ଇଣ୍ଟରନେଟ୍‌ରେ ଅନେକ ଫେକ୍ ନ୍ୟୁଜ୍ ଆସୁଛି। ସତ କ'ଣ ମିଛ କ'ଣ ଜାଣିବା ଲୋକଙ୍କ ପାଇଁ ଅସୁବିଧା ହେଉଛି। ଏମିତିରେ ମୁଁ ଏଣୁ ତେଣୁ ଚ୍ୟାନେଲ୍ ବଦଳରେ ସବୁବେଳେ ପ୍ରତିଷ୍ଠିତ ନ୍ୟୁଜ୍ ଚ୍ୟାନେଲ୍ ଗୁଡିକର ଖବର ଉପରେ ଧ୍ୟାନ ଦିଏ। ଆଉ ମୋ ପାଖକୁ ଆସୁଥିବା କୌଣସି ପୋଷ୍ଟ, ଭିଡିଓ କିମ୍ବା ଖବର ଫେକ୍ ଜଣିପାରିଲେ ଅନ୍ୟମାନଙ୍କୁ ଏନେଇ ସତର୍କ କରେ ଏବଂ ଏହି ପୋଷ୍ଟକୁ ଫରୱାର୍ଡ ନ କରିବାକୁ ଅନୁରୋଧ କରେ। ମୋ ମତରେ ଯଦି ଏଭଳି ସଂସ୍ଥା, ବ୍ୟକ୍ତିବିଶେଷଙ୍କ ପାଇଁ ଖବର ପ୍ରସାରଣକୁ ନେଇ ଗାଇଡ୍ ଲାଇନ୍ ଏବଂ ଭୁଲ୍ ଖବର ପ୍ରଚାରକୁ ନେଇ ଦଣ୍ଡ ବ୍ୟବସ୍ଥା ଲାଗୁ ହୁଅନ୍ତା ତେବେ ଏଭଳି ସମସ୍ୟାକୁ ବହୁମାତ୍ରାରେ ନିୟନ୍ତ୍ରଣ କରାଯାଇପାରନ୍ତା।



ସୁଧାଂଶୁ



## ଜାଣନ୍ତୁ ଦୁନିଆ

# ରହସ୍ୟମୟ ସ୍ଥାନ

ପୃଥିବୀରେ ଏମିତି ଅନେକ ସ୍ଥାନ ରହିଛି, ଯେଉଁଠାରେ ଏଭଳି କିଛି ଘଟଣା ଦେଖିବାକୁ ମିଳେ ; ଯାହାକି ଏବେବି ରହସ୍ୟମୟ। ବହୁ ଗବେଷଣା ପରେ ମଧ୍ୟ ଉକ୍ତ ସ୍ଥାନ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ମିଳିପାରିନାହିଁ। ଜାଣିବା ସେମିତି କେତେକ ସ୍ଥାନ ବିଷୟରେ...

**ଯେଉଁଠି ପଥର ଚାଲେ:** କାଲିଫର୍ନିଆ ଏବଂ ନେଭାଡା ସୀମାରେଖାକୁ ଲାଗି ରହିଥିବା ଡେଥ୍ ଭ୍ୟାଲି ନ୍ୟାଶନାଲ୍ ପାର୍କରେ ଚାଲେ ପଥର। ଏକଥା ଶୁଣିଲେ ଯେକେହି ଆଶ୍ଚର୍ଯ୍ୟ ହୋଇଯିବ। ହେଲେ ଆପଣ ଜାଣନ୍ତି କି, ଏହି ପାର୍କରେ ରହିଛି ଏକ ଶୁଖିଲା ହ୍ରଦ। ଏହାକୁ କୁହାଯାଏ ରେସ୍‌ଟ୍ରାକ୍ ପ୍ଲାୟା। ଏଠାରେ ଛୋଟ ଛୋଟ ପଥରରୁ ଆରମ୍ଭ କରି ପ୍ରାୟ ୧୦୦ ପାଉଣ୍ଡରୁ ଅଧିକ ଓଜନ ବିଶିଷ୍ଟ ପଥର ହ୍ରଦର ଏକ କୋଣରୁ ଅନ୍ୟ କୋଣ ପର୍ଯ୍ୟନ୍ତ ଶହ ଶହ ମିଟର ଦୂର ଆପେ ଆପେ ଘୁଞ୍ଚି ଘୁଞ୍ଚି ଯାଉଥିବା ଦେଖିବାକୁ ମିଳେ। ତେବେ କେତେକ ବୈଜ୍ଞାନିକ ସେଠାରେ ଅଧିକ ପବନ ବହିବା ଫଳରେ ଏପରି ହେଉଛି ବୋଲି ଅନୁମାନ କରୁଥିବା ବେଳେ ଏହା ପଛର ପ୍ରକୃତ ତଥ୍ୟ ଏଯାଏଁ ଜଣାପଡ଼ିନାହିଁ। ଯଦିଓ ପଥର ଘୁଞ୍ଚୁଥିବା ବେଳେ କେହି ଏହାକୁ ଦେଖିନାହାନ୍ତି, ହେଲେ ଘୁଞ୍ଚିବା ଦ୍ୱାରା ମାଟିରେ ହେଉଥିବା ଦାଗରୁ ଏହା ଜଣାଯାଏ।



**ଗୁମ୍ଫାରେ ଜଳେ ନିଆଁ:** ଆମେରିକାର ନ୍ୟୁୟର୍କ ସହରରେ ରହିଛି ଚେଷ୍ଟନଟ୍ ରିଜ୍ ପାର୍କ। ଏଠାରେ ରହିଛି ଏକ ଛୋଟ ଝରଣା। ଯାହା ତଳକୁ ଏକ ଗୁମ୍ଫା ରହିଛି, ଯେଉଁଠାରେ ଅହ ରହ ନିଆଁ ଜଳୁଥିବାର ଦେଖିବାକୁ ମିଳେ, ଯାହାର ନାମ ରହିଛି ଏଟର୍ନାଲ୍ ଫ୍ଲେମ୍ ଫଲ୍ସ। ସେଠାରେ ପ୍ରାକୃତିକ ଉପାୟରେ ମିଥେନ୍ ଗ୍ୟାସ୍ ପ୍ରସ୍ତୁତ ହେଉଥିବାରୁ ନିଆଁ ଜଳୁଥିବା ଅନେକ ବୈଜ୍ଞାନିକ ମତ ଦେଉଥିଲେ ବି ଏହାର ପ୍ରକୃତ କାରଣ ଏବେବି ରହସ୍ୟମୟ।

**ସମୁଦ୍ର କୂଳରେ ଗଦା ଗଦା ଅଣ୍ଡା:** ନ୍ୟୁଜିଲାଣ୍ଡର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ଗୁଡିକ ମଧ୍ୟରେ ରହିଛି ଡ୍ରାଗନ୍ ଏଗ୍ ବିଚ୍। ଏହାର ନାମ ଏପରି ହେବାର କାରଣ ଏହି ବେଳାଭୂମୀରେ ଥିବା ବହୁ ସଂଖ୍ୟାରେ ଗୋଲାକାର ପଥର ଯାହାକି ଡ୍ରାଗନ ଭଳି କୌଣସି ବଡ ଜୀବ ଅଣ୍ଡାର ଭ୍ରମ ସୃଷ୍ଟି କରେ। ତା'ଛଡା ଏହି ପଥରଗୁଡିକରେ ଥିବା ବହୁସଂଖ୍ୟାରେ ଫାଟ ଅଣ୍ଡାରୁ ଛୁଆ ଫୁଟି ବାହାରିବା ଭଳି ଦେଖାଯାଇଥାଏ। ତେବେ ଏହି ପଥର ୬୦ ମିଲିୟନ ବର୍ଷ ପୁରୁଣା ବୋଲି ଅନୁମାନ କରାଯାଏ। ଏହି ବେଳାଭୂମୀର ନିଆରା ଦୃଶ୍ୟ ଅତ୍ୟନ୍ତ ମନୋରମ ହୋଇଥିବାରୁ ଏଠାରେ ନା କେବଳ ବହୁ ସଂଖ୍ୟାରେ ପର୍ଯ୍ୟଟକଙ୍କ ଭିଡ ଜମେ ବରଂ ଅନେକ ଚଳଚ୍ଚିତ୍ର ମଧ୍ୟ ଦୃଶ୍ୟାୟନ କରାଯାଇଛି।





## ଏ ସପ୍ତାହର ପ୍ରଶ୍ନ

୧ – ନ୍ୟାଶନାଲ୍ ୟୁଥ୍ ଫେଷ୍ଟିଭାଲ୍ ୨୦୨୪ ....... ସହରରେ ଆୟୋଜନ କରାଯିବ ?
୨ – ଭାରତର ପଡ଼ୋଶୀ ଦେଶ .............ଏହାର ଏକ୍ସକ୍ଲୁସିଭ୍ ଇକୋନୋମିକ୍ ଜୋନ୍‌ରୁ ଏକ ବର୍ଷ ପର୍ଯ୍ୟନ୍ତ ଚାଇନିଜ୍ ରିସର୍ଚ୍ଚ ଭେଜେଲ୍ସ ବ୍ୟାନ୍ କରିଛି ?
୩– ଫ୍ରାନ୍ସର ନୂତନ ପ୍ରଧାନମନ୍ତ୍ରୀଙ୍କ ନାମ ................ ?
୪ – ୱାନ୍ ଇଣ୍ଡିଆନ୍ ଗର୍ଲ ପୁସ୍ତକର ଲେଖକ ................. ?
୫ – ଇଣ୍ଡଷ୍ଟ୍ରିଆଲ୍ ସିକ୍ୟୁରିଟି ଫୋର୍ସର ପ୍ରଥମ ମହିଳା ମୁଖ୍ୟ ............. ?

## ଗତ ସପ୍ତାହର ଉତ୍ତର

୧ ବେଙ୍ଗ
୨ ଡିସେମ୍ବର ୭
୩ ଇଂଲଣ୍ଡ
୪ ଶୁଭ୍ରା ଗୁପ୍ତା
୫ ସି. କେ. ନାଉଡୁ

## ଉତ୍ତରଦାତା



ରଞ୍ଜିତ୍ ମିଶ୍ର
ବଲାଙ୍ଗୀର



ସନ୍ତୋଷ କୁମାର ବିଶ୍ୱାଳ
ଭୁବନେଶ୍ୱର



ବିକାଶ ରଞ୍ଜନ ଦାସ, ଜଗତ୍‌ସିଂହପୁର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ / ୧୦

### ସର୍ବାଧିକ ହୀରା ଉତ୍ପାଦନକାରୀ ଦେଶ

୧– ରୁଷିଆ........................ ୪୧,୯୨୩,୯୧୦ କ୍ୟାରେଟ୍
୨– ବୋସ୍ୱାନା........................ ୨୪,୭୫୨,୯୬୭ କ୍ୟାରେଟ୍
୩– କାନାଡ଼ା ........................ ୧୬, ୨୪୯,୨୧୮ କ୍ୟାରେଟ୍
୪– ଡିଆର୍‌ସି ........................ ୯,୯୦୮,୯୯୮ କ୍ୟାରେଟ୍
୫– ସାଉଥ୍ ଆଫ୍ରିକା ... ୯,୬୬୦,୨୩୩ କ୍ୟାରେଟ୍
୬– ଆଙ୍ଗୋଲା ...... ୮,୭୬୩, ୩୦୯ କ୍ୟାରେଟ୍
୭– ଜିମ୍ବାୱେ ........ ୪,୪୬୧,୪୫୦ କ୍ୟାରେଟ୍
୮– ନାମିବ୍ୟା......... ୨,୦୫୪,୨୨୭ କ୍ୟାରେଟ୍
୯– ଲେସୋଥୋ ........................ ୭୨୭,୭୩୭ କ୍ୟାରେଟ୍
୧୦– ସିରା ଲିଓନ୍ ........................ ୬୮୮, ୯୭୦ କ୍ୟାରେଟ୍




## ୟୁଥ୍ ଆଲର୍ଟ

# ତ୍ୱଚା ପାଇଁ ହାନିକାରକ ଆଲ୍‌କହଲ୍



ଆଲ୍‌କହଲ୍ ପିଇବା ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ। ଏକଥା ଜାଣିଥିଲେ ସୁଦ୍ଧା ଏଥିପ୍ରତି ଅଧିକାଂଶ ସଚେତନ ନାହାନ୍ତି। ତେବେ ଆପଣ ଜାଣନ୍ତି କି, ଏହା ନା କେବଳ କ୍ୟାନ୍‌ସର, ହୃଦ୍‌ରୋଗ ଏବଂ ଅନ୍ୟାନ୍ୟ ଘାତକ ରୋଗର ଆଶଙ୍କା ବୃଦ୍ଧି କରିଥାଏ ବରଂ ତ୍ୱଚା ପାଇଁ ମଧ୍ୟ ଏହା କ୍ଷତିକାରକ...

⏭ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ୍ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ମୁତାବକ ମଦର ଏକ ବୁନ୍ଦା ବି ଶରୀର ପାଇଁ ଉପକାରୀ ନୁହେଁ। ଏହା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। ଏହାକୁ ଅଧିକ ପିଇବା ଦ୍ୱାରା ଡିହାଇଡ୍ରେଶନ୍ ହୋଇଥାଏ। ଫଳରେ ତ୍ୱଚା କୁଣ୍ଡେଇ ହେବା, ଆଲର୍ଜି ଭଳି ସମସ୍ୟା ଦେଖାଦେଇଥାଏ।

⏭ଆଲ୍‌କହଲ ପିଇବା ଯୋଗୁ ଅନେକଙ୍କ ତ୍ୱଚାରେ ଲାଲ୍ ଫଳିଯିବା, ଆଖିତଳ କଳା ପଡ଼ିବା, ମୁହଁ ଫୁଲିଯିବା ଭଳି ଲକ୍ଷଣ ଦେଖାଦିଏ।

⏭ଅଧିକ ଆଲ୍‌କହଲ୍ ପିଉଥିବା ବ୍ୟକ୍ତିଙ୍କ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମିଯାଏ। ଫଳରେ ତ୍ୱଚାରେ ସହଜରେ ବିଭିନ୍ନ ରୋଗ ସଂକ୍ରମଣ ହୋଇଥାଏ। କେବଳ ଏତିକି ନୁହେଁ, ଏମାନଙ୍କ ତ୍ୱଚା ଅଧିକ ସମ୍ବେଦନଶୀଳ (ସେନ୍‌ସିଟିଭ୍) ଥିବାରୁ କ୍ୟାନ୍‌ସର ଆଶଙ୍କା ବଢ଼ିଯାଏ।

⏭ଏମାନଙ୍କ ଠାରେ ଅଧିକାଂଶ ସମୟରେ ହାଇବ୍ଲଡ୍‌ପ୍ରେସର ଏବଂ ନିଦ୍ରାହୀନତା ସମସ୍ୟା ଦେଖାଦେଇ ଥାଏ। ଅପରପକ୍ଷେ କମ୍ ଶୋଇବା କାରଣରୁ ଆଖିତଳେ ଡାର୍କ ସର୍କଲ, ଏଜ୍ ଲାଇନ୍, ରିଙ୍କଲ୍ ମାର୍କ, ସ୍କିନ୍ ଟୋନ୍ ଡାର୍କ ହେବା ଭଳି ସମସ୍ୟା ଦେଖାଦିଏ।

⏭ଆଲ୍‌କହଲ୍ ଶରୀରରେ ଅଧିକ ହିଷ୍ଟାମାଇନ୍ ନିର୍ଗତ କରିଥାଏ। ତେଣୁ ତ୍ୱଚାର ତଳଭାଗରେ ଥିବା ବ୍ଲଡ୍ ଭେଜେଲ୍ ଫୁଲିଯାଇଥାଏ। ଫଳରେ ମୁହଁ ଓ ପୂରା ଶରୀର ମୋଟା ଦେଖାଯାଏ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରଞ୍ଜନ
ପରିବାରବର୍ଗ


ସମୀକ୍ଷା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ‘ଖାଦ୍ୟ ନୁହେଁ, ପ୍ରଥମେ ବସ୍ତ୍ର ଲୋଡ଼ା’

**ଅନ୍ତର୍ଜାତୀୟ କ୍ରାଫ୍ଟ ସମ୍ମିଳନୀ**

**ଯାଜପୁର,୧୩।୧ (ହର୍ଷବର୍ଦ୍ଧନ ବେହେରା)**

ଖାଦ୍ୟ ନୁହେଁ, ପ୍ରଥମେ ବସ୍ତ୍ର ଲୋଡ଼ା। ଯାଜପୁର ରୋଡ୍ ଯଯାତି କୋର୍ଟ୍‌ୟାର୍ଡରେ ଅନୁଷ୍ଠିତ ଅନ୍ତର୍ଜାତୀୟ କ୍ରାଫ୍ଟ ସମ୍ମିଳନୀର ଶନିବାର ଦ୍ୱିତୀୟ ଦିବସର ପେନାଲ ଆଲୋଚନାରେ ବକ୍ତାମାନେ ଏହି ମତପ୍ରକାଶ କରିଛନ୍ତି। ପ୍ରଥମ ଅଧିବେଶନରେ ଷ୍ଟ୍ରାଟେଜିକ୍ ସ୍ପେଶାଲିଷ୍ଟ ତାରା ପୁଲେ, ୱାର୍ଲ୍ଡ କ୍ରାଫ୍ଟ କାଉନସିଲରର ପ୍ରେସିଡେଣ୍ଟ ରୁଡ୍ ଭେନ୍ ଡେର୍ ମେରୱେ, ଅର୍ବାନ ଡିଜାଇନର ଆଡାମ୍ ସ୍କଟ୍ ଓ ୟୁସିସିଏନ୍‌ର ଅଧ୍ୟକ୍ଷ ବିୟୁଙ୍ଗ ହୁ ଜଙ୍ଗ୍ ଭାଗନେଇ ଶିଳ୍ପ ଗଠନରେ ସୃଜନଶୀଳତାର ପ୍ରମୁଖ ଭୂମିକା ଉପରେ ଆଲୋଚନା କରିଛନ୍ତି। ପ୍ୟାନେଲିଷ୍ଟମାନେ ସୃଜନଶୀଳତା ଏବଂ ସହରୀ ସ୍ଥାଣୁତା ମଧ୍ୟରେ ସାଂସ୍କୃତିକ ପରିଚୟ ଏବଂ ଭବିଷ୍ୟତର କଳ୍ପନା ଦିଗରେ ମତପ୍ରକାଶ କରିଛନ୍ତି। ଦ୍ୱିତୀୟ ଅଧିବେଶନରେ ପଥର ଶିଳ୍ପୀ ମହେଶ୍ୱର ଓଝା, ଗୋଲ୍‌ଡେନ୍ ଗ୍ରାସ୍ ଶିଳ୍ପୀ ଝରଣା ସାହୁ ଓ ଦୀପ୍ତିରାଣୀ ବେହେରା, ହସ୍ତତନ୍ତର ଜାତୀୟ ପୁରସ୍କାର ପ୍ରାପ୍ତ ଶ୍ରୀକାନ୍ତ ଦାସ, ଗୋଲ୍‌ଡେନ୍ ଗ୍ରାସ୍‌ର ପ୍ରଫୁଲ୍ଲ କୁମାର ମହାରଣା ଓ କ୍ରାଫ୍ଟ କନସଲଟାଣ୍ଟ କାବ୍ୟା ସକ୍ସେନା ଭାଗନେଇଛନ୍ତି। ଏହି ଅବସରରେ ହସ୍ତତନ୍ତ ଶିଳ୍ପୀ ଶ୍ରୀକାନ୍ତ କହିଛନ୍ତି, ସନ୍ତାନ ଯେତେବେଳେ ଜନ୍ମ ହୁଏ, ତାହାକୁ ଖାଦ୍ୟ ବଦଳରେ ପ୍ରଥମେ ବସ୍ତ୍ର ଯୋଗାଇ ଦିଆଯାଏ। ସେହିପରି ଜଣେ ବ୍ୟକ୍ତି ଅଫିସ ଯିବା ଆଗରୁ ବସ୍ତ୍ର ଖୋଜିଥାଏ। ତେଣୁ ସମାଜରେ ଖାଦ୍ୟ ଅପେକ୍ଷା ବସ୍ତ୍ର ପ୍ରଥମେ ନିହାତି ଦରକାର। ଏହି କ୍ରମରେ ହସ୍ତତନ୍ତ କାରିଗରମାନଙ୍କ ଭୂମିକା ବହୁ ଗୁରୁତ୍ୱପୂର୍ଣ୍ଣ। ତଦନୁସାରେ ହସ୍ତତନ୍ତ କାରିଗରମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଗଲେ ସେମାନଙ୍କ ଆର୍ଥିକ ଅବସ୍ଥାରେ ସୁଧାର ହୋଇପାରିବ ବୋଲି ସେ କହିଛନ୍ତି। ତୃତୀୟ ଅଧିବେଶନରେ ନାଇସ୍ ଅନୁଷ୍ଠାନର ସିଇଓ କାଞ୍ଚନ କେଭି, ତମଲାର ସହ-ପ୍ରତିଷ୍ଠାତା ବିନୟ ପ୍ରଶାନ୍ତ, ଆଦିତ୍ୟ ବିର୍ଲା ଫ୍ୟାଶନ ଆଣ୍ଡ୍ ରିଟେଲ ଲିଃର ଚିଫ୍ ସପ୍ଲାଏ ଚେନ୍ ଅଫିସର ଆର. ସ୍ୱାମୀନାଥନ, କ୍ରାଫ୍ଟ ଭେନଚର ସିଇଓ କୁନାଲ ଆର୍. ସଚଦେବ ଓ ଇକ୍‌ତାରାର ଫାଉଣ୍ଡର ଅନିନ୍ଦିତା ଦାସ ଭାଗନେଇ କହିଛନ୍ତି ଯେ, ଯାହା ସାଂସ୍କୃତିକ ଓ ଐତିହ୍ୟକୁ ସଂରକ୍ଷଣ କରିବା ସହ ଅର୍ଥନୀତିକୁ ମଧ୍ୟ ଜାଳେଣି ଯୋଗାଇଥାଏ, ସେହି ଶିଳ୍ପର ଭବିଷ୍ୟତ ବହୁ ଉଜ୍ଜ୍ୱଳ। ୪ର୍ଥ ଅଧିବେଶନରେ ସୁଇଡେନ୍‌ର ଡିଏଜି ହାର୍ଟମେନ୍, ଥାଇଲାଣ୍ଡର ଆଜିରପା ପ୍ରଡିଟ୍, ବିଶ୍ୱବ୍ୟାଙ୍କର ମାନସୀ ସଚଦେବ, କ୍ରିଏଟିଭ ନଲେଜ ଫାଉଣ୍ଡେଶନର ଜୋସେଫ ବାଗିନି ଓ ଜର୍ମାନୀର ଲିସା ନରୋକି ଭାଗନେଇ ହିତାଧିକାରୀଙ୍କ ଭୂମିକା ଏବଂ ୟୁନେସ୍କୋ କ୍ରିଏଟିଭ ସିଟି ନେଟ୍‌ୱର୍କ ସମ୍ପର୍କରେ ଗୁରୁତ୍ୱାରୋପ କରିଛନ୍ତି। ୫ମ ଅଧିବେଶନରେ କ୍ରାଫ୍ଟ କ୍ଲାଇମେଟ୍‌ର ସୁରୁଚି ଖୁବଚନ୍ଦାନୀ, ଆଦିତ୍ୟ ବିର୍ଲା ଗ୍ରୁପ୍‌ର ମାର୍କେଟିଂ ଲିଡ୍ ତେଜସ୍ୱିନୀ ୟାଲୱାର, କାବ୍ୟା ସକ୍ସେନା ଓ ଗୁଜରାଟ ଆଦିବାସୀ ଏକାଡେମୀର ନିର୍ଦ୍ଦେଶକ ମଦନ ମୀନା ଉପସ୍ଥିତ ରହି ଭାରତୀୟ ଶିଳ୍ପ ଇକୋସିଷ୍ଟମ୍‌ର ସମ୍ଭାବନାକୁ ଆଲୋକିତ କରେ ବୋଲି ବକ୍ତବ୍ୟ ଦେଇଛନ୍ତି।




## ମାଟି ତଳୁ ବୃଦ୍ଧାଙ୍କ ମୃତଦେହ ଜବତ

**ବଇଣ୍ଡା,୧୩।୧ (ପରିକ୍ଷିତ ସାହୁ)**

ଅନୁଗୋଳ ଜଲ୍ଲା କିଶୋରନଗର ଥାନା ଘୋଷର ଗ୍ରାମର ପଙ୍କଜିନୀ ପ୍ରଧାନ(୭୫)ଙ୍କ ମୃତଦେହ ଶନିବାର କିଶୋରନଗର ପୋଲିସ ମାଟିତଳୁ ଜବତ କରିଛି। ଏ ନେଇ ନମ୍ବର ୧/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**Admission Open**

Post Diploma in
**C.S.S.D TECHNIQUES**
*(Hospital Sterilization Technology)*
Eligibility : +3 Science | Duration : 1 Year

Advance Diploma in
**OPERATION THEATRE TECHNOLOGY**
*(OT Techniques)*
Eligibility : +2 (Any Stream) | Duration : 2 Years

**RMTI**, PALASUNI, RASULGARH
BHUBANESWAR-25
Ph: 93382 12123

Hurry up... Hurry up... Hurry up...
**B.Ed**
**Only @89,000/-**
IMMEDIATELY CONTACT
**B.Ed**
COUNSELLING CENTER
BHUBANESWAR
7606962458
8908210843
9124391142
8908210443


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ସମୀକ୍ଷାର ଜନ୍ମଦିନ ଶୁଭେଚ୍ଛା**



"ବାପ ପରି ଝିଅ ବସେ ଦୋଳି
ମା' ପରି ଝିଅ ବିକେ କୋଳି"
ମୋ ପରି ଝିଅ ତୁ ସ୍ୱାମୀ, ପୁଅ ଓ ପରିବାର ସହିତ ସୁଖ, ଶାନ୍ତି ଓ ପ୍ରଗତି ତୋର ବର୍ତ୍ତମାନ ଓ ଭବିଷ୍ୟତରେ ପ୍ରତିଫଳିତ ହେବା ପାଇଁ ଜଗନ୍ନାଥଙ୍କୁ ଆମେ ସମସ୍ତେ ପ୍ରାର୍ଥନା କରୁଛୁ।
ଧ-୨୨୬୫

# ବିଜୁ ପଟ୍ଟନାୟକ ଓପନ ଚେସ୍ ଚାମ୍ପିୟନଶିପ ଉଦ୍‌ଘାଟିତ

**କଣ୍ଟାବାଞ୍ଜି,୧୩।୧ (ଗୁରୁଦୟାଲ ହଂସ):** କଣ୍ଟାବାଞ୍ଜି ହରିଭବନଠାରେ ପ୍ରଥମ ବର୍ଷ ଜାତୀୟସ୍ତରୀୟ ବିଜୁ ପଟ୍ଟନାୟକ ଓପନ ଚେସ୍ ଚାମ୍ପିୟନଶିପ୍ ଶନିବାର ଉଦ୍‌ଘାଟିତ ହୋଇଛି। କଣ୍ଟାବାଞ୍ଜି ଚେସ୍ ଆସୋସିଏଶନ ଆନୁକୂଲ୍ୟ ଓ ଜିଲା ଚେସ୍ ଆସୋସିଏଶନ ସହଯୋଗରେ ଆୟୋଜିତ ଚାମ୍ପିୟନଶିପର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ସମ୍ମାନୀତ ଅତିଥିଭାବେ ପୂର୍ବତନ ବିଧାୟକ ଆୟୁବ ଖାଁ, ବିଜେଡି ରାଜ୍ୟ ସମ୍ପାଦକ ଉଦ୍ଧବ ବେହେରା, ଜିଲା ଚେସ୍ ଆସୋସିଏଶନ ସମ୍ପାଦକ ପ୍ରିୟବ୍ରତ ପଣ୍ଡା, ମାରୱାଡ଼ି ଯୁବାମଞ୍ଚ ବିକାଶ ଶାଖା ସଭାପତି ଆକାଶ ଜୈନ, ଆୟୋଜକ କମିଟି ସଭାପତି ସୁକଦେବ ମହାନ୍ତି, ସମ୍ପାଦକ ମହିନ୍ଦ୍ର ନାରାୟଣ ବେହେରା, ପ୍ରତିଯୋଗୀତା ନିର୍ଦ୍ଦେଶକ ଆଶିଷ ଖୈତାନ, ପରିଚାଳକ ଭାବେଶ ମହାନ୍ତି ମଞ୍ଚାସୀନ ଥିଲେ। ଏହି ଚାମ୍ପିୟନଶିପ୍‌ରେ ରାଜ୍ୟ ତଥା ରାଜ୍ୟ ବାହାରର ୧୬୭ ପ୍ରତିଯୋଗୀ ଭାଗ ନେଇଛନ୍ତି। ଏହା ଆସନ୍ତା ୧୫ତାରିଖ ଯାଏ ଚାଲିବ। କଣ୍ଟାବାଞ୍ଜି ଚେସ୍ ଆସୋସିଏଶନ କାର୍ଯ୍ୟକାରୀ ସଭାପତି ସଂଯୋଜକ ସତୀଶ ମାରୁ, ପରାମର୍ଶଦାତା ରାଜେଶ କୁମାର, ଦେବେନ୍ଦ୍ର ଯୋଶୀ, ଜିତେଶ ମାରୁ, ଦେବ ମହାନ୍ତି, ଦେବାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।



ଉଦ୍‌ଘାଟନୀ ଅବସରରେ ମଞ୍ଚାସୀନ ଅତିଥି।


# Classified Everyday
0674-2580101, 2549949

## BRIDE WANTED

Brahmin boy SBI PO/32+ B.Tech/Railway Engineer, Bhubaneswar. 9938199964. D-2227

## GROOM WANTED

Government Teacher ବୟସ 32 ଏକୁଟିଆ ରହୁଥିବା Divorcee ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ଘରଜ୍ୱାଇଁ ଆବଶ୍ୟକ। 9124021207. D-71383

Age-34, Government Job Divorcee ଏକୁଟିଆ ରହୁଥିବା ବ୍ରାହ୍ମଣ ଝିଅଙ୍କୁ ଯେକୌଣସି ଜାତିର ବରପାତ୍ର ଦରକାର। 8658267680. D-2230

Beautiful Khandayat Girls 1991, 5'2" Serving OAS/1994 5'2" Serving OJS "SUNASANSAR". 9937512659, 8249969649. D-75295



REAL ESTATE

## SALE

2BHK and 3BHK flat on prime location at Chakeisihani @75 and 85lakhs. 7008711445, 6372801963. D-2250

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable pricecall- 9439856856, 7008982279, 6371097442, 9040116788.** D-2271

ଭୁବନେଶ୍ୱର ଖୋର୍ଦ୍ଧା ପିତାପଲ୍ଲି ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। **7504861292.** D-75292

Duplex sale at Bhubaneswar @ 57 lakhs only. Contact: 9777433701. D-75294

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 3,60,000/-, ଛତାବର- 1200sqft.- 6,00,000/-. 9348232008. D-75289

4800sqft. ଘରବାରି କୁରୁମପଡ଼ା ତାପଙ୍ଗ ରେଳ ଷ୍ଟେସନରୁ 3K.M. Rs.-270/-, 9437282937, 8260968367. D-2244

**2600sqft. Gharabari yellow zone plot sale at Uttara Chhak, Infront of CIFA, Price 2300/- per sqft. Bank Finance available. 9438220432/ 8144658008.** D-2249

3900sqrft. land with 5000sqft. construction 3 Storeyed building for sale near AMRI Hospital, Bhubaneswar. Price- 3Crore. no mediator please. Contact No.- 7377777979. D-2255




Spa Kerala body Massage best Therapist @699/- Bhubaneswar. kajal-9337672475. D-2252

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

Newly open SPA positively health benefits with expert therapist. 9938843929. D-75184

Refreshments Rejuvenation body massage therapy with experience therapists, Ashirvad Panchakarma Herbal Spa, Keshari Mall, Bhubaneswar, 8926173473. D-2235

**Relax, Refresh your Body, Mind at Saikrupa Spa with best therapies. 8984068077.** D-2209

Positively health benefits SPA expert therapist at Nayapalli. Contact: 7846814019. D-75187

Newly open SPA positively health benefits (expert therapist). Contact: 9124527170. D-75188

Newly open health benefits SPA special offer @ 999 Bapujinagar. 8018429809. D-75189




**3BR Apartment in Kharvela Nagar, Unit-3, Bhubaneswar. Senior Officers from Central & State Govt./Public Sector/Multinational Companies and Banks may contact: 9861447371 (Between 10.30AM- 5.30PM).** D-75510


CONSTRUCTION

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-2272

## LOST

I Sujay Kumar Giri, Father Late Gouri Shankar Giri, At- Aruha, P.O-Salikotha, Jaleswar, Balasore, declare that Khata No-173/82, Dalil No-1815 Named on Managobinda Biswal, Mouza-Dharastak, Nayabazar, Jaleswar the Dalil was missing on dt. 08.01.24 while I travel from Nayabazar to Station bazar. So If anyone found kindly contact to Advocate Bimal Sen. Mob. No-7978375542. D-2267

## AFFIDAVIT

I, Akshyaya Kumar Pradhan, S/o- Durga Charan Pradhan, At- Kathakhunta, P.O.-Kokalaba, Via- Narasinghpur, Dist.- Cuttack, PIN- 754032 I was Service in Defence and Retired. My Service document has mentioned Nivedita Pradhan and her Date of Birth is 18.11.1974. But her original Date of Birth is 24.06.1972 and name is Nibedita Pradhan, her Aadhaar No. is- xxxxxxxx2991. D-2257

By virtue of an affidavit sworn before the Notary Public, Sonepur, dated 12.01.24, I, Shibanee Urma, W/o-Himanshu Barik, Village-Luhurapali, P.O.- Rengali, P.S.- Dunguripali, Dist.- Subarnapur, Odisha declare that I have changed my surname from Shibanee Barik to Shibanee Urma. Henceforth, I shall be known as Shibanee Urma for all purposes. D-2262

My parental surname is Swarnalata Sahu and consequent upon my marriage with Sukanta Kumar Padhi, my surname was changed from Swarnalata Sahu to Swarnalata Padhi, W/o- Late Sukanta Kumar Padhi, Goutam Nagar, 1st lane, PO/ Dist.- Rayagada. I executed this declaration as an affidavit before the Executive Magistrate, Rayagada vide DR No.597 dated 08.12.2023 for all purposes. D-2266

By virtue of an affidavit sworn before the Notary, Titilagarh, I, Snigdha Somya Meher, D/o- Santosh Meher, At/P.O/P.S.-Titilagarh, Dist.- Bolangir, Odisha, PIN- 767033 declare that by this affidavit No.- 1381 dt. 09.12.2023 now onwards I shall be known as Snigdha Somya Rani Meher for all future purposes. D-2269



**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



# ମନେ ପଡ଼ନ୍ତି

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ**



**୰ବିକ୍ରମ ପରିଡ଼ା**
ମାଧବ, ନିଆଳି
ଆବିର୍ଭାବ- ୨୯।୧୧।୧୯୪୫
ତିରୋଧାନ- ୩୦।୧୨।୨୦୧୯

ଚାହୁଁ ଚାହୁଁ ଚାରିବର୍ଷ ବିତିଗଲା। ତୁମର ଅନୁପସ୍ଥିତି ଆମ ପରିବାରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟିକରି ଦେଇଛି। ଆଜି ମଧ୍ୟ ଲାଗୁଛି କି ତୁମେ ଆମ ସମସ୍ତଙ୍କ ଗହଣରେ ଅଛ। ତୁମ ପୁଣ୍ୟ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମ ତଳେ ଭକ୍ତିପୂତ ନିବେଦନ । ଶୋକସନ୍ତପ୍ତ: ପତ୍ନୀ, ପୁଅ, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତୁଣୀ: ଲକି, ନାତି: ରିଙ୍କୁ, ଲିକୁ, ଗୁଡୁ, କ୍ରିଷ୍ଣା, ବନ୍ଧୁ ଓ ପରିବାରବର୍ଗ ।
ଧ-୨୨୬୮

**ଏକାଦଶ ଶ୍ରାଦ୍ଧ ବାର୍ଷିକୀ**



**୰ଶ୍ରୀମତୀ ମମତା ଦାଶ/ରଥ**
ସ୍ୱାମୀ-ପ୍ରଦ୍ୟୁମ୍ନ ରଥ
ଆବିର୍ଭାବ:୨୮.୦୬.୧୯୬୩
ତିରୋଧାନ:୧୬.୦୧.୨୦୧୩
ତୁମକୁ ଚିଠି-ତା୮.୮.୧୯୮୮
ଚିଠିର ଶୂନ୍ୟତାକୁ ଭରିଦିଅ
ତୁମ ହୃଦୟ ଭାଷାରେ
ମନକୁ ଭିଜାଇ ଦିଅ
ସ୍ନିଗ୍ଧ ବସନ୍ତରେ (ମମତା)

ଶୋକସନ୍ତପ୍ତ-ହତଭାଗ୍ୟ ସ୍ୱାମୀ
ପୁତ୍ର-ଡଃ ଅନିରୁଦ୍ଧ, ବୋହୂ-ରାକ୍ଷୀ, ନାତି-ରୁଦ୍ରାଦିତ୍ୟ, କନ୍ୟା- ଅଭିଷିକ୍ତା, କାଳିଆ, ମିନୁ, ଯଶ୍ମିନ୍ ଏବଂ ସମସ୍ତ ବନ୍ଧୁ ଓ ପରିଜନ ବର୍ଗ
ଧ-୭୫୪୧୬

**ଏକାଦଶାହ ଉପଲକ୍ଷେ**
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ବସନ୍ତ କୁମାରୀ ଦାସ**
ଆବିର୍ଭାବ : ୨୦/୧୦/୧୯୩୩
ତିରୋଧାନ : ୦୪/୦୧/୨୦୨୪
ସ୍ୱାମୀ ୰କ୍ଷେତ୍ରମୋହନ ଦାସ
ଚାଷୀଖଣ୍ଡ, ବାଇଶିମୌଜା, ଜଗତସିଂହପୁର

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ ।
ଶୋକସନ୍ତପ୍ତ :- ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ବୃନ୍ଦ
ଧ-୭୧୫୭୬

**ଏକାଦଶାହ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ସରସ୍ୱତୀ ମହାନ୍ତି**
ସ୍ୱାମୀ: ୰କୃଷ୍ଣଚନ୍ଦ୍ର ମହାନ୍ତି
ଜଗଦା, ରାଉରକେଲା
ଆବିର୍ଭାବ: ୦୧।୦୧।୧୯୪୮
ତିରୋଧାନ: ୦୪।୦୧।୨୦୨୪

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମିତ୍ତ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ, କୁଟୁମ୍ବ ଓ ବନ୍ଧୁ ପ୍ରିୟଜନ ।
ଧ-୨୨୪୭

# ଭାଜପାରେ ୩ ଗୋଷ୍ଠୀ

## ନିମାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ



ନିମାପଡ଼ା, ୧୩।୧ (ରଞ୍ଜନ ପଟ୍ଟନାୟକ)

ପୁରୀ ଜିଲା ନିମାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି, ଭାଜପା ଓ କଂଗ୍ରେସରେ ଟିକେଟ ଆଶାୟୀଙ୍କ ସଂଖ୍ୟା ବଢ଼ିଚାଲିଛି। ଯଦି ଭାଜପା କଥା ଦେଖାଯାଏ, ଏଠାରେ ତିନି ଗୋଷ୍ଠୀ ସକ୍ରିୟ ଥିବା ଦୃଷ୍ଟିଗୋଚର ହେଉଛି। ଦଳର ପୂର୍ବତନ ରାଜ୍ୟ ଉପସଭାପତି ପ୍ରଭାତୀ ପରିଡ଼ା, ଯୁବନେତା ଦିଲୀପ ନାୟକଙ୍କ ସମର୍ଥକମାନେ ନିଜ ନେତାଙ୍କ ଟିକେଟ ପାଇବା ନେଇ ଆଶାବାଦୀ ଥିବା ବେଳେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏହି ନିର୍ବାଚନମଣ୍ଡଳୀରୁ ଲଢ଼ିବା ସକାଶେ ତାଙ୍କ ସମର୍ଥକମାନେ ଚାହୁଁଥିବା ସାଧାରଣରେ ଚର୍ଚ୍ଚା ହେଉଛି।

ପ୍ରଭାତୀ ଓ ଦିଲୀପ ନିର୍ବାଚନ ମଣ୍ଡଳୀରେ ସମାନ୍ତରାଳ ସଙ୍ଗଠନ ଚଳାଇ ରଖିଛନ୍ତି। ସେମାନଙ୍କ ରାଜନୈତିକ କ୍ୟାରିୟରକୁ ଦେଖିଲେ, ପ୍ରଭାତୀ ୨୦୦୯ରେ ନିମାପଡ଼ାରୁ ପ୍ରଥମଥର ପାଇଁ ପ୍ରାର୍ଥୀ ହୋଇଥିଲେ। ସେତେବେଳେ ଦଳ ତାଙ୍କୁ ଟିକେଟ ନ ଦେବାରୁ ସେ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ମାତ୍ର ୬,୮୨୦ ଖଣ୍ଡ ଭୋଟ ପାଇଥିଲେ। ପରେ ୨୦୧୪ ଓ ୨୦୧୯ରେ ସେ ଭାଜପା ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ଯଥାକ୍ରମେ ୫୭,୩୨୦ ଏବଂ ୫୯,୧୫୨ ଭୋଟ ପାଇ ୨ୟ ସ୍ଥାନରେ ରହିଥିଲେ। ହେଲେ ଦିଲୀପ ନାୟକ ୨୦୧୯ ନିର୍ବାଚନରେ କଂଗ୍ରେସରୁ ପ୍ରତିଦ୍ୱନ୍ଦ୍ୱିତା କରି ୩୩, ୫୭୬ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ । ଏହା ପରେ ସେ କଂଗ୍ରେସ ଛାଡ଼ି ଗତ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଭାଜପାରେ ଯୋଗଦେଇଥିଲେ। ଏବେ ପ୍ରଭାତୀ ଓ ଦିଲୀପଙ୍କ ସହିତ ଆହୁରି ୩ ଜଣଙ୍କ ନାମ ଆଲୋଚନାକୁ ଆସିଥିବା ଏକ ସୂତ୍ରରୁ ଜଣାପଡ଼ିଛି । ସେମାନେ ହେଉଛନ୍ତି ପ୍ରଭାତୀଙ୍କ ସ୍ୱାମୀ ଇଂ ଶ୍ୟାମସୁନ୍ଦର ନାୟକ, ସାଇଁସ ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ ଏବଂ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ। ଶ୍ୟାମସୁନ୍ଦର ଚାକିରିରୁ ଅବସର ନେବାପରେ ବର୍ତ୍ତମାନ ଦଳୀୟ କାର୍ଯ୍ୟକ୍ରମରେ ନିଜକୁ ପୂର୍ଣ୍ଣମାତ୍ରାରେ ସାମିଲ କରିଛନ୍ତି। ସରପଞ୍ଚ ଦେବାଶିଷ ନିର୍ବାଚନମଣ୍ଡଳୀ ବୁଲିବା ସହିତ ଦଳୀୟ କର୍ମୀ ମହଲରେ ନିଜ ସପକ୍ଷରେ ସମର୍ଥନ ଯୋଗାଡ଼ରେ ଲାଗିପଡ଼ିଛନ୍ତି । ଆଗକୁ ଯଦି ଦଳରେ ଏଭଳି ସ୍ଥିତି ଲାଗି ରହେ, ତେବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ ଦଳ ଟିକେଟ ଦେଇପାରେ ବୋଲି ଚର୍ଚ୍ଚା ହେଉଛି। କାରଣ ଅପରାଜିତାଙ୍କ ଶାଶୁଘର ପଡ଼ୋଶୀ କାକଟପୁର । ମନେପଡ଼େ ତାଙ୍କ କୋଣାର୍କ ଗସ୍ତ ସମୟରେ ନିମାପଡ଼ା ଭାଜପାର ବାରଣ ସତ୍ତ୍ୱେ ଦଳର ଅନେକ ମହିଳା, ଯୁବ ଏବଂ ଛାତ୍ର ସଙ୍ଗଠନ କର୍ମକର୍ତ୍ତା ତାଙ୍କ ସହିତ ପଦଯାତ୍ରାରେ ସାମିଲ ହୋଇଥିଲେ। ଦଳ ମଧ୍ୟରେ ଚାଲିଥିବା ବିଶୃଙ୍ଖଳାକୁ ଦେଖି ଏଠାରୁ ଅପରାଜିତାଙ୍କୁ ପ୍ରାର୍ଥୀ କରିବା ପାଇଁ ଗୋଟିଏ ଗୋଷ୍ଠୀ ଉଦ୍ୟମ ଜାରି ରଖିଛନ୍ତି। ସେମାନଙ୍କ ବିଶ୍ୱାସ, ଅପରାଜିତା ନିମାପଡ଼ାରେ ବିଜେଡିକୁ ଭଲ ଭାବେ ଟକ୍କର ଦେଇପାରିବେ । ତେବେ ରାଜନୈତିକ ବାତାବରଣକୁ ଅନିଶା କଲେ ଅପରାଜିତା ଭୁବନେଶ୍ୱରରୁ ପୁନଶ୍ଚ ଲୋକ ସଭା ନିର୍ବାଚନ ପାଇଁ ପ୍ରାର୍ଥୀ ହେବାର ଆଶା ରଖିଥିବା ତାଙ୍କର ଏବର କାର୍ଯ୍ୟକ୍ରମକୁ ଦେଖିଲେ ବୁଝାପଡୁଛି।

ପ୍ରଭାତୀ ପରିଡ଼ା ଗତ ଦୁଇଟି ନିର୍ବାଚନରେ ଦ୍ୱିତୀୟ ସ୍ଥାନରେ ରହିଥିଲେ ମଧ୍ୟ ଶାସକ ବିଜେଡିକୁ ମୁକାବିଲା କରିବା ଲାଗି ପଦକ୍ଷେପ ନେଉଛନ୍ତି। ଅନେକ ସମୟରେ ବିଜେଡି ଶାସନ ବିରୋଧରେ ଦୁର୍ନୀତି ଓ ଭ୍ରଷ୍ଟାଚାର ଅଭିଯୋଗ ଆସିଥିବାରୁ ବ୍ଲକ ଓ ତହସିଲ ସମ୍ମୁଖରେ ପ୍ରଭାତୀଙ୍କ ନେତୃତ୍ୱରେ ଆୟୋଜିତ ବିକ୍ଷୋଭ ଏବଂ ଧାରଣା ଭାଜପା ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛି । ୧୧ ନମ୍ବର ଜୋନ ଜିଲାପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ବିଜେଡି ବିଧାୟକ ସମୀର ରଞ୍ଜନ ଦାଶଙ୍କୁ ନେଇ ସେତେବେଳେ ରାଜ୍ୟ ରାଜନୀତି ଉଠିଥିଲା ପଡ଼ିଥିଲା। ସେହି ସମୟରେ ନିମାପଡ଼ାରେ ବିଜେଡିକୁ ହରଡ଼ଘଣାରେ ପକାଇବାରେ ପ୍ରଭାତୀ ସଫଳ ହୋଇଥିଲେ। ଅନ୍ୟପକ୍ଷରେ ଦିଲୀପ ପଛରେ ପଡ଼ିଯାଇଥିଲେ। ଦୁର୍ବଳ ରଣକୌଶଳ ଓ ସମନ୍ୱୟ ଅଭାବ ଯୋଗୁ ଜିଲାପରିଷଦ ସଭ୍ୟ ଧର୍ମେନ୍ଦ୍ରଙ୍କ ମୃତ୍ୟୁ ଏବଂ ଅନ୍ୟାନ୍ୟ ପ୍ରସଙ୍ଗକୁ ଦିଲୀପ ଠିକ୍ ଭାବେ ଉପସ୍ଥାପନ କରିପାରି ନ ଥିଲେ ବୋଲି ନିର୍ବାଚନମଣ୍ଡଳୀରେ ଚୁପୁରଚାପର ଚାଲିଛି। ତଥାପି ଦିଲୀପ ଆଶାବାଦୀ ଅଛନ୍ତି ।

କେନ୍ଦ୍ର ସରକାର ମହିଳା ସଂରକ୍ଷଣ ବିଲ୍ ପାସ୍ କରିଥିବାରୁ ଅନେକେ ଆଶା କରୁଛନ୍ତି ଭାଜପା ପୂର୍ବାପେକ୍ଷା ମହିଳାଙ୍କୁ ଅଧିକ ଆସନ ଦେଇପାରେ। ସେହି ଦୃଷ୍ଟିକୋଣରୁ ଦେଖିଲେ ନିମାପଡ଼ାରେ ମହିଳା ପ୍ରାର୍ଥୀ ଅଗ୍ରାଧିକାର ପାଇଲେ ପ୍ରଭାତୀ ଭାରି ପଡ଼ିପାରନ୍ତି। ଅନ୍ୟପଟରେ ଗତମାସରେ ନିମାପଡ଼ା ନିର୍ବାଚନମଣ୍ଡଳୀସ୍ତରୀୟ ବୁଥ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଯୋଗ ଦେଇଥିଲେ । ଏହା ଶେଷ ହେବା ପରେ ନିମାପଡ଼ା ପୂର୍ତ୍ତବିଭାଗ ଡାକବଙ୍ଗଳାଠାରେ କୋର୍ କମିଟି ବୈଠକ ହେବାରଥିଲା । ଶେଷ ମୁହୂର୍ତ୍ତରେ ସାମଲ ସମୟ ନାହିଁ କହି ତାହାକୁ ବାତିଲ କରିଦେଇଥିଲେ। ହେଲେ ସଭାସ୍ଥଳରୁ ସେ ସିଧା ପ୍ରଭାତୀଙ୍କ ବାସଭବନକୁ ଯାଇ ୨ଘଣ୍ଟା ଆଲୋଚନା କରିବା ଅନ୍ୟ ଏକ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ନିମାପଡ଼ାରେ କାହାକୁ ଦଳୀୟ ଟିକେଟ ମିଳିବ ସେ ନେଇ ପଚରାଯିବାରୁ ଭାଜପା କେନ୍ଦ୍ରୀୟ ନେତୃତ୍ୱଙ୍କ ନିଷ୍ପତ୍ତି ଉପରେ ତାହା ନିର୍ଭର କରିବ ଏବଂ ଏଠାରେ ଦଳ ଏକଜୁଟ ହୋଇ କାର୍ଯ୍ୟ କରୁଛି ବୋଲି ସାମଲ କହିଥିଲେ। ଏସବୁକୁ ଦେଖିଲେ ନିମାପଡ଼ାରେ ଭାଜପା କାହାମୁଣ୍ଡରେ 'ଶିରପା' ବାନ୍ଧୁଛି ତାହାକୁ ଅପେକ୍ଷା।

# ଭୋଟରଙ୍କୁ ଆକୃଷ୍ଟ ଲାଗି କଲ୍ ସେଣ୍ଟର

## ଜନତାଙ୍କ ମତାମତ ନେଇ ପ୍ରାର୍ଥୀ ଚୟନ ପ୍ରୟାସ

ରାୟଗଡ଼ା, ୧୩।୧ (ଆଶିଷ ରଞ୍ଜନ ପଣ୍ଡା)

ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ୩ ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସ ଡିଜିଟାଲ ମିଡିଆ ସମେତ କଲ୍ ସେଣ୍ଟର ବ୍ୟବହାର କରୁଥିବା ସାଧାରଣରେ ଆଲୋଚନା ଜୋର ଧରିଛି । ନିଜ ଦଳର ପ୍ରଚାରପ୍ରସାର ପାଇଁ ରାଜନୈତିକ ଦଳଗୁଡ଼ିକ କଲ୍ ସେଣ୍ଟର ପଦ୍ଧତିକୁ ଆପଣାଇଛନ୍ତି। ଭାଜପାର ରାଜ୍ୟ ଓ ଜିଲା କାର୍ଯ୍ୟାଳୟରୁ କଲ୍ ସେଣ୍ଟରଗୁଡ଼ିକ କାର୍ଯ୍ୟ କରୁଥିବା ବେଳେ ବିଜେଡିର ରାଜ୍ୟସ୍ତରରେ କାର୍ଯ୍ୟ କରୁଥିବା ଜଣାପଡ଼ିଛି । କଂଗ୍ରେସ ଅଭିନବ ପଦକ୍ଷେପ ନେଇ ଏହାକୁ ତ୍ୱରାନ୍ୱିତ କରିବାକୁ ଯୋଜନା କରିଛି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ରାୟଗଡ଼ା ଭାଜପା ଜିଲା କାର୍ଯ୍ୟାଳୟରେ ରହିଛି ଏକ କଲ୍ ସେଣ୍ଟର। ଏଥିରେ ନିଯୁକ୍ତି ପାଇଥିବା ଯୁବତୀଯୁବକ ଦଳର ବିଭିନ୍ନ କାର୍ଯ୍ୟକ୍ରମ, କେନ୍ଦ୍ର ସରକାରଙ୍କ ବିକାଶମୂଳକ ଯୋଜନା ଆଦି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ପୋଷ୍ଟ କରିବା ସହ ଏହାକୁ ଭାଇରାଲ କରୁଛନ୍ତି। କଲ୍ ସେଣ୍ଟରକୁ ମାଧ୍ୟମ କରି ଭାଜପା ଜନସାଧାରଣଙ୍କ ନିକଟତର ହେଉଛି। ଏଥିସହ କଲ୍ ସେଣ୍ଟରରୁ ବିଭିନ୍ନ କେନ୍ଦ୍ରୀୟ ଯୋଜନାର ହିତାଧିକାରୀଙ୍କ ନିକଟକୁ ଯାଉଛି ଫୋନ୍ କଲ୍। ସେମାନେ ଉକ୍ତ ଯୋଜନାଗୁଡ଼ିକର ଲାଭ ଠିକ୍ ସମୟରେ ପାଇଛନ୍ତି ନା ନାହିଁ ଏବଂ ଏଥିରେ କୌଣସି ଅସୁବିଧାର ସମ୍ମୁଖୀନ ହେଉଛନ୍ତି କି ଆଦି ପଚରା ଯାଉଥିବା ଶୁଣିବାକୁ ମିଳିଛି । ଏଥିସହିତ ଆଗାମୀ ନିର୍ବାଚନରେ ଦେଶର ପ୍ରଧାନମନ୍ତ୍ରୀ ଏବଂ ଓଡ଼ିଶାରେ କେଉଁ ଦଳକୁ ଭୋଟ ଦେବା ପାଇଁ ଜନସାଧାରଣ ଇଚ୍ଛୁକ ସେ ନେଇ ମଧ୍ୟ ଜନତାଙ୍କ ମତାମତ ନିଆଯାଉଛି ବୋଲି ଫୋନ୍ ପାଇଥିବା କେତେ ଜଣ ହିତାଧିକାରୀ କହିଛନ୍ତି। ସେହିପରି ବିଜେଡି କଲ୍ ସେଣ୍ଟରରୁ ଜନସାଧାରଣଙ୍କୁ ଯୋଗାଯୋଗ କରାଯାଉଥିବା ଦେଖିବାକୁ ମିଳୁଛି। ବିଷମ କଟକ ନିର୍ବାଚନମଣ୍ଡଳୀର ଅନିଲ କୁମାର ଜାଡ଼ି କହିଛନ୍ତି, ତାଙ୍କୁ ଆସିଥିବା ଫୋନ୍‌ରେ ସେ ବିଧାନସଭା ନିର୍ବାଚନରେ ବିଜେଡିର ଜଗନ୍ନାଥ ସାରକା, ଭାଜପାର ଶିବଶଙ୍କର ଉଲାକା, କଂଗ୍ରେସର ନୀଳମାଧବ ହିକ୍କା ନା ନୀଳମାଧବ ଉଲାକାଙ୍କ ମଧ୍ୟରୁ କାହାକୁ ଭୋଟ ଦେବେ ପଚରାଯାଇଥିଲା। ସେହିପରି ରାୟଗଡ଼ାରେ ନୀହାର ରଞ୍ଜନ ପଣ୍ଡାଙ୍କୁ ପଚରାଯାଇଥିଲା ସେ କାହାକୁ ମୁଖ୍ୟମନ୍ତ୍ରୀ ଭାବେ ଦେଖିବାକୁ ଚାହାନ୍ତି ଏବଂ ଓଡ଼ିଶାରେ କେଉଁ ରାଜନୈତିକ ଦଳ ଶାସନକୁ ଆସିଲେ ଭଲ ହେବ ବୋଲି ଭାବୁଛନ୍ତି? କୋରାପୁଟରେ କଂଗ୍ରେସର ସପ୍ତଗିରି ଉଲାକା, ଝିନ୍ନ ହିକ୍କା ଓ କୌଶଲ୍ୟା ହିକ୍କାଙ୍କ ମଧ୍ୟରୁ ପସନ୍ଦ ଲାଗି କୁହାଗଲେ କାହାକୁ ବାଛିବେ। ରାଜ୍ୟ ସରକାରଙ୍କ ପକ୍ଷରୁ ରାଶନ କାର୍ଡ ମିଳିଛି କି ନାହିଁ ଏବଂ ଆଗାମୀ ନିର୍ବାଚନରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଜନତା କାହାକୁ ଚାହୁଁଛନ୍ତି ବୋଲି କଲ୍ ସେଣ୍ଟରଗୁଡ଼ିକରୁ ଫୋନ୍ ଆସୁଥିବା ଶୁଣିବାକୁ ମିଳୁଛି । ସେହିଭଳି ୨୦୧୯ ନିର୍ବାଚନରେ କାହାକୁ ଭୋଟ ଦେଇଥିଲେ ଏବଂ ଆଗାମୀ ନିର୍ବାଚନରେ କାହାକୁ ଭୋଟ ଦେବେ ବୋଲି ମଧ୍ୟ ପଚରାଯାଇଥିବା କେତେଜଣ ସୂଚନା ଦେଇଛନ୍ତି ।

ସେପଟେ ଜାନୁଆରୀ ୬ରେ ୨ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା କଂଗ୍ରେସର ନୂତନ ପ୍ରଭାରୀ ଅଜୟ କୁମାର କର୍ମୀଙ୍କୁ ସମ୍ବୋଧିତ କରି ସମ୍ମିଳନୀରେ କହିଥିଲେ, ଦଳକୁ ତୃଣମୂଳ ସ୍ତରରୁ ସଂଗଠିତ କରିବା ପାଇଁ ବୁଥ୍‌ସ୍ତରୀୟ ଓ ପଞ୍ଚାୟତସ୍ତରୀୟ କମିଟି ଗଠନ କରିବା ସହିତ ସେମାନଙ୍କ ସମ୍ପୂର୍ଣ୍ଣ ଠିକଣା ଏବଂ ମୋବାଇଲ ନମ୍ବର ବାଧ୍ୟତାମୂଳକ କରାଯାଇଛି । ଏହି ତଥ୍ୟ ମିଳିବା ପରେ କଲ୍ ସେଣ୍ଟରରୁ ସେମାନଙ୍କୁ ଫୋନ୍‌ରେ ସମ୍ପର୍କ କରାଯାଇ ସତ୍ୟାସତ୍ୟ ଅନୁସନ୍ଧାନ ସହିତ ଉପଯୁକ୍ତ ପ୍ରାର୍ଥୀ ଚୟନ କରିବା ପାଇଁ ମତାମତ ସଂଗ୍ରହ କରାଯିବ ବୋଲି ଅଜୟ କୁମାର କର୍ମୀଙ୍କୁ କହିଥିଲେ।

ମୋଟାମୋଟି କହିଲେ ସ୍ଥାନୀୟ ଅଞ୍ଚଳର ଜନତାଙ୍କ ମତାମତ ନେଇ ଦଳ ପ୍ରାର୍ଥୀ ଚୟନ କରିବା ଲାଗି ପ୍ରୟାସ କରୁଥିବା ଆଲୋଚନା ହେଉଛି।

# ରାଜ୍ୟ ପ୍ରଭାରୀଙ୍କୁ ଭେଟିଲେ ଗିରିଧରଙ୍କ ପରିବାର

## ରାୟଗଡ଼ା କଂଗ୍ରେସ ରାଜନୀତି ଚଳଚଞ୍ଚଳ

## ବିଜୟଙ୍କ ପାଇଁ କଣ୍ଟା ହୋଇପାରନ୍ତି ଗମାଙ୍ଗ

ଗୁଣପୁର, ୧୩।୧ (ପ୍ରଦୀପ କୁମାର ପାଢ଼ୀ)



ନୂଆଦିଲ୍ଲୀରେ ରାଜ୍ୟ ପ୍ରଭାରୀ ଅଜୟ କୁମାରଙ୍କ ସହ ଡ.ଗିରିଧରଙ୍କ ପରିବାର ।

ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗଙ୍କ ପରିବାର ଏବେ କଂଗ୍ରେସ ଶରଣରେ ପଶିଲା ଭଳି ସ୍ଥିତିରେ । ଗିରିଧରଙ୍କ ସ୍ତ୍ରୀ ତଥା ପୂର୍ବତନ ଏମ୍‌ପି ହେମା ଗମାଙ୍ଗ ଏବଂ ତାଙ୍କ ପୁଅ ଶିଶିର ଗମାଙ୍ଗ ଶନିବାର ନୂଆଦିଲ୍ଲୀଠାରେ ରାଜ୍ୟ ପ୍ରଭାରୀ ଅଜୟ କୁମାରଙ୍କୁ ଭେଟିଛନ୍ତି। ଏହି ଘଟଣା ରାୟଗଡ଼ା କଂଗ୍ରେସ ରାଜନୀତିକୁ ଚଳଚଞ୍ଚଳ କରିଛି। ଗିରିଧରଙ୍କ ପରିବାର କଂଗ୍ରେସରେ ମିଶିବା ପଥ ସୁଗମ ହେଉଥିବାବେଳେ ଜିଲା ସଭାପତି ତଥା ଗିରିଧରଙ୍କ ଭାଇ ବିଜୟ ଗମାଙ୍ଗଙ୍କ ପାଇଁ ସେମାନେ କଣ୍ଟା ସାଜିପାରନ୍ତି ବୋଲି ଆଲୋଚନା ହେଉଛି।

ଗିରିଧର ଗମାଙ୍ଗ କଂଗ୍ରେସ ଛାଡ଼ି ଭାଜପାରେ ମିଶିବା ଓ ପରେ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ଏବଂ ପୁଣି ତାଙ୍କ ପୁରୁଣା ଦଳକୁ ଫେରିବା ପାଇଁ ମନ ବଳାଇଛନ୍ତି। ସେହିପରି ତାଙ୍କ ସ୍ତ୍ରୀ କଂଗ୍ରେସ ଛାଡ଼ିବା ପରେ ବିଜେଡିରେ ସାମିଲ ହୋଇ ଲକ୍ଷ୍ମୀପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ହୋଇ ହାରିଯାଇଥିଲେ। ପରେ ବରିଷ୍ଠ ନେତାଙ୍କ ବିରୋଧରେ ବିଷୋଦ୍‌ଗାର କରି ବିଜେଡି ଛାଡ଼ିବା ସହ ଭାଜପାକୁ ସମର୍ଥନ ଜଣାଇଥିଲେ। ଶେଷରେ ସେ ମଧ୍ୟ ବିଆର୍‌ଏସ୍ ଏବଂ ବର୍ତ୍ତମାନ କଂଗ୍ରେସରେ ସାମିଲ ହେବା ପାଇଁ ଲାଗିପଡ଼ିଛନ୍ତି। ସେହିଭଳି ତାଙ୍କ ପୁଅ ଶିଶିର ଗମାଙ୍ଗ କଂଗ୍ରେସ ଛାଡ଼ିବା ପରେ ଭାଜପାର ରାଜ୍ୟ ସମ୍ପାଦକ ହୋଇଥିଲେ। ପରେ ସେ ୨୦୧୯ରେ ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ବିଧାୟକ ପ୍ରାର୍ଥୀ ହୋଇଥିଲେ। ଭାଜପାରେ ମଧ୍ୟ ସେ ବେଶି ଦିନ ତିଷ୍ଠି ପାରି ନ ଥିଲେ। ଶିଶିର ବିଆର୍‌ଏସ୍‌ରେ ମିଶିଥିଲେ । ଏବେ ସେହି ଦଳ ସହ ମୋହ ତୁଟାଇ ପୁଣି ଥରେ କଂଗ୍ରେସକୁ ଆପଣେଇବା ପାଇଁ କ୍ଷେତ୍ର ପ୍ରସ୍ତୁତ କରିଛନ୍ତି। ଗତ ୭ ତାରିଖରେ ହେମା ଗମାଙ୍ଗ ଏବଂ ତାଙ୍କ ପରିବାର କଂଗ୍ରେସରେ ସାମିଲ ହେବା ନେଇ ଚର୍ଚ୍ଚା ଚାଲିଥିଲ। ହେଲେ ସେମିତି କିଛି ହୋଇପାରି ନ ଥିଲା।

କିଛିଦିନର ନୀରବତା ପରେ ପୁଣି ଥରେ ଗମାଙ୍ଗ ପରିବାର ସକ୍ରିୟ ହୋଇଉଠିବା ଜିଲା ରାଜନୀତିକୁ ସରଗରମ କରିଛି। ସବୁ ଠିକ୍‌ଠାକ୍ ଘଟି ଯଦି ଗିରିଧରଙ୍କ ପରିବାର କଂଗ୍ରେସରେ ସାମିଲ ହୁଅନ୍ତି, ତେବେ ଜିଲା ସଭାପତି ବିଜୟ ଗମାଙ୍ଗଙ୍କ ଚିନ୍ତା ଆହୁରି ବଢ଼ିଯିବ। ସେମାନଙ୍କ ମିଶ୍ରଣ ବିଜୟଙ୍କ ପାଇଁ କଣ୍ଟା ହୋଇପାରେ ବୋଲି ବର୍ତ୍ତମାନ ଚର୍ଚ୍ଚାର ବିଷୟ ହୋଇଛି। ଏସବୁ ରାଜନୈତିକ ଘଟଣାକ୍ରମ ମଧ୍ୟରେ ସେମାନେ ଯଦି ଦଳରେ ସାମିଲ ହୁଅନ୍ତି ତେବେ ଦଳ ନ ଛାଡ଼ି କଂଗ୍ରେସରେ ରହି କାର୍ଯ୍ୟ କରୁଥିବା ବିଜୟଙ୍କ ସ୍ଥିତି କ'ଣ ହେବ ସେ ନେଇ ଆଲୋଚନା ହେଲାଣି। ବିଜୟଙ୍କ ଭବିଷ୍ୟତ ଓ ରଣନୀତି କ'ଣ ରହୁଛି ତାହା ଏବେ ଦେଖିବାକୁ ବାକି ରହିଲା। ଏନେଇ ଜିଲା ସଭାପତି ବିଜୟ ଗମାଙ୍ଗଙ୍କ ସହ ଯୋଗାଯୋଗ କରାଯିବାରୁ ଗିରିଧରଙ୍କ ପରିବାର ଦଳରେ ମିଶିବା ଖବର ତାଙ୍କ ନିକଟରେ ନାହିଁ, କିମ୍ବା ଆନୁଷ୍ଠାନିକ ଭାବେ କିଛି ଜଣାପଡ଼ି ନାହିଁ। ବର୍ତ୍ତମାନ ପରିସ୍ଥିତିରେ କୌଣସି ପ୍ରତିକ୍ରିୟା ଦେବା ଠିକ୍ ହେବ ନାହିଁ ବୋଲି ସେ କହିଛନ୍ତି।

# ଭତ୍ତା ବର୍ଣ୍ଟନ ବେଳେ ଉତ୍ତେଜନା

## ନିର୍ବାଚନ ପୂର୍ବରୁ ପତିଆରା ଜାହିର ଉଦ୍ୟମ

ଯୋଡ଼ା, ୧୩।୧ (ମାନସ ମହାନ୍ତି)

କେନ୍ଦୁଝର ଜିଲା ବାମେବାରି ଅଞ୍ଚଳରେ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ରାଜନୀତି ସରଗରମ ହେଲାଣି। ଅଞ୍ଚଳରେ ପୂର୍ବରୁ ନିଜସ୍ୱ ନାମରେ ଭତ୍ତା ବାଣ୍ଟି ରାଜ୍ୟରେ ଚର୍ଚ୍ଚାରେ ଥିବା ଜଣେ ପୂର୍ବତନ ବିଧାୟକ ପୁନଃ ଭତ୍ତା ବର୍ଣ୍ଟନ କରୁଥିବା ଦେଖିବାକୁ ମିଳିଛି। ଶନିବାର ହାଣ୍ଡିଭଙ୍ଗା, ଜାମୁପାଣି ଅଞ୍ଚଳରେ ସମ୍ପୃକ୍ତ ରାଜନେତା ଭତ୍ତା ବର୍ଣ୍ଟନ କରି ପତିଆର ଜାହିର କରିବାକୁ ଉଦ୍ୟମ କରୁଥିବା ବେଳେ ଏହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା।

ସୂଚନା ଅନୁଯାୟୀ, ଜଣେ ପୂର୍ବତନ ବିଧାୟକଙ୍କ କେତେଜଣ ସମର୍ଥକ ସମ୍ପୃକ୍ତ ଅଞ୍ଚଳରେ ନିଜସ୍ୱ ଭତ୍ତା ବାଣ୍ଟୁଥିଲେ। ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଭତ୍ତା ବର୍ଣ୍ଟନ ପରେ ଟଙ୍କା ସରିଯାଇଥିଲା। ଏହି ସମୟରେ ଟଙ୍କା ପାଇ ନ ଥିବା ଲୋକେ ଭତ୍ତା ଟଙ୍କା ଦେବାକୁ ଦାବି କରିଥିଲେ। ଫଳରେ ଭତ୍ତା ବାଣ୍ଟୁଥିବା ପୂର୍ବତନ ବିଧାୟକଙ୍କ ସମର୍ଥକ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ। ପରେ ଭତ୍ତା ପାଇଥିବା ଲୋକ ଏବଂ ଭତ୍ତା ପାଇ ନ ଥିବା ଲୋକଙ୍କ ମଧ୍ୟରେ କଳହ ଆରମ୍ଭ ହୋଇଥିଲା। ନିର୍ବାଚନ ଆଗରୁ ଭତ୍ତା ବର୍ଣ୍ଟନ ଭଳି କାର୍ଯ୍ୟ କରାଗଲେ ଆଗାମୀ ଦିନରେ ହିଂସାତ୍ମକ ସ୍ଥିତି ଉପୁଜିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏ ନେଇ ବାମେବାରି ଥାନା ଆଇଆଇସି ଦୀପ୍ତି ରଞ୍ଜନ ସାହୁ କହିଛନ୍ତି, ଘଟଣାଟି ଦୁର୍ଗମ ଅଞ୍ଚଳରେ ଘଟିଛି, ଉକ୍ତ ଅଞ୍ଚଳ ସହିତ ଯୋଗାଯୋଗ ପାଇଁ ଚେଷ୍ଟା ଚାଲିଛି। ପରବର୍ତ୍ତୀ ସମୟରେ ଏଥିପ୍ରତି ନଜର ରଖିବେ।

# ବିଜେଡିରେ ଭାଜପା ନେତା



ସୁନ୍ଦରଗଡ଼ର ଭାଜପା ନେତା ଡ. ହିମାଂଶୁ ଷଡ଼ଙ୍ଗୀ ନିଜ ସମର୍ଥକଙ୍କ ସହ ଶନିବାର ଭୁବନେଶ୍ୱରସ୍ଥିତ ଶଙ୍ଖଭବନରେ ବିଜେଡିରେ ସାମିଲ ହୋଇଛନ୍ତି।

ସୁନ୍ଦରଗଡ, ୧୩।୧ (ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡର ଯୁବନେତା, ପୂର୍ବତନ କାଉନସିଲର ତଥା ଭାଜପା ନେତା ଡ. ହିମାଂଶୁ ଷଡ଼ଙ୍ଗୀ ଶନିବାର ନିଜ ସମର୍ଥକଙ୍କ ସହ ବିଜେଡିରେ ସାମିଲ ହୋଇଛନ୍ତି। ଭୁବନେଶ୍ୱର ସ୍ଥିତ ଶଙ୍ଖ ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ ଓ ସୁନ୍ଦରଗଡର ପୂର୍ବତନ ବିଧାୟକ ଯୋଗେଶ ସିଂହଙ୍କ ଉପସ୍ଥିତିରେ ସେ ଦଳରେ ସାମିଲ ହୋଇଛନ୍ତି। ତାଙ୍କ ସମର୍ଥକ ପୂର୍ବତନ ଜିଲା ଭାଜପା ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ବୈକୁଣ୍ଠ ବନଛୋର, ମହେଶ ତନ୍ତୀ, ଅବନୀ ମିଶ୍ର, ନାଜିର ଅଲି ଶେଖ୍, ମହମ୍ମଦ ଆୟୁବ ପ୍ରମୁଖ ଶଙ୍ଖ ଧରିଛନ୍ତି। ସୁନ୍ଦରଗଡ ସହର ଓ ବିଭିନ୍ନ ବ୍ଲକରେ ଥିବା ସମସ୍ୟାର ସମାଧାନ ପାଇଁ ଲଢ଼େଇ କରି ଆସୁଥିବା ଏହି ଟିମ୍ ବିଜେଡିରେ ସାମିଲ ହେବାପରେ ଦଳ ଆହୁରି ଦୃଢ ହେବ ବୋଲି ପୂର୍ବତନ ବିଧାୟକ ଯୋଗେଶ ଆଶା ପ୍ରକଟ କରିଛନ୍ତି।

**OFFICE OF THE EXECUTIVE ENGINEER** No.O-2202
**RURAL WORKS DIVISION, BARGARH**
Email: rd_bgh@yahoo.co.in, Gmail: rwd.bgh@gmail.com
**e-Procurement Notice No. ONLINE-BGH- 18 OF 2023-24**

| | | | |
|---|---|---|---|
| 1 | Name of the Work | : | Building & Culvert works during 2023-24 in the district of Bargarh. |
| 2 | EMD | : | @ 1% of the estimated cost put to tender |
| 3 | Other details | : | As per DTCN |

| Procurement Officer | Bid Identification No. | Availability of Tender online for bidding | | Last Date & Time of Seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bargarh | ONLINE-BGH-18 OF 2023-24 | 19.01.2024 at 11.00 A.M. | 29.01.2024 upto 5.00 P.M. | 29.01.2024 up to 4.00 PM | 30.01.2024 at 11.00 A.M. |

Further details can be seen from the website **www.tendersorissa.gov.in**.
OIPR-25062/11/0019/2324 **Sd./- Executive Engineer, R.W. Division, Bargarh**

**ODISHA CONSTRUCTION CORPORATION LIMITED**
(A Govt. of Odisha Undertaking)
Unit - VIII, Bhubaneswar, e-mail: theoccltd@odishaconstruction.com,
GSTIN - 21AAACO2571K2ZM
No.CAD-3689: **CORRIGENDUM**
**e-Procurement Notice No. 53/OCCL/2023-24 (Online)**
Name of the Work : Execution of Micro Irrigation System of Lower Indra Irrigation Project under the Scheme CAD & WM, (Electrical Component)

1. The amount put to tender may be read as Rs.1086.82 lakhs in place of Rs.903.96 lakhs.
2. The Bid Security amount may be read as Rs.10.87 Lakhs in place of Rs.9.04 Lakhs.
3. The availability of tender (Online) & Submission of Tender (Online) may be read as from 16.01.2024 to 30.01.2024 in place of from 13.01.2024 to 29.01.2024.

Procurement Officer: Managing Director, OCC Ltd., Bhubaneswar
Date of Opening of the Technical Bid: 31.01.2024, 12.00 Noon
Further detail can be seen from the Govt. website **(www.tendersodisha.gov.in)**.
OIPR-34120/11/0068/2324 **Sd./- Managing Director**

**Government of Odisha** No.O-2218:
**e-Procurement Notice**
**Bid Identification No.Online Tender/18/SERW BALLIGUDA/2023-24**
**NATIONAL COMPETITIVE BIDDING THROUGH e-Procurement**
**E.Mail- rw_balliguda@yahoo.com**
**Name of the Work : CD Work- 1 No.**

1. Estimated Cost : Rs.58.08 Lakhs (Approximately)
2. Period of Completion : 2 (Two) Calendar Months
3. Date & Time of availability of Bid documents in the Portal : From 19.01.2024, 10.00 A.M. to 25.01.2024, 5.00 PM.
4. Last Date/Time for receipt of bids in the Portal : 25.01.2024,upto 5.00 PM
5. Last Date/Time for seeking of Tender clarification : 24.01.2024, upto 5.00 PM
6. Date & Time of opening of Technical Bid : 29.01.2024 at 11.00 AM
7. Date & Time of Opening of Financial Bid : 31.01.2024 at 11.00 AM
8. Name & Address of the Officer Inviting Bid : Superintending Engineer, R.W.Division, Balliguda

Further details, corrigendum(s) etc. can be seen from the e-procurement portal "https://www.tendersorissa.gov.in."
**Sd./- Superintending Engineer**
OIPR-25164/11/0020/2324 **Rural Works Division, Balliguda**

WATCO
**OFFICE OF THE GENERAL MANAGER, WATCO PROJECT DIVISION**
**Email: gmprojectsbp@gmail.com, Tel.No.0663-2411911**
**No.C-2353:** **e-Procurement Notice**
**Bid Identification No.27/Project/WATCO/SBP/2023-24, Dated.08.01.2024**

1. Name of the Work : Civil Sewerage Work
2. Estimated Cost : Varies approximately from Rs.6.12 lakhs to Rs.36.69 Lakhs for 7 (Seven) nos. of works
3. Period of Completion : Referred to DTCN
4. No. of Works : 7 (Seven) Nos.
5. Tender Paper Cost : Referred to DTCN
6. Class of Contractor : B, C & D Class
7. Date & Time of availability of bid document in the portal : 11.00 Hrs. of 16.01.2024 to 17.00 Hrs. of 23.01.2024.
8. Date of Opening of Bid : 12.30 Hrs. on dtd.24.01.2024
9. Name and Address of the O.I.T. : General Manager, WATCO Project Division, Sambalpur, At-40 MLD STP Campus, Bhatra, Dhanupalli, Sambalpur, 768005.

Further details can be seen from the e-Procurement portal "https://www.tendersorissa.gov.in."
**General Manager**
OIPR-13236/11/0014/2324 **WATCO Project Division, Sambalpur**

**OFFICE OF THE SUPERINTENDING ENGINEER**
**RURAL WORKS DIVISION, BALLIGUDA**
No.O-2217: **rw_balliguda@yahoo.com**
**Government of Odisha, e-Procurement Notice**
**Bid Identification No.Online Tender/17/SERWD BLG/2023-24**
**Letter No.283// RWDBLG** **Date:12.01.2024**

| | | | |
|---|---|---|---|
| 1 | Name of the Work | : | Road Works |
| 2 | Estimated Cost | : | Rs.32.00 Lakh |
| 3 | Period of Completion | : | 2 (Two) Calendar Months as per Annexure |
| 4 | Date & Time of availability of Bid documents in the Portal | : | From 19.01.2024 at 10.00 AM to 25.01.2024 upto 5.00 P.M. |
| 5 | Last Date/Time for receipt of Bids in the Portal | : | 25.01.2024 upto 5.00 PM |
| 6 | Name and Address of the Officer Inviting Bid | : | Superintending Engineer, Rural Works Division, Balliguda |

Further details can be seen from the e-Procurement portal website **https://www.tendersodisha.gov.in.**
**Sd./- Superintending Engineer**
OIPR-25164/11/0019/2324 **Rural Works Division, Balliguda**



# ମୋବାଇଲରେ କଏଦ ପରିକ୍ରମା ମାର୍ଗ ଅନୁଭୂତି

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଆସନ୍ତା ୧୭ତାରିଖରେ ହେବ। ତାହା ପୂର୍ବରୁ ଶ୍ରୀମନ୍ଦିର ଚୁତଃପାର୍ଶ୍ୱ ନବବଧୂ ପରି ସଜେଇ ହେଲାଣି। ବିଶେଷକରି ଶ୍ରୀମନ୍ଦିର ପରିକ୍ରମା ମାର୍ଗକୁ ସୁନ୍ଦର ସୁନ୍ଦର ଫୁଲରେ ସଜା ଯାଇଛି, ଯାହା ପରିକ୍ରମା ପ୍ରକଳ୍ପର ସୋନ୍ଦର୍ଯ୍ୟକୁ ଦୁଇଗୁଣିତ କରିଛି। ବିଶେଷ କରି ଇନର ମାର୍ଗରେ ଛୋଟ ଛୋଟ ସ୍ତମ୍ଭମାନ ନିର୍ମାଣ କରାଯାଇଛି। ଉକ୍ତ ସ୍ତମ୍ଭ ଉପରେ ବିଭିନ୍ନ ପ୍ରକାର ଭଳିକି ଭଳି ଫୁଲକୁଣ୍ଡ ସଜାଯାଇଛି। ଏହାକୁ ଦେଖି ଅନେକ ଭକ୍ତ ଓ ଶ୍ରଦ୍ଧାଳୁ ଫଟୋ ଉଠାଉଥିବା ଦେଖିବାକୁ ମିଳୁଛି। ଏପରିକି ଅନେକ ଭକ୍ତ ପରିକ୍ରମା ମାର୍ଗ ନିକଟରେ ବିଭିନ୍ନ ଭଜନରେ ନୃତ୍ୟ ପରିବେଷଣ କରିବା ସହ ସୁଖଦ ଅନୁଭୂତି ନେଇ ଫେରୁଛନ୍ତି। ସେହିପରି ଅନେକ ଭକ୍ତ ପୁରୀ ଆସି ପୁରୀର ଅନୁଭୂତିକୁ ନିଜ ମୋବାଇଲରେ କଏଦ କରିବା ସହ ଶ୍ରୀମନ୍ଦିର ନିକଟରେ ସେଲ୍ଫି ନେଉଥିବା ଦୃଶ୍ୟ ଦେଖିବାକୁ ମିଳୁଛି।



# ସୁଖଦ ଅନୁଭୂତି ଦେଉଛି ବୃନ୍ଦାବତୀ ଭକ୍ତ ନିବାସ

ମହାପ୍ରଭୁଙ୍କ ଦର୍ଶନ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଭକ୍ତମାନେ ପୁରୀକୁ ଆସିଥାନ୍ତି। ଧନୀ ହେଉ କି ଗରିବ ସମସ୍ତ ଭକ୍ତ ମହାପ୍ରଭୁଙ୍କ ଦର୍ଶନ କରି କୃତାର୍ଥ ହୋଇଥାନ୍ତି। ତେବେ ଦୂରଦୂରାନ୍ତରୁ ଆସୁଥିବା ଭକ୍ତ କିଛିଦିନ ପୁରୀରେ ରହି ମହାପ୍ରଭୁଙ୍କ ଆଶୀର୍ବାଦ ଲାଭ କରିବାକୁ ଚାହିଁଥାନ୍ତି। ଅନେକ ଧର୍ମଶାଳାରେ ରାତି ଯାପନ କରିଥାନ୍ତି। ହେଲେ ପରିକ୍ରମା ପ୍ରକଳ୍ପ ନିର୍ମାଣ ସମୟରେ ଅନେକ ମଠ ଓ ଧର୍ମଶାଳା ଉଚ୍ଛେଦ କରାଯାଇଥିଲା। ଅନେକ ଲୋକ ଅଧିକ ଟଙ୍କା ଦେଇ ହୋଟେଲରେ ରହିପାରୁ ନ ଥିଲେ। ତେଣୁ ଭକ୍ତଙ୍କ ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ଧର୍ମଶାଳା ଓ ଭକ୍ତନିବାସ ନିର୍ମାଣ କରାଯାଇଛି। ଫଳରେ ଭକ୍ତ ଓ ଭଗବାନଙ୍କ ମଝିରେ ଅର୍ଥ ସମସ୍ୟା ଏବେ ଆଉ ବାଧକ ହେଉନି। ଏହି ମହତ୍ ଲକ୍ଷ୍ୟ ନେଇ ପୁରୀରେ ଏକାଧିକ ପ୍ରକଳ୍ପ ଗଢ଼ିଉଠିଛି। ପାଖାପାଖି ବର୍ଷେ ହେବ ବୃନ୍ଦାବତୀ ନିବାସରେ ତୀର୍ଥ ଯାତ୍ରୀ ରହିଲେଣି। ଘରୋଇ ହୋଟେଲ ଓ ଲଜ୍ ଦରଠାରୁ ଏଠାକାର ଦର କମ୍ ରହିଛି। କେବଳ ଏତିକି ନୁହେଁ, ପୁରୀରେ ଶ୍ରଦ୍ଧାଳୁଙ୍କ ପାଇଁ ଅତ୍ୟାଧୁନିକ ସେବା ସୁବିଧା ସହ ଭକ୍ତନିବାସ ମଧ ନିର୍ମାଣ ହୋଇଛି। ନୀଳାଚଳ ଭକ୍ତନିବାସ, ନିଳାଦ୍ରୀ ଭକ୍ତ ନିବାସ, ପୁରୁଷୋତ୍ତମ ଭକ୍ତନିବାସ ଏବଂ ଶ୍ରୀଗୁଣ୍ଡିଚା ଭକ୍ତ ନିବାସ ଆଦି ରହିଛି। ନରେନ୍ଦ୍ର କୋଣଠାରେ ଭକ୍ତମାନଙ୍କ ସୁବିଧା ପାଇଁ ବୃନ୍ଦାବତୀ ଭକ୍ତନିବାସ ନିର୍ମାଣ କରାଯାଇଛି। ଏଠାରେ ଶଯ୍ୟା ପିଛା ମାତ୍ର ୨୮୦ ଟଙ୍କା ଦେଇ ଭକ୍ତଟିଏ ଗୋଟିଏ ଦିନ ରହଣିର ସୁବିଧା ପାଇପାରୁଛି। ୭ମହଲା ବିଶିଷ୍ଟ ଏହି କୋଠାରେ ମୋଟ ୧୧୮ଟି କକ୍ଷ ରହିଛି। ୧,୨୫୦ଟି ଶଯ୍ୟା ରହିଛି। କକ୍ଷର ଆକାର ଅନୁସାରେ ୬, ୮, ୧୦ ଏବଂ ୧୨ ଶଯ୍ୟା ପଡ଼ିଛି। ଉଭୟ ଅନ୍‌ଲାଇନ ଏବଂ ଅଫ୍‌ଲାଇନ୍‌ରେ ରୁମ୍ ବୁକିଂ ବ୍ୟବସ୍ଥା ଥିବାରୁ ପ୍ରତ୍ୟେକ ବର୍ଗର ଲୋକ ଏହାଦ୍ୱାରା ଉପକୃତ ହୋଇପାରୁଛନ୍ତି। ଅପରପକ୍ଷରେ କାର୍ତ୍ତିକ ମାସରେ ବ୍ରତ କରିବାକୁ ଆସୁଥିବା ହବିଷ୍ୟାଳିମାନେ ଏହିଠାରେ ରହି ହବିଷ କରିଥାନ୍ତି। ସେହିଭଳି ରଥଯାତ୍ରା ସମୟରେ ପୁରୀକୁ ସେବା ଯୋଗାଇବାକୁ ଆସୁଥିବା ପୋଲିସଙ୍କ ରହଣି ପାଇଁ ଏହି ନିବାସରେ ତୀର୍ଥଯାତ୍ରୀଙ୍କ ରହଣି ବାରଣ କରାଯାଇଛି। ବୃନ୍ଦାବତୀ ନିବାସ ନିର୍ମାଣରେ ପାଖାପାଖି ୪୦କୋଟି ଟଙ୍କା ବ୍ୟୟ ହୋଇଛି। ୨୪ ଘଣ୍ଟିଆ ଲିଫ୍ଟ, ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ହୋଇଛି। ନିରବଚ୍ଛିନ୍ନ ବିଦ୍ୟୁତ୍‌ସେବା ପାଇଁ ଉଚ୍ଚ କ୍ଷମତାସମ୍ପର୍ନ୍ନ ଡିଜି ସେଟ୍ ରହିଛି। ଅଗ୍ନି ନିର୍ବାପନ ବ୍ୟବସ୍ଥାକୁ ବିଶେଷ ଧ୍ୟାନ ଦିଆଯାଇଛି। ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପାଇଁ ଜାନୁଆରୀ ୧୦ନ୍‌ରୁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଏଠାରେ ପୋଲିସ କର୍ମଚାରୀଙ୍କ ରହଣି ବ୍ୟବସ୍ଥା ହୋଇଛି।



# ସୁବିଧା ହେଉଛି ବହୁତଳ କାର୍ ପାର୍କିଂ

ମହାପ୍ରଭୁ ଜଗନ୍ନାଥଙ୍କୁ ସ୍ୱଚକ୍ଷୁରେ ଦର୍ଶନ କରିବାକୁ ପୃଥିବୀର କୋଣ ଅନୁକୋଣରୁ ପ୍ରତିଦିନ ବହୁ ଶ୍ରଦ୍ଧାଳୁ ପୁରୀ ଆସିଥାନ୍ତି। ତେବେ ଭକ୍ତମାନେ କିପରି ମହାପ୍ରଭୁଙ୍କ ଶୃଙ୍ଖଳିତ ଦର୍ଶନ କରିପାରିବେ ସେଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅବଢ଼ା(ଅଗ୍‌ମେଣ୍ଟେଶନ ବେସିକ ଏମିନିଟିଜ୍ ଆଣ୍ଡ ଡେଭେଲପ୍‌ମେଣ୍ଟ ଅଫ୍ ହେରିଟେଜ୍ ଆଣ୍ଡ ଆର୍କିଟେକ୍ଚର) ଯୋଜନାରେ ୨୨ଟି ପ୍ରକଳ୍ପ ପାଇଁ ୩୨ଶହ କୋଟି ଟଙ୍କା ଦେଇଛନ୍ତି। ଏଥିରେ ଶ୍ରୀକ୍ଷେତ୍ରର ପ୍ରମୁଖ ପ୍ରବେଶସ୍ଥଳ ଜେଲ ରୋଡରେ ନିର୍ମାଣ କରାଯାଇଛି ବହୁତଳ କାର୍ ପାର୍କିଂ(ମଲ୍‌ଟି ଲେଭଲ୍ କାର୍ ପାର୍କିଂ)। ୩.୫ଏକର ଜମିରେ ନିର୍ମିତ ଏହି ମଲ୍ଟି ଲେଭଲ୍ କାର୍ ପାର୍କିଂ ପାଇଁ ଖର୍ଚ୍ଚ ହୋଇଛି ୮୧କୋଟି ୬୩ ଲକ୍ଷ ଟଙ୍କା। ଏହାର ଲୋୟର ଗ୍ରାଉଣ୍ଡରେ ଏକକାଳୀନ ୫୦୦ ଦୁଇଚକିଆ ଗାଡ଼ି, ପ୍ରଥମ ମହଲାରେ ୨୫୦ ଓ ଦ୍ୱିତୀୟ ମହଲାରେ ୨୫୦ ମୋଟ ୫୦୦ ଚାରିଚକିଆ ଗାଡ଼ି ରହିପାରିବ। ଚାରି ଚକିଆ ୪ ଘଣ୍ଟା ପାଇଁ ୫୦ ଟଙ୍କା, ୨ ଚକିଆ ୨୦ ଟଙ୍କା ଓ ତିନିଚକିଆ ପାଇଁ ୩୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଯାତ୍ରୀଙ୍କ କିଣାକିଣି ପାଇଁ ୩୫୦ ଦୋକାନ ଘର କରାଯାଇଛି। ପାର୍କିଂରେ ଗାଡ଼ି ରଖିବା ପରେ ପୁରୀର ହାତ ତିଆରି ସାମଗ୍ରୀ ସହ ଅନ୍ୟାନ୍ୟ ସାମଗ୍ରୀ କିଣିବାର ସୁଯୋଗ ଯାତ୍ରୀମାନେ ପାଇପାରିବେ। ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ ସହ ପ୍ରତି ମହଲାରେ ପୁରୁଷ ଓ ମହିଳାଙ୍କ ଲାଗି ଉଚ୍ଚମାନର ଶୌଚାଳୟ ନିର୍ମାଣ କରାଯାଇଛି। ଏଠାରେ ଯାତ୍ରୀଙ୍କ ପାଇଁ ୫ଟି ଲିଫ୍ଟ ରହିଛି। ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ, ନିରବଚ୍ଛିନ୍ନ ବିଜୁଳି ପାଇଁ ଡିଜି ଓ ସୋଲାର ପ୍ୟାନେଲ୍, ଅଗ୍ନି ନିରାପତ୍ତା, ପବ୍ଲିକ୍ ଆଡ୍ରେସିଂ ଏରିଆ, ଚାରିପାଖରେ ପାର୍କର ସୁବିଧା ରହିଛି। ପୂରା କୋଠାକୁ ଖଣ୍ଡୋଲାଇଟ୍ ପଥର ଲଗାଯାଇ ଏହାକୁ ରଙ୍ଗିନ ଆଲୋକରେ ସଜ୍ଜା ଯାଇଛି। ଗାଡ଼ି ରଖିବା ପରେ ଯାତ୍ରୀଙ୍କୁ ଶ୍ରୀମନ୍ଦିର ନେବା ପାଇଁ ୫ଟି ଦେୟମୁକ୍ତ ବିଦ୍ୟୁତ୍‌ଚାଳିତ ଗାଡ଼ି ରଖାଯାଇଛି।



## ସରକାର ଭଲ କାମ କରିଛନ୍ତି

ବର୍ଷକୁ ମୁଁ ଅତିକମ୍‌ରେ ୫ଥର ପୁରୀ ଆସୁଛି। ପ୍ରତିଥର ଗାଡ଼ି ରଖିବା ପାଇଁ ସମସ୍ୟାରେ ପଡ଼ିଥାଏ। ବେଳେବେଳେ ରାସ୍ତାକଡ଼ରେ, ବାହାରେ ଗାଡ଼ି ପାର୍କିଂ କରି ଯିବାକୁ ପଡ଼େ। ତେଣୁ ଗାଡ଼ି ଚୋରି ହେବାର ଭୟ ଥାଏ। ଏବେ ସରକାର ଭଲ କାମ କରିଛନ୍ତି। ଗାଡ଼ି ପାର୍କିଂ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି। ଛାତ ତଳେ ଏବଂ ସୁରକ୍ଷା କର୍ମୀଙ୍କ ସୁରକ୍ଷାରେ ଗାଡ଼ି ପାର୍କିଂ କରି ବିନା ଭୟରେ ଆମେ ଠାକୁରଙ୍କ ଦର୍ଶନ କରି ଫେରିଲୁ।

- ଅରୁଣ ଭଞ୍ଜରାୟ, ଭଦ୍ରକ

## ମାଗଣାରେ ଯିବା-ଆସିବା

ସରକାର ଜନସାଧାରଣଙ୍କ ପାଇଁ ଉଚ୍ଚସ୍ତରୀୟ ସେବା ଯୋଗାଇ ଦେଉଛନ୍ତି। ଆମେ ଜେଲ ରୋଡ୍ ପାର୍କିଂରେ ଗାଡ଼ି ରଖିବା ପରେ କେମିତି ମନ୍ଦିର ନିକଟକୁ ଯିବୁ ଚିନ୍ତାରେ ଥିଲୁ। କିନ୍ତୁ ଏଠି ବିଦ୍ୟୁତ୍‌ଚାଳିତ ଗାଡ଼ିରେ ଦେୟମୁକ୍ତ ସେବା ଯୋଗାଇ ଦିଆଯାଉଛି ଜାଣି ନ ଥିଲି। ଏଠାରେ ଥିବା କର୍ମଚାରୀମାନେ ଆମକୁ ମାଗଣାରେ ମନ୍ଦିର ପାଖକୁ ନେଲେ ଓ ଆଣି ଛାଡ଼ିଲେ। ବହୁତ ଭଲ ପଦକ୍ଷେପ।

- ଦୀପ୍ତି ନାୟକ, ଭୁବନେଶ୍ୱର

## ଯାତ୍ରୀଙ୍କୁ ଉଚ୍ଚସ୍ତରୀୟ ସେବା

କିଛି ବର୍ଷ ଭିତରେ ପୁରୀ ସମ୍ପୂର୍ଣ୍ଣ ବଦଳି ଯାଇଛି। ଯାତ୍ରୀଙ୍କ ପାଇଁ ସବୁପ୍ରକାର ସୁବିଧା କରାଯାଇଛି। ମୋର ପ୍ରଥମ ଅନୁଭୂତି ବହୁତ ଭଲ ଥିଲା। ଆମେ ପାର୍କିଂରେ ଗାଡ଼ି ରଖିଥିଲୁ। ସେଠାରେ ସିସିଟିଭି ଲାଗିଥିଲା ଓ ସୁରକ୍ଷାକର୍ମୀ ଗାଡ଼ିକୁ ଜଗି ରହୁଥିଲେ। ପିଇବା ପାଣି, ଶୌଚାଳୟର ବ୍ୟବସ୍ଥା ଦେଖି ମନ ଖୁସି ହୋଇଗଲା। ବାହାରକୁ ଆସିବା ମାତ୍ରେ ବିଦ୍ୟୁତ୍‌ଚାଳିତ ଗାଡ଼ିରେ ମନ୍ଦିର ନେଇଗଲେ। ସତରେ ଏଭଳି ଉଚ୍ଚସ୍ତରୀୟ ସେବା ଆଉ କେଉଁଠି ମିଳେନାହିଁ।

- କପିଳେଶ୍ୱର ସାହୁ, ରାଜଗାଙ୍ଗପୁର

# ଭକ୍ତଶୂନ୍ୟ ରଥଯାତ୍ରାର ଝଲକ୍ ଦେଖିବେ

୨୦୨୦ ମସିହା କଥା...। କୋଭିଡ୍‌ର ଭୟ ସାଙ୍ଗକୁ ଜୀବନ, ମରଣ ଲଢ଼େଇ ଭିତରେ ଗଡ଼ିଥିଲା କାଳିଆ ସାଆନ୍ତଙ୍କ ରଥ। ଆଇନଗତ ଲଢ଼େଇ ମଧ୍ୟରେ କେମିତି ୨୦୨୦ର ଭକ୍ତଶୂନ୍ୟ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା, ତାହାର ଝଲକ ପୁଣିଥରେ ଦେଖିବାକୁ ପାଇବେ ଭକ୍ତ। କୋଭିଡ୍ ସମୟରେ ରଥଯାତ୍ରା ନ କରିବାକୁ ନିଷ୍ପତ୍ତି ନିଆଯାଇଥିବାବେଳେ। ଶେଷ ମୁହୂର୍ତ୍ତରେ ଭକ୍ତର ମାନ କିପରି ରହିଥିଲା। ସବୁ ଆଇନର ଶିକୁଳି ଛିଣ୍ଡାଇ ଗଡ଼ିଥିଲା ମହାପ୍ରଭୁଙ୍କ ରଥ। ଶ୍ରୀମନ୍ଦିର ଛାଡ଼ି ବଡ଼ଦାଣ୍ଡକୁ ଓହ୍ଲାଇ ଆସିଲେ ଭାବବିନୋଦିଆ। ସେ ବିଶ୍ୱନିୟନ୍ତା, ଜଗତ ଠାକୁର। ଜନ୍ମବେଦିକୁ ନବଦିନାତ୍ମକ ଯାତ୍ରା କରିଥିଲେ ମହାପ୍ରଭୁ। ଏକ ଆବେଗମୟ ମୁହୂର୍ତ୍ତର ପରିସମାପ୍ତି ଘଟିଥିଲା। ହେଲେ ରଥାରୂଢ଼ ଠାକୁରଙ୍କୁ ଦର୍ଶନ କରିପାରି ନ ଥିଲେ ଭକ୍ତ। ବିନାଭକ୍ତରେ ବଡ଼ଦାଣ୍ଡରେ ଗଡ଼ିଥିଲା ତିନିରଥ। ସେବାୟତମାନେ ଟାଣିଥିଲେ ରଥ। ପ୍ରଚଣ୍ଡ ତାତି ସତ୍ତ୍ୱେ ଘରଘର ନାଦରେ ଗଡ଼ିଥିଲା ତିନିରଥ। ୨୦୨୦ର ଏହି ସ୍ମରଣୀୟ ରଥଯାତ୍ରାକୁ ଏବେ ଭକ୍ତଙ୍କ ସମ୍ମୁଖକୁ ଅଣାଯିବ। ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଅବସରରେ ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନରେ ଏହାକୁ ଦେଖିପାରିବେ ଅତିଥି ଏବଂ ଶ୍ରଦ୍ଧାଳୁ। ଏଥିପାଇଁ ବୃହତ୍ ଏଲ୍‌ଇଡି ଲଗାଯାଉଥିବା ବେଳେ ଏଥିରେ ୨୦୨୦ ରଥଯାତ୍ରାର ଫଟୋଚିତ୍ର ଓ ତଥ୍ୟାବଳୀ ପ୍ରଦର୍ଶିତ ହେବ।



# ଶ୍ରୀକ୍ଷେତ୍ର ଅନୁଭୂତି

## ଇତିହାସରେ ସ୍ୱର୍ଣ୍ଣାକ୍ଷର ହୋଇ ରହିବ



"ପରିକ୍ରମା ମାର୍ଗ ଓ ପ୍ରାଚୀର ନିର୍ମାଣ କାର୍ଯ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ନିର୍ମିତ ହୋଇଛି ବୋଲି ଇତିହାସରେ ସ୍ୱର୍ଣ୍ଣାକ୍ଷର ହୋଇରହିବ। ସେ କଳା, ସଂସ୍କୃତି, ପରମ୍ପରାକୁ ବଜାୟ ରଖିଛନ୍ତି ଓ ଚିତ୍ରଶିଳ୍ପୀଙ୍କୁ ଅଗ୍ରାଧିକାର ଦେବା ଦ୍ୱାରା ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ବେଶ୍ ଖୁସି ହୋଇପାରୁଛନ୍ତି। ପରିକ୍ରମା ମାର୍ଗରେ ଭଜନ, କୀର୍ତ୍ତନ, ଜଣାଣ କରିପାରିବା ସହ ଦୂରରୁ ଶ୍ରୀମନ୍ଦିରର ସୁନ୍ଦରତାକୁ ଭକ୍ତମାନେ ଉପଭୋଗ କରିପାରିବେ ବୋଲି ମୁଁ ଆଶା କରୁଛି। ଏହି ପ୍ରତିଷ୍ଠାରେ ଅନେକ ଦେବତୁଲ୍ୟ ଗୁରୁ ବ୍ରାହ୍ମଣ ସାଧୁସନ୍ଥ ଏକ ସମୟରେ ଏକତ୍ରିତ ହେବା ଏହା ଆମ ଶ୍ରୀକ୍ଷେତ୍ର ପାଇଁ ଏକ ଶୁଭସଙ୍କେତ ତଥା ଶୁଭପ୍ରଦ ହେବ ବୋଲି ମୁଁ ଆଶାୟୀ।

**- ଦୁର୍ଗାମାଧବ କର, ଅଧକ୍ଷ, ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟ, ପୁରୀ**

## ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ



"ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରର ତୃତୀୟ ବେଢ଼ା ତିଆରି କରି ମୁଖ୍ୟମନ୍ତ୍ରୀ ଏକ ନୂତନ ଇତିହାସ ସୃଷ୍ଟି କରିଛନ୍ତି, ଯାହା ପୁରୀ ଶ୍ରୀମନ୍ଦିର ସହିତ ସହରର ମଧ ସୌନ୍ଦର୍ଯ୍ୟ ବଢ଼ାଇ ଦେଉଛି। ଭକ୍ତମାନଙ୍କ ଆଗମନ ଏବଂ ଶୃଙ୍ଖଳିତ ଦର୍ଶନକୁ ନଜରରେ, ମୁଖ୍ୟମନ୍ତ୍ରୀ ଯେଉଁସବୁ କାମ କରିଛନ୍ତି ସେଥିପାଇଁ ମୁଁ ବହୁତ୍ ଖୁସି। ଆଉ ମୋ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଉଛି।

**- କୀର୍ତ୍ତି ଦଇତାପତି, ସେବାୟତ**

## ଅର୍ଥନୈତିକ ପ୍ରଗତି ପଥରେ ଐତିହ୍ୟ କରିଡର



"ଐତିହ୍ୟ କରିଡର ନିର୍ମାଣ ପରେ ପୁରୀକୁ ଆଶାତୀତ ଭାବେ ଭକ୍ତ ଓ ପର୍ଯ୍ୟଟକଙ୍କ ସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ପୁରୀରେ ଆରମ୍ଭ ହେଲାଣି ବିଶ୍ୱସ୍ତରୀୟ ରେଳଷ୍ଟେଶନ ଓ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର। ଆଗକୁ ଶରଧାବାଲିର ସୌନ୍ଦର୍ଯ୍ୟକରଣ, ଗୁଣ୍ଡିଚା ମନ୍ଦିରରେ ଲେଜର ଶୋ', ଆମିଷମୁକ୍ତ ବଡ଼ଦାଣ୍ଡ, ସ୍ୱତନ୍ତ୍ର ପୋଲିସ ବାଟାଲିୟନ ମାଧମରେ ମୋବାଇଲମୁକ୍ତ ଶ୍ରୀମନ୍ଦିର, ସୁଦୃଶ୍ୟ ଭଜନମଣ୍ଡପ ଓ ଶ୍ରୀମନ୍ଦିର ଏଫ୍‌ଏମ୍ ରେଡିଓ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ସରକାରଙ୍କ ଏହି ପ୍ରୟାସରେ ପୁରୀର ଆଶାତୀତ ଅର୍ଥନୈତିକ ପ୍ରଗତି ହେବ। ସରକାରଙ୍କ ଏହି ଯୋଜନାର ସଫଳତା ପଛରେ ପୁରୀର ସ୍ଥାୟୀ ବାସିନ୍ଦାଙ୍କ ତ୍ୟାଗ ଓ ସହନଶୀଳତାକୁ ଏ ଜାତି ଚିରକାଳ ସ୍ମରଣ ରହିବ।

**- ବଦ୍ରି ମିଶ୍ର, କଥାକାର ଓ ଗୀତିକାର**

## ପରିକ୍ରମା ପ୍ରକଳ୍ପ ସ୍ୱାଗତଯୋଗ୍ୟ



"ପିଲାବେଳେ ଅନେକ ଥର ଘର ଲୋକଙ୍କ ସହ ପୁରୀ ବୁଲିବାକୁ ଆସିବା ସହ ମହାପ୍ରଭୁଙ୍କ ଦର୍ଶନ କରିଛି। ତେବେ ଏବେ ଯେତେବେଳେ ସମୟ ହୁଏ ମହାପ୍ରଭୁଙ୍କ ଦର୍ଶନ ପାଇଁ ସାଙ୍ଗ ସାଥିଙ୍କ ସହ ପୁରୀ ବୁଲିବାକୁ ଚାଲିଆସେ। ଦିନକୁ ଦିନ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ଉଚ୍ଚ କୋଟିର ହେଉଛି, ଫଳରେ ଦର୍ଶନ କରିବାକୁ ସେତେଟା ସମସ୍ୟା ହେଉନି। ଆଗରୁ ଘଣ୍ଟା ଘଣ୍ଟା ଧରି ଠିଆ ହେବାକୁ ପଡୁଥିଲା। ଏବେ ସେ ସମସ୍ୟା ଦୂର ହୋଇଛି। ପରିକ୍ରମା ମାର୍ଗ ଲୋକାର୍ପଣ ପରେ ଆହୁରି ମଧ ଭକ୍ତମାନେ ସୁବିଧା ପାଇବେ। ସରକାରଙ୍କ ତରଫରୁ ଯେଉଁ ପରିକ୍ରମା ପ୍ରକଳ୍ପ ବ୍ୟବସ୍ଥା ଗ୍ରହଣ କରାଯାଉଛି, ତାହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ।

**- ରୁଦ୍ର ପଟ୍ଟନାୟକ, କଣାସ**

## ମହାପ୍ରଭୁଙ୍କ କାର୍ଯ୍ୟ କରି ଆନନ୍ଦିତ



"ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ହେଉଥିବା କାର୍ଯ୍ୟରେ ସାମିଲ ହୋଇ ବହୁତ ଖୁସି ଅନୁଭବ ହେଉଛି। ଭାଗ୍ୟରେ ଥିଲେ ମହାପ୍ରଭୁଙ୍କ କାର୍ଯ୍ୟ କରିବାର ସୁଯୋଗ ମିଳିଥାଏ। ମହାପ୍ରଭୁଙ୍କ କୃପାରୁ ଚିତ୍ରକାର ସେବକ ପରିବାରେ ଜନ୍ମ ନେଇଛି। ତେବେ ଚିତ୍ରକଳା ସହ ପଥର କାର୍ଯ୍ୟ ମଧ କରେ। ପରିକ୍ରମା ମାର୍ଗରେ ହେଉଥିବା ପଥର କାର୍ଯ୍ୟ କରିବାର ସୁଯୋଗ ପାଇଥିଲି। ଖଣ୍ଡୋଲାଇଟ ପଥରରେ ସମସ୍ତ କାର୍ଯ୍ୟ କରାଯାଇଛି। ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସରିବା ନେଇ ଆଶାଙ୍କା ଦେଖାଦେଇଥିଲା। ତେବେ ମହାପ୍ରଭୁଙ୍କ କୃପାରୁ କାର୍ଯ୍ୟ ଠିକ୍ ସମୟରେ ସରିଛି। ମୋ ଅଧୀନରେ ୨୦ଜଣ କାରିଗର ପଥର କାର୍ଯ୍ୟ କରୁଥିଲେ। ତେବେ ମହାପ୍ରଭୁଙ୍କ କାର୍ଯ୍ୟ କରି ବେଶ୍ ଖୁସି ଅନୁଭବ ହେଉଛି। ଗୁଣ୍ଡିଚି ମୂଷା ପରି ମହାପ୍ରଭୁଙ୍କ କାର୍ଯ୍ୟରେ ସାମିଲ ହୋଇ ବେଶ ଆନନ୍ଦ ଲାଗୁଛି।

**- ବିକ୍ରମ ମହାରଣା, ପଥର ଶିଳ୍ପୀ**







# ୪ ଦ୍ୱାରରେ ବେଦ ପାଠ

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ୧୭ ତାରିଖରେ ହେବାକୁ ଥିବାବେଳେ ଶୁକ୍ରବାର ଗଜପତି ମହାରାଜା ରାଜନଅରରେ ବ୍ରାହ୍ମଣ ବରଣ କରିଛନ୍ତି। ଏହାପରେ ଅଙ୍କୁରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଲୋକାର୍ପଣର ଆଦ୍ୟପର୍ବ ଆରମ୍ଭ ହୋଇଛି। ଆସନ୍ତା ୧୫ ତାରିଖଠାରୁ ବିଧିବଦ୍ଧ ଭାବେ ଯଜ୍ଞ କାର୍ଯ୍ୟ ଆରମ୍ଭ ହେବ। ତେବେ ଯଜ୍ଞ ମଣ୍ଡପଠାରୁ ଆରମ୍ଭ କରି ଶ୍ରୀମନ୍ଦିର ଚାରିପାଖରେ ଥିବା ବେଦପାଠ ପାରାୟଣ ମଣ୍ଡପ ସମ୍ପୂର୍ଣ୍ଣ ଭାବରେ ପ୍ରସ୍ତୁତ ହୋଇରହିଛି। ମଣ୍ଡପଗୁଡ଼ିକ ବିଭିନ୍ନ ଫୁଲ ସଜାକୁ ପାରମ୍ପରିକ ଝୋଟି ଚିତାରେ ଝଲସୁଛି। ଯଜ୍ଞବେଦି ଉପରେ କଳସ ଓ ଓଲଟ ଶୁଆ ଲଗାଯାଇଛି। ଅପରପକ୍ଷରେ ଶ୍ରୀମନ୍ଦିର ଚାରିଦ୍ୱାରରେ ବ୍ରାହ୍ମଣମାନଙ୍କ ଦ୍ୱାରା ବେଦପାଠ କରାଯିବ। ଏଥିପାଇଁ ବେଦ ପାରାୟଣ ମଣ୍ଡପ ସମ୍ପୂର୍ଣ୍ଣ ଭାବରେ ପ୍ରସ୍ତୁତ ରହିଛି। ଶ୍ରୀମନ୍ଦିର ପୂର୍ବଦ୍ୱାର ବା ସିଂହଦ୍ୱାର ନିକଟରେ ଋଗ୍‌ବେଦ, ଦକ୍ଷିଣଦ୍ୱାର ବା ଘୋଡ଼ାଦ୍ୱାର ନିକଟରେ ଯଜୁର୍ବେଦ, ପଶ୍ଚିମ ଦ୍ୱାର ବା ବ୍ୟାଘ୍ର ଦ୍ୱାର ନିକଟରେ ସାମବେଦ ଏବଂ ଉତ୍ତରଦ୍ୱାର ବା ହସ୍ତୀ ଦ୍ୱାର ନିକଟରେ ଅଥର୍ବବେଦ ପାଠ କରାଯିବ। ଏଥିପାଇଁ ପ୍ରଶାସନ ପକ୍ଷରୁ ମଣ୍ଡପ ଗୁଡ଼ିକୁ ପ୍ରସ୍ତୁତ କରାଯାଇଛି।







# ପାରମ୍ପରିକ ସମରକଳାରେ କମ୍ପିଲା ବଡ଼ଦାଣ୍ଡ

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଆସନ୍ତା ୧୭ ତାରିଖରେ ଅନୁଷ୍ଠିତ ହେବ, ଯାହାକୁ ନେଇ ଭକ୍ତଙ୍କଠାରୁ ଆରମ୍ଭ କରି ସେବାୟତ, ପ୍ରଶାସନ ବେଶ୍ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି। ତେବେ ପୁରୀର ଐତିହ୍ୟ ଓ ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ପ୍ରଶାସନ ପକ୍ଷରୁ ଏହି ଅବସରରେ ଏକ ନିଆରା ପଦକ୍ଷପ ନିଆଯାଇଛି। ପ୍ରଶାସନ ପକ୍ଷରୁ ପୁରୀର ଆଠସାହି ଆଖଡ଼ାରୁ ପ୍ର୍ୟତେକ ଦିନ ସନ୍ଧ୍ୟାରେ ପାରମ୍ପରିକ ସମରକଳା ସାହିଯାତର ଶୋଭାଯାତ୍ରା ପରିବେଷଣ କରାଯାଇଛି। ସିଂହଦ୍ୱାରଠାରୁ ଆରମ୍ଭ କରି ଜଗନ୍ନାଥ ବଲ୍ଲଭ ପର୍ଯ୍ୟନ୍ତ ଏହି ଶୋଭାଯାତ୍ରା ବଡ଼ଦାଣ୍ଡରେ ନାନାଦି ପ୍ରକାର ନୃତ୍ୟ ଓ ସମରକଳା ପ୍ରଦର୍ଶନ କରାଯାଇଛି। ଏହି ନୃତ୍ୟ ଓ ସମର କଳା ମାଧମରେ ପୁରୀକୁ ଆସୁଥିବ ଭକ୍ତଙ୍କୁ ସ୍ୱାଗତ କରାଯିବା ସହ ଆମ୍ଭର ଲୋକ କଳାକୁ ପ୍ରଦର୍ଶନ କରିବା ଲକ୍ଷ୍ୟ ରହିଛି। ଶନିବାର ପ୍ରଥମ ଦିନରେ କାଳିକା ଦେବୀସାହି ଓ ମାଟି ମଣ୍ଡପସାହି ଉତ୍ତର କାଳୀ ଆଖଡ଼ାରୁ ଏହି ଯାତ୍ରା ବାହାରିଥିଲା। ଶନିବାର ସନ୍ଧ୍ୟାରେ ପୁରୀର ଆଠସାହି ଆଖଡ଼ା ମଧ୍ୟରୁ କାଳିକା ଦେବୀ ସାହି ଓ ମାଟି ମଣ୍ଡପସାହି ପକ୍ଷରୁ ସେମାନଙ୍କ ସାଂସ୍କୃତିକ ଓ ସମରକଳା ପ୍ରଦର୍ଶନ କରାଯାଇଛି। ପୁରୀର ଆଖଡ଼ା ଓ ଜାଗା ଘରର ସଂସ୍କୃତି ବହୁ ପ୍ରାଚୀନ। ଏହି ଆଖଡ଼ା ଓ ଜାଗା ଘରର ପ୍ରଶିକ୍ଷିତ ସଦସ୍ୟମାନେ ଶ୍ରୀମନ୍ଦିରକୁ ବାହ୍ୟ ଆକ୍ରମଣରୁ ସୁରକ୍ଷା ଦେବା ପାଇଁ ନିୟୋଜିତ ଥିଲେ। ବିଭିନ୍ନ ସମରକଳାରେ ପ୍ରଶିକ୍ଷିତ ଓ ସମୃଦ୍ଧ ଏହି ଜାଗା ଘର ସେନା ଭାବେ କାର୍ଯ୍ୟ କରୁଥିଲେ। ସେହି ପାରମ୍ପରିକ କଳା ଓ ଐତିହ୍ୟକୁ ବଞ୍ଚାଇ ରଖିବାକୁ ସରକାର ଓ ପ୍ରଶାସନ ସହଯୋଗ ମଧ କରୁଛନ୍ତି। ତାହାର ପୁନରୁଦ୍ଧାର ଓ ବିଭିନ୍ନ ଆବଶ୍ୟକ ଉପକରଣ ଦ୍ୱାରା ଜାଗା ଘରଗୁଡ଼ିକ ତାହାର ଐତିହ୍ୟକୁ ସମୃଦ୍ଧ କରିପାରିଛି। ସମାରୋହରେ ନାଗା, ଦୁର୍ଗା, କାଳୀ, ପଞ୍ଚମୁଖୀ ହନୁମାନ, ନବଶିରା, ଗଣେଶ ମେଢ଼ ସହ ଘୋଡାନାଚ, ବାଘନାଚ, ଓଡିଶୀ, ଘଣ୍ଟ, ସଂକୀର୍ତ୍ତନ ଇତ୍ୟାଦି ସାମିଲ ହୋଇଥିଲା। ଉଭୟ ସାହି ସେମାନଙ୍କ ନିଜ ସାହି ପରିକ୍ରମା କରି ସିଂହଦ୍ୱାରରେ ପହଞ୍ଚିଥିଲେ।



# ଫଳକରେ ଚାରିଦ୍ୱାର ନାମକରଣ

ସନାତନ ଧର୍ମର ଚାରିଧାମ ମଧ୍ୟରେ ଶ୍ରୀକ୍ଷେତ୍ର ପୁରୀ ହେଉଛି ପ୍ରମୁଖ ଧାମ। ମହାପ୍ରଭୁଙ୍କ ଦର୍ଶନ କରିବା ପାଇଁ ପ୍ରତ୍ୟେକ ଦିନ ଲକ୍ଷାଧିକ ଭକ୍ତଙ୍କ ଶ୍ରୀକ୍ଷେତ୍ରରେ ସମାଗମ ହୋଇଥାଏ। ତେଣୁ ଭକ୍ତଙ୍କ ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ପରିକ୍ରମା ମାର୍ଗ ନିର୍ମାଣ କରାଯାଇଛି। ଭକ୍ତମାନେ ସୁବିଧାରେ ଶ୍ରୀମନ୍ଦିର ଚାରିଦ୍ୱାର ଦେଇ ପ୍ରବେଶ ଓ ପ୍ରସ୍ଥାନ କରିପାରିବେ। ଶ୍ରୀମନ୍ଦିରକୁ ପ୍ରବେଶ କରିବା ପାଇଁ ଶ୍ର1ମନ୍ଦିର ଚାରିପାଖରେ ଚାରିଗୋଟି ଦ୍ୱାର ରହିଛି, ଯାହା ଚାରୋଟି ଦିଗ ତଥା ଚାରୋଟି ମାର୍ଗକୁ ବୁଝାଇଥାଏ। ଧାର୍ମିକ ଭାବନା ଅନୁଯାୟୀ ଶ୍ରୀମନ୍ଦିର ଚାରିଦ୍ୱାର ଧର୍ମ, କାମ, ମୋକ୍ଷ ଓ ଅର୍ଥର ପ୍ରତୀକ ଅଟେ। ତେଣୁ ଭକ୍ତମାନେ ସେମାନଙ୍କ ଇଚ୍ଛା ଅନୁଯାୟୀ ଭିନ୍ନ ଭିନ୍ନ ଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରିଥାନ୍ତି। ଅନେକ ସମୟରେ ବାହାରୁ ଆସୁଥିବା ଭକ୍ତମାନେ ଦ୍ୱାର ନାମ ସମ୍ପର୍କରେ ଜାଣିପାରି ନ ଥାନ୍ତି। ତେଣୁ ଭକ୍ତମାନଙ୍କ ସୁବିଧା ପାଇଁ ପ୍ରଶାସନ ପକ୍ଷରୁ ଏକ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି। ଭକ୍ତମାନେ ଯେପରି ଦ୍ୱାରକୁ ଜାଣିପାରିବେ ସେଥିପାଇଁ ଶ୍ରୀମନ୍ଦିର ଚାରିଦ୍ୱାର ନିକଟରେ ଚାରିଗୋଟି ସ୍ତମ୍ଭ ଲଗାଯାଇଛି। ସ୍ତମ୍ଭଗୁଡ଼ିକର ଉଚ୍ଚତା ପ୍ରାୟ ୫ରୁ ୬ ଫୁଟ ହୋଇଥିବାବେଳେ ସେଥିରେ ସୁବର୍ଣ୍ଣ ରଙ୍ଗର ପ୍ଲେଟ୍‌ରେ ଦ୍ୱାର ଗୁଡ଼ିକର ନାମ ଲେଖାଯାଇଛି। ଦ୍ୱାରର ନାମଗୁଡ଼ିକ ବିଭିନ୍ନ ଭାଷାରେ ଅଙ୍କିତ କରାଯାଇଛି। ଫଳରେ ସମସ୍ତ ଭାଷାଭାଷୀ ଭକ୍ତମାନେ ପଢ଼ି ଦ୍ୱାର ସମ୍ପର୍କରେ ଅବଗତ ହୋଇପାରିବେ। ସେହିପରି ଲେଖା ଉପରକୁ ଚିତ୍ର ବା ଦ୍ୱାରର ସାଙ୍କେତିକ ଚିତ୍ର ଅଙ୍କନ କରାଯାଇଛି। ଯାହାଦ୍ୱାରା ପଢି ପାରୁ ନ ଥିବା ଭକ୍ତମାନେ ଚିତ୍ର ଦେଖି ଦ୍ୱାର ସମ୍ପର୍କରେ ଜାଣିପାରିବେ। ପ୍ରଶାସନର ଏପରି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଉଛି।

# ରଥ ଭୋଇ ସେବକ

ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପିର ୯୭ ନମ୍ବର ସେବାରେ ଭୋଇମାନଙ୍କ ସେବାରେ ରଥ ଭୋଇମାନଙ୍କ ବିବରଣୀ ଉଲ୍ଲେଖ ରହିଛି। ରଥ ଭୋଇମାନେ ଶୁଦ୍ର ସେବକ। ତେବେ ଅକ୍ଷୟ ତୃତୀୟାରେ ଏହି ସେବକମାନେ ଶାଢ଼ି ବନ୍ଧାଇଥାଆନ୍ତି। ପ୍ରତି ରଥ ପାଇଁ ଦୁଇଜଣ ଲେଖାଏଁ ରଥ ଭୋଇ ମୁଖ୍ୟ ରୂପେ ଶାଢ଼ି ବାନ୍ଧିଥାନ୍ତି। ରଥ ଭୋଇମାନେ ରଥଖଳାରେ କାଠ ବୁହାବୋହିରୁ ଆରମ୍ଭ କରି କଣ୍ଟା ବାଡ଼େଇବା, କାଠ ଖଞ୍ଜାଖଞ୍ଜି କାମ କରିଥାନ୍ତି। ଏହାବ୍ୟତୀତ ଛାମୁଣ୍ଡିଆ ନିର୍ମାଣ, ରଥ ଟଣା ବେଳେ ରଥର ବ୍ରେକ୍ ଓ ଦଉଡ଼ି ଧରିବା, ନରେନ୍ଦ୍ର ପୁଷ୍କରିଣୀରେ ବୁଡ଼ାଇ ରଖାଯାଇଥିବା ଚାପ ଡଙ୍ଗା ନନ୍ଦା ଓ ଭଦ୍ରାଙ୍କୁ ବାହାର କରିବା, ଦୋଳପୂର୍ଣ୍ଣମୀରେ ଦୋଳବେଦୀରେ ଚାନ୍ଦୁଆ ବାନ୍ଧିବା, ଦୋଳବେଦୀ ଖିଲାଣରେ ଓଡ଼ିଆ ମଠ ପକ୍ଷରୁ ଯୋଗାଇ ଦିଆଯାଇଥିବା ରାଶି ତେଲ ବୋଳିବା, ରଥ ବାହୁଡ଼ି ଆସିବା ପରେ ରଥ ଭାଙ୍ଗିବା, ଜନ୍ତା, ଗାଡ଼ ଖୋଲିବା, ସିଙ୍ଗଡ଼ା ବାଡ଼େଇବା, ସାରଥୀ ଉଠାଇବା, ଚାରମାଳ ବାନ୍ଧିବା ଆଦି କାର୍ଯ୍ୟ କରିଥାନ୍ତି। ତାଳଧ୍ୱଜ ଓ ନନ୍ଦିଘୋଷରେ ୨୯ଜଣ ଲେଖାଏ ଏବଂ ଦର୍ପଦଳନ ରଥରେ ୨୫ଜଣ ରଥ ଭୋଇ ସେବକ ନିୟୋଜିତ ହୋଇଥାନ୍ତି। ଏହି ସେବକଙ୍କୁ ଏକାଦଶୀରେ ଶ୍ରୀମନ୍ଦିରରୁ ଅବଢ଼ା ମହାପ୍ରସାଦ, ଚଇେନେଦା, ରଥ କାଠ ଆଦି ପ୍ରଶାସନ ପକ୍ଷରୁ ମିଳିଥାଏ।

# ମନମୋହୁଛି ସବୁଜ ବଳୟ



ମହାପ୍ରଭୁଙ୍କ ଇଚ୍ଛାରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଶେଷ ହୋଇଛି। ଖଣ୍ଡୋଲାଇଟ୍ ପଥରରେ ନିର୍ମିତ କଳାକୃତି କଳିଙ୍ଗ ଉତ୍କର୍ଷ କଳାର ଗାଥା ବଖାଣୁଛି। ଆଉ ମାତ୍ର ୫ଦିନ ପରେ ଲୋକାର୍ପଣ ହେବ ଏହି ଐତିହାସିକ ପ୍ରକଳ୍ପ। ତେବେ ଏହି ପ୍ରକଳ୍ପରେ ମହାପ୍ରଭୁଙ୍କ ସହ ଜଡ଼ିତ ଥିବା ଟିକିନିଖି କଥାକୁ ଗୁରୁତ୍ୱ ଦିଆଯାଇଛି। ପ୍ରକଳ୍ପର ୫୫ମିଟର ବଫର୍ ଜୋନ୍ ମଧ୍ୟରୁ ୧୯ମିଟର ଅଞ୍ଚଳରେ ସବୁଜ ବଳୟ ସୃଷ୍ଟି କରାଯାଇଛି, ଯାହା ପ୍ରକଳ୍ପର ଶୋଭା ବୃଦ୍ଧି କରୁଛି। ଏଥିରେ ଶ୍ରୀଜଗନ୍ନାଥ ସଂସ୍କୃତି ସହ ଜଡ଼ିତ ୧୨୦ ପ୍ରଜାତିର ଛୋଟ ଓ ବଡ଼ ପ୍ରାୟ ଲକ୍ଷେ ଗଛ ଲଗାଯାଇଛି। ବଫର ଜୋନ୍ ୫ମିଟର ମଧ୍ୟରେ ଶ୍ରୀଜିଉଙ୍କ ଦୈନନ୍ଦୀନ ଭୋଗ ପୂଜାରେ ଲାଗୁଥିବା ଛୋଟ ଗଛ ଲଗାଯାଇଛି। ଏଥିରେ ମହାପ୍ରଭୁଙ୍କ ପ୍ରିୟ ତଥା ଶ୍ରୀମନ୍ଦିରର ପ୍ରତିଟି ନୀତିକାନ୍ତିରେ ବ୍ୟବହାର ହେଉଥିବା ତୁଳସୀ ଲଗାଯାଇଛି। ତୁଳସୀ ବିନା ଜଗନ୍ନାଥଙ୍କ କୌଣସି କାର୍ଯ୍ୟ ସମ୍ପନ୍ନ ହୁଏ ନାହିଁ। ସ୍ୱୟଂ ପ୍ରଭୁ ଜଗନ୍ନାଥ ତୁଳସୀଙ୍କୁ ମସ୍ତକ, ହୃଦୟରେ ଧାରଣ କରିଥାନ୍ତି। ତୁଳସୀ ଗଛ ସହ କାମିନୀ, ମଲ୍ଲୀ, ହେନା, ଜୁଇ, ଟଗର, ତରାଟ, ସୁଗନ୍ଧରାଜ, କୁନ୍ଦମଲ୍ଲୀ, ରେଡଆଲ୍ଡର, ଗ୍ରୀନଆଲ୍ଡର, ପେଣ୍ଟାସ, ସିଜିୟମ, ଇକ୍ସୋରା, ରୋଇଓ, ଆମାଜନ ବ୍ଲୁ ଓ ପାଣ୍ଡାନସ ଭଳି ଗଛ ଶୋଭାପାଉଛି। ବଫର ଜୋନ୍ ପରେ ରହିଛି ୧୦ ମିଟର ଅନ୍ତଃ ପ୍ରଦକ୍ଷିଣ ମାର୍ଗ। ଏହାପରେ ୧୪ ମିଟର ପ୍ଲାଣ୍ଟେଶନ୍ ଜୋନ୍ ଏବଂ ପରେ ୮ ମିଟର ବାହ୍ୟ ପ୍ରଦକ୍ଷିଣ ମାର୍ଗ କରାଯାଇଛି। ଅର୍ଥାତ ଅନ୍ତଃ ପ୍ରଦକ୍ଷିଣ ଓ ବାହ୍ୟ ପ୍ରଦକ୍ଷଣ ମାର୍ଗ ମଝିରେ ରହିଛି ପ୍ଲାଣ୍ଟେଶନ ଜୋନ୍। ଶ୍ରଦ୍ଧାଳୁ ଏହି ଦୁଇ ପ୍ରଦକ୍ଷିଣ ମାର୍ଗରେ ଗଲେ ସବୁଜ ବଳୟର ସୁନ୍ଦର ଅନୁଭୂତି ସହ ନାନାଦି ଫୁଲର ସୁଗନ୍ଧରେ ବିମୋହିତ ହେବେ। ତେବେ ପ୍ଲାଣ୍ଟେସନ ଜୋନ୍‌ରେ ଛୋଟ ଗଛ ସହ ବଉଳ କୋଳି, ସ୍ୱର୍ଣ୍ଣ ଚମ୍ପା, ରୁଦ୍ର ଚମ୍ପା, କାଠ ଚମ୍ପା, କଦମ୍ବ, ଆକାଶ ମଲ୍ଲୀ, ଗଙ୍ଗଶିଉଳି, ନିମ୍ବ, ଛତିଆନା, ନାଗେଶ୍ୱର, ନାଗମଲ୍ଲୀ ଆଦି ବଡ଼ଗଛ ଲଗାଯାଇଛି। ମନ୍ଦିର ପରିକ୍ରମା ସମୟରେ ଭକ୍ତମାନଙ୍କୁ ଏକ ସୌନ୍ଦର୍ଯ୍ୟଭରା ପ୍ରାକୃତିକ ପରିବେଶ ସହିତ ଆଧାତ୍ମିକ ଅନୁଭବର ସ୍ୱାଦ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶେଷ ଗୁରୁତ୍ୱ ଦେଇଛନ୍ତି। ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିକ୍ରମା ମାର୍ଗକୁ ଭକ୍ତଙ୍କ ପାଇଁ ଯଥାସମ୍ଭବ ଆକର୍ଷଣୀୟ କରିବା ଲାଗି ପଦକ୍ଷେପ ନିଆଯାଉଛି।



ଓଡ଼ିଶା ଜଗରନଟ୍ସ ଓ ତେଲୁଗୁ ଯୋଦ୍ଧାସ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।




ଟ୍ରଫି ସହ ଚାମ୍ପିୟନ ଗୁଜରାଟ ଜାଏଣ୍ଟ୍ସ। (ଫଟୋ: ରାଜକିଶୋର ମହାନ୍ତି)

## ଅଲ୍‌ଟିମେଟ୍ ଖୋ ଖୋ

# ଗୁଜରାଟ ଜାଏଣ୍ଟ୍ସ ଚାମ୍ପିୟନ

**ଭୁବନେଶ୍ୱର, ୧୩।୧ (ସରୋଜ ଜେନା)**

କଟକର ଜବାହାର ଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଅଲ୍‌ଟିମେଟ୍ ଖୋ ଖୋର ଦ୍ୱିତୀୟ ସଂସ୍କରଣ ଶନିବାର ଉଦ୍‌ଯାପିତ ହୋଇଛି। ଗୁଜରାଟ ଜାଏଣ୍ଟ୍ସ ୩୧-୨୬ ପଏଣ୍ଟରେ ଚେନ୍ନାଇ କୁଇକ୍ ଗନ୍ସକୁ ପରାସ୍ତ କରି ଚାମ୍ପିୟନ ହୋଇଥିବା ବେଳେ ଡିଫେଣ୍ଡିଂ ଚାମ୍ପିୟନ ଓଡ଼ିଶା ଜଗରନଟ୍ସ ତୃତୀୟ ସ୍ଥାନ ହାସଲ କରିଛି। ପ୍ଲେ ଅଫ୍ ମ୍ୟାଚରେ ତେଲୁଗୁ ଯୋଦ୍ଧାସକୁ ୩୨-୨୪ରେ ପରାସ୍ତ କରିଛି ଓଡ଼ିଶା ଜଗରନଟ୍ସ। ଶନିବାର ଯୋଦ୍ଧାସ ଟସ୍ ଜିତି ଆଟାକ୍ କରିଥିଲା। ପ୍ରଥମ ଇନିଂସରେ ଯୋଦ୍ଧାସ୍ ୧୦ ପଏଣ୍ଟ ସ୍କୋର କରିଥିବା ବେଳେ ଜଗରନଟ୍ସ ୩ ଡ୍ରିମ୍ ରନ୍ ପଏଣ୍ଟ ହାସଲ କରିଥିଲା। ଦ୍ୱିତୀୟ ଟର୍ନରେ ଓଡ଼ିଶା ୧୬ ପଏଣ୍ଟ ଅର୍ଜନ କରିଥିବା ବେଳେ ଯୋଦ୍ଧାସ ମାତ୍ର ୩ ପଏଣ୍ଟ ପାଇଥିଲା। ପ୍ରଥମ ଇନିଂସ ସୁଦ୍ଧା ଜଗରନଟ୍ସ ୩ ପଏଣ୍ଟରେ ଆଗୁଆ ରହିଥିଲା। ଦ୍ୱିତୀୟ ଇନିଂସର

### ତୃତୀୟ ସ୍ଥାନରେ ଜଗରନଟ୍ସ

ପ୍ରଥମ ଟର୍ନରେ ଓଡ଼ିଶା ୪ ଡ୍ରିମ୍ ରନ୍ ପଏଣ୍ଟ ହାସଲ କରିଥିବା ବେଳେ ଯୋଦ୍ଧାସ ୧୦ ପଏଣ୍ଟ ସ୍କୋର କରିଥିଲା। ଅନ୍ତିମ ଟର୍ନକୁ ଯିବା ପୂର୍ବରୁ ଓଡ଼ିଶା ମାତ୍ର ୨ ପଏଣ୍ଟରେ ପଛୁଆ ରହିଥିଲା। ଶେଷ ଟର୍ନରେ ଓଡ଼ିଶା ୧୦ ପଏଣ୍ଟ ହାସଲ କରିବା ସହିତ ୩୨-୨୪ରେ ବିଜୟୀ ହୋଇଥିଲା। ସେହିପରି ଫାଇନାଲ ମ୍ୟାଚ୍‌ରେ ଗୁଜରାଟ ଜାଏଣ୍ଟ୍ସ ଚମତ୍କାର ପ୍ରଦର୍ଶନ କରିଥିଲା। ପ୍ରଥମ ଇନିଂସର ପ୍ରଥମ ଟର୍ନରେ ଗୁଜରାଟ ଆଟାକ୍ କରି ୧୨ ପଏଣ୍ଟ ହାସଲ କରିଥିଲା। ଦ୍ୱିତୀୟ ଟର୍ନରେ ଗୁଜରାଟ ଦଳ ଡିଫେଣ୍ଡ କରି ୫ ପଏଣ୍ଟର ଡ୍ରିମ୍ ରନ୍ ହାସଲ କରିଥିଲା। ଫଳରେ ପ୍ରଥମ ଇନିଂସ ଶେଷ ସୁଦ୍ଧା ଦଳ ୧୨ ପଏଣ୍ଟରେ ଆଗୁଆ ରହିଥିଲା। ଟର୍ନ ୩ରେ ଗୁଜରାଟ ଆଟାକ୍ କରିବା ସହିତ ଏହାର ଅଗ୍ରଣୀକୁ ୧୯ ପଏଣ୍ଟରେ ପହଞ୍ଚାଇଥିଲା। ଅନ୍ତିମ ଟର୍ନରେ ଚେନ୍ନାଇ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ୧୬ ପଏଣ୍ଟ ଅର୍ଜନ କରିଥିଲେ ହେଁ ଜିତି ପାରି ନ ଥିଲା। ଜାଏଣ୍ଟ୍ସ ଡିଫେଣ୍ଡର ୨ଟି ଡ୍ରିମ୍ ରନ୍ ହାସଲ କରିଥିଲେ। ପୁରୀ ଏମ୍‌ପି ପିନାକୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅଲ୍‌ଟିମେଟ୍ ଖୋ ଖୋ ଲିଗ୍ ସିଇଓ ତେନ୍‌ଜିଂ ନିଓଗି ଓ ଖୋ ଖୋ ଇଣ୍ଡିଆ ସଭାପତି ସୁଧାଂଶୁ ମିତ୍ତଲ ଉପସ୍ଥିତ ଥିଲେ।

# ୧୮ ପଦକ ସହ ମଧ୍ୟପ୍ରଦେଶ ଚାମ୍ପିୟନ




**ନୂଆଦିଲ୍ଲୀ, ୧୩।୧**

### ବିଚ୍ ଗେମ୍ସ ୨୦୨୪

ଡିଉରେ ଅନୁଷ୍ଠିତ ପ୍ରଥମ ବିଚ୍ ଗେମ୍ସରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି ମଧ୍ୟପ୍ରଦେଶ। ଡିଉର ବ୍ଲୁ ଫ୍ଲାଗ୍ ଘୋଘଲା ବିଚ୍‌ରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ତେବେ ଆଶ୍ଚର୍ଯ୍ୟଜନକ ଭାବରେ ଗୋଟିଏ ବି ସମୁଦ୍ର ନ ଥିବା ମଧ୍ୟପ୍ରଦେଶ ୧୮ ପଦକ ସହ ଦଳଗତ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଏହା ମଧ୍ୟରେ ୭ ସ୍ୱର୍ଣ୍ଣ ପଦକ ସାମିଲ ରହିଛି। ୩ ସ୍ୱର୍ଣ୍ଣ ପଦକ ସହ ମହାରାଷ୍ଟ୍ର ସମୁଦାୟ ୧୪ ପଦକ ହାସଲ କରିଥିଲା। ଅନ୍ୟପକ୍ଷରେ ତାମିଲନାଡୁ, ଉତ୍ତରାଖଣ୍ଡ ଓ ଆୟୋଜକ ଦାଦ୍ରାନଗର ହାବେଳି, ଡିଉ ୧୨ଟି ଲେଖାଏ ପଦକ ହାସଲ କରିଥିଲେ।୮ ପଦକ ହାସଲ କରିଥିବା ଆସାମ ୫ଟି ସ୍ୱର୍ଣ୍ଣ ହାତେଇଥିଲା। ବିଚ୍ ସକରରେ ଲାକ୍ଷାଦ୍ୱୀପ ୫-୪ ଗୋଲରେ ମହାରାଷ୍ଟ୍ରକୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ଏହା କୌଣସି ଜାତୀୟ ଇଭେଣ୍ଟରେ ଲାକ୍ଷାଦ୍ୱୀପର ଐତିହାସିକ ପ୍ରଦର୍ଶନ । ଜାନୁୟାରୀ ୪-୧୧ ମଧ୍ୟରେ ଖେଳା ଯାଇଥିବା ଏହି ଟୁର୍ନାମେଣ୍ଟରେ ୨୮ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୨୧ ବର୍ଷରୁ କମ୍ ବୟସର ୧୪୦୪ ଆଥ୍‌ଲେଟ ଅଂଶଗ୍ରହଣ କରିଥିଲେ। ୨୦୫ ଜଣ ଅଫିସିଆଲ ଏହି ଗେମ୍‌ର ପରିଚାଳନା କରିଥିଲେ। ପ୍ରତ୍ୟେକ ଦିନ ଦୁଇଟି ସେସନ୍‌ରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ସେହିପରି ପ୍ରଥମ ଥର ଆୟୋଜିତ ଏହି ଟୁର୍ନାମେଣ୍ଟ ଦର୍ଶକଙ୍କ ପାଇଁ ଏକ ଭିନ୍ନ ଅନୁଭୂତି ଆଣି ଦେଇଥିଲା। ବିଚ୍ ସ୍ୱିମିଂ, ମାର୍ସିଆଲ ଆର୍ଟ ପେନ୍‌ଚାକ ସିଲାଟ, ମଲ୍ଲଖମ୍ବ, ବିଚ୍ ଭଲିବଲ୍, ବିଚ୍ କବାଡି, ବିଚ୍ ସକର ଓ ପ୍ରଥମ ଥର ଅନ୍ତର୍ଭୁକ୍ତ କରାଯାଇଥିବା ବିଚ୍ ବକ୍ସିଂ ଦର୍ଶକଙ୍କୁ ଆମୋଦିତ କରିଥିଲା। ପ୍ରଥମ ଥର ଆୟୋଜିତ ଏହି ଟୁର୍ନାମେଣ୍ଟକୁ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ବେଶ୍ ପସନ୍ଦ କରିଥିଲେ। ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଏକ୍ସରେ ସେ ଏହି ଟୁର୍ନାମେଣ୍ଟର ପ୍ରଶଂସା କରିଥିଲେ। ଆଥ୍‌ଲେଟମାନଙ୍କ ଏନର୍ଜି ଓ ଡିଉର ସୁନ୍ଦରତା ଏଭଳି ଏକ ମାହୋଲ ସୃଷ୍ଟି କରିଥିଲା; ଯାହା ପୂର୍ବରୁ କେବେ ଦେଖିବାକୁ ମିଳି ନ ଥିଲା ବୋଲି ଲେଖିଥିଲେ ଠାକୁର। ଭାରତର ବିଚ୍‌ଗୁଡ଼ିକୁ ବିକଶିତ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯୋଜନାକୁ ଫଳପ୍ରସୂ କରିବାରେ ଡିଉ ୨୦୨୪ ବିଚ୍ ଗେମ୍ସ ଏକ ବଳିଷ୍ଠ ମାଧ୍ୟମ।

## ଭାରତ-ଆଫଗାନିସ୍ତାନ ଦ୍ୱିତୀୟ ଟି୨୦

ଇନ୍ଦୋର, ୧୩।୧ : ସ୍ଥାନୀୟ ହୋଲକର ଷ୍ଟାଡିୟମରେ ଭ୍ରମଣକାରୀ ଆଫଗାନିସ୍ତାନ ଓ ଭାରତ ମଧ୍ୟରେ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚ ଖେଳାଯିବ। ମୋହାଲିଠାରେ ଅନୁଷ୍ଠିତ ପ୍ରଥମ ଟି୨୦ ମ୍ୟାଚ ଜିତି ଘରୋଇ ଦଳ ୩ ମ୍ୟାଚ ବିଶିଷ୍ଟ ସିରିଜ ୧-୦ରେ ଅଗ୍ରଣୀ ଲାଭ କରିଛି। ରବିବାର ମ୍ୟାଚ ଜିତି ଭାରତ ସିରିଜକୁ ଆଗୁଆ କବ୍‌ଜା କରି ନେବାକୁ ଚାହିଁବ। ଅନ୍ୟପକ୍ଷରେ ଆଗକୁ ଟି୨୦ ବିଶ୍ୱକପ୍ ରହିଥିବାରୁ ପ୍ରଭାବୀ ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରିବେ ଜିତେଶ ଶର୍ମା, ୱାଶିଂଟନ ସୁନ୍ଦର ଓ ଅକ୍ଷର ପଟେଲଙ୍କ ଭଳି ଖେଳାଳି। କାରଣ ଜୁନ୍‌ରେ ବିଶ୍ୱକପ୍ ପୂର୍ବରୁ ଭାରତର ଏହା ହେଉଛି ଶେଷ ଟି୨୦ ସିରିଜ। ଏହି ମ୍ୟାଚ୍ ଜିତି ଭାରତ ସିରିଜ୍ ଜିତବାକୁ ପ୍ରୟାସ କରିବ।

### ଜାତୀୟ ପାରା ଆଥ୍‌ଲେଟିକ୍ସରେ ଓଡ଼ିଶାକୁ ୯ ପଦକ

# ଜୟନ୍ତୀ ଶ୍ରେଷ୍ଠ ମହିଳା ଖେଳାଳି

**ଭୁବନେଶ୍ୱର, ୧୩।୧ (ସରୋଜ ଜେନା)**

ଗୋଆର ପଣଜୀରେ ଅନୁଷ୍ଠିତ ୨୨ତମ ଜାତୀୟ ପାରା ଆଥ୍‌ଲେଟିକ ଚାମ୍ପିୟନଶିପ -୨୦୨୪ ଶନିବାର ଉଦ୍‌ଯାପିତ ହୋଇଛି। ସମୁଦାୟ ୯ ପଦକ ସହ ଓଡ଼ିଶା ଏହାର ଅଭିଯାନ ଶେଷ କରିଛି। ଅନ୍ତିମ ଦିନରେ ଓଡ଼ିଶା ୪ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ହାସଲ କରିଥିଲା। ଜୟନ୍ତୀ ବେହେରା ଚମତ୍କାର ପ୍ରଦର୍ଶନ କରି ୧୦୦, ୨୦୦ ଓ ୪୦୦ ମିଟର ଦୌଡ଼ରେ ୩ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହା ସହ ସେ ଟୁର୍ନାମେଣ୍ଟର ଶ୍ରେଷ୍ଠ ମହିଳା ଖେଳାଳି ବିବେଚିତ ହୋଇଛନ୍ତି। ଜାଭେଲିନ୍ ଏଫ୍ ୫୫ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସୁଚିତ୍ରା ପରିଡା



ଜୟନ୍ତୀ ବେହେରା



ସୁଚିତ୍ରା ପରିଡା

୧୬.୯୯ ମିଟରର ଥ୍ରୋ କରି ଜାତୀୟ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଅନ୍ୟତମ ଓଡ଼ିଆ ଆଥଲେ ଗୁମଡା ବାର୍ଲା ୫ ହଜାର ମିଟର ହୁଇଲ୍ ଚେୟାର ରନିଂରେ ୧୯:୫୦.୮୫ ସେକେଣ୍ଡର ସମୟ ନେଇ ରୌପ୍ୟ ପଦକ ହାସଲ କରିଥିଲେ।

### ଏସିଆନ୍ ଏଏଫ୍‌ସି କପ୍

## ଅଷ୍ଟ୍ରେଲିଆ ନିକଟରୁ ହାରିଲା ଭାରତ

କାତାର, ୧୩।୧: କାତାରରେ ଅନୁଷ୍ଠିତ ଏସିଆନ୍ ଏଏଫ୍‌ସି କପ୍‌ରେ ଅଷ୍ଟ୍ରେଲିଆ ନିକଟରୁ ୨-୦ରେ ପରାଜିତ ହୋଇଛି ଭାରତ। ଅଷ୍ଟ୍ରେଲିଆ ପକ୍ଷରୁ ଜ୍ୟାକ୍‌ସନ ଇର୍ଭିନ୍(୫୦) ଓ ଜୋର୍ଡାନ ବସ୍ (୭୩)ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଅହମଦ୍ ବିନ୍ ଅଲୀ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ବିଶ୍ୱ ମାନ୍ୟତାର ୨୫ ନମ୍ବର ସ୍ଥାନରେ ଥିବା ଅଷ୍ଟ୍ରେଲିଆକୁ କଡା ଟକ୍କର ଦେଇଥିଲେ ମଧ୍ୟ ପରାଜିତ ହୋଇଛି ଭାରତ। ମ୍ୟାଚ୍‌ରେ ଭାରତ ୪-୨-୩-୧ କମ୍ବିନେଶନ ସହିତ ଓହ୍ଲାଇଥିଲା। ଭାରତ ଏହାର ପରବର୍ତ୍ତୀ ମ୍ୟାଚ୍‌ରେ ଉଜ୍‌ବେକିସ୍ତାନକୁ ୧୮ ତାରିଖରେ ଭେଟିବ।




## ମାଲେସିଆ ଓପନ ବ୍ୟାଡ୍‌ମିଣ୍ଟନ

## ସାତ୍ୱିକ-ଚିରାଗ ଯୋଡ଼ି ଫାଇନାଲରେ

କୁଆଲାଲମ୍ପୁର, ୧୩।୧ (ପି.ଟି.): ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ଏଠାରେ ଚାଲିଥିବା ମାଲେସିଆ ଓପନ ସୁପର ୧୦୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ପୁରୁଷ ଡବଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଏସିଆନ ଗେମ୍ସ ସ୍ୱର୍ଣ୍ଣ ଜିତିଥିବା ବିଶ୍ୱର ୨ ନମ୍ବର ଏହି ଭାରତୀୟ ଯୋଡ଼ି କୋରିଆର କାଙ୍ଗ୍ ମିନ୍ ହ୍ୟୁକ୍ ଓ ସିଓ ସିଅଙ୍ଗ ଜାଇଙ୍କୁ ୨୧-୧୮, ୨୨-୨୦ରେ ପରାସ୍ତ କରିଛନ୍ତି। ଏହି ସେମିଫାଇନାଲ ମ୍ୟାଚ ୪୫ ମିନିଟରେ ଶେଷ ହୋଇଥିଲା। ସହଜ ବିଜୟ ସହ ସେମିଫାଇନାଲରେ ପ୍ରବେଶ କରିଥିଲେ।

# କିଶୋର, ବିଜୟ ପାଇବେ ଓସ୍‌ଜା ପୁରସ୍କାର

**ଭୁବନେଶ୍ୱର, ୧୩।୧ (ବିଜୟ ରଣା)**

ହାଙ୍ଗ୍‌ଝୋ ଏସୀୟ କ୍ରୀଡ଼ାରେ ରୌପ୍ୟ ବିଜେତା ଜାଭେଲିନ୍ ଫିଙ୍ଗାଳି କିଶୋର କୁମାର ଜେନା ଏବଂ ଅର୍ଜୁନ ବିଜେତା ପୂର୍ବତନ ଭାରୋତ୍ତୋଳକ ତଥା ଭଟେରାନ ପ୍ରଶିକ୍ଷକ ବିଜୟ କୁମାର ଶତପଥୀ ଚଳିତ ବର୍ଷର ଓସ୍‌ଜା (ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ) ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ପ୍ରତିବର୍ଷ ଓସ୍‌ଜା ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଇ ଆସୁଛି। କିଶୋର ଚଳିତବର୍ଷର ଶ୍ରେଷ୍ଠ କ୍ରୀଡ଼ାବିତ୍ ଏବଂ ବିଜୟ ଜୀବନବ୍ୟାପୀ ସାଧନା ପୁରସ୍କାରରେ ସମ୍ମାନିତ ହେବେ। ପୁରସ୍କାର ସ୍ୱରୂପ ଉଭୟଙ୍କୁ ମାନପତ୍ର, ଉପଢ଼ୌକନ ଏବଂ ଆର୍ଥିକ ରାଶି ପ୍ରଦାନ କରାଯିବ। ଆସନ୍ତା ୧୭ ତାରିଖରେ ପୁରସ୍କାର ସମାରୋହ ଅନୁଷ୍ଠିତ ହେବ। ୨୦୨୩



କିଶୋର କୁମାର ଜେନା



ବିଜୟ କୁମାର ଶତପଥୀ

କିଶୋରଙ୍କ ଖେଳ ଜୀବନର ଥିଲା ଶ୍ରେଷ୍ଠ ବର୍ଷ। ପ୍ରଥମ ଓଡ଼ିଆ ଜାଭେଲିନ୍ ଫିଙ୍ଗାଳି ଭାବେ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ପଞ୍ଚମ ସ୍ଥାନରେ ରହିଥିଲେ। ସେହିପରି ହାଙ୍ଗ୍‌ଝୋ ଏସୀୟ କ୍ରୀଡ଼ାରେ ରୌପ୍ୟ ପଦକ ଜିତିଥିଲେ। ସେ ନିଜର ଚତୁର୍ଥ ପ୍ରୟାସରେ (୮୭.୫୪ ମିଟର) ଶ୍ରେଷ୍ଠ ପ୍ରଦର୍ଶନ ଦେଇ ଦ୍ୱିତୀୟ ସ୍ଥାନରେ ରହିଲ ପ୍ୟାରିସ ଅଲିମ୍ପିକ୍ସ ଯୋଗ୍ୟତା ଲାଭ କରିଥିଲେ।

**■କିଶୋର ଶ୍ରେଷ୍ଠ କ୍ରୀଡ଼ାବିତ**
**■ବିଜୟଙ୍କୁ ଜୀବନ ବ୍ୟାପୀ ସାଧନା ପୁରସ୍କାର**

ଭେଟେରାନ କୋଚ୍ ବିଜୟ ଶତପଥୀ ଖେଳ ଜୀବନରେ ଜିତିଥିଲେ ୫ରୁ ଉର୍ଦ୍ଧ୍ୱ ଅନ୍ତର୍ଜାତୀୟ ପଦକ। ୧୯୮୧ ମିନି ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ, ୧୯୮୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ, ୧୯୮୧ ଓ ୧୯୮୩ ଏସିଆନ ଚାମ୍ପିୟନଶିପ୍‌ରେ ଗୋଟିଏ ଲେଖାଏଁ ବ୍ରୋଞ୍ଜ ଏବଂ ୧୯୯୦ ଏସୀୟ କ୍ରୀଡ଼ାରେ ବ୍ରୋଞ୍ଜ ପଦକ ଜିତିଥିଲେ। ୧୯୮୧ ମସିହାରେ ବିଜୟଙ୍କୁ ମିଳିଥିଲା ଅର୍ଜୁନ ପୁରସ୍କାର। ଖେଳ ଛାଡ଼ିବା ପରେ ସେ ପ୍ରଶିକ୍ଷଣ ଜୀବନକୁ ଆପଣେଇ ନେଇଥିଲେ।

## ଶୁଟର ବିଜୟବୀରଙ୍କୁ ଅଲିମ୍ପିକ କୋଟା

ଜାକର୍ତ୍ତା, ୧୩।୧ (ପି.ଟି.): ଭାରତୀୟ ଶୁଟର ବିଜୟବୀର ସିଦ୍ଧୁ ଏଠାରେ ଚାଲିଥିବା ଏସିଆ ଅଲିମ୍ପିକ କ୍ୱାଲିଫାୟର୍ସ ପୁରୁଷ ୨୫ ମିଟର ରାପିଡ୍-ଫାୟାର ଇଭେଣ୍ଟରେ ଏକ ରୌପ୍ୟ ପଦକ ଜିତିଛନ୍ତି। ଏଥିସହିତ ସେ ଦେଶ ପାଇଁ ୧୭ତମ କୋଟା ହାସଲ କରିଛନ୍ତି। ଗତବର୍ଷ ହାଙ୍ଗ୍‌ଝୋ ଏସିଆନ ଗେମ୍ସରେ ଟିମ୍ ବ୍ରୋଞ୍ଜ ଜିତିଥିବା ଏହି ଶୁଟର ବର୍ତ୍ତମାନ ତାଙ୍କ ସିନିୟର ଟିମ୍‌ମେଟ୍ ଅନିଶ ଭାନୱାଲାଙ୍କ ସହ ଯୋଗ ଦେଇଛନ୍ତି। ପ୍ୟାରିସ ଗେମ୍ସ ପାଇଁ କୋଟା ହାସଲ କରିବା ଲାଗି ବିଜୟବୀରଙ୍କୁ ପଦକ ପାଇଁ ଅପେକ୍ଷା କରିବାକୁ ପଡ଼ି ନ ଥିଲା। ୫୭୭ ଅଙ୍କ ସ୍କୋର ସହ ଚତୁର୍ଥ ସ୍ଥାନ ଅଧିକାର କରି ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବା ପରଠାରୁ କୋଟା ହାସଲ କରିସାରିଛନ୍ତି।

# ଦୃଢ଼ ସ୍ଥିତିରେ ଓଡ଼ିଶା

**ଭୁବନେଶ୍ୱର, ୧୩।୧ (ସରୋଜ ଜେନା)**

### ଶୁଭ୍ରାଂଶୁ ସେନାପତିଙ୍କ ଦ୍ୱିଶତକ

ଇନ୍ଦୋରସ୍ଥିତ ଇମରଲାଣ୍ଡ ହାଇଟ୍ସ ଇଣ୍ଟରନ୍ୟାଶନାଲ ସ୍କୁଲ ଗ୍ରାଉଣ୍ଡରେ ଓଡ଼ିଶା ଓ ମଧ୍ୟପ୍ରଦେଶ ମଧ୍ୟରେ ରଣ୍‌ଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଦ୍ୱିଶତକ ହାସଲ କରିଛନ୍ତି ପୂର୍ବତନ ରଣ୍‌ଜୀ ଅଧିନାୟକ ଶୁଭ୍ରାଂଶୁ ସେନାପତି। ପଦାର୍ପଣକାରୀ ହର୍ଷିତ ରାଠୋଡ୍‌ଙ୍କ ସହିତ ରେକର୍ଡ ଦ୍ୱିଶତକୀୟ ଭାଗୀଦାରି କରିଛନ୍ତି। ଉଭୟ ନବମ ଉଇକେଟରେ ଅବିଭାଜିତ ୨୩୪ ରନ୍ ଯୋଡିଥିବା ବେଳେ ଓଡ଼ିଶା ଦ୍ୱିତୀୟ ଦିନର ଷ୍ଟମ୍ପସ୍ ସୁଦ୍ଧା ୮ ଉଇକେଟରେ ୪୯୩ ରନ୍ ସଂଗ୍ରହ କରିଛି। ରଣ୍‌ଜୀ ଟ୍ରଫି ଇତିହାସରେ ଏହା ନବମ ଉଇକେଟରେ ଚତୁର୍ଥ ସର୍ବାଧିକ ପାର୍ଟନରଶିପ୍। ଏଏସ୍‌ଶ୍ରୀବାସ୍ତବ ଓ କପିଲ୍‌ସେଠ୍ ନବମ ଉଇକେଟରେ ୨୪୯ ରନ୍ ଯୋଡ଼ିବାର ରେକର୍ଡ ନିଜ ନାମରେ ରଖିଛନ୍ତି। ଶୁଭ୍ରାଂଶୁ ସେନାପତି ୨୭୭ ରନ୍‌ରେ ବ୍ୟାଟିଂ କରୁଥିବା ବେଳେ ହର୍ଷିତ ୬୦ ରନ୍‌ରେ ବ୍ୟାଟିଂ କରୁଛନ୍ତି।

ପ୍ରଥମ ଦିନର ଅସମାପ୍ତ ୨୦୮/୬ରୁ ଖେଳ ଆରମ୍ଭ କରିଥିଲା ଓଡ଼ିଶା। ୮୭ ରନ୍‌ରେ ଅପରାଜିତ ଥିବା ଶୁଭ୍ରାଂଶୁ ସେନାପତି ଦୃଢ଼ ଭାବରେ ଇନିଂସକୁ ଆଗେଇ ନେଇଥିଲେ। ଦଳୀୟ ସ୍କୋର ୨୫୩ରେ ସୂର୍ଯ୍ୟକାନ୍ତ ପ୍ରଧାନ ୨୬ ରନ୍ କରି ପ୍ୟାଭିଲିୟନ ଫେରିଥିଲେ। ପରବର୍ତ୍ତୀ ବ୍ୟାଟର ସୁନୀଲ ରାଉଳ ୧ ରନ୍ କରି ଆଉଟ ହେବା ପରେ ଶୁଭ୍ରାଂଶୁ ସେନାପତି ଓ ହର୍ଷିତ ରାଠୋଡ୍‌ଙ୍କ ମଧ୍ୟରେ ଏକ ଚମତ୍କାର ଭାଗୀଦାରି ଦେଖିବାକୁ ମିଳିଥିଲା। ଉଭୟ ପୂରା ଦିନ ବ୍ୟାଟିଂ କରିବା ସହିତ ନବମ ଉଇକେଟରେ ରେକର୍ଡ ୨୩୪ ରନ୍ ଯୋଡିଥିଲେ। ଶୁଭ୍ରାଂଶୁ ନିଜ ରଣ୍‌ଜୀ ଟ୍ରଫି କ୍ୟାରିୟରର ସପ୍ତମ ଶତକ ତଥା ପ୍ରଥମ ଦ୍ୱିଶତକ ହାସଲ କରିଥିଲେ। ୪୮୩ ବଲ୍‌ର ମାରାଥନ୍ ଇନିଂସରେ ସେ ୧୯ ଚୌକା ଓ ୧୧ ଛକା ସହାୟତାରେ ସ୍କୋର କରିଥିଲେ ଅପରାଜିତ ୨୭୭ ରନ୍। ଅନ୍ୟପକ୍ଷରେ ହର୍ଷିତ ଚମତ୍କାର ଧୈର୍ଯ୍ୟର ପରିଚୟ ଦେଇ ୧୬୧ ବଲ୍‌ରୁ ୧୧ ଚୌକା ଓ ୧ ଛକା ସହାୟତାରେ ୬୦ ରନରେ ବ୍ୟାଟିଂ କରୁଛନ୍ତି। ଆର୍ଯ୍ୟନ ପାଣ୍ଡେ ୨ଟି, ଭେଙ୍କଟେଶ ଆୟର, ସାରାଂଶ ଜୈନ ୨ଟି ଏବଂ କୁଲଓ୍ୱନ୍ତ ଖେଜ୍ରୋଲିୟା ଓ ଅମରଜିତ୍ ସିଂ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଓଡ଼ିଶା ପ୍ରଥମ ଇନିଂସ: ୪୯୩/୮ (ଶୁଭ୍ରାଂଶୁ ସେନାପତି-୨୭୭*, ହର୍ଷିତ ରାଠୋଡ୍-୬୦* ରାଜେଶ ଧୂପର-୫୧, ଆର୍ଯ୍ୟନ ପାଣ୍ଡେ-୨/୮୯, ଭେଙ୍କଟେଶ୍ ଆୟର-୨/୩୮, ସାରାଂଶ ଜୈନ-୨/୯୦, କୁଲଓ୍ୱନ୍ତ ଖେଜ୍ରୋଲିୟା-୧/୬୮)।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ